ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୨/୨୦୨୫ (୧୨ ପୃଷ୍ଠା) | Bhubaneswar, Wednesday, October 22/2025 | Page 12 | ₹ 7.00 | SAMBALPUR
୫୧ଶ ଭାଗ ୩୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 325 | ମୂଲ୍ୟ ₹୭/-

# ୫ ଦିନ ଯାଏ ବର୍ଷା

## ସୃଷ୍ଟି ହେଲା ଲଘୁଚାପ, ଆଜି ଅବପାତ

**ଭୁବନେଶ୍ୱର,୨୧।୧୦(ବନ୍ଦନା ସେଠୀ)**

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ମଙ୍ଗଳବାର ସକାଳ ୮ଟା ୩୦ରେ ଏକ ସ୍ୱଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରି ବୁଧବାର ଅପରାହ୍ନ ସୁଦ୍ଧା ଅବପାତରେ ପରିଣତ ହେବ। ଉତ୍ତର ତାମିଲନାଡୁ, ପୁଡୁଚେରୀ, ଦକ୍ଷିଣ ଆନ୍ଧ୍ର ଉପକୂଳ ଆଡ଼କୁ ଗତି କରିବ। ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲାରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ବିଜୁଳି ଘଡ଼ଘଡ଼ି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ନିଶାମୁକ୍ତ କେନ୍ଦ୍ର



ଦୀପାବଳିରେ ବାଣଫୁଟା ଯୋଗୁ ସୋମବାର ରାତିରେ ଭୁବନେଶ୍ୱର ଆକାଶ ଧୂଆଁମୟ ହୋଇଯାଇଛି। ବାଣୀବିହାର-ନୟାପଲ୍ଲୀ ଓଭରବ୍ରିଜ୍ ଉପରେ ଧୂଆଁର ଆସ୍ତରଣ ମଧ୍ୟରେ ଗାଡ଼ି ଚଳାଚଳ କରୁଛି। (ଫଟୋ: ମନୋରଞ୍ଜନ ମିଶ୍ର)

# କଫ୍ ସିରପ୍ ମୃତ୍ୟୁ: ଭାରତକୁ ଅଧିକ ପଦକ୍ଷେପ ନେବାକୁ ହେବ

**ଲଣ୍ଡନ,୨୧।୧୦**

କଫ୍ ସିରପ୍‌ଜନିତ ମୃତ୍ୟୁ ରୋକିବା ଦିଗରେ ଭାରତ କେତେକ ଅଗ୍ରଗତି କରିଥିବା ସତ୍ତ୍ୱେ ଏଭଳି ବିଷାକ୍ତ ସିରପ୍ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଆହୁରି ଅନେକ ପଦକ୍ଷେପ ନେବାକୁ ପଡ଼ିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କହିଛି। ତାମିଲନାଡୁର ସ୍ରେସାନ ଫାର୍ମା କମ୍ପାନୀ ପ୍ରସ୍ତୁତ କୋଲ୍ଡ୍‌ରିଫ୍ କଫ୍ ସିରପ୍ ସେବନକରି ମଧ୍ୟପ୍ରଦେଶ ଓ ରାଜସ୍ଥାନ ସମେତ କେତେକ ରାଜ୍ୟର ୨୪ରୁ ଅଧିକ ପିଲାଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ସିରପ୍ ନମୁନା ପରୀକ୍ଷାରୁ ସେଥିରେ ଡାଇ-ଇଥାଇଲିନ୍ ଗ୍ଲାଇକୋଲ୍ (ଡିଇଜି) ପରିମାଣ ଅନୁମୋଦିତ ସୀମାର ପାଖାପାଖି ୫୦୦ ଗୁଣ ରହିଥିବା ଜଣାପଡ଼ିଥିଲା। ଭାରତ ଏବଂ ଇଣ୍ଡୋନେସିଆ ପ୍ରସ୍ତୁତ ସିରପ୍ ଖାଇ ବିଭିନ୍ନ ୨୦୨୩ରେ ଦେଶରେ ଅନ୍ୟୂନ ୩୦୦ ପିଲାଙ୍କ ମୃତ୍ୟୁ ପରେ ବ୍ୟବସ୍ଥାକୁ କଡ଼ାକଡ଼ି କରିବେ ବୋଲି ସେମାନେ

**କୋଲ୍ଡ୍‌ରିଫ୍‌ରେ ଅନୁମୋଦିତ ମାତ୍ରାର ୫୦୦ ଗୁଣ ଡିଇଜି ରହିଛି: ଡବ୍ଲ୍ୟୁଏଚ୍‌ଓ**



୨ ଦେଶର ସରକାର କହିଥିଲେ। ଏହାର ୨ ବର୍ଷ ପରେ ପୁଣି କଫ୍ ସିରପ୍ ସେବନରେ ପିଲାଙ୍କ ଜୀବନ ଯାଇଛି।

ଡବ୍ଲ୍ୟୁଏଚ୍‌ଓ ଅଧିକାରୀ ରୁଟେଣ୍ଡୋ କୁଓନବାନା ଭାରତର ନୂଆ ନିୟମାବଳୀ ସମ୍ପର୍କରେ କହିଛନ୍ତି, ରପ୍ତାନି ପୂର୍ବରୁ ☞ପୃଷ୍ଠା-୪

# ଦୀପାବଳି: ବଢ଼ିଲା ପ୍ରଦୂଷଣ

ଆଲୋକର ପର୍ବ ଦୀପାବଳିକୁ ଦେଶବାସୀ ହର୍ଷୋଲ୍ଲାସର ସହ ପାଳନ କରିଛନ୍ତି। କିନ୍ତୁ ସଂସ୍କୃତି ଓ ପରମ୍ପରା ବଜାୟ ରଖିବା ନାମରେ ପାଳିତ ଏହି ଗଣପର୍ବ ଦେଶରେ ବାୟୁ ଓ ଶବ୍ଦ ପ୍ରଦୂଷଣର ପ୍ରମୁଖ କାରଣ ପାଲଟିଛି। ଦୀପାବଳିରେ ଓଡ଼ିଶା ସମେତ ଦେଶର ଅନେକ ସହରରେ ପ୍ରଦୂଷଣ ସ୍ତର ବିପଜ୍ଜନକ ସ୍ଥିତିକୁ ଚାଲିଆସିଛି। ସର୍ବନିମ୍ନ ବାୟୁ ଗୁଣବତ୍ତା ସହ ଜାତୀୟ ରାଜଧାନୀ ଦିଲ୍ଲୀ ବିଶ୍ୱର ସବୁଠୁ ପ୍ରଦୂଷିତ ସହରରେ ପରିଣତ ହୋଇଛି। ଦିଲ୍ଲୀର ପର୍ଟିକୁଲେଟ୍ ମ୍ୟାଟର(ପିଏମ୍) ସାନ୍ଦ୍ରତା ୨.୫ ରହିଛି, ଯାହାକି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଗାଇଡ୍‌ଲାଇନ୍‌ରେ ନିର୍ଦ୍ଧାରିତ ମାତ୍ରାଠାରୁ ୫୯ ଗୁଣ ଅଧିକ। ହରିୟାଣାର ଜିନ୍ଦ୍‌ରେ ଏକ୍ୟୁଆଇ ସର୍ବାଧିକ ୪୨୧ ରହିଥିବାବେଳେ ଦିଲ୍ଲୀରେ ଏକ୍ୟୁଆଇ ସ୍ତର ୩୫୧ ଅତିକ୍ରମ କରିଛି। ସେହିପରି କେନ୍ଦୁଝର ଜିଲା ବଡ଼ବିଲ ଶିଳ୍ପାଞ୍ଚଳରେ ଏକ୍ୟୁଆଇ ୨୫୫ ରହିଛି, ଯାହାକି ରାଜ୍ୟରେ ସର୍ବାଧିକ। ଭୁବନେଶ୍ୱରରେ ଏକ୍ୟୁଆଇ ୧୯୮ ଥିବାବେଳେ କଟକରେ ୧୭୩ରେ ରହିଛି। ତେବେ ପ୍ରଦୂଷଣ ହାର ହ୍ରାସ ଦିଗରେ କେବଳ ସରକାରୀ କଟକଣା ସହାୟକ ହେବନାହିଁ, ଏଥିପାଇଁ ଜନସାଧାରଣ ସଚେତନ ହେବା ଜରୁରୀ। ଦୀପାବଳିରେ ବାଣ ଫୁଟାଇବା ନେଇ ସୁପ୍ରିମକୋର୍ଟ ଓ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଉଥିବାବେଳେ ଲୋକେ ଏହାର ଉପଯୁକ୍ତ ଅନୁପାଳନ କରୁ ନ ଥିବାରୁ ପ୍ରଦୂଷଣର ମାତ୍ରା ବଢ଼ିଛି ବୋଲି ପରିବେଶବିତ୍ ଓ ବୈଜ୍ଞାନିକମାନେ ମତ ଦେଇଛନ୍ତି।

- କଟକ, ଭୁବନେଶ୍ୱର, ପୁରୀରେ ବିପଜ୍ଜନକ ସ୍ଥିତିରେ ଏକ୍ୟୁଆଇ
- ଦିଲ୍ଲୀ ବିଶ୍ୱର ସର୍ବାଧିକ ପ୍ରଦୂଷିତ ସହର
- ହିମାଚଳରେ ଜଳିଗଲା ଅନେକ କୋଟିର ସମ୍ପତ୍ତି

**ନୂଆଦିଲ୍ଲୀ(ପି.ଟି./ରଏଟର୍ସ), ଭୁବନେଶ୍ୱର(ରବିନାରାୟଣ ଜେନା), କଟକ (କାର୍ତ୍ତିକ ସାହୁ), ସମ୍ବଲପୁର (ପ୍ରମୋଦ ବହିଦାର) ବ୍ରହ୍ମପୁର (ଅଶୋକ କୁମାର ସାହୁ) ୨୧।୧୦**

ଦୀପାବଳିରେ ବାଣଫୁଟାକୁ ନେଇ ସୁପ୍ରିମକୋର୍ଟ ଅକ୍ଟୋବର ୧୫ରେ ସସର୍ତ୍ତ ଅନୁମତି ଦେଇଥିଲେ। ପରମ୍ପରା ରକ୍ଷା ସହ ପରିବେଶ ସୁରକ୍ଷା ଓ ସ୍ୱାସ୍ଥ୍ୟ ଚିନ୍ତାକୁ ଧ୍ୟାନ ଦିଆଯିବା ଉପରେ ସର୍ବୋଚ୍ଚ ଅଦାଲତ ଗୁରୁତ୍ୱ ଦେଇଥିଲେ। ୧୮ରୁ ୨୦ ତାରିଖ ସକାଳ ୬ଟାରୁ ୭ଟା ଏବଂ ରାତି ୮ଟାରୁ ୧୦ ବାହାରେ ଯେପରି ସବୁଜ ବାଣ ଫୁଟା ନ ଯିବ ତାହା ପୋଲିସ ଓ ଜିଲା ପ୍ରଶାସନ ସୁନିଶ୍ଚିତ କରିବ ବୋଲି ସିଜେଆଇ ବି.ଆର୍. ଗବଇଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଥିଲେ। ଏହି ନିର୍ଦ୍ଦେଶନାମା ଦିଲ୍ଲୀ-ଏନ୍‌ସିଆର୍ ପାଇଁ ଉଦ୍ଦିଷ୍ଟ ଥିଲେ ମଧ୍ୟ ସାରା ଦେଶରେ ଏହାର ଅନୁପାଳନ କରାଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଦେଶର ବିଭିନ୍ନ ଭାଗରେ ଏହାର ଉଲ୍ଲଂଘନ କରାଯାଇଥିବା ଦେଖିବାକୁ ମିଳିଛି। ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଦୀପାବଳି ପାଳନ କରିବାକୁ ଯାଇ ଲୋକେ ଅନିୟନ୍ତ୍ରିତ ଭାବେ ବାଣ ଫୁଟାଇଛନ୍ତି। ବାଣ ଫୁଟା ଯୋଗୁ ବିଶେଷକରି ସହରାଞ୍ଚଳରେ ପ୍ରଦୂଷଣର ମାତ୍ରା ଅଧିକ ରହିଛି। ଦ୍ୱୈତ ନଗରୀ ଭୁବନେଶ୍ୱର ଓ କଟକ ସମେତ ପୁରୀରେ ବିଷାକ୍ତ ବାୟୁ ଲୋକଙ୍କୁ ଅଣନିଃଶ୍ୱାସୀ କରିଦେଇଥିବାବେଳେ ଦୃଶ୍ୟମାନତା ମଧ୍ୟ ହ୍ରାସ ପାଇଛି। ଅନେକ ସ୍ଥାନରେ ୨୦୦ ମିଟର ଦୂରତାକୁ ଆଖି ପାଉନାହିଁ। ଏଭଳି ପ୍ରଦୂଷଣ ଶ୍ୱାସଗତ ସମସ୍ୟା ସୃଷ୍ଟି କରିବା ସହ ଆଖି ଓ ସ୍ୱାସ୍ଥ୍ୟ ପାଇଁ ନାନା ଜଟିଳ ରୋଗକୁ ଡାକି ଆଣିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

ଦୀପାବଳି ଏବେ ଆଉ କେବଳ ସବୁଜ ଆଲୋକରେ ସୀମିତ ହୋଇ ରହିନାହିଁ। ଲୋକେ ସାହି ପଡ଼ୋଶୀଙ୍କୁ ଦେଖାଇହେବାକୁ ଯାଇ ବିପୁଳ ଟଙ୍କାର ବାଣ ଫୁଟାଇ ପରିବେଶକୁ ନଷ୍ଟ କରୁଛନ୍ତି। ଏଥିଯୋଗୁ କେତେକ ସ୍ଥାନରେ ଅଗ୍ନିକାଣ୍ଡ ଘଟିଛି। ଭୁବନେଶ୍ୱରକୁ ବିଚାରକୁ ନେଲେ ପରିବେଶର ସାଂଘାତିକ ସ୍ଥିତି ଦୀପାବଳି ଅବସରରେ ଦେଖିବାକୁ ମିଳିଛି। ପର୍ବ ପାଳନ ନାଁରେ ଲୋକେ କିଭଳି ପରିବେଶକୁ ପ୍ରଦୂଷଣ କରିଛନ୍ତି ତା'ର ସଦ୍ୟତମ ସ୍ଥିତିକୁ ଦର୍ଶାଉଛି। ଶିଳ୍ପାଞ୍ଚଳ ବଡ଼ବିଲ(୨୫୫-ପିଏମ୍) ଭଳି କେତେକ ସହରରେ ପ୍ରଦୂଷଣ ହାର ଅସ୍ୱାସ୍ଥ୍ୟକର ଥିବାବେଳେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ଗମ୍ଭୀର ସ୍ଥିତି ଉପୁଜିଛି। ପଳାଶୁଣୀ ଅଞ୍ଚଳରେ ଏକ୍ୟୁଆଇ ୩୬୨ ରହିଥିବାବେଳେ କ୍ୟାପିଟାଲ ପୋଲିସ ଥାନା ଅଞ୍ଚଳରେ ୩୫୪ ରହିଛି। ୟୁନିଟ୍-୮ ଅଞ୍ଚଳରେ ପ୍ରଦୂଷଣ ଏକ୍ୟୁଆଇ ୨୫୩ରେ ପହଞ୍ଚିଥିବାବେଳେ ନୟାପଲ୍ଲୀ ଅଞ୍ଚଳରେ ୨୨୦ରହିଛି। ସେହିପରି କଟକରେ ବାୟୁ ପ୍ରଦୂଷଣସ୍ତର ଅସ୍ୱାସ୍ଥ୍ୟକର ସ୍ଥିତିରେ ରହିଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ବାୟୁପ୍ରଦୂଷଣ ସୂଚକାଙ୍କ ୧୭୩ ଥିବା ରେକର୍ଡ ହୋଇଛି। ବାୟୁରେ ପ୍ରଦୂଷଣ ସୂଚକାଙ୍କ ୧୫୦ରୁ ୨୦୦ମଧ୍ୟରେ ରହିଲେ ତାହା ଅସ୍ୱାସ୍ଥ୍ୟକର ହୋଇଥାଏ। କଟକ ବାୟୁମଣ୍ଡଳରେ ବର୍ତ୍ତମାନ ଏକ୍ୟୁଆଇ ୧୨୨ ଥିବାବେଳେ ପିଏମ୍ ୨. ୫ କଣିକାର ମାତ୍ରା ୮୭ ରହିଛି।

ସମ୍ବଲପୁର ସହରରେ ବାଣ ଫୁଟା ପ୍ରଦୂଷଣ ଅପେକ୍ଷା ଭାସମାନ ଧୂଳିକଣା ଜନିତ ପ୍ରଦୂଷଣ ଅଧିକ ବୋଲି ସମ୍ବଲପୁରସ୍ଥିତ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ସତ୍ୟନାରାୟଣ ନନ୍ଦ କହିଛନ୍ତି। ସହରରେ ବାଣ ବ୍ୟବସାୟୀମାନଙ୍କୁ ସବୁଜ ବାଣ ବିକ୍ରୟ ପାଇଁ କୁହାଯାଇଥିଲା। ଏଥିଯୋଗୁ ପୂର୍ବ ବର୍ଷ ଅପେକ୍ଷା ବାୟୁ ପ୍ରଦୂଷଣ କମ୍ ରହିଥିବା ସତ୍ୟନାରାୟଣ କହିଛନ୍ତି। ମୁଦିପଡ଼ା ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ପାଣିଟାଙ୍କି ଛକରେ ବାୟୁ ପ୍ରଦୂଷଣ ସର୍ବାଧିକ ୨୧୭ ମାଇକ୍ରୋଗ୍ରାମ ପ୍ରତି ଘନମିଟର, ବରେଇପାଲି ଜଳ ବିଶୋଧନାଗାର ନିକଟରେ ୧୭୩ ମାଇକ୍ରୋଗାମ ପ୍ରତି ଘନମିଟର ଓ ଦଳେଇପଡ଼ା ପୁରୁଣା ପୌରପରିଷଦ କାର୍ଯ୍ୟାଳୟ ନିକଟରେ ଏହାର ମାତ୍ରା ୧୪୯ ମାଇକ୍ରୋଗ୍ରାମ ପ୍ରତି ଘନମିଟର ରହିଛି। ବ୍ରହ୍ମପୁରରେ ମଧ୍ୟ ଚଳିତବର୍ଷ ୨ ଦିନ ଦୀପାବଳି ପାଳିତ ହୋଇଥିବାରୁ ବର୍ତ୍ତମାନ ସୁଦ୍ଧା ☞ପୃଷ୍ଠା-୪

# ସାନେ ତାକାଇଚି ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ

**ଟୋକିଓ,୨୧।୧୦**

ଜାପାନ ପାର୍ଲାମେଣ୍ଟ ମଙ୍ଗଳବାର ସାନେ ତାକାଇଚିଙ୍କୁ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ନିର୍ବାଚିତ କରିଛି। ନିମ୍ନ ସଦନରେ ସେ ୨୩୭ ଭୋଟ ପାଇଛନ୍ତି, ଯାହାକି ସଂଖ୍ୟାଗରିଷ୍ଠତାଠାରୁ ୪ ଅଧିକ। ବୃହତ୍ ବିରୋଧୀ ଦଳ କନ୍‌ଷ୍ଟିଚ୍ୟୁଶନାଲ ଡେମୋକ୍ରାଟିକ୍ ପାର୍ଟି ଅଫ୍ ଜାପାନର ମୁଖ୍ୟ ୟୋଶିକୋକୋ ନୋଡାଙ୍କୁ ୧୪୯ ଭୋଟ ମିଳିଛି। ଶିଗେରୁ ଇଶିବାଙ୍କ ସ୍ଥାନରେ ସାନେ ନୂଆ ପ୍ରଧାନମନ୍ତ୍ରୀ ହେବାକୁ ଯାଉଥିବାବେଳେ ୩ ମାସ ଧରି ଦେଶରେ ଦେଖାଦେଇଥିବା ରାଜନୈତିକ ଶୂନ୍ୟତାର ଅନ୍ତ



ଘଟିଛି। ଜୁଲାଇରେ ଅନୁଷ୍ଠିତ ନିର୍ବାଚନରେ ଇଶିବାଙ୍କ ଲିବେରାଲ ଡେମୋକ୍ରାଟିକ୍ ପାର୍ଟି ପରାଜିତ ହେବା ପରେ ରାଜନୈତିକ ଶୂନ୍ୟତା ଓ ବିବାଦ ଲାଗି ରହିଥିଲା। ଇଶିବା ମାତ୍ର ଗୋଟିଏ ବର୍ଷ ପ୍ରଧାନମନ୍ତ୍ରୀ ରହିବା ପରେ ଇସ୍ତଫା ଦେଇ ଉତ୍ତରାଧିକାରୀ ବାଛିବାର ପଥ ପରିଷ୍କାର କରିଦେଇଥିଲେ। ଓସାକାର ଜାପାନ ଇନୋଭେଶନ ପାର୍ଟି ସହ ଏଲ୍‌ଡିପି ମେଣ୍ଟ କରିବା ଫଳରେ ସାନେଙ୍କ ପ୍ରଧାନମନ୍ତ୍ରିତ୍ୱ ସୁନିଶ୍ଚିତ ହୋଇଥିଲା। କାରଣ ବିରୋଧୀ ଏକାଠି ହୋଇପାରି ନ ଥିଲେ। ୬୪ ବର୍ଷୀୟ କଠୋର ରକ୍ଷଣଶୀଳ ନେତ୍ରୀ ସାନେ ପୁରୁଷପ୍ରାଧାନ୍ୟ ବ୍ୟବସ୍ଥା ମଧ୍ୟରେ ଉପରକୁ ଉଠିବାରେ ଜଣେ ବିରଳ ମହିଳା। ସେହିପରି ଲିବେରାଲ ଡେମୋକ୍ରାଟିକ୍ ପାର୍ଟିର ନେତୃତ୍ୱ ନେବାରେ ମଧ୍ୟ ସେ ପ୍ରଥମ ମହିଳା।

# ବୋହୂ ସ୍ୱୀକୃତି ଦାବିରେ ଧାରଣା, ଗର୍ଭବତୀଙ୍କୁ ପୋଡ଼ି ହତ୍ୟା ଉଦ୍ୟମ



ପୋଡ଼ିଯାଇଥିବା ରୋଷେଇ ଘର ବାରଣ୍ଡାରେ ଯୁବତୀ ବସିଛନ୍ତି।

**ପରଜଙ୍ଗ,୨୧।୧୦ (ନିଗମାନନ୍ଦ ଦଳବେହେରା)**

ଦେଢ଼ବର୍ଷର ପ୍ରେମ ସମ୍ପର୍କ ପରେ ୫ମାସ ତଳେ ପ୍ରେମିକଙ୍କୁ ବିବାହ କରିଥିଲେ। ହେଲେ ଅଲଗା ଜାତିର ହୋଇଥିବାରୁ ଶାଶୁଘର ପରିବର୍ତ୍ତେ ସ୍ୱାମୀଙ୍କ ସହ ବାହାରେ ରହୁଥିଲେ। ଇତିମଧ୍ୟରେ ସେ ଗର୍ଭବତୀ ହେବାରୁ ଗତମାସ ୨୫ ତାରିଖରେ ସ୍ୱାମୀଙ୍କ ସହ ଶାଶୁଘରେ ପହଞ୍ଚିଥିଲେ। କିନ୍ତୁ ରାତି ଅଧରେ ଶାଶୁଘର ଲୋକେ ବାହାର କରିଦେଲେ। ଏପରି କି ତାଙ୍କଠାରୁ ଦୂରେଇ ଦେବାକୁ ସ୍ୱାମୀଙ୍କୁ ରାଜ୍ୟ ବାହାରକୁ ପଠାଇ ଦେଲେ। ତେଣୁ ବୋହୂର ସ୍ୱୀକୃତି ଦାବି କରି ଗତମାସ ୨୬ ତାରିଖରେ ଥାନାର ଦ୍ୱାରସ୍ଥ ☞ପୃଷ୍ଠା-୪

# ବୋନସ୍ ପାଇଲେନି, ଗେଟ୍ ଖୋଲିଦେଲେ

**ଆଗ୍ରା,୨୧।୧୦**

ଉତ୍ତରପ୍ରଦେଶର ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍ ୱେର ଫତେହବାଦ ଟୋଲ୍ ପ୍ଲାଜାଠାରେ ସୋମବାର ପ୍ରାୟ ୧୦ ଘଣ୍ଟା ଧରି ଅନେକ ହଜାର ଗାଡ଼ି ବିନା ଟୋଲ୍‌ରେ ଯାତାୟାତ କରିଥିଲେ। ଦୀପାବଳି ବୋନସ୍ ମିଳି ନ ଥିବାରୁ ଟୋଲ୍ ପ୍ଲାଜାର ୨୧ କର୍ମଚାରୀ ସେମାନଙ୍କ କାର୍ଯ୍ୟ ବନ୍ଦ କରି ଧାରଣାରେ ବସିଥିଲେ ଏବଂ ଟୋଲ୍ ପ୍ଲାଜାର ସମସ୍ତ ଦ୍ୱାର ଖୋଲିଦେଇଥିଲେ। ଫଳରେ ମାଗଣାରେ ଅନେକ ହଜାର ଗାଡ଼ି ଯାତାୟାତ କରିଥିଲେ, ଯାହାଦ୍ୱାରା ଟୋଲ୍ ଆଦାୟ ପାଇଁ ଦାୟିତ୍ୱରେ ଥିବା ଶ୍ରୀ ସାଇନ୍ ଆଣ୍ଡ ଦାତାର କମ୍ପାନୀକୁ ଅନେକ ଲକ୍ଷ ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ଗତ ମାର୍ଚ୍ଚରେ ଏହି କମ୍ପାନୀ ଫତେହବାଦ ଟୋଲ୍ ପ୍ଲାଜାର

**ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍‌ୱେର ଟୋଲ୍ ପ୍ଲାଜା**



ପରିଚାଳନା ଦାୟିତ୍ୱ ନେଇଥିଲା।

ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍ ୱେକୁ ଉତ୍ତରପ୍ରଦେଶର ଏକ ପ୍ରମୁଖ ମାର୍ଗ ଭାବେ ବିବେଚନା କରାଯାଇଥାଏ। ଏହା ଆଗ୍ରା ଏବଂ ଲକ୍ଷ୍ନୌ ସହରକୁ ସିଧାସଳଖ ସଂଯୋଗ କରିଥାଏ। ସେହିପରି ଏହା ଯମୁନା ଏକ୍ସପ୍ରେସ୍ ୱେ ମାଧ୍ୟମରେ ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)କୁ ମଧ୍ୟ ସଂଯୋଗ କରିଥାଏ। ଧାରଣାରେ ବସିଥିବା ଜଣେ ଟୋଲ୍ କର୍ମଚାରୀ କହିଥିଲେ, ଦୀପାବଳି ଉପଲକ୍ଷେ କମ୍ପାନୀ ପକ୍ଷରୁ ସେମାନଙ୍କୁ ବୋନସ୍ ଦିଆଯାଇନାହିଁ। କର୍ମଚାରୀମାନେ କଠିନ ପରିଶ୍ରମ କରୁଥିଲେ ମଧ୍ୟ କମ୍ପାନୀ ସେମାନଙ୍କୁ ଠିକ୍ ସମୟରେ ଦରମା ଦେଉନାହିଁ। ଛଟେଇ ନେଇ କମ୍ପାନୀ ପକ୍ଷରୁ ବାରମ୍ବାର ଧମକ ଦିଆଯାଉଛି। ସୋମବାର ୧୦ ଘଣ୍ଟା ଧରି ଟୋଲ୍ କର୍ମଚାରୀମାନଙ୍କ ଧାରଣା ଜାରି ରହିଥିଲା। ପରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦୀପାବଳି ବୋନସ୍ ପ୍ରଦାନର ପ୍ରତିଶ୍ରୁତି ଏବଂ ତୁରନ୍ତ ୧୦% ଦରମା ବୃଦ୍ଧିର ପ୍ରତିଶ୍ରୁତି ପାଇ କର୍ମଚାରୀମାନେ ଧାରଣାରୁ ଓହରିଥିଲେ।

DHARITRI YOUTH CONCLAVE 2025
ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ
ଯୁବ ପରିବେଶ କର୍ମୀଙ୍କୁ ଆହ୍ୱାନ
ଆମକୁ ପଠାନ୍ତୁ
ଜଳବାୟୁ ପଦକ୍ଷେପ ସମ୍ପର୍କିତ ନିଜର ଏକ ସଂକ୍ଷିପ୍ତ ବିବରଣୀ (୨୫୦ ରୁ ୩୦୦ ଶବ୍ଦ ମଧ୍ୟରେ)
୪ଟି ହାଇ ରିଜୋଲ୍ୟୁସନ ଫଟୋ ଏବଂ ଭିଡ଼ିଓ
ଜଳବାୟୁ ପଦକ୍ଷେପ ଉପରେ ନିଜ ଭବିଷ୍ୟତ କାର୍ଯ୍ୟଯୋଜନା
https://tinyurl.com/yk7ct969
SCAN TO APPLY
ଆପଣ ମଧ୍ୟ ଅନ୍ୟ ଜଣଙ୍କୁ ମନୋନୀତ କରିପାରିବେ
ଆବେଦନର ଶେଷ ତାରିଖ
୩୧ ଅକ୍ଟୋବର ୨୦୨୫
ବିଜେତା ନଭେମ୍ବର ୨୦୨୫ ଧରିତ୍ରୀ ୟୁଥ୍ କନ୍‌କ୍ଲେଭରେ ସମ୍ମାନିତ ହେବେ
ଯୁବ ପରିବେଶ କର୍ମୀମାନଙ୍କ ଏକ ବିଶାଳ ନେଟୱର୍କରେ ଯୋଡ଼ି ହୁଅନ୍ତୁ

# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୨/୨୦୨୫ (୧୨ ପୃଷ୍ଠା) | Bhubaneswar, Wednesday, October 22/2025 | Page 12 | ₹ 7.00 | SAMBALPUR

୫୧ଶ ଭାଗ ୩୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 325 | ମୂଲ୍ୟ₹୭/-







## ୫ ଦିନ ଯାଏ ବର୍ଷା

### ସୃଷ୍ଟି ହେଲା ଲଘୁଚାପ, ଆଜି ଅବପାତ

**ଭୁବନେଶ୍ୱର,୨୧।୧୦(ବନ୍ଦନା ସେଠୀ)**

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ମଙ୍ଗଳବାର ସକାଳ ୮ଟା ୩୦ରେ ଏକ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରି ବୁଧବାର ଅପରାହ୍ନ ସୁଦ୍ଧା ଅବପାତରେ ପରିଣତ ହେବ। ଉତ୍ତର ତାମିଲନାଡୁ, ପୁଡୁଚେରୀ, ଦକ୍ଷିଣ ଆନ୍ଧ୍ର ଉପକୂଳ ଆଡ଼କୁ ଗତି କରିବ। ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲାରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ବିଜୁଳି ଘଡ଼ଘଡ଼ି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ନିଶାମୁକ୍ତ କେନ୍ଦ୍ର**



ଦୀପାବଳିରେ ବାଣଫୁଟା ଯୋଗୁ ସୋମବାର ରାତିରେ ଭୁବନେଶ୍ୱର ଆକାଶ ଧୂଆଁମୟ ହୋଇଯାଇଛି। ବାଣୀବିହାର-ନୟାପଲ୍ଲୀ ଓଭରବ୍ରିଜ୍ ଉପରେ ଧୂଆଁର ଆସ୍ତରଣ ମଧ୍ୟରେ ଗାଡ଼ି ଚଳାଚଳ କରୁଛି। **(ଫଟୋ: ମନୋରଞ୍ଜନ ମିଶ୍ର)**

## କଫ୍ ସିରପ୍ ମୃତ୍ୟୁ: ଭାରତକୁ ଅଧିକ ପଦକ୍ଷେପ ନେବାକୁ ହେବ

**ଲଣ୍ଡନ,୨୧।୧୦**

### କୋଲ୍ଡ୍ରିଫ୍‌ରେ ଅନୁମୋଦିତ ମାତ୍ରାର ୫୦୦ ଗୁଣ ଡିଇଜି ରହିଛି: ଡବ୍ଲ୍ୟୁଏଚ୍ଓ



କଫ୍ ସିରପ୍‌ଜନିତ ମୃତ୍ୟୁ ରୋକିବା ଦିଗରେ ଭାରତ କେତେକ ଅଗ୍ରଗତି କରିଥିବା ସତ୍ତ୍ୱେ ଏଭଳି ବିଷାକ୍ତ ସିରପ୍ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଆହୁରି ଅନେକ ପଦକ୍ଷେପ ନେବାକୁ ପଡ଼ିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) କହିଛି। ତାମିଲନାଡୁର ସ୍ରେସାନ ଫାର୍ମା କମ୍ପାନୀ ପ୍ରସ୍ତୁତ କୋଲ୍ଡ୍ରିଫ୍ କଫ୍ ସିରପ୍ ସେବନକରି ମଧ୍ୟପ୍ରଦେଶ ଓ ରାଜସ୍ଥାନ ସମେତ କେତେକ ରାଜ୍ୟର ୨୪ରୁ ଅଧିକ ପିଲାଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ସିରପ୍ ନମୁନା ପରୀକ୍ଷାରୁ ସେଥିରେ ଡାଇ-ଇଥାଇଲିନ୍ ଗ୍ଲାଇକୋଲ୍ (ଡିଇଜି) ପରିମାଣ ଅନୁମୋଦିତ ସୀମାର ପାଖାପାଖି ୫୦୦ ଗୁଣ ରହିଥିବା ଜଣାପଡ଼ିଥିଲା। ଭାରତ ଏବଂ ଇଣ୍ଡୋନେସିଆ ପ୍ରସ୍ତୁତ ସିରପ୍ ଖାଇ ବିଭିନ୍ନ ୨୦୨୩ରେ ଦେଶରେ ଅନ୍ୟୂନ ୩୦୦ ପିଲାଙ୍କ ମୃତ୍ୟୁ ପରେ ବ୍ୟବସ୍ଥାକୁ କଡ଼ାକଡ଼ି କରିବେ ବୋଲି ସେମାନେ ୨ ଦେଶର ସରକାର କହିଥିଲେ। ଏହାର ୨ ବର୍ଷ ପରେ ପୁଣି କଫ୍ ସିରପ୍ ସେବନରେ ପିଲାଙ୍କ ଜୀବନ ଯାଇଛି।

ଡବ୍ଲ୍ୟୁଏଚ୍ଓ ଅଧିକାରୀ ରୁଟେଣ୍ଡୋ କୁଓନବାନା ଭାରତର ନୂଆ ନିୟମାବଳୀ ସମ୍ପର୍କରେ କହିଛନ୍ତି, ରପ୍ତାନି ପୂର୍ବରୁ ☞ପୃଷ୍ଠା-୪

# ଦୀପାବଳି: ବଢ଼ିଲା ପ୍ରଦୂଷଣ

**ଆଲୋକର ପର୍ବ ଦୀପାବଳିକୁ ଦେଶବାସୀ ହର୍ଷୋଲ୍ଲାସର ସହ ପାଳନ କରିଛନ୍ତି। କିନ୍ତୁ ସଂସ୍କୃତି ଓ ପରମ୍ପରା ବଜାୟ ରଖିବା ନାମରେ ପାଳିତ ଏହି ଗଣପର୍ବ ଦେଶରେ ବାୟୁ ଓ ଶବ୍ଦ ପ୍ରଦୂଷଣର ପ୍ରମୁଖ କାରଣ ପାଲଟିଛି। ଦୀପାଳବଳିରେ ଓଡ଼ିଶା ସମେତ ଦେଶର ଅନେକ ସହରରେ ପ୍ରଦୂଷଣ ସ୍ତର ବିପଜ୍ଜନକ ସ୍ଥିତିକୁ ଚାଲିଆସିଛି। ସର୍ବନିମ୍ନ ବାୟୁ ଗୁଣବତ୍ତା ସହ ଜାତୀୟ ରାଜଧାନୀ ଦିଲ୍ଲୀ ବିଶ୍ୱର ସବୁଠୁ ପ୍ରଦୂଷିତ ସହରରେ ପରିଣତ ହୋଇଛି। ଦିଲ୍ଲୀର ପର୍ଟିକୁଲେଟ୍ ମ୍ୟାଟର(ପିଏମ୍) ସାନ୍ଦ୍ରତା ୨.୫ ରହିଛି, ଯାହାକି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ଗାଇଡ୍‌ଲାଇନ୍‌ରେ ନିର୍ଦ୍ଧାରିତ ମାତ୍ରାଠାରୁ ୫୯ ଗୁଣ ଅଧିକ। ହରିୟାଣାର ଜିନ୍ଦ୍‌ରେ ଏକ୍ୟୁଆଇ ସର୍ବାଧିକ ୪୨୧ ରହିଥିବାବେଳେ ଦିଲ୍ଲୀରେ ଏକ୍ୟୁଆଇ ସ୍ତର ୩୫୧ ଅତିକ୍ରମ କରିଛି। ସେହିପରି କେନ୍ଦୁଝର ଜିଲା ବଡ଼ବିଲ ଶିଳ୍ପାଞ୍ଚଳରେ ଏକ୍ୟୁଆଇ ୨୫୫ ରହିଛି, ଯାହାକି ରାଜ୍ୟରେ ସର୍ବାଧିକ। ଭୁବନେଶ୍ୱରରେ ଏକ୍ୟୁଆଇ ୧୯୮ ଥିବାବେଳେ କଟକରେ ୧୭୩ରେ ରହିଛି। ତେବେ ପ୍ରଦୂଷଣ ହାର ହ୍ରାସ ଦିଗରେ କେବଳ ସରକାରୀ କଟକଣା ସହାୟକ ହେବନାହିଁ, ଏଥିପାଇଁ ଜନସାଧାରଣ ସଚେତନ ହେବା ଜରୁରୀ। ଦୀପାବଳିରେ ବାଣ ଫୁଟାଇବା ନେଇ ସୁପ୍ରିମକୋର୍ଟ ଓ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଉଥିବାବେଳେ ଲୋକେ ଏହାର ଉପଯୁକ୍ତ ଅନୁପାଳନ କରୁ ନ ଥିବାରୁ ପ୍ରଦୂଷଣର ମାତ୍ରା ବଢ଼ିଛି ବୋଲି ପରିବେଶବିତ୍ ଓ ବୈଜ୍ଞାନିକମାନେ ମତ ଦେଇଛନ୍ତି।**

- **କଟକ, ଭୁବନେଶ୍ୱର, ପୁରୀରେ ବିପଜ୍ଜନକ ସ୍ଥିତିରେ ଏକ୍ୟୁଆଇ**
- **ଦିଲ୍ଲୀ ବିଶ୍ୱର ସର୍ବାଧିକ ପ୍ରଦୂଷିତ ସହର**
- **ହିମାଚଳରେ ଜଳିଗଲା ଅନେକ କୋଟିର ସମ୍ପତ୍ତି**

**ନୂଆଦିଲ୍ଲୀ(ପି.ଟି./ରଏଟର୍ସ), ଭୁବନେଶ୍ୱର(ରବିନାରାୟଣ ଜେନା), କଟକ (କାର୍ତ୍ତିକ ସାହୁ), ସମ୍ବଲପୁର (ପ୍ରମୋଦ ବହିଦାର) ବ୍ରହ୍ମପୁର (ଅଶୋକ କୁମାର ସାହୁ) ୨୧।୧୦**

ଦୀପାବଳିରେ ବାଣଫୁଟାକୁ ନେଇ ସୁପ୍ରିମକୋର୍ଟ ଅକ୍ଟୋବର ୧୫ରେ ସସର୍ତ୍ତ ଅନୁମତି ଦେଇଥିଲେ। ପରମ୍ପରା ରକ୍ଷା ସହ ପରିବେଶ ସୁରକ୍ଷା ଓ ସ୍ୱାସ୍ଥ୍ୟ ଚିନ୍ତାକୁ ଧ୍ୟାନ ଦିଆଯିବା ଉପରେ ସର୍ବୋଚ୍ଚ ଅଦାଲତ ଗୁରୁତ୍ୱ ଦେଇଥିଲେ। ୧୮ରୁ ୨୦ ତାରିଖ ସକାଳ ୬ଟାରୁ ୭ଟା ଏବଂ ରାତି ୮ଟାରୁ ୧୦ ବାହାରେ ଯେପରି ସବୁଜ ବାଣ ଫୁଟା ନ ଯିବ ତାହା ପୋଲିସ ଓ ଜିଲା ପ୍ରଶାସନ ସୁନିଶ୍ଚିତ କରିବ ବୋଲି ସିଜେଆଇ ବି.ଆର୍. ଗବଇଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଥିଲେ। ଏହି ନିର୍ଦ୍ଦେଶନାମା ଦିଲ୍ଲୀ-ଏନ୍‌ସିଆର୍ ପାଇଁ ଉଦ୍ଦିଷ୍ଟ ଥିଲେ ମଧ୍ୟ ସାରା ଦେଶରେ ଏହାର ଅନୁପାଳନ କରାଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଦେଶର ବିଭିନ୍ନ ଭାଗରେ ଏହାର ଉଲ୍ଲଂଘନ କରାଯାଇଥିବା ଦେଖିବାକୁ ମିଳିଛି। ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଦୀପାବଳି ପାଳନ କରିବାକୁ ଯାଇ ଲୋକେ ଅନିୟନ୍ତ୍ରିତ ଭାବେ ବାଣ ଫୁଟାଇଛନ୍ତି। ବାଣ ଫୁଟା ଯୋଗୁ ବିଶେଷକରି ସହରାଞ୍ଚଳରେ ପ୍ରଦୂଷଣର ମାତ୍ରା ଅଧିକ ରହିଛି। ଦ୍ୱୈତ ନଗରୀ ଭୁବନେଶ୍ୱର ଓ କଟକ ସମେତ ପୁରୀରେ ବିଷାକ୍ତ ବାୟୁ ଲୋକଙ୍କୁ ଅଣନିଃଶ୍ୱାସୀ କରିଦେଇଥିବାବେଳେ ଦୃଶ୍ୟମାନତା ମଧ୍ୟ ହ୍ରାସ ପାଇଛି। ଅନେକ ସ୍ଥାନରେ ୨୦୦ ମିଟର ଦୂରତାକୁ ଆଖି ପାଉନାହିଁ। ଏଭଳି ପ୍ରଦୂଷଣ ଶ୍ୱାସଗତ ସମସ୍ୟା ସୃଷ୍ଟି କରିବା ସହ ଆଖି ଓ ସ୍ୱାସ୍ଥ୍ୟ ପାଇଁ ନାନା ଜଟିଳ ରୋଗକୁ ଡାକି ଆଣିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

ଦୀପାବଳି ଏବେ ଆଉ କେବଳ ସବୁଜ ଆଲୋକରେ ସୀମିତ ହୋଇ ରହିନାହିଁ। ଲୋକେ ସାହି ପଡ଼ୋଶୀଙ୍କୁ ଦେଖାଇହେବାକୁ ଯାଇ ବିପୁଳ ଟଙ୍କାର ବାଣ ଫୁଟାଇ ପରିବେଶକୁ ନଷ୍ଟ କରୁଛନ୍ତି। ଏଥିଯୋଗୁ କେତେକ ସ୍ଥାନରେ ଅଗ୍ନିକାଣ୍ଡ ଘଟିଛି। ଭୁବନେଶ୍ୱରକୁ ବିଚାରକୁ ନେଲେ ପରିବେଶର ସାଂଘାତିକ ସ୍ଥିତି ଦୀପାବଳି ଅବସରରେ ଦେଖିବାକୁ ମିଳିଛି। ପର୍ବ ପାଳନ ନାଁରେ ଲୋକେ କିଭଳି ପରିବେଶକୁ ପ୍ରଦୂଷଣ କରିଛନ୍ତି ତା'ର ସଦ୍ୟତମ ସ୍ଥିତିକୁ ଦର୍ଶାଉଛି। ଶିଳ୍ପାଞ୍ଚଳ ବଡ଼ବିଲ(୨୫୫-ପିଏମ୍) ଭଳି କେତେକ ସହରରେ ପ୍ରଦୂଷଣ ହାର ଅସ୍ୱାସ୍ଥ୍ୟକର ଥିବାବେଳେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ଗମ୍ଭୀର ସ୍ଥିତି ଉପୁଜିଛି। ପଳାଶୁଣୀ ଅଞ୍ଚଳରେ ଏକ୍ୟୁଆଇ ୩୬୨ ରହିଥିବାବେଳେ କ୍ୟାପିଟାଲ ପୋଲିସ ଥାନା ଅଞ୍ଚଳରେ ୩୫୪ ରହିଛି। ୟୁନିଟ୍-୮ ଅଞ୍ଚଳରେ ପ୍ରଦୂଷଣ ଏକ୍ୟୁଆଇ ☞ପୃଷ୍ଠା-୪

## ସାନେ ତାକାଇଚି ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ

**ଟୋକିଓ,୨୧।୧୦**



ଜାପାନ ପାର୍ଲାମେଣ୍ଟ ମଙ୍ଗଳବାର ସାନେ ତାକାଇଚିଙ୍କୁ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ନିର୍ବାଚିତ କରିଛି। ନିମ୍ନ ସଦନରେ ସେ ୨୩୭ ଭୋଟ ପାଇଛନ୍ତି, ଯାହାକି ସଂଖ୍ୟାଗରିଷ୍ଠତାଠାରୁ ୪ ଅଧିକ। ବୃହତ୍ ବିରୋଧୀ ଦଳ କନ୍‌ଷ୍ଟିଚ୍ୟୁଶନାଲ ଡେମୋକ୍ରାଟିକ୍ ପାର୍ଟି ଅଫ୍ ଜାପାନର ମୁଖ୍ୟ ୟୋଶିକୋକୋ ନୋଡାଙ୍କୁ ୧୪୯ ଭୋଟ ମିଳିଛି। ଶିଗେରୁ ଇଶିବାଙ୍କ ସ୍ଥାନରେ ସାନେ ନୂଆ ପ୍ରଧାନମନ୍ତ୍ରୀ ହେବାକୁ ଯାଉଥିବାବେଳେ ୩ ମାସ ଧରି ଦେଶରେ ଦେଖାଦେଇଥିବା ରାଜନୈତିକ ☞ପୃଷ୍ଠା-୪






## ବୋହୂ ସ୍ୱୀକୃତି ଦାବିରେ ଧାରଣା, ଗର୍ଭବତୀଙ୍କୁ ପୋଡ଼ି ହତ୍ୟା ଉଦ୍ୟମ



ପୋଡ଼ିଯାଇଥିବା ରୋଷେଇ ଘର ବାରଣ୍ଡାରେ ଯୁବତୀ ବସିଛନ୍ତି।

**ପରଜଙ୍ଗ,୨୧।୧୦ (ନିଗମାନନ୍ଦ ଦଳବେହେରା)**

ଦେଢ଼ବର୍ଷର ପ୍ରେମ ସମ୍ପର୍କ ପରେ ୫ମାସ ତଳେ ପ୍ରେମିକଙ୍କୁ ବିବାହ କରିଥିଲେ। ହେଲେ ଅଲଗା ଜାତିର ହୋଇଥିବାରୁ ଶାଶୁଘର ପରିବର୍ତ୍ତେ ସ୍ୱାମୀଙ୍କ ସହ ବାହାରେ ରହୁଥିଲେ। ଇତିମଧ୍ୟରେ ସେ ଗର୍ଭବତୀ ହେବାରୁ ଗତମାସ ୨୫ ତାରିଖରେ ସ୍ୱାମୀଙ୍କ ସହ ଶାଶୁଘରେ ପହଞ୍ଚିଥିଲେ। କିନ୍ତୁ ରାତି ଅଧରେ ☞ପୃଷ୍ଠା-୪

## ବୋନସ୍ ପାଇଲେନି, ଗେଟ୍ ଖୋଲିଦେଲେ

**ଆଗ୍ରା,୨୧।୧୦**

### ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍‌ୱେର ଟୋଲ୍ ପ୍ଲାଜା



ଉତ୍ତରପ୍ରଦେଶର ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍ ୱେର ଫତେହବାଦ ଟୋଲ୍ ପ୍ଲାଜାଠାରେ ସୋମବାର ପ୍ରାୟ ୧୦ ଘଣ୍ଟା ଧରି ଅନେକ ହଜାର ଗାଡ଼ି ବିନା ଟୋଲ୍‌ରେ ଯାତାୟାତ କରିଥିଲେ। ଦୀପାବଳି ବୋନସ୍ ମିଳି ନ ଥିବାରୁ ଟୋଲ୍ ପ୍ଲାଜାର ୨୧ କର୍ମଚାରୀ ସେମାନଙ୍କ କାର୍ଯ୍ୟ ବନ୍ଦ କରି ଧାରଣାରେ ବସିଥିଲେ ଏବଂ ଟୋଲ୍ ପ୍ଲାଜାର ସମସ୍ତ ଦ୍ୱାର ଖୋଲିଦେଇଥିଲେ। ଫଳରେ ମାଗଣାରେ ଅନେକ ହଜାର ଗାଡ଼ି ଯାତାୟାତ କରିଥିଲେ, ଯାହାଦ୍ୱାରା ଟୋଲ୍ ଆଦାୟ ପାଇଁ ଦାୟିତ୍ୱରେ ଥିବା ଶ୍ରୀ ସାଇନ୍ ଆଣ୍ଡ ଦାତାର କମ୍ପାନୀକୁ ଅନେକ ଲକ୍ଷ ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ଗତ ମାର୍ଚ୍ଚରେ ଏହି କମ୍ପାନୀ ଫତେହବାଦ ଟୋଲ୍ ପ୍ଲାଜାର ପରିଚାଳନା ଦାୟିତ୍ୱ ନେଇଥିଲା।

ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍ ୱେକୁ ଉତ୍ତରପ୍ରଦେଶର ଏକ ପ୍ରମୁଖ ମାର୍ଗ ଭାବେ ବିବେଚନା କରାଯାଇଥାଏ। ଏହା ଆଗ୍ରା ଏବଂ ଲକ୍ଷ୍ନୌ ସହରକୁ ସିଧାସଳଖ ସଂଯୋଗ କରିଥାଏ। ସେହିପରି ଏହା ଯମୁନା ଏକ୍ସପ୍ରେସ୍ ୱେ ମାଧ୍ୟମରେ ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)କୁ ମଧ୍ୟ ସଂଯୋଗ କରିଥାଏ। ଧାରଣାରେ ବସିଥିବା ଜଣେ ଟୋଲ୍ କର୍ମଚାରୀ କହିଥିଲେ, ଦୀପାବଳି ଉପଲକ୍ଷେ କମ୍ପାନୀ ପକ୍ଷରୁ ସେମାନଙ୍କୁ ବୋନସ୍ ଦିଆଯାଇନାହିଁ। କର୍ମଚାରୀମାନେ କଠିନ ପରିଶ୍ରମ ☞ପୃଷ୍ଠା-୪

# ସୁବର୍ଣ୍ଣପୁର ଜିଲାରେ ଟ୍ରାଏଲ ଇରିଗେଶନ

## ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ

### ଚାଷୀଙ୍କୁ ଦିଆଗଲା ଦୀପାବଳି ଭେଟି: ଡ୍ୟାମ୍ କର୍ତ୍ତୃପକ୍ଷ

ବଲାଙ୍ଗୀର,୨୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)


ରମ୍ଭାସିଣ୍ଢୋଲ ଗାଁରେ ଟ୍ରାଏଲ ଇରିଗେଶନ ବେଳେ ଉପସ୍ଥିତ ଲୋୟର ସୁକ୍‌ତେଲ ପ୍ରକଳ୍ପର ଯନ୍ତ୍ରୀ ଓ ଗାଁର ଚାଷୀମାନେ।

ବଲାଙ୍ଗୀର ଲୋୟର ସୁକତେଲ ଡ୍ୟାମରୁ ଜଳସେଚନ ପାଇଁ ସୁବର୍ଣ୍ଣପୁର ଜିଲାର ଚାଷ ଜମିକୁ ସୋମବାର ଦୀପାବଳି ଦିନ ଟ୍ରାଏଲ ରନ୍ କରାଯାଇଥିଲା। ସୁବର୍ଣ୍ଣପୁର ଜିଲାର ଚାଷୀମାନଙ୍କୁ ଏହା ଦୀପାବଳି ଭେଟି ବୋଲି ଡ୍ୟାମ୍ କର୍ତ୍ତୃପକ୍ଷ କହିଛନ୍ତି। ଗତ ଦଶହରା ଦିନ ଲୋୟର ସୁକତେଲ ଡ୍ୟାମ୍‌ରୁ ବଲାଙ୍ଗୀର ଜିଲାର ଚାଷ ଜମିକୁ ଟ୍ରାଏଲ ରନ୍ କରାଯାଇଥିଲା। ତେବେ ସୋମବାର ହୋଇଥିବା ଟ୍ରାଏଲ ରନ୍ ପରେ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ୧୭ଟି ଗାଁର ୭ ହଜାର ୫ ଶହ ଏକର ଚାଷଜମିକୁ ସୁକତେଲ ଜଳସେଚନ ପ୍ରକଳ୍ପରୁ ପାଣି ମାଡିବ। ବର୍ଷର ଖରିଫ ଋତୁ ଫସଲକୁ ସୁନିଶ୍ଚିତ ପାଣି ଯୋଗାଣ ପରେ ବଳକା ପାଣିକୁ ରବି ଫସଲ ପାଇଁ ଯୋଗାଇ ଦିଆଯିବ ବୋଲି ଡ୍ୟାମ୍ କର୍ତ୍ତୃପକ୍ଷ କହିଛନ୍ତି। ଲୋୟର ସୁକତେଲ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁରେନ୍ଦ୍ର କୁମାର ଭୋଇଙ୍କ ଉପସ୍ଥିତିରେ ସୁବର୍ଣ୍ଣପୁର ଜିଲାର ରମ୍ଭାସିଣ୍ଢୋଲ ଗାଁରେ ଟ୍ରାଏଲ ରନ୍ କରାଯାଇଥିଲା। ମୁଖ୍ୟନିର୍ମାଣ ଯନ୍ତ୍ରୀ ଭୋଇ କହିଥିଲେ, ରମ୍ଭାସିଣ୍ଢୋଲ ଗାଁରେ ଟ୍ରାଏଲ ରନ୍ ସରିବା ପରେ ସୁବର୍ଣ୍ଣପୁର ଜିଲାରେ ଜଳସେଚନ ଲକ୍ଷ୍ୟ ପୂରଣ ହୋଇଛି। ୨୦୨୬ ଖରିଫରୁ ଏହି ବହୁପ୍ରତୀକ୍ଷିତ ପ୍ରକଳ୍ପରୁ ଫାଇନାଲ ଇରିଗେଶନ୍ କରାଯିବ। ଟ୍ରାଏଲ ରନ୍ କରାଯାଇଥିବାରୁ କେଉଁଠି କିଛି ସମସ୍ୟା ଜଣାପଡିଲେ ଏହାକୁ ସମାଧାନ କରାଯିବ ବୋଲି ସେ କହିଥିଲେ। ସୁବର୍ଣ୍ଣପୁର ଜିଲାର ଚାଷୀମାନଙ୍କୁ ଏହା ଦୀପାବଳି ଭେଟି ବୋଲି ସେ କହିଥିଲେ। ସୁକ୍‌ତେଲ ଡ୍ୟାମ୍‌ଠାରୁ ପ୍ରାୟ ୫୦ କିଲୋମିଟର ଦୂର ସୁବର୍ଣ୍ଣପୁର ଜିଲାର ଚାଷ ଜମିକୁ ପାଇପ ଯୋଗେ ପାଣି ପହଞ୍ଚିବା ପରେ ଚାଷୀମାନେ ଅତ୍ୟନ୍ତ ଖୁସିବ୍ୟକ୍ତ କରିଥିଲେ। ରମ୍ଭାସିଣ୍ଢୋଲ ଗାଁର ଚାଷୀ ସୁରେନ୍ଦ୍ର ମିଶ୍ର କହିଥିଲେ, ଦୀର୍ଘଦିନର ଅପେକ୍ଷା ପରେ ସୁକ୍‌ତେଲ ଡ୍ୟାମରୁ ଆଜି ଚାଷଜମିକୁ ପାଣି ପହଞ୍ଚିଛି। ପ୍ରାୟ ୩୦ବର୍ଷ ପୂର୍ବରୁ ପାଣି ଆସିବ ବୋଲି କୁହାଯାଉଥଲା। ଏବେ ପାଣି ପହଞ୍ଚିଛି। ସମସ୍ତ ଚାଷୀ ଖୁସି ଅଛନ୍ତି। ଗାଁର ଚାଷୀ କ୍ଷେତ୍ରୀ ବାଗ କହିଥିଲେ, ପାଣି ଅଭାବରୁ ଗାଁରେ ଅନେକ ସମୟରେ ମରୁଡି ଦେଖାଯାଉଥିଲା। ଏବେ ସୁକ୍‌ତେଲ ଡ୍ୟାମ୍‌ରୁ ପାଣି ପହଞ୍ଚିଥିବାରୁ ଚାଷ କାର୍ଯ୍ୟ ଠିକ୍ ଭାବେ ହେବ ବୋଲି ଆଶା କରାଯାଉଛି। ଚାଷୀ ହାଡିପା ବାରିକ କହିଛନ୍ତି, ଚାଷଜମିକୁ ପାଣି ଆସିଥିବାରୁ ଚାଷୀମାନେ ଅତ୍ୟନ୍ତ ଖୁସି। ଫସଲ ଭଲ ହେଲେ ଲୋକଙ୍କ ଆର୍ଥିକ ଉନ୍ନତି ହେବ। ଗାଁର ଚାଷୀ ମହେଶ୍ୱର ସା, କଷ୍ଟ ନାଏକ, ପ୍ରାଣପତି ବାଗ ଓ ଅନ୍ୟମାନେ ଡ୍ୟାମ୍ କର୍ତ୍ତପକ୍ଷ, ଷ୍ଟାଫ ଏବଂ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ଗାଁର ରାଜେନ୍ଦ୍ର ଭୁଏଙ୍କ ଚାଷ ଜମିରେ ଥିବା ପାଇପ ହାଉସଠାରେ ଟ୍ରାଏଲ ରନ୍ କରାଯାଇଥିଲା। ଦୀର୍ଘ ତିନି ଦଶନ୍ଧିର ଅପେକ୍ଷା ପରେ ସୁକତେଲ ପ୍ରକଳ୍ପରୁ ଚାଷଜମିକୁ ପାଇପ ଯୋଗେ ପାଣି ପହଞ୍ଚିଥିବାରୁ ସେମାନଙ୍କ ଦୀର୍ଘ ଦିନର ସ୍ୱପ୍ନ ସାକାର ହେଲା ବୋଲି ଗାଁର ଚାଷୀମାନେ କହିଛନ୍ତି। ଏହାସହିତ ଶିବତଲା, ଅତାସିଂହା ଗାଁର ଚାଷୀମାନେ ମଧ ଡ୍ୟାମରୁ ପାଣି ପହଞ୍ଚିବାକୁ ନେଇ ଖୁସି ବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଚାଷୀ ପରିବାର ଉପକୃତ ହୋଇ ଏ ଅଞ୍ଚଳର ବିକାଶକୁ ଦ୍ରୁତ କରିପାରିବେ ବୋଲି ଚାଷୀମାନେ କହିଛନ୍ତି। ଏହି ଟ୍ରାଏଲ ରନ୍ ସମୟରେ ଲୋୟର ସୁକତେଲ ପ୍ରକଳ୍ପର ଅନ୍ୟ ଅଧିକାରୀ, ଯନ୍ତ୍ରୀ, ଏଲ୍‌ଏଣ୍ଡଟି କମ୍ପାନୀ ଷ୍ଟାଫ୍ ଉପସ୍ଥିତ ଥିଲେ।

# ମହାବୀରଙ୍କ ନିର୍ବାଣ ଦିବସ ପାଳିତ


ନିର୍ବାଣ ଦିବସ ପାଳନ ଅବସରରେ ଶ୍ରବଣୀ ଓ ଶିଶୁ କଳାକାରମାନେ।

ଗୁଡଭେଲା,୨୧।୧୦(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ କୁନ୍ଦନ ଜୈନ ଭବନଠାରେ ମଙ୍ଗଳବାର ଜୈନ ଧର୍ମର ୨୪ତମ ତୀର୍ଥଙ୍କର ମହାବୀରଙ୍କ ନିର୍ବାଣ ଦିବସ ପାଳିତ ହୋଇଯାଇଛି। ଜୈନ ଶ୍ୱେତାମ୍ବର ତେରାପନ୍ଥ ଧର୍ମର ଆଚାର୍ଯ୍ୟ ମହାଶ୍ରମଣଙ୍କ ଶିଷ୍ୟା ଶ୍ରବଣୀ ନିର୍ଦ୍ଦେଶିକା ଡ. ନିର୍ବାଣ ପ୍ରଜ୍ଞାଜୀ ଓ ଶ୍ରବଣୀ ମଧ୍ୟସ୍ଥ ପ୍ରଜ୍ଞାଜୀଙ୍କ ଉପସ୍ଥିତିରେ ପ୍ରଥମେ ଜୈନ ଧର୍ମର ମହାମନ୍ତ୍ର ପଠନ କରାଯାଇଥିଲା। ଜୈନ ଧର୍ମର ୨୪ତମ ଶେଷ ତୀର୍ଥଙ୍କର ମହାବୀର ସ୍ୱାମୀ ହୋଇଥିଲେ। ଆଜିର ଦିନରେ ତାଙ୍କର ପରଲୋକ ହୋଇଥିଲା। ସେ ଅହିଂସା ଉପରେ ଗୁରୁତ୍ୱ ଦେବା ସହ ବିଶ୍ୱ ଶାନ୍ତିର ବାର୍ତ୍ତା ଦେଇଥିଲେ ବୋଲି ଶ୍ରବଣୀ ନିର୍ଦ୍ଦେଶିକା ମତପ୍ରକାଶ କରିଥିଲେ। ମହାବୀର ସମସ୍ତ ମନୁଷ୍ୟ, ବନ୍ୟଜନ୍ତୁ ଓ ଜୀବଜଗତକୁ ଜିଓ ଔର ଜିନେ ଦୋ ବାର୍ତ୍ତା ଦେଇଛନ୍ତି ବୋଲି ଓଡିଶା ପ୍ରାନ୍ତୀୟ ଜୈନ ଶ୍ୱେତାମ୍ବର ତେରାପନ୍ଥ ସଭାର ଅଧକ୍ଷ ଇଞ୍ଜିନିୟର ମନୋଜ କୁମାର ଜୈନ ପ୍ରକାଶ କରିଥିଲେ। ଏହାପରେ ବୃହତ୍ ମଙ୍ଗଳପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଶୁ କଳାକାର ମାନଙ୍କ ଦ୍ୱାରା ମହାବୀର ସ୍ୱାମୀଙ୍କ ଜୀବନୀ ଉପରେ ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲା । ଟିଟିଲାଗଡ, ରିଷିଡା, ବଲାଙ୍ଗୀର ଓ ସଇଁନ୍ତଳା ଅଞ୍ଚଳରୁ ବହୁ ଜୈନ ଧର୍ମ ଅନୁରାଗୀ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ । ସାହିତ୍ୟିକ ତୁଳସୀ ରାମ ଜୈନ, ତୁଷୁରା ଜୈନ ତେରାପନ୍ଥ ସଭାର ପୂର୍ବତନ ଅଧକ୍ଷ ଚନ୍ଦ୍ରଭାନ ଜୈନ , ସାୱାରିଆ ଜୈନ, ଅଶୋକ ଜୈନ, ବିରେନ୍ଦ୍ର ଜୈନ, ଅମିତ ଜୈନ, ଅଜିତ୍ ଜୈନ, ଅରହମ ଜୈନ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋ ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ ଦାବି

ବଲାଙ୍ଗୀର,୨୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାରେ ଗୋ-ହତ୍ୟା ବନ୍ଦ କରିବା ଓ ଗୋ-ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏ ଦିଗରେ ଆଗାମୀ ଦିନରେ ସରକାର ଯଦି କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଆନ୍ଦୋଳନ କରାଯିବ ବୋଲି ପରିଷଦର ରାଷ୍ଟ୍ରୀୟ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଳ ଖବରଦାତା ସମ୍ମିଳନୀ କରି କହିଛନ୍ତି। ବଲାଙ୍ଗୀର କୃଷି ଭବନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ତଥା ରାଜ୍ୟରେ ଗୋସମ୍ପଦ ଅସୁରକ୍ଷିତ ରହିଥିବା ସେ କହିଥିଲେ। ପ୍ରାୟ ପ୍ରତିଦିନ ବେଆଇନ ଗୋ-ଚାଲାଣ କରାଯାଉଛି ବୋଲି ଅଭିଯୋଗ କରିଥିଲେ। ଅନେକ ସମୟରେ ଦୁର୍ଘଟଣାରେ ଗାଈଗୋରୁଙ୍କ ମୃତ୍ୟୁ ଘଟୁଛି। ରାଜ୍ୟର ପୂର୍ବ ଏବଂ ଏବର ସରକାର ଗୋ ସୁରକ୍ଷା ନେଇ କୌଣସି ପଦକ୍ଷେପ ନେଇ ନ ଥିବା ଅଭିଯୋଗ କରିଥିଲେ। ବଲାଙ୍ଗୀର ଜିଲା ଓ ସମଗ୍ର ଓଡ଼ିଶାରେ ଗୋହତ୍ୟା ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ଏବଂ ଗୋ ସୁରକ୍ଷା ନେଇ କଡାକଡି ପଦକ୍ଷେପ ଗ୍ରହଣ କରିବାକୁ ୫ ଦଫା ଦାବି ଉପରେ ସୂଚନା ଦେଇଥିଲେ। ଏହି ସମ୍ମିଳନୀରେ ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭୋଳଙ୍କ ସହ ରାଜ୍ୟ ଉପସଭାପତି ପ୍ରଦୀପ କୁମାର ଦାଶ, ରାଜ୍ୟ ସମ୍ପାଦକ ଶଙ୍କର୍ଷଣ ଆଚାର୍ଯ୍ୟ, ରାଜ୍ୟ ପ୍ରବକ୍ତା ଦେବାନନ୍ଦ ନାୟକ, ରାଜ୍ୟ ସମ୍ପାଦକ ବିଶ୍ୱଜିତ୍ ପ୍ରଧାନ, ଜିଲା ସଭାପତି ବଦ୍ରିନାଥ ହୋତା, ଜିଲା ସାଧାରଣ ସମ୍ପାଦକ ସୌମ୍ୟ ରଞ୍ଜନ ପୁରୋହିତ, ସନତ କୁମାର ପାତ୍ର, ପ୍ରଦୀପ ବେହେରା, ରାଜୁ ନାଏକ, ବୁଲୁ ପର୍ଡିଆ ଓ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

# ଥୁଟା ସଂରକ୍ଷିତ ଜଙ୍ଗଲରେ କଲରାପତରିଆ ବାଘ


ଜଙ୍ଗଲ ବିଭାଗ ପକ୍ଷରୁ ମାଇକ୍‌ରେ ପ୍ରଚାର କରାଯାଉଛି।


ବାଘର ପାଦ ଚିହ୍ନ।

ଖପ୍ରାଖୋଲ,୨୧।୧୦(ଅଭୟ ତ୍ରିପାଠୀ)

- ଗନ୍ଧମାର୍ଦ୍ଦନରେ ହାତୀ
- ଲୋକଙ୍କୁ ସଚେତନ ପାଇଁ ମାଇକ୍ ଯୋଗେ ପ୍ରଚାର

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ବନାଞ୍ଚଳରେ ହାତୀ ଓ କଲରାପତରିଆ ବାଘ ଚଳପ୍ରଚଳ କରୁଥିବା ଖବର ମିଳିଛି। ଯାହାକୁ ନେଇ ବନବିଭାଗ କର୍ମଚାରୀଙ୍କୁ ନାକେଦମ୍ ହେବାକୁ ପଡିଛି। ଦୁଇ ଦିନ ହେଲା ଗନ୍ଧମାର୍ଦ୍ଦନ ପାହାଡ ତଳି ଅଞ୍ଚଳରେ ଗୋଟିଏ ହାତୀ ବୁଲୁଥିବା ଜଣାପଡିବା ପରେ ମଙ୍ଗଳବାର ବନ ବିଭାଗ କର୍ମଚାରୀମାନେ ବ୍ରାହ୍ମଣୀ ଗାଁ ପାଖ ପାହାଡ ତଳି ଅଞ୍ଚଳରେ ହାତୀର ଗତିବିଧି ଲକ୍ଷ୍ୟ କରିଥିଲେ । ଏହି ସମୟରେ ବନ କର୍ମଚାରୀମାନେ ହାତୀର ସାମ୍ନା ସାମ୍ନି ହୋଇଯିବାରୁ ଦୌଡ଼ି ଚାଲି ଆସିଥିବା ଜଣାଯାଇଛି।

ସେହିପରି ସୋମବାର ସନ୍ଧ୍ୟାରେ ଖପ୍ରାଖୋଲ ନିକଟ ଥୁଟା ସଂରକ୍ଷିତ ଜଙ୍ଗଲରେ ଏକ କଲରା ପତରିଆ ବାଘକୁ ଡୁଡୁକିପଦର ଗାଁ ନିକଟରେ ଲୋକେ ଦେଖିଥିଲେ। ଏନେଇ ବନବିଭାଗ କର୍ମଚାରୀ ଖବର ପାଇ ଡୁଡୁକିପଦର ଗାଁ ନିକଟକୁ ଯାଇ କଲରା ପତରିଆ ବାଘର ପାଦଚିହ୍ନ ଦେଖିଥିବା ଜଣାଯାଇଛି। ଫଳରେ ଥୁଟା ସଂରକ୍ଷିତ ଜଙ୍ଗଲ ଚାରିପାଖ ଓ ଗନ୍ଧମାର୍ଦ୍ଦନ ପାହାଡ଼ ତଳି ଅଞ୍ଚଳରେ ବସବାସ କରୁଥିବା ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏନେଇ ହରିଶଙ୍କର ବନାଞ୍ଚଳ ଅଧିକାରୀ ତଥା ଏସିଏଫ ଅରବିନ୍ଦ ନାଏକଙ୍କୁ ପଚାରିବାରେ ବନବିଭାଗ ତରଫରୁ ଉଭୟ ଥୁଟା ଓ ଗନ୍ଧମାର୍ଦ୍ଦନ ପାହାଡ଼ ତଳି ଅଞ୍ଚଳରେ ବାଘ ଓ ହାତୀର ଉପସ୍ଥିତି ନେଇ ମାଇକ୍ ଯୋଗେ ପ୍ରଚାର କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଉଥିବା ପ୍ରକାଶ କରିଛନ୍ତି।

# 'ଶିକ୍ଷାର ପ୍ରସାରରେ ଯୁଧିଷ୍ଠିରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

## ସ୍ୱାଧୀନତା ସଂଗ୍ରାମୀ ଯୁଧିଷ୍ଠିର ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ

ବଲାଙ୍ଗୀର,୨୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପବ୍ଲିକ୍ ସ୍କୁଲ ପରିସରରେ ରବିବାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ଓ ଶିକ୍ଷାବିତ୍ ଯୁଧିଷ୍ଠିର ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ ପାଳନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୀରେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଐତିହାସିକ ଡ. ଶିବପ୍ରସାଦ ନନ୍ଦ ଓ ସମ୍ମାନିତ ଅତିଥି ଭାବେ ଯୁବ ଶିଳ୍ପଦ୍ୟୋଗୀ ତଥା ସାମାଜିକ କର୍ମୀ ସମରେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟଅତିଥି ଡ. ନନ୍ଦ ସ୍ୱର୍ଗତ ମିଶ୍ରଙ୍କ ସଂଘର୍ଷମୟ ଜୀବନ ଏବଂ ବିଭିନ୍ନ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ତତ୍କାଳୀନ ପାଟଣା ଷ୍ଟେଟ୍ ଭଳି ପଛୁଆ ଅଞ୍ଚଳରୁ ଶିକ୍ଷା ପାଇଁ ପ୍ରଥମେ କଟକ ଓ ପରେ ବିହାର ପାଟଣା ଯାଇ ଉଚ୍ଚଶିକ୍ଷିତ ହେବା ପରେ ସେ କିଭଳି ଗାନ୍ଧୀଜୀଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଦୁର୍ବାର ଆନ୍ଦୋଳନ କରିଥିଲେ କହିଥିଲେ। ସମ୍ମାନିତ ଅତିଥି ସମରେନ୍ଦ୍ର ତାଙ୍କ ବକ୍ତବ୍ୟରେ ବଲାଙ୍ଗୀର ଏବଂ ପଶ୍ଚିମ ଓଡିଶାରେ ଶିକ୍ଷାର ଉନ୍ନତି ଦିଗରେ ସେ କିଭଳି ଉଲ୍ଲେଖନୀୟ କାର୍ଯ୍ୟ କରି ବହୁ ଅନୁଷ୍ଠାନ ଗଢ଼ିବାରେ ସମ୍ପୃକ୍ତ ଥିଲେ ସେନେଇ କହିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସ୍କୁଲ ଅଧକ୍ଷ ସତିଶ ପଧାନ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଗୋପାଳ ଚନ୍ଦ୍ର ସିଂଦେଓ, କୋଷାଧକ୍ଷ ଆଲୋକ ରଞ୍ଜନ ବେଦବାକ୍, ସଭ୍ୟ ଶିରିଶ ଚନ୍ଦ୍ର ହୋତା, ବାଦଲ ମହାକୁର, ଉପାଧ୍ୟକ୍ଷ ମମିତା ବେହେରା, ଦୀପକ ବରାଲ, ଶିକ୍ଷୟିତ୍ରୀ ଶିକ୍ଷକ, ସୁରେନ୍ଦ୍ର ତ୍ରିପାଠୀ, ଡ. ପ୍ରହ୍ଲାଦ ଶତପଥୀ, ଭାଗିରଥି ମିଶ୍ର, ସୁଭାଙ୍ଗିନୀ ମିଶ୍ର ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକହରେକୃଷ୍ଣ ନାୟକ ସଭା ସଂଯୋଜନା କରିଥିଲେ। ଶିକ୍ଷକ ସତ୍ୟ ନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ଶ୍ରାଦ୍ଧୋତ୍ସବରେ ମଞ୍ଚାସୀନ ଅତିଥି।

# ଜୀଭା ପ୍ରକଳ୍ପ ପରିଦର୍ଶନ

ଟିଟିଲାଗଡ,୨୧।୧୦(ଶରତ ମିଶ୍ର)

ନିକଟରେ ନାବାର୍ଡ ମହାପ୍ରବନ୍ଧକ ସଞ୍ଜୟ କୁମାର, ଡ.ଏସ. ସାମନ୍ତରାୟ, ଡିଜିଏମ ନାବାର୍ଡ, ଭୁବନେଶ୍ୱର, ଡ. ବିବେକ କୁମାର ନାଏକ ଡିଡିଏମ,ବଲାଙ୍ଗୀର, ଆଶା ସଂସ୍ଥାର ସମ୍ପାଦକ ସଞ୍ଜୀବ କୁମାର ପଟ୍ଟନାୟକ ଟିଟିଲାଗଡ଼ର ଜୀଭା ପ୍ରକଳ୍ପ ପରିଦର୍ଶନ କରିଥିଲେ। ଏହିପ୍ରକଳ୍ପ ନାବାର୍ଡସହାୟତାରେ ଆଞ୍ଚଳିକ ସମୃଦ୍ଧି ସାଧନ ଅନୁଷ୍ଠାନ ଦ୍ୱାରା ପରିଚାଳିତ। ଏହି ଅବସରରେ ସିଜିଏମ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସହ କଥା ହୋଇଥିଲେ। ଚାଷୀମାନଙ୍କ ମତାମତ ନେଇଥିଲେ। ଏହାପରେ ନାବାର୍ଡ ମହାପ୍ରବନ୍ଧକ ଜାଡେନ ଏଫପିଓର ଏକ ଷ୍ଟଲ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜାଡେନ ଏଫପିଓର ଚେୟାରମ୍ୟାନ ମଧୁମିତା ପଟ୍ଟନାୟକ, କୃଷକ ଉନ୍ନୟନ ଏଫପିଓର ଚେୟାରମ୍ୟାନ ଗୁପ୍ତେଶ୍ୱର ମାଝୀ, ସମ୍ବଲଶକ୍ତି ଏଫପିଓର ଚେୟାରମ୍ୟାନ କଳିନ୍ଦ୍ରି ରଣା, ଆଶା ସଂସ୍ଥାର ପ୍ରବୀର ପ୍ରଧାନ,ସୁବ୍ରତ ବାଗ, ଚିତ୍ତରଞ୍ଜନ ନାଗ, ଯୋଗେଶ୍ୱର ଧାରୁଆ, ଅମିତ ବାଗ, ଭେଙ୍କେଟେଶ୍ୱର ନେମାଲପୁରି, ବିନୟ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ହରିଶଙ୍କରରେ ବୈଦ୍ୟ ସମ୍ମିଳନୀ, ଧନ୍ୱନ୍ତରୀ ପୂଜା

ଖପ୍ରାଖୋଲ,୨୧।୧୦(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଗନ୍ଧମାର୍ଦ୍ଦନ ଆୟୁର୍ବେଦିକ ପାରମ୍ପରିକ ବୈଦ୍ୟ ମହାସଂଘ ତରଫରୁ ଶୈବପୀଠ ହରିଶଙ୍କରଠାରେ ତିନିଦିନିଆ ବୈଦ୍ୟ ସମ୍ମିଳନୀ ଓ ଧନ୍ୱନ୍ତରୀ ପୂଜା ସୋମବାର ଉଦ୍‌ଯାପିତ ହୋଇଯାଇଛି। ବୈଦ୍ୟ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲା ଭୂଅଧିଗ୍ରହଣ ଅଧିକାରୀ ଗୁଣମଣି ସୁନାନୀ, ମୁଖ୍ୟବକ୍ତା ଭାବେ ବଲାଙ୍ଗୀର ଆୟୁର୍ବେଦ କଲେଜ ଅଧକ୍ଷ ଡା. ମନୋଜ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବୈଦ୍ୟ ଜେଠୁ ଭୋଇ, ଆଇନଜୀବୀ ସୁବାଷ ଆଚାର୍ଯ୍ୟ, ହରିଶ୍ଚନ୍ଦ୍ର ବେହେରା ମଞ୍ଚାସୀନ ଥିଲେ। ଏହି ଅବସରରେ ଦେବ ବୈଦ୍ୟ ଧନ୍ୱନ୍ତରୀଙ୍କ ପୂଜା ପାଠ ସହ ଜୀବନ ରକ୍ଷାକାରୀ ଗୁଳ୍ମଲତାର ସୁରକ୍ଷା ସହିତ ଔଷଧୀୟ ଗୁଣ, ସଂଗ୍ରହ ପଦ୍ଧତି, ଔଷଧ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ତିନି ଦିନ ଧରି ସମ୍ମିଳନୀରେ ପ୍ରମୁଖ ବୈଦ୍ୟ, ଆୟୁର୍ବେଦ ଡାକ୍ତର ଯୋଗ ଦେଇଥିଲେ। ଏହି ଅବସରରେ ଗନ୍ଧମାର୍ଦ୍ଦନ ପାହାଡ଼ରେ ଗୁଳ୍ମ ଲତା ଚିହ୍ନଟ ପାଇଁ ନୂତନ ବୈଦ୍ୟଙ୍କୁ ଶିକ୍ଷଣୀୟ ଭ୍ରମଣ କରାଯାଇଥିଲା। ଅନ୍ତିମ ଦିବସରେ ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ବୈଦ୍ୟ ପବିତ୍ର ବେହେରା ମୁଖ୍ୟ କର୍ତ୍ତା ହୋଇଥିବା ବେଳେ ପୁରୁଷୋତ୍ତମ ଭଇଁସାଲ, ଲବ ମାଝୀ, ଶାନ୍ତନୁ ବୁଧିଆ ସସ୍ତ୍ରୀକ ସହ କର୍ତ୍ତା ଭାବରେ ହବନରେ ଆହୁତି ଦେଇଥିଲେ। ଶଲ୍ୟତନ୍ତ୍ର ବିଭାଗର ପ୍ରଫେସର ଡା. ବୁଦ୍ଧଦେବ ମିଶ୍ର ଯୋଗଦେଇ ଶଲ୍ୟକର୍ମ, ଅଗ୍ନି କର୍ମ, ଜଳୌକା ଭେଦନ ବିଷୟରେ ପ୍ରୋଜେକ୍ଟର ମାଧ୍ୟମରେ ବୈଦ୍ୟମାନଙ୍କୁ ବୁଝାଇଥିଲେ। ପଶ୍ଚିମ ଓଡିଶାର ସମସ୍ତ ଜିଲା ତଥା ଛତିଶଗଡରୁ ଶତାଧିକ ବୈଦ୍ୟ ଯୋଗଦେଇ ପାରମ୍ପରିକ ଚିକିତ୍ସା ପଦ୍ଧତିର ବୈଜ୍ଞାନିକ ପ୍ରାମାଣିକତା ଉପରେ ମତବ୍ୟକ୍ତ କରିଥିଲେ। ଚିକିତ୍ସା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ବୈଦ୍ୟ ଜଗଦୀଶ ପଶାୟତଙ୍କୁ ବୈଦ୍ୟ ଜ୍ୟୋତିଷ୍କ ସମ୍ମାନ, ପବିତ୍ର ବେହେରାଙ୍କୁ ବୈଦ୍ୟ ଭାସ୍କର ସମ୍ମାନ, ଲଳିତ କୁମାର ସାହୁଙ୍କୁ ବୈଦ୍ୟ ରତ୍ନ ସମ୍ମାନ ଓ ସୁବଳ ଧରୁଆଙ୍କୁ ବୈଦ୍ୟ ଗୁଣନିଧି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବୈଦ୍ୟ ସଂଘ ସଭାପତି କର୍ଣ୍ଣ ମାଝୀ, ସଂପାଦକ ପବିତ୍ର ଭୁଏ, ନୀଳମଣି କଠାର, ଯୁଗେଶର ଧରୁଆ, ବ୍ରହ୍ମା ନାଏକ, ମୁକେଶ କୁଅଁର, ଉପଦେଷ୍ଟା ଶାନ୍ତନୁ କୁମାର ବୁଢିଆ ପ୍ରମୁଖ ପରିଚାଳନା କରିଥିଲେ। ଉପ ସଭାପତି ଟେକେନ୍ଦ୍ର ଜାଲ ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ମିଳନୀରେ ଯୋଗ ଦେଇଥିବା ବୈଦ୍ୟ ଓ ଅତିଥି ବୃନ୍ଦ।

# ବୃଦ୍ଧ ଦମ୍ପତିଙ୍କ ସାହାରା ଅବିବାହିତ ଝିଅ ମୁକ୍ତା

## ଝାଟିମାଟି ଘରେ ଅସହାୟ ପରିବାର

ଲୋଇସିଂହା,୨୧।୧୦(ସୁଶାନ୍ତ ବାରିକ)


ଝାଟିମାଟି ଘର ଆଗରେ ମା' ଓ ଝିଅ ମୁକ୍ତା।

ଗରିବ, ଅସହାୟ ଲୋକଙ୍କ ପାଇଁ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ହେଲେ ଅନେକ କ୍ଷେତ୍ରରେ ଆର୍ଥିକ ସ୍ୱଚ୍ଛଳ ବର୍ଗର ଲୋକେ ଲବି କରି ଏହି ଯୋଜନା ହାତେଇ ନେଉଥିବା ଅଭିଯୋଗ ହେଉଛି। ଫଳସ୍ୱରୂପ ପ୍ରକୃତ ଯୋଗ୍ୟ ହିତାଧିକାରୀ ଏଥିରୁ ବାଦ ପଡୁଛନ୍ତି। ଝାଟିମାଟି ଘରେ, ଜରିବସ୍ତା ତାଙ୍କ ଜୀବନକୁ ବାଜି ଲଗାଇ ଦିନ ବିତାଉଥିବା ବଲାଙ୍ଗୀର ଜିଲା ଲୋଇସିଂହା ସଦର ମହକୁମା ଜଡାମୁଣ୍ଡା ବସ୍ତିର ଏକ ଅସହାୟ ପରିବାର ଏହାର ଏକ ନିଚ୍ଛକ ଉଦାହରଣ। ଏହି ପରିବାର ଉକ୍ତ ଯୋଜନାରୁ ବାଦ ପଡିବା ଘଟଣା ପ୍ରଶାସନିକ ସ୍ୱଚ୍ଛତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ।

ଲୋଇସିଂହା ପଞ୍ଚାୟତ ଜଡାମୁଣ୍ଡା ଗାଁର ଶେଷମୁଣ୍ଡରେ ରହୁଛନ୍ତି କ୍ଷମାନିଧି ପୁଟେଲ(୮୧)ଙ୍କ ପରିବାର । ପରିବାର କହିଲେ କ୍ଷମାନିଧି, ତାଙ୍କ ସ୍ତ୍ରୀ ଇନ୍ଦ୍ରା ଓ ଅବିବାହିତା ଝିଅ ମୁକ୍ତା। ଏକଦା ୩ ପୁଅ ଓ ୫ ଝିଅକୁ ନେଇ କ୍ଷମାନିଧିଙ୍କ ବଡ ପରିବାର ଥିଲା। ଇତିମଧରେ ପୁଅମାନଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ୪ ଝିଅ ବାହା ହୋଇ ସାରିଛନ୍ତି । ଫଳରେ ଏହି ଦମ୍ପତିଙ୍କର ଏବେ ସାହାରା ପାଲଟିଛନ୍ତି ତାଙ୍କ ଅବିବାହିତ ସାନ ଝିଅ ମୁକ୍ତା । ଏହି ଅସହାୟ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ୧୫ କେଜି ପିଡିଏସ୍ ଚାଉଳ ମିଳୁଛି। ଏହାସହିତ ମୁକ୍ତାଙ୍କୁ ୧୦୦୦ ଟଙ୍କା ଭତ୍ତା ମିଳୁଥିବା ବେଳେ ପଟେଲ ଦମ୍ପତି ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ଏତିକିରେ ପରିବାର ଚଳିବା କଷ୍ଟକର ହେଉଥିବାରୁ ମୁକ୍ତାଙ୍କୁ ଲୋଇସିଂହା ସହରର ବିଭିନ୍ନ ଘରକୁ ଯାଇ ବାସନକୁସନ ମାଜି କିଛି ରୋଜଗାର କରିବାକୁ ପଡୁଛି । ଜମିବାଡି କିମ୍ବା ସେମିତି କିଛି ସମ୍ବଳ ନ ଥିବାରୁ ଘର ଡିହ ଥିଲେ ସୁଦ୍ଧା ସେମାନେ ଘର ନିର୍ମାଣ କରିପାରୁନାହାନ୍ତି । ଫଳରେ ଭଙ୍ଗା ଦଦରା ଘରେ ବିପଦପୂର୍ଣ୍ଣ ଭାବେ ଦିନ କାଟିବାକୁ ପଡୁଛି । ଗୋଟିଏ ବଖରା ଘରେ ଏହି ପରିବାର ରୋଷେଇଠାରୁ ଆରମ୍ଭ କରି ବସାଉଠା ଓ ଶୋଉଥିବା ଦେଖିବାକୁ ମିଳିଛି । ତେବେ ପୋଖରୀ ନିକଟରେ ଘର ହୋଇଥିବା ଏବଂ ଘରେ ବିଦ୍ୟୁତ୍ ସଂଯୋଗ ନ ଥିବାରୁ ସାପ ଭୟ ଘାରି ରହିଛି । ସରକାର ଗରିବଙ୍କ ପାଇଁ କୁଟୀର ଜ୍ୟୋତି ଯୋଜନା କରିଥିଲେ ସୁଦ୍ଧା ଏହି ପରିବାର ପାଇଁ ତାହା ସାତସପନ ପାଲଟିଛି। ଆବାସ ଯୋଜନାରେ ଘର ଦେବା ପାଇଁ ବିଭିନ୍ନ ସମୟରେ ହିତାଧିକାରୀ ଚୟନ କରାଯାଉଛି । ଏହାସତ୍ତ୍ୱେ ଏହି ଅସହାୟ ପରିବାର ବାଦ ପଡିବା ଘଟଣା ବିଡମ୍ବନାର ବିଷୟ ବୋଲି ଆଲୋଚନା ହେଉଛି।

ଏ ସମ୍ପର୍କରେ ସରପଞ୍ଚ ନବକିଶୋର ନାଏକ କହିଛନ୍ତି, ନିକଟରେ ବ୍ଲକର ମାତ୍ର ୧୦ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ସେଥିରେ ବିଧବା,ବିକଳାଙ୍ଗ ଆଦି ରହିଛନ୍ତି। ପଞ୍ଚାୟତରେ ବହୁ ଅସହାୟ ପରିବାର ମଧ୍ୟ ରହିଛନ୍ତି। ପର୍ଯ୍ୟାୟକ୍ରମେ ହିତାଧିକାରୀ ଚିହ୍ନଟ କରାଯାଇ ଗୃହ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ।

# ଜନସାଧାରଣଙ୍କୁ ସେବା ପ୍ରଦାନ ମୂଳ ଲକ୍ଷ୍ୟ


ଜିଲାପାଳ ନୃପରାଜ ସାହୁ ଓ ଏସ୍‌ପି ନାରାୟଣ ନାୟକଙ୍କ ସହିତ ପରେଡ୍‌ରେ ସାମିଲ ହୋଇଥିବା ଆରକ୍ଷୀମାନେ।

## ସୁବର୍ଣ୍ଣପୁରରେ ପୋଲିସ ଶହୀଦ ଦିବସ ପାଳିତ

**ସୋନପୁର,୨୧।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁରରେ ୬୬ତମ ପୋଲିସ ସହିଦ ଦିବସ ରିଜର୍ଭ ପୋଲିସ ପଡିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ନାରାୟଣ ନାୟକ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ୍‌ରେ ଅଭିଭାଦନ ଗ୍ରହଣ କରିଥିଲେ। ଚଳିତ ବର୍ଷ ଦେଶ ତଥା ମାତୃଭୂମିର ସୁରକ୍ଷା ଓ ସମ୍ମାନ ପାଇଁ କର୍ମକ୍ଷେତ୍ରରେ ସହୀଦ ହୋଇଥିବା ବିଭିନ୍ନ କେନ୍ଦ୍ରୀୟ ପୋଲିସ ବଳ ଓ ରାଜ୍ୟ ପୋଲିସର ୧୯୧ଜଣ ଆରକ୍ଷୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସହିଦ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସ୍ମୃତିଚାରଣ କରିବା ସହ ଏସ୍‌ପି ନାୟକ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ସହିଦ ଦିବସର ବାର୍ତ୍ତା ପାଠ କରିଥିଲେ। ଦେଶର ଆଭ୍ୟନ୍ତରୀଣ ନିରାପତ୍ତା ଓ ଆଇନଶୃଙ୍ଖଳା ରକ୍ଷା କରିବାରେ ପୋଲିସ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସିଛି। ଜନସାଧାରଣଙ୍କୁ ସେବା ପ୍ରଦାନ କରିବା ପୋଲିସର ମୂଳ ଲକ୍ଷ୍ୟ। ତେଣୁ ପୋଲିସକୁ ଭୟ ନ କରି ଜନସାଧାରଣ ସବୁବେଳେ ସହଯୋଗ କରିବା ଆବଶ୍ୟକ। ଅପରାଧ ସମ୍ପର୍କିତ ଯେ କୌଣସି ସୂଚନା ମିଳିଲେ ପୋଲିସକୁ ଜଣାଇବାକୁ ଏସ୍‌ପି ଏହି ଅବସରରେ ଅନୁରୋଧ କରିଥିଲେ। ଆରଆଇ କାହ୍ନୁଚରଣ ମାରାଣ୍ଡି ପରେଡ୍‌କୁ ପରିଚାଳନା କରିଥିଲେ। ସର୍ଜେଣ୍ଟ ନୀଳକଣ୍ଠ କଅଁର ସହଯୋଗ କରିଥିଲେ। ଏହି ଅବସରରେ ଜିଲାପାଳ ଡ. ନୃପରାଜ ସାହୁ, ଏସ୍‌ପି ନାୟକ ଓ ଅନ୍ୟ ଅତିଥିମାନେ ସହୀଦଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେହିପରି କର୍ତ୍ତବ୍ୟ ସମ୍ପାଦନ କରୁଥିବା ସମୟରେ ପୂର୍ବରୁ ସହୀଦ ହୋଇଥିବା ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ସ୍ୱର୍ଗତ ନରସିଂହ ମହାକୁଡ ଓ ବିଭୀଷଣ ସାହୁଙ୍କ ପରିବାରବର୍ଗଙ୍କ ସହ ଭାବ ବିନିମୟ କରିବା ସହ ଜିଲାପାଳ ଓ ଏସ୍‌ପି ସମବେଦନା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେ କେ ହରିପ୍ରସାଦ, ଡିଏସ୍‌ପି ରେଣୁକା ସୁନା, ରାଜେଶ୍ୱରୀ ଭୋଇ, ପ୍ରତାପ କୁମାର ରଣା, ବୈକୁଣ୍ଠ ବିହାରୀ ସେଠ୍, ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ବୀରମହାରାଜପୁର ଏସ୍‌ଡିପିଓ ହେମନ୍ତ କୁମାର ରାଓ, ସୋନପୁର ଉପକାରାଗାର ଅଧିକ୍ଷକ ଡିଲେଶ୍ୱରୀ ଜେନା, ସୋନପୁର ସହକାରୀ ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ନାଥ ଦେ, ସୋନପୁର ଆଇଆଇସି ତାପସ କୁମାର ଭୋଇ ଓ ଲଛିପୁର ଆଇଆଇସି ଭୋଜରାଜ ସା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପୁତୁରା, ପୁତୁରାବୋହୂଙ୍କୁ ଛୁରାମାଡ଼, କକା ଗିରଫ

**ଡୁଙ୍ଗୁରିପାଲି,୨୧।୧୦(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚିଙ୍ଗେରକଟା ଗ୍ରାମର ଚାଷ ଜମି ଭାଗବଣ୍ଟାକୁ ନେଇ କକାର ଛୁରା ମାଡ଼ରେ



ପୁତୁରା ଓ ପୁତୁରା ବୋହୂ ଗୁରୁତର ହୋଇଛନ୍ତି। ଅଭିଯୁକ୍ତ କକା ସୁନାଧର ଖଣ୍ଡା(୫୨)ଙ୍କୁ ମଙ୍ଗଳବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ରୋଜାଲିନ ପଟେଲ କହିଛନ୍ତି। ସୂଚନା ଅନୁଯାୟୀ ଗତ ୧୯ ତାରିଖ ରବିବାର ସନ୍ଧ୍ୟାରେ ସୁନାଧର ଘର ସମ୍ମୁଖରେ ପୁତୁରା କିଶୋର ଖଣ୍ଡା (୩୨)ଙ୍କୁ ମୋ ଜମିରେ କାହିଁକି ଚାଷ କରୁଛୁ କହି ଏକ ଛୁରିରେ ଅତର୍କିତ ଆକ୍ରମଣ କରିଥିଲେ। ଏହା ଦେଖି ପାଖରେ ଥିବା କିଶୋରଙ୍କ ସ୍ତ୍ରୀ ଭାମା(୨୮) ଏହାର ପ୍ରତିବାଦ କରିବାରେ ସେ ତାଙ୍କୁ ମଧ ଛୁରିରେ ଆକ୍ରମଣ କରି ସେଠାରୁ ଫେରାର ହୋଇଯାଇଥିଲା। ପରିବାର ଲୋକେ ଉଭୟଙ୍କୁ ଗୁରୁତ୍ୱର ଅବସ୍ଥାରେ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ହେଲାପରେ ସୋମବାର କକା ସୁନାଧର ଖଣ୍ଡାଙ୍କ ନାମରେ ଡୁଙ୍ଗୁରିପାଲି ଥାନାରେ କିଶୋର ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାରକରି ପୋଲିସ ସୁନାଧରଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଦଫା ଦଫା ୧୦୯, ୧୧୫(୨), ୩୫୧(୨) ଏକ ମାମଲା(ନଂ. ୧୯୨/ ୨୫) ରୁଜୁ ହୋଇଥିଲା।

### ଟୋଲ୍ ପ୍ଲାଜାରେ ତାଲିମ କାର୍ଯ୍ୟକ୍ରମ

**ତରଭା, ୨୧।୧୦(ମାନଭଞ୍ଜନ ମିଶ୍ର)**

ବଲାଙ୍ଗୀର-ସୋନପୁର ୫୭ନମ୍ବର ଟୋଲପ୍ଲାଜାରେ ଚାଲିଥିବା ତାଲିମ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି। ଟୋଲପ୍ଲାଜାରେ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଟୋଲ ପ୍ଲାଜାର ନିୟମ, ଲୋକଙ୍କୁ ସହାୟତା କରିବା ବିଷୟ, ପ୍ରାଥମିକ ସହାୟତା, ମାନସିକ ଚାପରୁ ମୁକ୍ତି, ବ୍ୟବହାରିକ ଶିକ୍ଷା, ଏନଏଚର ଅନ୍ୟାନ୍ୟ ଆପ୍ଲିକେଶନ ବିଷୟରେ ଶିକ୍ଷା ପ୍ରଦାନ କରାଯାଇଥିଲା। ଭୁବନେଶ୍ୱରର ଜ୍ୟୋତି ରଞ୍ଜନ ମହାପାତ୍ର ଏବଂ ଦେବୀଦତ୍ତ ମହାନ୍ତି ତାଲିମ ଦେଇଥିଲେ। ଏଚଏଲଏଫ ପିପିଟିର ସପନ କୁମାର ସ୍ୱାଇଁ ଏବଂ ତପନ କୁମାର ପତି କାର୍ଯ୍ୟକ୍ରମ ପରିଚଳନା କରିଥିଲେ। ୨୮ ଜଣ ପ୍ରଶିକ୍ଷାର୍ଥୀ ତାଲିମ ଗ୍ରହଣ କରିଥିଲେ। ଏହି ତାଲିମ ସେମାନଙ୍କ ଦକ୍ଷତା ବୃଦ୍ଧି କରିବ ବୋଲି କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

### ଦୁର୍ଗେଶ୍ୱରୀ ଫୁଟ୍‌ବଲ ଟୁର୍ନାମେଣ୍ଟ: ସମ୍ବଲପୁର ଚାମ୍ପିୟନ

**ଉଲୁଣ୍ଡା, ୨୧।୧୦(ଗୌରଚନ୍ଦ୍ର ପରିଚ୍ଛା)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପୋଢଟିକିରା ଖେଳ ପଡିଆରେ ଜିଲାସ୍ତରୀୟ ୧୦ତମ ଜୟ ମା' ଦୁର୍ଗେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭ୍ୟ ମହେନ୍ଦ୍ର ଭୋଇ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଅନିରୁଦ୍ଧ ସାହୁ, ଦୁର୍ଯ୍ୟୋଧନ ପୋଢ, ୱାର୍ଡସଭ୍ୟ ବଶିଷ୍ଠ ନାଏକ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ପ୍ରଥମ ସେମିରେ କୁତମେଣ୍ଡାକୁ ହରାଇ ସମ୍ବଲପୁର ଏବଂ ଦ୍ୱିତୀୟ ସେମିରେ ଫୁଲଚରାକୁ ହରାଇ ଆଦିବାସୀ କ୍ଲବ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ଖେଳରେ ଆଦିବାସୀ କ୍ଲବକୁ ଟାଇବ୍ରେକର ଜରିଆରେ ୩-୨ ଗୋଲରେ ହରାଇ ସମ୍ବଲପୁର ଦଳ ଚାମ୍ପିୟନ ହୋଇଥିଲା। ଖେଳକୁ ପ୍ରଶାନ୍ତ ସେଠୀ, ଜଗତ ଜଗଦଲା ଏବଂ ବାବୁଲାଲ ସାହୁ ପରିଚାଳନା କରିଥିଲେ । ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କୃତିବାସ ମିଶ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ମୁଣ୍ଡଘାଟ ସରପଞ୍ଚ କେଶନ ଜଗଦଲା, କମଳ ରଞ୍ଜନ ପରିଚ୍ଛା ଯୋଗଦେଇ ବିଜେତା ସମ୍ବଲପୁର ଓ ଉପବିଜେତା ଆଦିବାସୀ କ୍ଲବକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ।

## ସୁବର୍ଣ୍ଣପୁରରେ କାଳୀପୂଜା ପାଳିତ


ମଝିପଡା ପୂଜା ମଣ୍ଡପରେ ନିର୍ମିତ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।


ଘୋଡାଘାଟପଡା ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।

**ସୋନପୁର,୨୧।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହରରେ କାଳୀପୂଜା ଓ ଦୀପାବଳି ପାଳିତ ହୋଇଯାଇଛି। ରାମଧୁନ କ୍ଲବ ପକ୍ଷରୁ ସୋନପୁର ସହର ମଝିପଡାରେ ଚଳିତ ଥର ଆୟୋଜିତ ହେଉଛି ୫୭ତମ ସାର୍ବଜନୀନ କାଳୀପୂଜା ମହୋତ୍ସବ। ଏହା ୨୦ ତାରିଖରୁ ଆରମ୍ଭ ହୋଇ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। କାଳୀପୂଜା ମହୋତ୍ସବର ମୁଖ୍ୟ ଆକର୍ଷଣ ସାଜିବ ସମ୍ବଲପୁରୀ ମେଲୋଡି ଓ ଭସାଣୀ ଶୋଭାଯାତ୍ରା। ଏହା ସହ ଶହୀଦଙ୍କ ସ୍ମୃତିରେ ରକ୍ତଦାନ ଶିବିର, ସାମୂହିକ ପ୍ରସାଦ ସେବନ ଓ ପ୍ରତ୍ୟହ ସନ୍ଧ୍ୟାରେ ମହା ଆଳତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସବୁଠୁ ବଡ କଥା ହେଲା ଏଠାକାର କାଳୀପୂଜାକୁ ହିନ୍ଦୁ ଓ ମୁସଲିମ୍ ସମ୍ପ୍ରଦାୟ ମିଳିତ ଭାବେ ଆୟୋଜନ କରନ୍ତି। ୧୭ ଜଣ ମୁସ୍‌ଲିମ୍ ଏହି ପୂଜା କମିଟିର ସକ୍ରିୟ ସଦସ୍ୟ ରହିଛନ୍ତି । ତେଣୁ ଏହି କାଳୀପୂଜା ସହରରେ ଭାଇଚାରାର ବାର୍ତ୍ତା ବାଣ୍ଟିଥାଏ। ସେହିପରି ସହରସ୍ଥିତ ଘୋଡାଘାଟପଡାଠାରେ ୪୫ତମ ସାର୍ବଜନୀନ କାଳୀପୂଜା ଆୟୋଜିତ ହୋଇଛି। ସୋମବାର ରାତିରେ କଳସ ଶୋଭାଯାତ୍ରା ପରେ ବିଳମ୍ବିତ ରାତିରେପୂଜାରମ୍ଭ ହୋଇଥିଲା। ଆସନ୍ତା ଶନିବାର ସମ୍ବଲପୁରୀ ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ରହିଛି। ପୂଜା ଓ ଆଲୋକ ସଜ୍ଜା ବେଶ ଆକର୍ଷଣୀୟ ହୋଇଛି। ମଝିପଡା ଓ ଘୋଡାଘାଟପଡା ପୂଜା ମଣ୍ଡପରେ ମା କାଳୀଙ୍କୁ ଦର୍ଶନ କରିବା ସହ ଆଶିର୍ବାଦ ନେବା ପାଇଁ ଭକ୍ତଙ୍କ ଭିଡ ଦେଖିବାକୁ ମିଳୁଛି। ଏହା ସହ ଦୀପାବଳୀ ଅବସରରେ ସୋମବାର ଓ ମଙ୍ଗଳବାର ଲୋକେ ଧୁମ୍‌ଧାମରେ ପାଳନ କରିଛନ୍ତି। ଜିଲାବାସୀ ପାରମ୍ପରିକ ଭାବେ ଘର ସମ୍ମୁଖରେ ମାଟି ଦୀପରେ ଘିଅ ଅବା ଜଡା ତେଲ ଭର୍ତ୍ତି କରି ଦୀପ ଜଳାଇଛନ୍ତି। ତେବେ ଆଧୁନିକତା ନାମରେ ସହରର ଅଧିକାଂଶ ଲୋକ ଲିଚୁ ଓ କ୍ୟାଣ୍ଡେଲ ଲାଇଟ୍‌ରେ ଘର ସଜେଇ ଥିବା ମଧ ଦେଖିବାକୁ ମିଳିଛି।

## ବାଣଫୁଟାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ

**ବିନିକା,୨୧।୧୦(ରାମ ଗୋପାଳ ବାଘ)**

ବାଣଫୁଟାକୁ କେନ୍ଦ୍ର କରି ସୋମବାର ରାତିରେ ଦୀପାବଳି ଅବସରରେ ସୁବର୍ଣ୍ଣପୁର ଜିଲା ବିନିକ ସହରାଞ୍ଚଳ ପାତିକାର ପଡା ଓ ମନୋହରି ପଡା ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ମନୋହରିପଡାର ଜଣେ ବିଧବା ମହିଳାଙ୍କ ଘର ଉପରେ ଫଟକା ପଡିବା ପରେ ବଚସା ଆରମ୍ଭ ହୋଇଥିଲା। କିଛି ସମୟ ମଧ୍ୟରେ ଏହା ଉଗ୍ରରୂପ ଧାରଣ କରି ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ଉଭୟ ପଡାର କେତେଜଣ ଲୋକେ ପରସ୍ପର ଉପରକୁ ଇଟା, ପଥର, ଫିଙ୍ଗାଫିଙ୍ଗି କରିଥିଲେ। ଏଥିସହିତ ଛୁରି, ଟାଙ୍ଗିଆ, ଭୁଜାଲି ଇତ୍ୟାଦି ମାରଣାସ୍ତ୍ର ଧରି ପ୍ରତିପକ୍ଷକୁ ଆକ୍ରମଣ କରିଥିଲେ। ଏଥିରେ ମନୋହରି ପଡାର କାଳିଆ ମଲ୍ଲିକ, ଅନାମୁ ମଲ୍ଲିକ, ରାଜୁ ମଲ୍ଲିକ, ବବଲୁ ମଲ୍ଲିକ ଓ ହସିନା ମଲ୍ଲିକ ଗୁରୁତର ଆହତ ହୋଇ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବୁର୍ଲା ଭିମସାର ସ୍ଥାନାନ୍ତରିତ କରାଯାଇଛି। ଖବରପାଇ ବିନିକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ ଉତ୍ତେଜନା ଲାଗିରହିଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ବିଳମ୍ବିତ ରାତିରେ ସୁବର୍ଣ୍ଣପୁର ଏସ୍‌ଡିପିଓ ପ୍ରତାପ ତ୍ରିପାଠୀ ଅଧିକ ପୋଲିସ ଫୋର୍ସ ଧରି ବିନିକା ଥାନାରେ ପହଞ୍ଚିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ଉଭୟ ପଡାରେ ପୋଲିସ ଫୋର୍ସ ମୁତୟନ ରହି ପରିସ୍ଥିତି ଉପରେ ତୀକ୍ଷଣ ନଜର ରଖିଥିବା ବିନିକା ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ସୂଚନା ଦେଇଛନ୍ତି। ମନୋହାରିପଡାର ବର୍ଷା ମଲ୍ଲିକ ପାତିକାରପଡାର ୭ଜଣଙ୍କ ନାମରେ ଏତଲା ଦେଇଛନ୍ତି । ପୋଲିସ ଏକ ମାମଲା(ନଂ.୨୧୩ .୨୫)ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ଅଲ୍ ଓଡ଼ିଶା ସିଡ୍ୟୁଲକାଷ୍ଟ ଅର୍ଗାନାଇଜେଶନର ବୈଠକ

**ଡୁଙ୍ଗୁରିପାଲି,୨୧।୧୦(ଦୀନବନ୍ଧୁ ସୁନା)**

ଡୁଙ୍ଗୁରିପାଲି ହାଇସ୍କୁଲ ଛକ ନିକଟ ସାଇ ଗେଷ୍ଟ ହାଉସରେ ଅଲ୍ ଓଡ଼ିଶା ସିଡ୍ୟୁଲ କାଷ୍ଟ ଅର୍ଗାନେଇଜେଶନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ଅଲେଖଚନ୍ଦ୍ର ମଲ୍ଲିକ ସଭାରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ଅଲ ଓଡ଼ିଶା ସିଡୁଲ କାଷ୍ଟ ଅର୍ଗାନାଇଜେଶନର ମୁଖ୍ୟ ସଙ୍ଗଠକ ତାପସ କୁମାର ଦାସ, ସମ୍ମାନିତ ଅତିଥିଭାବେ ମିଖାଇଲ ସୁନା, ପ୍ରଦୀପ ମଲ୍ଲିକ, ଉପ ସଭାପତି ଅର୍ଜୁନ ମୁଗ୍ରୀ, ନଟବର ପଧାନ, ଯୁଗ୍ମ ସମ୍ପାଦକ ମୋହନ ମହାନନ୍ଦ କୁଶୁଳେଶର ସୁନା, ବାଲିଚରଣ ବାରିକ ଯୋଗଦେଇଥିଲେ। କାର୍ଯ୍ୟକାରୀ ସଭାପତି ଲକ୍ଷ୍ମଣ ଭରାସାଗର ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁବର୍ଣ୍ଣପୁର ଜିଲା ସଭାପତି ଲକ୍ଷେ ଘର ଗଣ୍ଡା ସମାଜ ମାଧବ କୁମ୍ଭାର ସଭା ପରିଚାଳନା କରିଥିଲେ। ମୁଖ୍ୟବକ୍ତା ସୁଧାଂଶୁ ଡାଙ୍ଗ ଓଡ଼ିଶାର ଦେୱାରମାନଙ୍କ ଅନୁସୂଚିତ ଜାତି ତାଲିକାରେ ସାମିଲ ସହିତ ହଡ଼ପ କରୁଥିବା ସାମ୍ବିଧାନିକ ଅଧିକାର ଉପରେ କହିଥିଲେ। ମୁଖ୍ୟ ଅତିଥି ଦାସ ଦେୱାର ତଥା କେଉଟ, ଧୀବର, କୈବର୍ତ୍ତମାନଙ୍କୁ ଅନୁସୂଚିତ ଜାତି ତାଲିକାରୁ ବାଦ ଦେବା ଉପରେ ଆଲୋକପାତ କରିଥିଲେ।

## ଆଲୋକ ଦେଖାଇ ପିତୃପୁରୁଷଙ୍କୁ ବିଦାୟ

**ବୀରମହାରାଜପୁର,୨୧।୧୦(ଯୁଗଳ କିଶୋର ମିଶ୍ର)**


ମେହେର ଭୁଲିଆ ସମ୍ପ୍ରଦାୟର ନିଆରା ପରମ୍ପରାରେ ସାମିଲ କାର୍ଯ୍ୟକର୍ତ୍ତା।

### ମେହେର ସମ୍ପ୍ରଦାୟର ନିଆରା ଦୀପାବଳି ପରମ୍ପରା

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଅନେକ ମେହେର ବା ଭୁଲିଆ ସମାଜର ଲୋକେ ବସବାସ କରନ୍ତି। ସେମାନେ ପରମ୍ପରା ଅନୁସାରେ ନିଆରା ଢଙ୍ଗରେ ଦୀପାବଳି ପର୍ବପାଳନ କରିଛନ୍ତି। ବୀରମହାରାଜପୁର କେନ୍ଦୁପାଲି, ହନୁମାନପାଲି, ଟାଙ୍ଗରସାହି, ବାଘମାରି, କମଳପୁର, ରଥିସାହି, ଚମ୍ପାପୁର, ସୁବଳୟା, ଟିକ୍ରାପଡା ଆଦି ବଡ଼ବଡ଼ ଭୁଲିଆ ଗାଁ ରହିଛି। ବିଭିନ୍ନ ଗାଁରେ ମେହେର (ଭୁଲିଆ) ସମ୍ପ୍ରଦାୟର ଲୋକେ ନିଜ ପରମ୍ପରା ଅନୁସାରେ ଦୀପାବଳି ପାଳନ କରିଛନ୍ତି। ଦୀପାବଳି ଦିନ ବ୍ରହ୍ମ ମୁହୂର୍ତ୍ତରେ ମହିଳାମାନେ ସ୍ନାନ ସାରି ନୂଆଁ ବସ୍ତ୍ର ପରିଧାନ କରି ମାଟି ହାଣ୍ଡିରେ ଅରୁଆ ଚାଉଳ ଚୁନାରେ ନଡ଼ିଆ, ଅନାଗତ, ଲବଙ୍ଗ,କର୍ପୁର ସହିତ ବିଭିନ୍ନ ପ୍ରକାରର ଜିନିଷ ମିଶାଇ ସ୍ୱାଦିଷ୍ଟ ଗଇଁଠା ତିଆରି କରିଥିଲେ। ଏହା ସହିତ ନିଜ ଭଣଜାମାନଙ୍କୁ ଗୋଡ଼ ଧୋଇ ନୂଆଁ ବସ୍ତ୍ର ଦେବା ସହିତ ସେମାନଙ୍କୁ ଖାଇବାକୁ ଦେବା ସହିତ ସେମାନଙ୍କୁ ଦକ୍ଷିଣ ଦେଇଥିଲେ। ଏହା ପରେ ଘରର ମୁଖିଆମାନେ ଦୀପ ସହ ସ୍ୱାଦିଷ୍ଟ ଗଇଠା ପିଠା ନିଜର ଇଷ୍ଟଦେବତା ଓ ପିତୃପୁରୁଷଙ୍କୁ ଅର୍ପଣ ନିଜ ଘରେ ଥିବା ମଙ୍ଗା ବା ତନ୍ତଶାଳାରେ ପୂଜା ସହ ମା' ମହାଲକ୍ଷ୍ମୀଙ୍କୁ ପୂଜା କରିଥାନ୍ତି ଓ ପ୍ରାର୍ଥନା କରିଥାନ୍ତି। ଏହାପରେ ଏକ ଆଖୁ ଖଣ୍ଡ ଉପରେ ସ୍ୱାଦିଷ୍ଟ ଗଇଁଠା ସହିତ ଆଖୁ ଉପରେ ଏକ ଦୀପ ଜାଳି ପରମ୍ପରା ଅନୁସାରେ ଏକ ଗୀତ ଗାଇଥାନ୍ତି। ରଜା ବାହାବେ ଆହାବେ, ଖଣ୍ଡ ଖଜା ଖାବେ, ଅନ୍ଧାରେ ଅନ୍ଧାରେ ଆବେ, ଉଜାଲେ ଯାବେ, ନଡ଼ିଆ ମହାପ୍ରସାଦ ଖାବେ, ରଜା ବାହାବେ ଆବେ, ସାମୋହିକ ଭାବରେ ଏହି ଗୀତଗାନ କରି ଶ୍ରାଦ୍ଧ ପାଇଁ ନିମନ୍ତ୍ରଣ କରାଯାଇଥିବା ପିତୃପୁରୁଷଙ୍କୁ ଗାଁ ମୁଣ୍ଡରେ ବିଦାୟ ଦେଇଥାନ୍ତି। ପରିବାରର ସମସ୍ତ ସଦସ୍ୟ ଏକା ସାଙ୍ଗରେ ବାହାରି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥାନ୍ତି। ମେହେର ଭୁଲିଆ ସମ୍ପ୍ରଦାୟର କେନ୍ଦୁପାଲି ଗ୍ରାମର ବରିଷ୍ଠ ସଦସ୍ୟ ସୀତା ରାମ ମେହେରଙ୍କ କହିବା କଥା ହେଲା ପିତୃପକ୍ଷରୁ ଆସିଥିବା ପିତୃପୁରୁଷଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଦାୟ ଦେଇଥାଉଁ। ଚଳିତବର୍ଷ ମଧ୍ୟ ବିଦାୟ ଦେଇଛୁ। ଏହି କାର୍ଯ୍ୟକ୍ରମରେ ଶଙ୍କର ମେହେର, ମିନକେତନ ମେହେର, କୃଷ୍ଣ ମେହେର, ଅର୍ଜୁନ ମେହେର, ନାରାୟଣ ମେହେର,ଖେଡୁ ମେହେର, ଶେଷଦେବ ମେହେର, ହେମନ୍ତ ମେହେର, ଅଶୋକ ମେହେର, ଅନିଲ ମେହେର, ରାଜୀବ ମେହେର, ଦାମୋଦର ମେହେର, ବିଦ୍ୟୁସ ମେହେର, ଦେବାନନ୍ଦ ମେହେର, ବୀର ମେହେର ପ୍ରମୁଖ ସାମିଲ ହୋଇଥିଲେ।

## ମହାକାଳୀ ପୀଠରେ କାଳୀ ପୂଜା, ଚଣ୍ଡୀଯଜ୍ଞ


କାଳୀପୂଜା ପାଇଁ କଳସ ଶୋଭାଯାତ୍ର।

**ସୋନପୁର,୨୧।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ସୁବର୍ଣ୍ଣମେରୁ ମନ୍ଦିର ପରିସରରେ ଥିବା ପୁରାତନ ମା' ମହାକାଳୀ ପୀଠରେ କାଳୀପୂଜା ଭକ୍ତି ଓ ନିଷ୍ଠାର ସହ ଅନୁଷ୍ଠିତ ହୋଇଯାଇଛି। ସୋମବାର ସକାଳେ ଘଣ୍ଟ ବାଦ୍ୟ ସହ ବାଜା ବଜେଇ ମହାନଦୀ ସ୍ଥିତ ତେନ୍ତୁଳି ଘାଟରୁ ମା' ଗଙ୍ଗାଙ୍କ ପୂଜା ସହ ଜଳ ଅଣାଯାଇଥିଲା। କଳସ ଶୋଭାଯାତ୍ରା ପରେ ମା'ଙ୍କ ପୂଜାର୍ଚ୍ଚନା ହୋଇଥିଲା। ଅପରାହ୍ନରେ ମନ୍ଦିର ପରିସରରେ ସାମୂହିକ ପ୍ରସାଦ ସେବନର ହୋଇଥିଲା । ରାତିରେ ମା' କାଳୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ସପ୍ତସତୀ ଚଣ୍ଡି ମହାଯଜ୍ଞ ଅନୁଷ୍ଠିତ ହୋଇ ରାତି ୩ଟା ୩୦ରେ ମହାଆଳତୀ ସହ ପୂଜା କାର୍ଯ୍ୟ ସରିଥିଲା। ମନ୍ଦିର ପୂଜକ ସୁରୁବାବୁ ଡାଙ୍ଗୁଆଙ୍କ ସହ ଆଚାର୍ଯ୍ୟ ପଣ୍ଡିତ ଆନନ୍ଦ କୁମାର ମିଶ୍ର ସମଗ୍ର ପୂଜା କାର୍ଯ୍ୟ ନିର୍ବାହ କରିଥିଲେ। କର୍ତ୍ତାଭାବେ ରାଜ କିଶୋର ତ୍ରିପାଠୀ, ପିଣ୍ଟୁ ମିଶ୍ର, ମାନଭଞ୍ଜନ ମିଶ୍ର, ଘାସିରାମ ମିଶ୍ର, ପ୍ରଭାତ ସାବତ ଓ ଚକ୍ର ମହାପାତ୍ର ଚଣ୍ଡିଯଜ୍ଞରେ ସହଯୋଗ କରିଥିଲେ। ମଙ୍ଗୁଲୁ ଡାଙ୍ଗୁଆ, ବିଶ୍ୱ ରଞ୍ଜନ ପୂଜାହାରି, କପିଳ ଭୋଇ, ଅଜୟ ବେହେରା, ଆନନ୍ଦ ଭୂଷି ଓ ପ୍ରଶାନ୍ତ ତରିଆଙ୍କ ସମେତ ଅନେକ ଭକ୍ତ ଉପସ୍ଥିତ ଥିଲେ। ସମସ୍ତ ଭକ୍ତଙ୍କ ସହଯୋଗରେ ପୂଜା କାର୍ଯ୍ୟ, ପ୍ରସାଦ ସେବନ ଓ ଯଜ୍ଞ କାର୍ଯ୍ୟ ଶୃଙ୍ଖଳାର ସହ ସମାପନ ହୋଇଥିଲା।

## ୪୨ତମ ଉଫୁଲା କାଳୀପୂଜା, ଶ୍ରଦ୍ଧାଳୁଙ୍କ ଭିଡ଼

**ବୀରମହାରାଜପୁର,୨୧।୧୦(ଯୁଗଳ କିଶୋର ମିଶ୍ର)**



ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସହର ଉପକଣ୍ଠ ଉଫୁଲା ଯୁବଶକ୍ତି କ୍ଲବ ଆନୁକୂଲ୍ୟରେ ୪୨ତମ କାଳୀପୂଜା ସୋମବାରଠାରୁ ଆରମ୍ଭ ହୋଇଛି। ସକାଳ ନଅଟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗାଁର ମଗରା କଟାରେ ଗଙ୍ଗାମାତାଙ୍କୁ ବରଣ କରି କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା ପରେ ପୂଜା ମଣ୍ଡପଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଅନୁଷ୍ଠାନ ସଭାପତି ପ୍ରଫୁଲ୍ଲ ଡାଙ୍ଗ, ସମ୍ପାଦକ ଗୋପୀନାଥ କର୍ଣ୍ଣ, କୋଷାଧ୍ୟକ୍ଷ ପାରି ରଣା, ପୂର୍ବତନ ବ୍ଲକ ଅଧକ୍ଷ ସନ୍ତୋଷ କୁମାର ଭୋଇ, ବରିଷ୍ଠ ଉପଦେଷ୍ଟା ଦିଲ୍ଲିପ ଡାଙ୍ଗ, ଗୁପ୍ତେଶ୍ୱର ପ୍ରଧାନଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ସୋମବାର ରାତି ନଅଟାରୁ ମା' କାଳୀଙ୍କ ପୂଜା ଆରମ୍ଭ ହୋଇ ଭୋର୍ ୪ଟାରେ ସମ୍ପନ୍ନ ହୋଇଥିଲା। କର୍ତ୍ତା ଦାୟିତ୍ୱ ତୁଲାଇଥିଲେ ଅଚ୍ୟୁତାନନ୍ଦ ସାହୁ। ମଙ୍ଗଳବାର ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା। କମିଟି ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

## ବିନିକା ଶ୍ୟାମାକାଳୀ ପୂଜାର ସୁବର୍ଣ୍ଣ ଜୟନ୍ତୀ ପାଳିତ

**ବିନିକା,୨୧।୧୦(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସହର ଗଡ଼ଭିତର ପଡାରେ ମା' ଶ୍ୟାମା କାଳୀପୂଜା ଚଳିତବର୍ଷ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ପାଳନ କରୁଛି। ସୋମବାର ପୂର୍ବାହ୍ନ ୧୦ଟାରେ ପଡାର ମହିଳାପୁରୁଷମାନେ ମହାନଦୀରୁ ପୂର୍ଣ୍ଣ ଜଳ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ମଧ୍ୟାହ୍ନରେ ନୀତିକାନ୍ତି ଅନୁଯାୟୀ ମା' କାଳୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପୂଜା କର୍ତ୍ତାଭାବେ ବିମଳ ବାଞ୍ଛୋ, ଅଭୁ ଦଣ୍ଡସେନା, ପ୍ରଶାନ୍ତ ଶାଣ୍ଢ ସସ୍ତ୍ରୀକ କାର୍ଯ୍ୟ ତୁଲାଉଛନ୍ତି । ପୂଜା କମିଟି ସଭାପତି ଭୁବନେଶ୍ୱର ପାତ୍ର, ସମ୍ପାଦକ, ସଜିତା ନେଗୀ, କୋଷଧକ୍ଷ ସୁରଜ କଜୁଆଲ ଦାୟିତ୍ୱ ବହନ କରିଛନ୍ତି। ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ୨୨ତାରିଖ ସୁନ୍ଦରାକାଣ୍ଡ, ୨୩ତାରିଖ ରଙ୍ଗୀନ ସଂକୀର୍ତ୍ତନ ବୈଠକୀ, ୨୪ ତାରିଖ ମେଲୋଡି କାର୍ଯ୍ୟକ୍ରମ ହେବ ବୋଲି ସଭାପତି ପାତ୍ର ସୂଚନା ଦେଇଛନ୍ତି। ଶାନ୍ତିଶୃଙ୍ଖଳା ସହ ପୂଜା ସମ୍ପାଦନ ପାଇଁ କମିଟି ସଦସ୍ୟ ଏବଂ ପଡ଼ାବାସୀ ସହଯୋଗ କରୁଛନ୍ତି।

## କଳସ ଶୋଭାଯାତ୍ରା, ପୂଜା ଆରମ୍ଭ


ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

**ଘଣ୍ଟାପଡ଼ା,୨୧।୧୦(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ କଲରାକୋଠା ୟୁଥ୍ ଫ୍ରେଣ୍ଡ୍‌ସ ଆସୋସିଏଶନ ପକ୍ଷରୁ ସୋମବାର ୩୭ତମ ମାଁ ଶ୍ୟାମା କାଳୀପୂଜା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶତାଧିକ ମହିଳା ପୁରୁଷ ଏକ ବିଶାଳ ଶୋଭାଯାତ୍ରାରେ ଖଲିଆପାଲି ପୋଖରୀରୁ ଜଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିବା ପରେ ସନ୍ଧ୍ୟାରେ ପୂଜା ଆରମ୍ଭ ହୋଇଥିଲା। ସେହିପରି କାଳୀପୂଜା ଉପଲକ୍ଷେ ମହିଷାସୁର ଦରବାର ଆରମ୍ଭ ହୋଇଛି। ମହିଷାସୁର ରାଜଦାରବାରରେ ଆୟୋଜିତ ରଙ୍ଗସଭାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମିନାବଜାରରେ ଜନସମାଗମ ଦେଖିବାକୁ ମିଳିଥିଲା। କମିଟି ସଭାପତି ପ୍ରଫୁଲ୍ଲ କୁମାର ସାହୁ, ସମ୍ପାଦକ ପ୍ରକାଶ ଚନ୍ଦ୍ର ରଣାଙ୍କ ସମେତ ସଦସ୍ୟମାନେ ସହଯୋଗ କରିଥିଲେ।

## କରଞ୍ଜିକଟାରେ କାଳୀପୂଜା

**ହରଭଙ୍ଗା,୨୧।୧୦(ନରେନ୍ଦ୍ର କୁମାର ସାହୁ)**



ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କରଞ୍ଜିକଟା ଗ୍ରାମପଞ୍ଚାୟତର କରଞ୍ଜିକଟା ଗ୍ରାମରେ ସୋମବାର ରାତିରୁ କାଳୀପୂଜା ଆରମ୍ଭ ହୋଇଛି। ସ୍ଥାନ ସିଦ୍ଧି, ମଣ୍ଡଳୀକରଣ, କଳସ ସ୍ଥାପନ, ପ୍ରାଣ ପ୍ରତିଷ୍ଠା, ଜୀବଦାନ, ବରୁଣ ପୂଜା ପରେ ନିଶାର୍ଦ୍ଧରେ କୁଷ୍ମାଣ୍ଡ (କଖାରୁ) ବଳି ହୋଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ଏହି ପୂଜା ୪ ଦିନ ଧରି କରାଯିବ। କରଞ୍ଜିକଟା ଗ୍ରାମ କାଳୀ ପୂଜା କମିଟି ଓ ତ୍ରିନାଥ ସାଂସ୍କୃତିକ ଯୁବ ପରିଷଦ ପକ୍ଷରୁ ଦୀର୍ଘ ୧୯ ବର୍ଷ ଧରି ମାଁ କାଳୀଙ୍କ ମୃଣ୍ମୟ ପ୍ରତିମା ପୂଜା ହୋଇଆସୁଛି। ଅଞ୍ଚଳରେ ଏକମାତ୍ର କାଳୀ ପୂଜା ହେଉଥିବାରୁ ବହୁ ଲୋକଙ୍କ ସମାଗମ ହେଉଛି। ଶୁକ୍ରବାର ମାଁଙ୍କ ଭସାଣୀ ଶୋଭାଯାତ୍ରା ହେବ ବୋଲି ସୂଚନା ପ୍ରଦାନ କରାଯାଇଛି।





ରାଉରକେଲା ବିରଜାପାଲି ଛକ ଏବଂ ଉଦିତନଗର ସୁପର ମାର୍କେଟରେ ମାଁ କାଳୀଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଉଛନ୍ତି।

# ଇସ୍ପାତ ସହରରେ କାଳୀ ପୂଜା

ରାଉରକେଲା,୨୧।୧୦ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ସୋମବାର ଆନନ୍ଦଉଲ୍ଲାସର ସହ ଆଲୋକର ପର୍ବ ଦୀପାବଳି ପାଳିତ ହୋଇଯାଇଛି। ଏହି ଅବସରରେ ଲୋକେ ଘରେ ଏବଂ ବ୍ୟବସାୟିକ ପ୍ରତିଷ୍ଠାନରେ ମାଁ ଲକ୍ଷ୍ମୀ, କାଳୀ ଏବଂ ଗଣେଶଙ୍କ ପୂଜାର୍ଚ୍ଚନା କରିଥିଲେ। ରାତିରେ କାଉଁରିଆ କାଠିରେ ଅଗ୍ନି ସଂଯୋଗ କରି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ବଡବଡୁଆ ଡକାଯାଇଥିଲା। ଅନ୍ୟପଟେ ଇସ୍କାତ ସହରର ବିଭିନ୍ନ ସ୍ଥାନରେ ମା' କାଳୀଙ୍କ ପୂଜା ଆରମ୍ଭ ହୋଇଛି। ବିରଜାପାଲି ଛକରେ ସ୍ଥାନୀୟ ସାର୍ବଜନୀନ କାଳୀପୂଜା କମିଟି ଏବଂ ଉଦିତନଗର ସୁପର ମାର୍କେଟ କାଳୀ ପୂଜା କମିଟି ପକ୍ଷରୁ ସୁପର ମାର୍କେଟରେ ମହାଆଡମ୍ବରରେ ମାଁ କାଳୀଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ମାଁଙ୍କ ଦର୍ଶନ ପାଇଁ ଉଭୟ ପୂଜା ମଣ୍ଡପରେ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ ଜମୁଛି। ପୂଜା କମିଟି ପକ୍ଷରୁ ପ୍ରସାଦ ବ୍ୟବସ୍ଥା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହେଉଛି।

## ସଂକ୍ଷେପରେ

### ମହିଳାଙ୍କ ବେକରୁ ସୁନାଚେନ୍ ଛିଡାଇ ଦୁର୍ବୃତ୍ତ ଫେରାର

ସୁନ୍ଦରଗଡ଼,୨୧।୧୦(ଜୟନାରାୟଣ ମେଣ୍ଡୁଲି): ସୁନ୍ଦରଗଡ଼ ସହର ଡିଆର୍‌ଡିଏ ଛକରେ ମଙ୍ଗଳବାର ଦ୍ୱିପ୍ରହରରେ ଜଣେ ମହିଳାଙ୍କ ବେକରୁ ସୁନାଚେନ ଚିନ୍ତାଇ ହୋଇଛି। ୨ଯୁବକ ଏହି ଛିନ୍‌ତାଇ କରି ଫେରାର ହୋଇଯାଇଛନ୍ତି। ମହିଳା ଜଣକ ଏନେଇ ଟାଉନ ଥାନାରେ ଏକ ଏତଲା ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୁନ୍ଦରଗଡ଼ ଟାଉନ ଶଙ୍କରାର ୨ମହିଳା ସୁନ୍ଦରଗଡ଼ ଡିଆରଡିଏ ଛକରେ ହେଉଥିବା କାଳୀପୂଜା ଦେଖିବା ପାଇ ଆସୁଥିବା ସମୟରେ ୨ଜଣ ଦୁର୍ବୃତ୍ତ ଗୋଟିଏ ବାଇକ୍‌ରେ ଆସିଥିଲେ। ବାଇକକୁ ମହିଳାଙ୍କ ପାଖରେ ଅଟକାଇ ମହିଳା ପିନ୍ଧିଥିବା ସୁନାଚେନକୁ ଛିଡାଇ ଫେରାର ହୋଇଛନ୍ତି।

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

ରାଜଗାଙ୍ଗପୁର, ୨୧।୧୦(ଅଶୋକ ପାଣି): ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ୧୦ନଂ. ରାଜ୍ୟ ରାଜପଥ ରାମାବାହାଲଠାରେ ମଙ୍ଗଳବାର ରାତି ପ୍ରାୟ ୮ଟାରେ ଏକ ଗାଡି ଧକ୍କାରେ ବାଇକ୍ ଆରୋହୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ଜାମସେଦପୁର ଅଞ୍ଚଳର ସୁରଜ ନାଗ (୩୦)। ଖବରପାଇ କାଂଶବାହାଲ ଫାଣ୍ଡି ଅଧିକାରୀ ପ୍ରଭସିମରଣ ସିଂ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ମୃତକଙ୍କୁ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମୃତଦେହ ମର୍ଗ ହାଉସରେରଖାଯାଇଛି। ବୁଧବାର ମୃତକଙ୍କ ଘର ଲୋକ ଆସିବା ପରେ ବ୍ୟବଚ୍ଛେଦ କରାଯିବ।

### ନଭେମ୍ବର ୧୮ରୁ ଭୈରବୀ ମହୋତ୍ସବ

ହରଭଙ୍ଗା,୨୧।୧୦(ନରେନ୍ଦ୍ର କୁମାର ସାହୁ): ପଞ୍ଚମ ରାଜ୍ୟସ୍ତରୀୟ ମାଁ ଭୈରବୀ ମହୋତ୍ସବ ଆସନ୍ତା ନଭେମ୍ବର ୧୮ରୁ ଆରମ୍ଭ ହେବ। ଏହି ମହୋତ୍ସବ ୨୩ ତାରିଖ ପର୍ଯ୍ୟନ୍ତ ୬ ଦିନ ଧରି ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ମହୋତ୍ସବ ପଡିଆରେ ମଙ୍ଗଳବାର ଶୁଭଖୁଣ୍ଟ ସ୍ଥାପନ କରାଯାଇଛି। ମାଁ ଭୈରବୀ ମହୋତ୍ସବ ପରିଷଦ ସଭାପତି ଅଶୋକ କୁମାର ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଯୋଗଦେଇ ଶୁଭଖୁଣ୍ଟ ସ୍ଥାପନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ଚଳିତ ବର୍ଷ ମହୋତ୍ସବକୁ ଧୁମ୍‌ଧାମ୍‌ରେ ପାଳନ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ବାହାର କଳାକାରଙ୍କୁ ସାମିଲ କରିବା ଏବଂ ପଲ୍ଲୀଶ୍ରୀ ମେଳା ଓ ବାଣିଜ୍ୟ ମେଳା କରିବାକୁ ଆଲୋଚନା ହେ ।ଇଥିଲା। କମିଟି ସଦସ୍ୟ ସୁକାନ୍ତ ପଟ୍ଟନାୟକ, ସତୀଶ ବେହେରା, ମନୋଜ ସାହୁ, ଅକ୍ରୁର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଆଜି ପାକ୍ସ ପୂର୍ବତନ ସହ ସମ୍ପାଦକ ଦମ୍ପତିଙ୍କ ଧାରଣା

ଅତାବିରା,୨୧।୧୦ (ଯୁଧିଷ୍ଠିର ମହାପାତ୍ର): ଅତାବିରା ବ୍ଲକ ଲରମ୍ବା ପ୍ରାଥମିକ କୃଷି ସମବାୟ ସମିତି ଲିଃ (ପାକ୍ସ)ର ପୂର୍ବତନ ସହକାରୀ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା ତାଙ୍କ ଉପରେ ଅନ୍ୟାୟ ହୋଇଥିବା ଅଭିଯୋଗ କରିଛନ୍ତି। ଏହି କ୍ରମରେ ବୁଧବାରଠାରୁ ସନ୍ତୋଷ ଓ ତାଙ୍କ ସ୍ତ୍ରୀ ତରଙ୍ଗିଣୀ ଧାରଣାରେ ବସିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଏ ନେଇ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସମ୍ବଲପୁର ଡିଭିଜନ ପତ୍ର ସଂଖ୍ୟା ୧୧୬୮୯/୦୯/୧୦/୨୫ ଅନୁସାରେ ବରଗଡ଼ ଜିଲାପାଳଙ୍କୁ ଏହାର ବିଧିବଦ୍ଧ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ଜିଲା କାରାଗାରରେ ଜୀବନ ହାରିଲେ ବିଚାରାଧୀନ ବନ୍ଦୀ

ବରଗଡ଼,୨୧।୧୦(ପ୍ରେମାନନ୍ଦ ଖମାରୀ)

- ପୋକ୍‌ସୋ ମାମଲାରେ ଗିରଫ
- ୩୦ରେ ମାମଲାର ଶୁଣାଣି ଥିଲା
- ସେଲ୍ ନଂ- ୮, ପୂର୍ବରୁ ମଧ୍ୟ ଜଣଙ୍କ ମୃତ୍ୟୁ ଘଟିଥିଲା

ବରଗଡ଼ ଜିଲା କାରାଗାରରେ ସୋମବାର ବିଳମ୍ବିତ ରାତିରେ ଜଣେ ବିଚାରାଧୀନ ବନ୍ଦୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ, ଅତାବିରା ଥାନା ଜହ୍ନାପଡା ଗ୍ରାମର ଗିରିଧାରୀ ରୋହିଦାସ (୩୮)। ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ବିଳମ୍ବିତ ରାତିରେ ସେ ବିଦ୍ୟୁତ୍ ତାର ଧରି ଆତ୍ମହତ୍ୟା କରିଥିବା କାରାଗାର କର୍ତ୍ତୃପକ୍ଷ କହିଛନ୍ତି। ବରଗଡ଼ ଟାଉନ ଥାନା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଜିଲା ମୁଖ୍ୟ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ଗିରିଧାରୀ ଏକ ପୋକ୍‌ସୋ ମାମଲାରେ ଗିରଫ ହୋଇ ଗତ ଅଗଷ୍ଟ ମାସ ୨୦ତାରିଖରୁ ବରଗଡ଼ ଜିଲା କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ । ଆସନ୍ତା ୩୦ତାରିଖ ଏହି ମାମଲାର ଶୁଣାଣି ରହିଥିଲା। ତେବେ ଶୁଣାଣି ପୂର୍ବରୁ କାରାଗାର ମଧ୍ୟରେ ତାଙ୍କ ମୃତ୍ୟୁ ଚର୍ଚ୍ଚାର ବିଷୟ ହୋଇଛି । ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଗଲେ କାରଣ ସ୍ପଷ୍ଟ ହେବ ବୋଲି ମୃତକଙ୍କ ଓକିଲ ସୀତାରାମ ମେହେର କହିଛନ୍ତି। ତେବେ ଏ ନେଇ ଜିଲା କାରାଗାର ଅଧୀକ୍ଷକ ସଲମାନ କୁଜୁର କହିଛନ୍ତି, ମୃତକ ଜଣକ କାରାଗାରର ସେଲ୍ ନଂ- ୮ରେ ରହୁଥିଲେ। ସୋମବାର ବିଳମ୍ବିତ ରାତି ପ୍ରାୟ ୧୨ଟାରୁ ୧ଟା ମଧ୍ୟରେ ସେ ପଡ଼ିଯାଇଥିବା ନେଇ କାର୍ଯ୍ୟରତ କର୍ମଚାରୀଙ୍କଠାରୁ ସୂଚନା ପାଇଥିଲେ। ଏହାପରେ କାରାଗାର ଡାକ୍ତର ସେଠାକୁ ପହଞ୍ଚି ଥିଲେ ଏବଂ ଗିରିଧାରୀଙ୍କୁ ମୃତ ଘୋଷଣା କରିଥିଲେ। ସେହି ସେଲ୍‌ରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ମୃତକ ସେଠାକୁ ଯାଇଥିବା ଇନଭର୍ଟର ବିଦ୍ୟୁତ୍ ତାରକୁ ଦାନ୍ତରେ ଛିଣ୍ଡାଇବା ସହିତ ହାତରେ ଝରକାରେ ଲାଗିଥିବା ଲୁହାରଡକୁ ଧରିବାରୁ ତାଙ୍କର ମୃତ୍ୟୁ ହୋଇଛି ଏବଂ ଏଥିରୁ ସେ ଆତ୍ମହତ୍ୟା କରିଥିବା ଜଣାପଡୁଛି ବୋଲି କାରାଗାର ଅଧୀକ୍ଷକ କୁଜୁର କହିଛନ୍ତି। ଅନ୍ୟପଟେ ମୃତକଙ୍କ ସ୍ତ୍ରୀ କହିଛନ୍ତି, ଗତ ଶୁକ୍ରବାର ସେ ତାଙ୍କ ସ୍ୱାମୀଙ୍କୁ କାରାଗାରରେ ଭେଟିଥିଲେ। ସେତେବେଳେ ସେ ଠିକ ଥିଲେ ଏବଂ ମଙ୍ଗଳବାର ତାଙ୍କ ପାଇଁ ଖାଇବା ଜିନିଷ, ପୋଷାକ ଧରି କାରାଗାରକୁ ପୁଣି ଆସିବା ପାଇଁ କହିଥିଲେ। ଫଳରେ ମଙ୍ଗଳବାର ସକାଳୁ ସ୍ୱାମୀଙ୍କୁ ଭେଟିବାକୁ କାରାଗାର ଯିବା ପାଇଁ ପ୍ରସ୍ତୁତ ହେଉଥିଲେ। ଏହି ସମୟରେ କାରାଗାର କର୍ମଚାରୀ ତାଙ୍କୁ ଫୋନ କରିଥିଲେ ଏବଂ ତାଙ୍କ ସ୍ୱାମୀ ଅସୁସ୍ଥ ହୋଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଥିବା ନେଇ ସୂଚନା ଦେଇଥିଲେ। ଏହାପରେ ସେ ଡାକ୍ତରଖାନା ପହଞ୍ଚି ଥିଲେ ଏବଂ ସ୍ୱାମୀଙ୍କ ମୃତଦେହ ଦେଖିବାକୁ ପାଇଥିଲେ ବୋଲି ସ୍ତ୍ରୀ କହିଛନ୍ତି। ଆସନ୍ତା ମାସରେ ସ୍ୱାମୀ କାରାଗାରରୁ ବାହାରିଥାନ୍ତେ। ହେଲେ କାରାଗାରରେ ତାଙ୍କ ମୃତ୍ୟୁ ହେଲା। ଏବେ ସେ ତାଙ୍କ ୩ସନ୍ତାନଙ୍କ ଭବିଷ୍ୟତ କିଭଳି ଗଢ଼ିବେ। ଏଥିପାଇଁ ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି। ପ୍ରକାଶଥାଉ କି, ଜିଲା କାରାଗାରର ଏହି ସେଲ୍‌ରେ ପୂର୍ବରୁ ମଧ୍ୟ ଜଣେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ହୋଇଥିଲା।

# ବନ୍ଧମୁଣ୍ଡାରେ କାଳୀପୂଜା ପାଳନ



ବନ୍ଧମୁଣ୍ଡାଠାରେ କାଳୀପୂଜା ଉତ୍ସବ ଅବସରରେ ତୋରଣ।

ବନ୍ଧମୁଣ୍ଡା, ୨୧।୧୦(ସୁବ୍ରତ ଦେ)

ଚଳିତବର୍ଷ ରାଉରକେଲା ବନ୍ଧମୁଣ୍ଡାଠାରେ କାଳୀପୂଜା ଉତ୍ସବ ଉତ୍ସାହ ଏବଂ ଭକ୍ତିର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ସମଗ୍ର ଅଞ୍ଚଳରେ ଏକ ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ପୂଜା ମଣ୍ଡପଗୁଡ଼ିକରେ ଭକ୍ତମାନଙ୍କର ଭିଡ଼ ଜମିଥିଲା। ଭକ୍ତମାନେ ଡିଜେଲ କଲୋନୀର ରାଜନନ୍ଦିନୀ କାଳୀବାଡ଼ି, ବି ସେକ୍ଟରର ନାଇନ ଷ୍ଟାର କ୍ଲବ, ସି ସେକ୍ଟର ମାର୍କେଟ କାଳିପୂଜା କମିଟି, ସି-ସେକ୍ଟର ବିଏସ୍‌ଏ କ୍ଲବ, ଡି ସେକ୍ଟର କାଳୀପୂଜା କମିଟି ଏବଂ ଡୁମରତାର ପାହାଡିକାଳୀ ମନ୍ଦିରରେ ଦେବୀକାଳୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ସେମାନଙ୍କ ପରିବାରର ସୁଖ, ଶାନ୍ତି ଏବଂ ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ। ପ୍ରତ୍ୟେକ ପୂଜା ମଣ୍ଡପକୁ ଉଜ୍ଜ୍ୱଳ ଆଲୋକ ଏବଂ ସୁନ୍ଦର ତୋରଣରେ ସଜ୍ଜିତ କରାଯାଇଥିଲା। ବିଭିନ୍ନ ପୂଜା କମିଟି ସୁନ୍ଦର ମଣ୍ଡପ, ଚମକଦାର ଆଲୋକ ଏବଂ ମନମୋହକ ସାଜସଜ୍ଜା ସହିତ ଏକ ଉଜ୍ଜ୍ୱଳ ପରିବେଶ ସୃଷ୍ଟି କରିଥିଲେ। ସାରା ରାତି ମା'କାଳୀଙ୍କୁ ଦର୍ଶନ କରିବା ପାଇଁ ଭକ୍ତଙ୍କ ଭିଡ଼ ଲାଗିରହିଥିଲା। ଭକ୍ତି ଏବଂ ଆନନ୍ଦରେ ପରିପୂର୍ଣ୍ଣ ଏହି କାର୍ଯ୍ୟକ୍ରମ ସମଗ୍ର ଅଞ୍ଚଳକୁ ଆଧ୍ୟାତ୍ମିକ ଶକ୍ତି ଏବଂ ଉତ୍ସବର ଭାବନାରେ ପରିପୂର୍ଣ୍ଣ କରିଥିଲା।

# ଲୁହୁରାଡ଼ିପା ବୃଦ୍ଧାଶ୍ରମରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

## ଅନ୍ତେବାସୀଙ୍କ ସହ ସାମାଜିକ କର୍ମୀଙ୍କ ଦୀପାବଳି ପାଳନ



ବୃଦ୍ଧାଶ୍ରମରେ ବିଶେଷ କାର୍ଯ୍ୟକ୍ରମରେ ସାମାଜିକକର୍ମୀଙ୍କ ସହ ଅନ୍ତେବାସୀ।

ସୁନ୍ଦରଗଡ଼, ୨୧।୧୦ (ଜୟନାରାୟଣ ମେଣ୍ଡୁଲି)

ପବିତ୍ର ଦୀପାବଳୀ ଉତ୍ସବ ଅବସରରେ ସ୍ଥାନୀୟ କେତେଜଣ ଯୁବ ସମାଜସେବୀଙ୍କ ଦ୍ୱାରା ସ୍ଥାନୀୟ ବୃଦ୍ଧାଶ୍ରମରେ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅନ୍ତେବାସୀଙ୍କ ସହ ଦୀପାବଳୀର ଆଲୋକଜାଳି ସେମାନଙ୍କ ମଧ୍ୟରେ ଥିବା ନିଃସଙ୍ଗତା ଭାବକୁ କିଛିଟା ଦୂରେଇ ଏକ ଭିନ୍ନ ଦୁନିଆରେ ନିଜକୁ ମଜାଇ ନିଜର ନୂଆ ଠିକଣା ତିଆରି କରିବାରେ ସଫଳ ହୋଇପାରିଛନ୍ତି। ସେମାନେ ଆଶ୍ରମ ପରିସରକୁ ରଙ୍ଗୋଲି, ଫୁଲରେ ସଜାଇ ଏକ ମଙ୍ଗଳମୟ ପରିବେଶ ସୃଷ୍ଟି କରିଥିଲେ। ବୃଦ୍ଧମାନେ ମଧ୍ୟ ଆନନ୍ଦରେ ଦୀପ ଜଳାଇବା ସହ ସେବାକାରୀମାନଙ୍କ ସହ ମଧ୍ୟ ହସିଥିଲେ। କାର୍ଯ୍ୟକ୍ରମରେ ସମାଜସେବୀମାନେ ବୃଦ୍ଧମାନଙ୍କୁ ମିଠା, ଫଳ ବଣ୍ଟନ କରିଥିଲେ। ସେଥିପାଇଁ ବୃଦ୍ଧମାନେ ଅତ୍ୟନ୍ତ ଆନନ୍ଦ ବ୍ୟକ୍ତ କରିଥିଲେ। ଅନେକଙ୍କ ଆଖିରେ ଥିଲା ଆନନ୍ଦ ଲୁହ ଯେପରି ସେମାନେ ନିଜ ପରିବାରକୁ ଆଜି ପୁଣି ପାଇଛନ୍ତି। ସେବାକାରୀମାନଙ୍କ ମତାନୁସାରେ ଏହି ଦୀପାବଳୀ ଆମ ପାଇଁ ସବୁଠାରୁ ଅନନ୍ୟ ରହିଲା। ଏହି ଅଭିଯାନ ମାଧ୍ୟମରେ ସମାଜରେ ଏକ ସୁନ୍ଦର ବାର୍ତ୍ତା ପ୍ରସାରିତ ହେଲା, ଦୀପାବଳୀ ମାନେ କେବଳ ଘର ସଜାଇବା ଓ ଫଟାକା ପୋଡ଼ିବା ନୁହେଁ ବରଂ ଅନ୍ୟଙ୍କ ଜୀବନକୁ ଆଲୋକିତ କରିବାର ଅବସର। ଏପରି ପଦକ୍ଷେପ ମାନବତାର ଆଲୋକକୁ ଅବିରତ ଜଳାଇ ରଖିବା ପାଇଁ ସବୁଙ୍କୁ ପ୍ରେରିତ କରିବ।

### ଗିରିଗୋବର୍ଦ୍ଧନ ପୂଜା ପାଇଁ କଳସ ଶୋଭାଯାତ୍ରା

ଝାରବନ୍ଧ,୨୧।୧୦(ଦେବେନ୍ଦ୍ର ସାହୁ): ଝାରବନ୍ଧ ବ୍ଲକ ଯାଦବ ସମାଜ ତରଫରୁ ଚଳିତବର୍ଷ ଗିରିଗୋବର୍ଦ୍ଧନ ପୂଜା ଆରମ୍ଭ ହୋଇଛି। ଅଧିବାସ ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ଅଞ୍ଚଳର ମହିଳା ଓ ପୁରୁଷ ସ୍ଥାନୀୟ ପୂଜା ମଣ୍ଡପରୁ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିବା ପରେ ଶିବ ମନ୍ଦିର ପୋଖରୀରେ ପହଞ୍ଚି ଥିଲେ। ସେଠାରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିବା ପରେ ଜଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ । ଚଳିତବର୍ଷ ପୂଜାକର୍ତ୍ତା ଭାବରେ ହୃଷୀକେଶ ପୋଢ଼ ଓ ତାଙ୍କର ସ୍ତ୍ରୀ ସୁଧାମୟୀ ପୋଢ଼ ଦାୟିତ୍ୱ ତୁଲାଇ ଥିବା ବେଳେ ପୂଜକ ଝସକେତନ ନନ୍ଦ ଓ ଡିଗ୍ରୀଧର ଦେବତା ରହିଛନ୍ତି । କମିଟିର ସଭାପତି ଗୁଣମଣୀ ବନଛୋର, ସମ୍ପାଦକ ଉମେଶ ବନଛୋର, ମହନ ବନଛୋର, ବ୍ଲକ ଯାଦବ ସମାଜ ସଭାପତି ଧ୍ରୁବଚରଣ ହାତୀ, ମୀନ ବାଗ, ଅମୃତଲାଲ ବନଛୋର, ମୋହନ ବନଛୋର ସହଯୋଗ କରୁଛନ୍ତି।

# ୨ଯୁବକ ସାଇବର ଠକେଇର ଶିକାର

## ବିନା ଓଟିପିରେ ଖାଲି ହୋଇଗଲା ଆକାଉଣ୍ଟ

ସୁନ୍ଦରଗଡ,୨୧।୧୦(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ରେ ଏବେ ମାତିଛନ୍ତି ସାଇବର ଠକ। ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ସାଇବର ଠକେଇରୁ ବଞ୍ଚିବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି। ହେଲେ ସୁନ୍ଦରଗଡ଼ ସହରରେ ୨ଜଣ ଯୁବକ ସାଇବର ଠକେଇର ଶିକାର ହୋଇଛନ୍ତି। ଏହି ୨ଯୁବକଙ୍କ ଆକାଉଣ୍ଟରୁ ବିନା ଓଟିପିରେ ଚାଲିଯାଇଛି ଲକ୍ଷାଧିକ ଟଙ୍କା। ଏହି ଠକେଇର ଶିକାର ହୋଇଥିବା ୨ଜଣ ଯୁବକ ହେଉଛନ୍ତି ସ୍ଥାନୀୟ ରିଜେଣ୍ଟ ମାର୍କେଟ ଅଞ୍ଚଳର ଗୁଲଶନ ଖାନ ଓ ଏମ୍‌ଡି ସାକେତ। ଏହି ୨ ଯୁବକ ଏ ସମ୍ପର୍କରେ ମଙ୍ଗଳବାର ସୁନ୍ଦରଗଡ଼ ଟାଉନଥାନାରେ ରିପୋର୍ଟ କରିବା ପରେ ପୋଲିସ ୧୮ ଓ ୧୯ନଂ.ରେ ୨ଟି ଷ୍ଟେଶନ ଡାଏରୀ କରି ତଦନ୍ତ ଆରମ୍ଭ କରିଛି। ଠକେଇ ଶିକାର ହୋଇଥିବା ଯୁବକଙ୍କ ଅଭିଯୋଗ ଅନୁସାରେ ଗତ ୨୦ ତାରିଖରେ ସେମାନଙ୍କ ମୋବାଇଲ ଫୋନକୁ ପ୍ରଥମେ ୧୦ଟଙ୍କା ଲେଖାଏଁ ଆସିଥିଲା ଓ ପରବର୍ତ୍ତୀ ସମୟରେ ୨ଟି ପର୍ଯ୍ୟାୟରେ ୧ଲକ୍ଷ ୨୦ଟଙ୍କା କଟି ଯାଇଥିବା ମେସେଜ ଆସିଥିଲା। ହେଲେ ସେମାନଙ୍କ ମୋବାଇଲ ଫୋନକୁ କୌଣସି ଓଟିପି କିମ୍ବା ମେସେଜ ଆସି ନ ଥିଲା। ବିନା ଓଟିପି ଓ ବିନା ମେସେଜରେ ଟଙ୍କା କଟିଯିବା ସେମାନଙ୍କୁ ଆଶ୍ଚର୍ଯ୍ୟ କରିଛି।

# ଧାନ ଫସଲରେ ଚକଡ଼ା ରୋଗପୋକ ପ୍ରାଦୁର୍ଭାବ

ଭେଡେନ,୨୧।୧୦ (ହୃଷିକେଶ ଖମାରୀ)

**କୀଟନାଶକ କାମକୁ ଆସୁନି**

ଖରିଫ ଋତୁ ଧାନ ଫସଲ ଅମଳ ହେବା ପାଇଁ ସମୟ ପାଖେଇ ଆସିଥିବା ବେଳେ ଧାନ ଫସଲରେ ବର୍ତ୍ତମାନ ଚକଡ଼ା ରୋଗପୋକ ପ୍ରାଦୁର୍ଭାବ ଦେଖାଗଲାଣି। ଏହାକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। କୀଟନାଶକ ଔଷଧ ପ୍ରୟୋଗ କଲେ ମଧ୍ୟ ଦମନ ହେଉ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ବରଗଡ଼ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ଉଦେପୁର ଛକ ନିକଟରେ ଜଣେ ଭାଗଚାଷୀଙ୍କ ଧାନଫସଲରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଗୋଡ଼ଭରା- ଡୁରୁମ ୫୪ ନମ୍ବର ରାଜପଥର ଉଭୟ ପାର୍ଶ୍ୱରେ କରାଯାଇଥିବା ଖରିଫ ଧାନଫସଲରେ ମଧ୍ୟ ଚକଡ଼ା ପୋକ ଲାଗିଥିବା ଦେଖିବାକୁ ମିଳିଛି। ଏଭଳି ସମୟରେ କୃଷି କର୍ମଚାରୀଙ୍କ ଦେଖା ମିଳୁ ନ ଥିବା ବେଳେ ଦେଶଭଟଲି ଓ ଡାଲବ ପଞ୍ଚାୟତ ଅଫିସ ପରିସରରେ ନିର୍ମାଣ କରାଯାଇଥିବା ଲକ୍ଷାଧିକ ଟଙ୍କା କୃଷି ପରାମର୍ଶ କେନ୍ଦ୍ର ଅଫିସରେ ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ତାଲା ପଡ଼ିଛି। ଚାଷୀମାନେ କୃଷି କର୍ମଚାରୀମାନଙ୍କ ସହିତ ଯୋଗାଯୋଗ କରିବାକୁ ଆସି ଫେରି ଯାଉଛନ୍ତି।

# ଖଇରପାଲି ଗ୍ରାମରେ ଗାଁ ଦିବସ




ଅତିଥିଙ୍କ ଗହଣରେ ଖଇରପାଲି ଗ୍ରାମରେ ଗାଁ ଦିବସପାଳନ କରାଯାଉଛି।

ଅତାବିରା,୨୧।୧୦(ଯୁଧିଷ୍ଠିର ମହାପାତ୍ର)

କଳା କ୍ଷେତ୍ର ଅତାବିରା ତରଫରୁ ମଙ୍ଗଳବାର ଅତାବିରା ବ୍ଲକ ଲରାସରା ପଞ୍ଚାୟତ ଖଇରପାଲି ଗ୍ରାମରେ ଗାଁ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ, ମୁଖ୍ୟ ବକ୍ତା ଭାବେ ଡ. ତପସ୍ୱିନୀ ଗୁରୁ, ଲରାସରା ପଞ୍ଚାୟତ କୀର୍ତ୍ତନ ସେଟ, ମଣ୍ଡଳ ସଭାପତି ପୁଷ୍ପକ ଗାଇଗରିଆ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମଟିକୁ ଅମୃତ କୁମାର ବାରିକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସୁଜାତା ବିଶ୍ୱାଳ, ଜାହ୍ନବୀ ମହାକୁର, ଅନୁପମା ମହାନନ୍ଦ, କୁନି କର୍ମୀ, ରାଜେଶ ମହାକୁର, ଅମିତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଫୁଲକୋବି କିଆରିକୁ ନଷ୍ଟ କଲେ ଦୁର୍ବୃତ୍ତ

ବରଗଡ଼,୨୧।୧୦(ପ୍ରେମାନନ୍ଦ ଖମାରୀ)



ଦୁର୍ବୃତ୍ତମାନେ ନଷ୍ଟ କରିଥିବା ଫୁଲକୋବି ଫସଲ।

ବରଗଡ଼ ଜିଲାରେ ଗତ କିଛିଦିନ ହେଲା ଚାଷୀଙ୍କ ପରିବା କିଆରି ଉପରେ ଦୁର୍ବୃତ୍ତଙ୍କ ଲୋଲୁପଦୃଷ୍ଟି ପଡ଼ିଛି। ପ୍ରଥମେ ବରଗଡ଼ ଜିଲା ଜମୁର୍ଡା ଗ୍ରାମରେ ଚାଷୀଙ୍କ କୋବି ଫସଲରେ ଦୁର୍ବୃତ୍ତମାନେ ଲଟାମରା ଔଷଧ ସିଞ୍ଚନ କରିଥିଲେ। ଫଳରେ ସେହି ଫସଲ ଧୂଳିସାତ୍ ହୋଇଯାଇଥିଲା। ଏହାର କିଛିଦିନ ପରେ ବରପାଲି ବ୍ଲକ କୁମ୍ଭାରୀ ପଞ୍ଚାୟତର ଭୋଇଟିକ୍ରା ଗ୍ରାମରେ ଜଣେ ଚାଷୀଙ୍କ ଅଧା ଏକର କଲରା କିଆରିକୁ କେହି ଦୁର୍ବୃତ୍ତ ନଷ୍ଟ କରି ଦେଇଥିଲେ। ତେବେ ଉପରୋକ୍ତ ଘଟଣାକୁ ନେଇ ଚର୍ଚ୍ଚା ଥମି ନଥିବା ବେଳେ ରବିବାର ବିଳମ୍ବିତ ରାତିରେ ବରଗଡ଼ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଜମୁର୍ଡା ଗ୍ରାମରେ ପୁଣି ଜଣେ ଚାଷୀ ସ୍ଥାନୀୟ ଟାଙ୍ଗରପଡ଼ା ନିବାସୀ ଗଜିନ ମାଝିଙ୍କ ଫୁଲକୋବି କିଆରିକୁ ଦୁର୍ବୃତ୍ତମାନେ ନଷ୍ଟ କରି ଦେଇଛନ୍ତି। ଫୁଲକୋବିକୁ ଉପାଡି ଫିଙ୍ଗା ଫୋପଡ଼ା ସହିତ ଚୋରି ମଧ୍ୟ କରି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତ ଚାଷୀ ବରଗଡ଼ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି। ଏଭଳି ଦୁର୍ବୃତ୍ତମାନଙ୍କୁ ଧରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

## ସଂକ୍ଷେପରେ

### ସନ୍ତରଣ ବ୍ରୋଞ୍ଜ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା

ନାକଟିଦେଉଳ,୨୧।୧୦(ବୈକୁଣ୍ଠନାଥ ସାହୁ)

ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ଜାତୀୟସ୍ତରରେ ବ୍ରୋଞ୍ଜ ପଦକ ହାସଲ କରିଥିବା ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଉପରମୁଣ୍ଡାର ଅମୀୟ କୁମାର ପ୍ରଧାନଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ମଙ୍ଗଳବାର ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଟେଲିଫୋନ ଯୋଗେ ଅମୀୟଙ୍କ ସହ କଥା ହୋଇ ତାଙ୍କର ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଆସନ୍ତା ଡିସେମ୍ବରରେ ଦକ୍ଷିଣ ଆଫ୍ରିକାରେ ହେବାକୁ ଥିବା ସନ୍ତରଣ ପ୍ରତିଯୋଗିତାର ବିଶ୍ୱ ଚାମ୍ପିୟନଶିପରେ ଅଂଶ ଗ୍ରହଣ କରିବାକୁ ମନୋନୀତ ହୋଇଥିବାରୁ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବରିଷ୍ଠ ଭାଜପା ନେତା ଦେବେନ୍ଦ୍ର ମହାପାତ୍ର ସୋମବାର ଉପରମୁଣ୍ଡା ଗ୍ରାମରେ ପହଞ୍ଚି ଅମୀୟଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଭାଜପା ନାକଟିଦେଉଳ ମଣ୍ଡଳ ସଭାପତି ଦିଲ୍ଲୀପ କୁମାର ସାହୁ, କିସିଣ୍ଡା ମଣ୍ଡଳ ସଭାପତି ସୁଶାନ୍ତ ଭୁତିଆ, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ସାହୁ, ନେତ୍ରାନନ୍ଦ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଉପରମୁଣ୍ଡା ଗ୍ରାମର ମାହେଶରୀ ଯୁବକ ସଂଘ ପକ୍ଷରୁ ଅମୀୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

### ଝୁମ୍ ଧଳପୁର ଝୁମ୍ ପକ୍ଷରୁ ନୃତ୍ୟ ପ୍ରତିଯୋଗିତା

ନାକଟିଦେଉଳ,୨୧।୧୦(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଧଳପୁର ଗ୍ରାମର ଝୁମ ଧଳପୁର ଝୁମ ଯୁବ ସାଥୀ ସଙ୍ଗଠନ ପକ୍ଷରୁ ଦୀପାବଳି ଉତ୍ସବ ପାଳିତ ହୋଇଯାଇଛି। ଗ୍ରାମର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ପ୍ରତିଯୋଗିତାରେ ୧୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସ୍ୱାଗତିକା ସାମଲ ପ୍ରଥମ, ନିହାରିକା ନାଏକ ଦ୍ୱିତୀୟ ଏବଂ ଜୁଲି ବାଦୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଲୋକନାଥ ଝାଙ୍କରଙ୍କ ପରିଚାଳନାରେ ଆୟୋଜିତ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ, ମୁଖ୍ୟବକ୍ତା ଭାବେ ଧଳପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା ଧରୁଆ ଯୋଗଦେଇଥିଲେ। ଦୀପାବଳି ଉତ୍ସବ ଗ୍ରାମର ଭାଇଚାରାର ପରମ୍ପରାକୁ ଏକତାର ସୂତ୍ରରେ ବାନ୍ଧି ରଖିଛି ବୋଲି ଅତିଥିମାନେ କହିଥିଲେ। ସମ୍ମାନିତ ଅତିଥିଭାବେ କିସିଣ୍ଡା ସରପଞ୍ଚ ରୀନାରାଣୀ ନାଏକ, ସମିତି ସଭ୍ୟା ଯାଜ୍ଞସେନୀ କୁଅଁର, ବ୍ଲକ ବିଜେଡି ଯୁବ ସଭାପତି ଧିରେନ କୁମାର ସାହୁ ଏବଂ ୱାର୍ଡସଭ୍ୟା ଶକୁନ୍ତଳା ଭଏନା ଯୋଗଦେଇଥିଲେ। ଅତିଥିମାନେ ପ୍ରତିଯୋଗୀମାନଙ୍କୁ ଟ୍ରଫି ସହିତ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ଗ୍ରାମବାସୀ ରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନଙ୍କ ବେଶରେ ସଜ୍ଜିତ ଛୋଟ ଛୁଆମାନଙ୍କୁ ଗାଁ ମୁଣ୍ଡରୁ ଏକ ଶୋଭାଯାତ୍ରାରେ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଆଣିଥିଲେ।

### ରେଳ ଷ୍ଟେଶନରେ ଭିଡ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା

ସମ୍ବଲପୁର,୨୧।୧୦(ପ୍ରମୋଦ ବହିଦାର)

ପର୍ଯ୍ୟଟନ ଋତୁରେ ରେଳଯାତ୍ରୀଙ୍କ ସୁଗମ ଓ ସୁରକ୍ଷିତ ଯାତ୍ରା ସୁବିଧାକୁ ନିଶ୍ଚିତ କରିବାକୁ ସମ୍ବଲପୁର ରେଳ ଷ୍ଟେଶନରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସମ୍ବଲପୁର ରେଳ ମଣ୍ଡଳ ଭିଡ଼ ନିୟନ୍ତ୍ରଣ ପାଇଁ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର, ଟିକେଟ୍ ବୁକିଂ କାଉଣ୍ଟର, ପ୍ଲାଟଫର୍ମ, ଫୁଟ ଓଭରବ୍ରିଜ୍ ଆଦି ସ୍ଥାନରେ ଅତିରିକ୍ତ ରେଳ ସୁରକ୍ଷା ବଳଙ୍କୁ ନିୟୋଜିତ କରାଯାଇଛି। ସେହିପରି ସିସି କ୍ୟାମେରାରେ ଯାତ୍ରୀମାନଙ୍କ ଗତିବିଧି ଉପରେ ନଜର ରଖାଯିବା ବ୍ୟବସ୍ଥା କରାଯାଇଛି। ଯାତ୍ରୀମାନଙ୍କୁ ରେଳଯାତ୍ରା ଜନିତ ଉପଯୁକ୍ତ ପରାମର୍ଶ ଓ ସଠିକ୍ ମାର୍ଗଦର୍ଶନ ସହିତ ସମୟସାରଣୀ, ଟ୍ରେନ୍‌ର ସ୍ଥିତି ଜନିତ ପ୍ରତ୍ୟେକ ମୁହୂର୍ତ୍ତରେ ଡାକବାଜି ଯନ୍ତ୍ର ଓ ଡିସ୍‌ପ୍ଲେ ବୋର୍ଡ ମାଧ୍ୟମରେ ବିଭିନ୍ନ ସୂଚନା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି। ଷ୍ଟେଶନରେ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ, ଟିକେଟ ବୁକିଂ କାଉଣ୍ଟର ଓ ସୁରକ୍ଷା ଚେକ୍‌ପୋଷ୍ଟଗୁଡ଼ିକରେ ଯାତ୍ରୀମାନଙ୍କୁ ଯାତାୟତ କରିବା ବ୍ୟବସ୍ଥା ପ୍ରଚଳନ କରାଯାଇଛି। ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ଯାତ୍ରୀଙ୍କ ଯେକୌଣସି ଅସୁବିଧା ଦୂରୀକରଣ ପାଇଁ ସମସ୍ତ ଅଧିକାରୀଙ୍କୁ ସକ୍ରିୟ ଓ ତତ୍ପର ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ମେଗା ପ୍ରକଳ୍ପ କାମ ମନ୍ଥର

କୁଚିଣ୍ଡା,୨୧।୧୦(ବିରଞ୍ଚି ଦର୍ଶା)


ନିର୍ମାଣାଧୀନ ବକ୍ସମା ପାଣି ଟାଙ୍କି।

ପ୍ରତିଘରକୁ ସ୍ୱଚ୍ଛ ପିଇବା ପାଣି ଯୋଗାଇ ଦେବା ଲକ୍ଷ୍ୟରେ କେନ୍ଦ୍ର ସରକାର ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ଓ ଦେବଗଡରେ ଆରଡବ୍ଲ୍ୟୁଏସଏସ (ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ)ର ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ହର ଘର ଜଳ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ଅବଧି ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। କୁଚିଣ୍ଡା ଆରଡବ୍ଲ୍ୟୁଏସଏସ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ଶତପଥୀଙ୍କୁ ଦେବଗଡ ଜିଲାର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ବିଭାଗୀୟ ନିର୍ଦ୍ଦେଶକୁ ଠିକାସଂସ୍ଥା ବେଖାତିର କରୁଥିବାରୁ ପ୍ରକଳ୍ପ କାମ ମନ୍ଥର ଗତିରେ ଚାଲୁଛି ବୋଲି ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଶତପଥୀ କହୁଛନ୍ତି। ହେଲେ ସମ୍ପୃକ୍ତ ଠିକାସଂସ୍ଥା ପ୍ରତି ବିଭାଗୀୟ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ।

ଦେବଗଡ଼ ଓ ଜମନକିରା ଅଞ୍ଚଳକୁ ପିଇବା ପାଣିଯୋଗାଣ ପାଇଁ ରେଙ୍ଗାଲି ଡ୍ୟାମ ମଝିରେ ହେବାକୁ ଥିବା ଇନଟେକ ୱେଲ ଧାର୍ଯ୍ୟ ସ୍ଥାନରେ ନ ହୋଇ ୫ଶହ ମିଟର ଦୂରରେ କରାଯାଉଥିବା ଅଭିଯୋଗ ହେଉଛି। ଏହାଦ୍ୱାରା ଖରାଦିନେ ଜଳ ସଙ୍କଟ ସୃଷ୍ଟି ହେବା ନେଇ ଆଶଙ୍କା ସ୍ପଷ୍ଟ ହେଉଛି। ଅପରପକ୍ଷେ ୨୦୧୯ରୁ ଦେବଗଡ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲେ ହେଁ ଅଗ୍ରଗତି ଆଶାନୁରୂପକ ହେଉନାହିଁ। କୁଚିଣ୍ଡା କାମ ଶେଷ ପର୍ଯ୍ୟାୟରେ ଥିବା ବେଳେ ଜମନକିରା ପ୍ରକଳ୍ପ କାମ ପ୍ରାୟ ୫୦% ଭିତରେ ସୀମିତ ରହିଛି।

ଜମନକିରା ବ୍ଲକର ୧୭, କୁଚିଣ୍ଡା ବ୍ଲକର ୪ ଓ ରେଙ୍ଗାଲି ବ୍ଲକର ୩ପଞ୍ଚାୟତର ୧,୪୫,୨୮୧ ପରିବାରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ଭୁବନେଶ୍ୱରର ଏକ କମ୍ପାନୀ ୧୨୭ କୋଟି ୧୯ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଟେଣ୍ଡର ନେଇଛି। ୨୦୨୨ଜୁନ ୨୭ରେ କାର୍ଯ୍ୟ ଆରମ୍ଭ କରାଯାଇ ୨୦୨୪ ଜୁନ ୨୬ରେ ଶେଷ କରିବାକୁ ଠିକାସଂସ୍ଥା ଚୁକ୍ତିନାମା କରିଥିଲା। ପ୍ରଥମେ ଏହାର ସମୟ ଅବଧିକୁ ୨୦୨୫ ଜୁନ ୨୬କୁ ବୃଦ୍ଧି କରାଯାଇଥିଲା। ପରେ ଠିକାସଂସ୍ଥାର ଆବେଦନ କ୍ରମେ ୨୦୨୬ ଜୁନ ୨୬କୁ ବୃଦ୍ଧି କରାଯାଇଛି। ଅନୁଗୋଳ ଜିଲାର ରେଙ୍ଗାଳି ଡ୍ୟାମରୁ ଜଳ ଯୋଗାଣ ହୋଇ ପ୍ରଥମେ ଦେବଗଡ ଜିଲାର ତିଲେଇବଣିଠାରେ ୱାଟର ରିଜର୍ଭର ମାଧ୍ୟମରେ ଜଳ ସଂରକ୍ଷଣ ଯୋଜନା ରହିଛି। ସେଠାରୁ ଜମନକିରା ବ୍ଲକର ସର୍ଡା(ଇଏସଆର) ସଂରକ୍ଷଣ ଟାଙ୍କିରୁ ୨୦ ପଞ୍ଚାୟତ ଓ କୁଚିଣ୍ଡା ବ୍ଲକର ବକ୍ସମା (ଇଏସଆର) ସଂରକ୍ଷଣ ଟାଙ୍କିରୁ ୪ ପଞ୍ଚାୟତକୁ ଜଳ ସଂଯୋଗ ଯୋଜନା ରହିଛି। ଏଥିନିମନ୍ତେ ୨୪ ପଞ୍ଚାୟତରେ ସୁଉଚ୍ଚ ଜଳ ସଂରକ୍ଷଣ ଟାଙ୍କି ମାଧ୍ୟମରେ ପ୍ରତି ଘରକୁ ପାଣି ଯିବାପାଇଁ ନିର୍ମାଣ ଚାଲିଛି। ବକ୍ସମା ପ୍ରକଳ୍ପ କାମ ମନ୍ଥର ଗତିରେ ଚାଲିଥିବା ବେଳେ ଅନ୍ୟ ୮ ପଞ୍ଚାୟତରେ ପ୍ରାୟ ୪୦ରୁ ୫୦ପ୍ରତିଶତ ଓ ମାତ୍ର ୪ ପଞ୍ଚାୟତରେ ୭୦ ପ୍ରତିଶତ କାମ ହୋଇଛି। ବକ୍ସମା ପାଇଁ ସିଡବ୍ଲ୍ୟୁଆର ମଞ୍ଜୁର ହୋଇଥିବା ସତ୍ତ୍ୱେ ଠିକାସଂସ୍ଥା ଖାମଖିଆଲି ନୀତି ଯୋଗୁ କାମ ମନ୍ଥର ଗତିରେ ଚାଲିଛି। କେତେକ ପଞ୍ଚାୟତରେ ପ୍ରକଳ୍ପର ସିଡିଆର ମଞ୍ଜୁରିରେ ବିଳମ୍ବ ହେଉଥିବା ବେଳେ, ଜଙ୍ଗଲ ବିଭାଗର ଡିଜିପିଏସ ସର୍ଭେ ସମାପ୍ତ ସତ୍ତ୍ୱେ ବିଭାଗୀୟ ଅବହେଳା ଯୋଗୁ କାର୍ଯ୍ୟରେ ବିଳମ୍ବ ହେଉଥିବା କୁହାଯାଉଛି। ଜମନକିରା ମେଗା ପ୍ରକଳ୍ପ ଅଧିନ ଫାସିମାଲ, ଗୁଣ୍ଡୁରୁଟୁଆଁ, ବଡରମା ଓ ବକ୍ସମା ଆଇବିପିଏସ (ମଧ୍ୟବର୍ତ୍ତୀ ପମ୍ପିଂ ଷ୍ଟେଶନ) କାର୍ଯ୍ୟ ୩୦% ମଧ୍ୟରେ ସୀମିତ ରହିଛି। ସେହିପରି ଟିକିବା ଓ ଖର୍ସନମାଲ ପ୍ରକଳ୍ପ କାମ ଫାଉଣ୍ଡେଶନସ୍ତରରେ ରହିଛି। ଏହାଛଡ଼ା ଜଙ୍ଗଲ ବିଭାଗ ଅନୁମତି ଆଳ ଦର୍ଶାଯାଇ ସର୍ଡା ପଞ୍ଚାୟତରେ ଏପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ। ସେହିପରି ବିଭାଗୀୟ ଅବହେଳା କାରଣରୁ କୁଲୁଣ୍ଡି ପଞ୍ଚାୟତରେ କେବଳ କୁଲୁଣ୍ଡି, ଗୌଡପାଲି, କୁସୁଲି, କେନ୍ଦୁାରିଣି ଗ୍ରାମ ବ୍ୟତୀତ ଅନ୍ୟ ୧୧ଟି ଗ୍ରାମବାସୀ ଜଳ ଯୋଗାଣରୁ ବାଦ ପଡୁଥିବା ନେଇ ଅସନ୍ତୋଷ ଦେଖାଦେଇଛି। ଜମନକିରାରୁ ବଡରମା ପର୍ଯ୍ୟନ୍ତ ୧୧କିମି ଜାତୀୟ ରାଜପଥର ଚାରିଥାକିଆ କାମ ଚାଲିଥିବାରୁ ଏପର୍ଯ୍ୟନ୍ତ ଆରଡବ୍ଲ୍ୟୁଏସଏସ ଅନୁମତି ଆଣିପାରିନାହିଁ। ମୋଟ ୧୪୩୫ କି:ମିରୁ ମାତ୍ର ୮୨୭କି:ମି ପାଇପ ଲାଇନ କାମ ହୋଇଥିବା ବେଳେ ବିଭିନ୍ନ କାରଣରୁ ବାକି ପାଇପ ଲାଇନ କାମ ହୋଇପାରୁନାହିଁ। କୁଚିଣ୍ଡା, ବାମରା ପ୍ରକଳ୍ପ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ ହେଁ ଏକ୍ସଟ୍ରା ସ୍କୋପ ମଞ୍ଜୁରିରେ ବିଳମ୍ବ ଯୋଗୁ କାମ ଆଗେଇ ପାରୁନାହିଁ। ବାରହାମୂଷା ୱାଟର ରିଜର୍ଭର ଜମି ଏପର୍ଯ୍ୟନ୍ତ ଆରଡବ୍ଲ୍ୟୁଏସଏସକୁ ହସ୍ତାନ୍ତର ହୋଇ ନ ଥିବା, ଜୁନାନୀରୁ ଖଣ୍ଡୋକଟା ୪କି.ମି ଏନଏଚ୍‌ର ଅନୁମତି ମିଳି ନ ଥିବା, ବାମରାରେ ୯ଟି ସ୍ଥାନରେ ରେଲୱେ କ୍ରସିଂ ପାଇଁ ଅନୁମତିରେ ବିଳମ୍ବ ଓ ନୂଆଡିହିରେ ଜଙ୍ଗଲ ବିଭାଗର ଗଛ କଟା ଅନୁମତି ନମିଳିବା ଭଳି ସମସ୍ୟା ଥିବାରୁ ପ୍ରକଳ୍ପ କାମରେ ବିଳମ୍ବ ହେଉଥିବା ଠିକା ସଂସ୍ଥା ପକ୍ଷରୁ କୁହାଯାଇଛି। କାମ ବିଳମ୍ବ ସମ୍ପର୍କରେ ଆରଡବ୍ଲ୍ୟୁଏସଏସ ସମ୍ବଲପୁର ଅଧୀକ୍ଷଣ ଯନ୍ତ୍ରୀ ରିତେଶ କୁମାର ସାହୁଙ୍କୁ ପଚାରିବାରେ କୁଚିଣ୍ଡା ପ୍ରକଳ୍ପ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜମନକିରା ପାଇଁ ଜଙ୍ଗଲ ବିଭାଗର ଅନୁମତି ନିମନ୍ତେ ବିଭାଗ ପକ୍ଷରୁ ଚିଠି କରାଯାଇଥିବା ସେ କହିଛନ୍ତି। ରେଙ୍ଗାଲି ଡ୍ୟାମରେ ଧାର୍ଯ୍ୟ ସ୍ଥାନରେ ଇନଟେକ ୱେଲ ହେଉ ନ ଥିବା ସମ୍ପର୍କରେ ଦେବଗଡ ଆରଡବ୍ଲ୍ୟୁଏସଏସ ଅଧୀକ୍ଷଣ ଯନ୍ତ୍ରୀ ଶୁଭାଶିଷ ଦାସଙ୍କୁ ପଚାରିବାରେ ଯେ କୌଣସି ସ୍ଥାନରେ ହେଲେବି କୌଣସି ଅସୁବିଧା ହେବ ନାହିଁ ବୋଲି କହିଛନ୍ତି।

## ବିଶାଲଖିଣ୍ଡାରେ ଗୀତାଯଜ୍ଞ

ସମ୍ବଲପୁର,୨୧।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଧନକଉଡା ବ୍ଲକ ବିଶାଲଖିଣ୍ଡାରେ ମଙ୍ଗଳବାର ଶ୍ରୀମଦ୍ ଭଗବତ ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ପୁରାତନ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀମଦ୍ ଭଗବତ ଗୀତାଯଜ୍ଞ ପାଇଁ ଅଧିବାସ ପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆଜ୍ଞାମାଳ ଓ ଦେବ ବରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରାମର ହେମକାନ୍ତ ସାହୁ ଓ ତାଙ୍କ ଧର୍ମପତ୍ନୀ ସଂଯୁକ୍ତା ଭୋଇ କର୍ତ୍ତା ଭାବବେ ଯୋଗଦାନ କରିଥିଲେ। ପୁରୋହିତ ପ୍ରଶାନ୍ତ ନାୟକ ଓ ଗୋବିନ୍ଦ ନାୟକଙ୍କ ଗୀତାବୃତ୍ତିରେ ୭୦୦ ଆହୂତି ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଗୀତାକୁ ଜ୍ଞାନର ଅଧାର ବୋଲି ବର୍ଣ୍ଣନା କରାଯାଇଥିଲା। କାର୍ଯ୍ୟକ୍ରମରେ ସହସ୍ରାଧିକ ଗ୍ରାମବାସୀ ଓ ଆଖପାଖ ଗ୍ରାମରୁ ଭକ୍ତମାନେ ଯୋଗଦାନ କରିଥିଲେ। ଯଜ୍ଞୋତ୍ସବରେ ମନ୍ଦିରର ମୁଖ୍ୟ ପୂଜକ ନୀଳମାଧବ ପୂଝାରୀ, ମୀନା ପୂଝାରୀ, ଝରଣା ସାହୁ, ଭୁଇଁସିରି ସାହୁ, ଚତୁର୍ଭୂଜ ମିଶ୍ର, ଜ୍ଞାନଦେବ, ଲଳିତମୋହନ ସାହୁ ସହଯୋଗ କରିଥିଲେ। ଗୀତାଯଜ୍ଞ ପରେ ସନ୍ଧ୍ୟାରେ ସମ୍ବଲପୁରି ହାସ୍ୟବ୍ୟଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ବଲପୁରୀ ଭାଷାର ଲୋକପ୍ରିୟ ହାସ୍ୟ କବି କିଶୋର କୁମାର ସାହୁ ଓ ଭରତ ନାଏକ ଯୋଗଦେଇଥିଲେ। ସମ୍ବଲପୁରୀ ଭାଷା ଏକାଡ଼େମୀ ଅଧ୍ୟକ୍ଷ ହେମକାନ୍ତ ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମ୍ପ୍ରତିକ ପରିସ୍ଥିତ ଉପରେ ହାସ୍ୟରସପୂର୍ଣ୍ଣ କବିତା ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।



୧୧ ହଜାର ପ୍ରଦୀପ ପ୍ରଜ୍ୱଳନ ପରେ ସମ୍ବଲପୁର ମା' ସମଲେଇ ମନ୍ଦିର ପରିସରର ଦୃଶ୍ୟ।

## ସମଲେଇ ପୀଠରେ ଦୀପାବଳି: ୧୧ ହଜାର ଦୀପ ପ୍ରଜ୍ୱଳନ

ସମ୍ବଲପୁର,୨୧।୧୦(ପ୍ରମୋଦ ବହିଦାର)

ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୀଠରେ ନିଆରା ଢଙ୍ଗରେ ଦୀପାବଳି ଉତ୍ସବ ପାଳିତ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ମା'ଙ୍କ ପୀଠ ପରିସରରେ ୧୧ ହଜାର ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ, ଏସପି ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଉପଜିଲାପାଳ ପୁଷ୍ପାଞ୍ଜଳି ପଣ୍ଡା ଉତ୍କଳ କନ୍ୟାଶ୍ରମ ଅନ୍ତେବାସୀଙ୍କ ସହିତ ସାମୂହିକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏଥିରେ ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ, ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ କୁମାର ହୋତା, ଦେବକୁମାର ଆଜମେରିଆ, ହେମନ୍ତ ମିଶ୍ର, ସନ୍ତୋଷ ପୃଷେଠ୍, ବୀରେନ୍ଦ୍ର ରାୟ, ରାମଦାସ ପଣ୍ଡା, ପୂର୍ବତନ ସଦସ୍ୟ ଶ୍ୟାମସୁନ୍ଦର ପଣ୍ଡା, ଦୁଷ୍ମନ୍ତ ପଣ୍ଡା ଉପସ୍ଥିତ ଥିଲେ। ପ୍ରଥମ ଥର ପାଇଁ ସମଲେଶ୍ୱରୀ ମନ୍ଦିରରେ ଏହିଭଳି ଦୀପାବଳୀ ପାଳନ ହେଉଥିବା ବେଳେ ଆଗାମୀ ବର୍ଷ ଏହାଠାରୁ ମଧ୍ୟ ଅଧିକ ଭବ୍ୟ ଓ ନିଆରା ଦୀପାବଳୀ ପାଳନ କରାଯିବ ବୋଲି ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ବାବୁ କହିଛନ୍ତି।

## ସିଆର୍‌ପିଏଫ୍ ସେଣ୍ଟରରେ ପୋଲିସ୍ ଶହୀଦ ଦିବସ

ସମ୍ବଲପୁର,୨୧।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରର ଗୋଶାଳାସ୍ଥିତ ସିଆରପିଏଫ୍ ଗ୍ରୁପ୍ ସେଣ୍ଟରରେ ମଙ୍ଗଳବାର ଶହୀଦ ସ୍ମୃତି ଦିବସ ପାଳନ କରାଯାଇଛି। ସି ଆ ର ପି ଏ ଫ୍ ଉପମହାନିରୀକ୍ଷକ ସଞ୍ଜୟ କୁମାର ସିଂହଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧିକାରୀ ଏବଂ ଜବାନମାନେ ରାଷ୍ଟ୍ର ପାଇଁ ବଳିଦାନ ଦେଇଥିବା ସହିଦ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସିଂହ କହିଥିଲେ ୧୯୫୯ ଅକ୍ଟୋବର ୨୧ ଦେଶର ଇତିହାସରେ ବୀରତ୍ୱ ଏବଂ ବଳିଦାନର ଦିବସ । ଏହି ଦିନ ଲଦାଖର 'ହଟ୍ ସ୍ପ୍ରିଙ୍ଗ' ଅଞ୍ଚଳରେ ଚୀନ୍ ସେନା ଦ୍ୱାରା ହୋଇଥିବା ଆକ୍ରମଣକୁ ଆମ ସୈନିକମାନେ ପ୍ରତିହତ କରିଥିଲେ। ଯେଉଁଥିରେ ୧୦ଜଣ ସୈନିକ ମାତୃଭୂମିକୁ ସୁରକ୍ଷା ଦେଇ ନିଜ ଜୀବନ ବଳିଦାନ ଦେଇଥିଲେ। ସେମାନଙ୍କ ଅମର ବଳିଦାନକୁ ମନେ ପକାଇବା ପାଇଁ ପ୍ରତିବର୍ଷ ଅକ୍ଟୋବର ୨୧କୁ ପୋଲିସ ସ୍ମୃତି ଦିବସଭାବେ ପାଳନ କରାଯାଏ। କାର୍ଯ୍ୟକ୍ରମରେ ଗତବର୍ଷ ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷା ରକ୍ଷା ପାଇଁ ବଳିଦାନ ଦେଇଥିବା ୧୯୧ ଜଣ ଅର୍ଦ୍ଧସାମରିକ ବାହିନୀ ଏବଂ ପୋଲିସଙ୍କ ନାମକୁ ସ୍ମରଣ କରାଯାଇଥିଲା। ସହୀଦ ସ୍ମୃତି ସ୍ତମ୍ଭରେ ପୁଷ୍ପମାଲ୍ୟା ଅର୍ପଣ କରାଯିବା ସହ ସଦୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହାସହିତ ସହିଦଙ୍କ ପରିବାର ପ୍ରତି ସମ୍ମାନ ପ୍ରଦାନ କରାଯାଇଥିଲା।


ଶହୀଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ସମ୍ବଲପୁରୀ ସାହିତ୍ୟ ବିଶ୍ୱ ସାହିତ୍ୟ ହେଉ

ସମ୍ବଲପୁର,୨୧।୧୦(ବି.ଶଙ୍କର)

**ସମ୍ବଲପୁର ସାହିତ୍ୟ ସଂସଦ ଆୟୋଜନରେ ସାହିତ୍ୟ ସମାବେଶ**

ସମ୍ବଲପୁରୀ ସାହିତ୍ୟ ଗଳ୍ପ, କବିତା ଓ ନାଟକ କ୍ଷେତ୍ରରେ ନିଜର କଳେବର ଉଭୟ ପରିମାଣ ଓ ଗୁଣବତ୍ତାରେ ସମୃଦ୍ଧ କରିପାରିଛି । ତେବେ ସମାଲୋଚନା ଓ ପ୍ରବନ୍ଧ ସାହିତ୍ୟରେ ଅତ୍ୟନ୍ତ ଦୁର୍ବଳ ରହିଛି। ଶିଶୁ ସାହିତ୍ୟ ଓ ଭ୍ରମଣ କାହାଣୀ ଭଳି ସାହିତ୍ୟର ଦିଗ ଆଦୌ ସନ୍ତୋଷଜନକ ନୁହେଁ । ତେଣୁ ସମ୍ବଲପୁରୀ ସାହିତ୍ୟରେ କାର୍ଯ୍ୟ କରୁଥିବା ସାହିତ୍ୟିକମାନଙ୍କ ଗୁରୁ ଦାୟିତ୍ୱ ରହିଛି । ସମ୍ବଲପୁରୀ ସାହିତ୍ୟ ପ୍ରାଦେଶିକ ସ୍ତରରେ ନିଜକୁ ସୀମିତ କରିବା ଉଚିତ ନୁହେଁ । ଯେଭଳି ସମ୍ବଲପୁରୀ ସାହିତ୍ୟ ବିଶ୍ୱ ସାହିତ୍ୟ ହୋଇ ପାରିବ, ସେ ଦିଗରେ ନିରଳସ ସାଧନାର ଆବଶ୍ୟକତା ରହିଛି । ମଙ୍ଗଳବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ସମ୍ବଲପୁର ସାହିତ୍ୟ ସଂସଦ ଆୟୋଜିତ ସାହିତ୍ୟ ସମାବେଶରେ ଅତିଥି ଓ ବକ୍ତାମାନେ ଉପରୋକ୍ତ ମତ ପ୍ରକାଶ କରିଛନ୍ତି । କବି ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସାହିତ୍ୟ ସଭା ହୋଇଥିଲା । ସଂସଦର ସମ୍ପାଦକ ଦେବେନ୍ ପଟେଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏଥିସହ ଆଜିର ଏଆଇ ଯୁଗରେ ମଣିଷ ଯନ୍ତ୍ର ନିର୍ଭରଶୀଳ ଜୀବନ ଜିଉଁଥିବା ବେଳେ, ବିଭୁ ପ୍ରଦତ୍ତ ସାରସ୍ୱତ ପ୍ରତିଭାକୁ ଆହୁରି ବିକାଶ ସହ ନିଜ ମାତୃଭାଷାକୁ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ । ବକ୍ତାଭାବେ ଡ. ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ପଣ୍ଡା, ସୁଶିଲ ତ୍ରିପାଠୀ ଯୋଗଦେଇ ସମ୍ବଲପୁରୀ ସାହିତ୍ୟର ବିକାଶ ଦିଗରେ ରହିଥିବା ବିଭିନ୍ନ ସମସ୍ୟା ଓ ତାର ସମ୍ଭାବ୍ୟ ସମାଧାନ ଦିଗରେ ଆଲୋଚନା କରିଥିଲେ । ଏହା ପରେ ସୂର୍ଯ୍ୟ ପାଣିଗ୍ରାହୀଙ୍କ ସଂଯୋଜନାରେ କବିତା ଓ ଗଳ୍ପ ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସୁଷମା ହୋତା, ବିଭୂତି ମିଶ୍ର, ପ୍ରଦୀପ ପାଣିଗ୍ରାହୀ, ଅନୁପମ ବିଶ୍ୱାଳ, ଆଭାସ ପଣ୍ଡା, ପ୍ରଦୀପ ଯୋଶୀ, କମଳ ଲୋଚନ ପଣ୍ଡା, ମମତା ନାଥ, ଗୋପୀନାଥ ଷଡ଼ଙ୍ଗୀ, ଗୋବିନ୍ଦ ମହାରଣା, ପ୍ରଭଞ୍ଜନ ପୁରୋହିତ, କାଳିନ୍ଦୀ ସିଂହ ପ୍ରମୁଖ ସ୍ୱରଚିତ ଗଳ୍ପ ଓ କବିତା ପାଠ କରିଥିଲେ।

# ଗାନ୍ଧୀ ବ୍ୟକ୍ତି ନୁହନ୍ତି, ଏକ ବିଚାର

## ଆଜିର ପରିପ୍ରେକ୍ଷୀରେ ଗାନ୍ଧୀବିଚାର ବକ୍ତୃତାମାଳା

ସମ୍ବଲପୁର,୨୧।୧୦(ବି.ଶଙ୍କର)



ମଙ୍ଗଳବାର ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ଆୟୋଜିତ ବକ୍ତୃତାମାଳାରେ ମଞ୍ଚାସୀନ ବକ୍ତା, ଆୟୋଜକ ଏବଂ ଛାତ୍ରୀମାନେ।

ଜାତିର ଜନକ ମହାତ୍ମା ଗାନ୍ଧୀ ପୃଥିବୀର ଅଦ୍ୱିତୀୟ ମଣିଷ। ଦକ୍ଷିଣ ଆଫ୍ରିକା, ରୁଷିଆ, ଆରବ ପ୍ରଭୃତି ଦେଶର ସମସ୍ୟାକୁ ସମାଧାନ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ପ୍ରକୃତ ପକ୍ଷେ ମହାତ୍ମା ଗାନ୍ଧୀ ଥିଲେ ଅସହାୟ ଓ ଗରିବଙ୍କ ପାଇଁ କାମ କରିଥିବା ବ୍ୟକ୍ତି। ସମାଜ ସେବା କ୍ଷେତ୍ରରେ କର୍ମଯୋଗୀ ଭାବେ ନିଜ କାମ ନିଜେ କରି, ଅନ୍ୟମାନଙ୍କ ପାଇଁ ଆହ୍ୱାନ ହୋଇଛନ୍ତି। ମଙ୍ଗଳବାର ଅପରାହ୍ନ ୫ଟାରେ ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ଆୟୋଜିତ ବକ୍ତୃତାମାଳାରେ ନାଗପୁର ବିଶ୍ୱବିଦ୍ୟାଳୟର ଗାନ୍ଧୀ ବିଚାରଧାରା ବିଭାଗର ପ୍ରଫେସର ଶୀଳାଦିତ୍ୟ ବିକାଶ ଶ୍ରୀଚନ୍ଦନ ସିଂ ଉପରୋକ୍ତ ମତ ପ୍ରକାଶ କରିଛନ୍ତି। ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଫେସର ସିଂ ଆଜିର ପରିପ୍ରେକ୍ଷୀରେ ଗାନ୍ଧୀ ବିଚାର ବିଷୟରେ ଆଲୋଚନା କରିଥିଲେ। ଆଜିର ଏହି ସଙ୍କଟମୟ ପରିପ୍ରେକ୍ଷୀରେ ଗାନ୍ଧୀ ବିଚାରଧାରାର ପ୍ରାସଙ୍ଗିକତା ରହିଛି ଏବଂ ଭବିଷ୍ୟତରେ ମଧ୍ୟ ରହିବ । ଗାନ୍ଧୀଙ୍କ ପୋଷାକ ନୁହେଁ, ତାଙ୍କ ବିଚାରଧାର ଆମର ଆଦର୍ଶ। ତେଣୁ ଗାନ୍ଧୀ ଏକ ବ୍ୟକ୍ତି ନୁହନ୍ତି, ଏକ ବିଚାର ଧାରା । ସେଥିପାଇଁ ଗାନ୍ଧୀ ବିଚାର ସମସ୍ତ କ୍ଷେତ୍ର, ସମସ୍ତ ବ୍ୟକ୍ତିଙ୍କ ସକାଶେ ଜରୁରି ବୋଲି ପ୍ରଫେସର ସିଂ ମତବ୍ୟକ୍ତ କରିଥିଲେ। ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ଅଧକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଫେସର ଶଙ୍କର ପ୍ରସାଦ ପତି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର ଅତିଥି ସ୍ୱାଗତ କରିଥିବା ବେଳେ ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଗାନ୍ଧୀ ବିଚାରକୁ ନେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟବକ୍ତା ପ୍ରଫେସର ସିଂ ଶ୍ରୋତାମାନଙ୍କର ପ୍ରଶ୍ନଗୁଡିକର ଉତ୍ତର ରଖିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ, ବୁଦ୍ଧିଜୀବୀ, ଚାଷୀନେତା, ଲେଖକ, କବି, ସ୍ତମ୍ଭକାର, ଛାତ୍ରୀଛାତ୍ରମାନେ ସାମିଲ ଥିଲେ।




# ମାଦଳ ବଜାଇ ଦୀପାବଳି ପାଳିଲେ ମୁଖ୍ୟମନ୍ତ୍ରୀ

## ଅଭିଯୋଗ ଶୁଣିଲେ, ସୁଖ ଓ ସମୃଦ୍ଧି କାମନାକଲେ

**କେନ୍ଦୁଝର,୨୧।୧୦**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩ ଦିନିଆ କେନ୍ଦୁଝର ଜିଲା ଗସ୍ତରେ ଆସିଛନ୍ତି। ସୋମବାର ଅପରାହ୍ନରେ ଜନ୍ମମାଟି ରାଇକଳା ଗ୍ରାମରେ ପହଞ୍ଚି ସମ୍ପର୍କୀୟ, ବନ୍ଧୁବାନ୍ଧବ ତଥା ପରିବାର ଲୋକଙ୍କୁ ଭେଟିଥିଲେ। ଏହି ଅବସରରେ ତାଙ୍କୁ ସେଠାରେ ପ୍ରଶାସନ ତଥା ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ଗ୍ରାମବାସୀଙ୍କ ସହ ପାରମ୍ପରିକ ବାଦ୍ୟ ମାଦଳ ବଜାଇ ଓ ନୃତ୍ୟଗୀତରେ ସାମିଲହୋଇ ଦୀପାବଳି ପାଳନ କରିଥିଲେ। ପୂଜାର୍ଚ୍ଚନା କରିବା ସହ ଦୀପ ଜଳାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ କେନ୍ଦୁଝର ମାଟିର ମହାନ୍ ସଂସ୍କୃତି, ପରମ୍ପରା ଓ ଆତ୍ମୀୟତା ସର୍ବଦା ଶକ୍ତି ଓ ପ୍ରେରଣା ଯୋଗାଇଥାଏ ବୋଲି କହିଥିଲେ। ପାରମ୍ପରିକ ରୀତିନୀତି ଅନୁସାରେ ସମସ୍ତଙ୍କ ସହ ମାଦଳ ବଜାଇ ଉତ୍ସବ



ଦୀପାବଳି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଗାଁ କେନ୍ଦୁଝର ଜିଲା ରାଇକଳାରେ ଲୋକଙ୍କ ସହ ମାଦଳ ବଜାଉଛନ୍ତି।

ପାଳିବା ଏକ ଅନନ୍ୟ ଅନୁଭବ ଥିଲା। ଏହି ପର୍ବ କେବଳ ଆଲୋକର ପର୍ବ ନୁହେଁ ବରଂ ଆମ ସମୃଦ୍ଧ ସଂସ୍କୃତି, ଓଡ଼ିଆ ଅସ୍ମିତା ଏବଂ ପ୍ରକୃତି ପ୍ରତି ଆମର ଭକ୍ତିଭାବର ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମା' କାଳୀ ଏବଂ ମା' ଲକ୍ଷ୍ମୀଙ୍କ ନିକଟରେ ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି କାମନା କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକଙ୍କ ଅଭିଯୋଗ ଶୁଣିବା ସହ ଅଭିଯୋଗପତ୍ର ଗ୍ରହଣକରି ସମାଧାନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସହରର ବିଭିନ୍ନ ସ୍ଥାନରେ ଥିବା ମା' କାଳୀଙ୍କ ମେଢ଼ ବୁଲି ଦେଖିବା ସହ ମେଳା ବୁଲିଥିଲେ। ପରେ ଦଳୀୟ କର୍ମୀ, ନେତାଙ୍କ ସହ ଆଲୋଚନା କରିଥିଲେ।

# ଧରିତ୍ରୀ ଖବରଦାତାଙ୍କ ପରଲୋକ

**ଛତ୍ରପୁର,୨୧।୧୦**
**(ଦିଲୀପ ସାମଲ)**

ଗଞ୍ଜାମ ଜିଲା ଛତ୍ରପୁରର ଧରିତ୍ରୀ ଖବରଦାତା ସନ୍ତୋଷ କୁମାର ପାଢୀଙ୍କ ସୋମବାର ଅପରାହ୍ନ ୩ଟା୨୫ରେ କାଳିଆବାଲିସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୪୫ ବର୍ଷ ବୟସ ହୋଇଥିଲା। ସେ ଜଣେ ଦକ୍ଷ ଓ ନିର୍ଭୀକ ଖବରଦାତା ଭାବରେ ସମଗ୍ର ଗଞ୍ଜାମ ଜିଲାରେ ପରିଚିତ ଥିଲେ। ସେ ଦୀର୍ଘ ବର୍ଷ ଧରି ଧରିତ୍ରୀର ଜିଲା ଖବରଦାତା ରୂପେ କାର୍ଯ୍ୟ କରିଆସୁଥିଲେ। ଗତ କିଛିଦିନ ଧରି ସନ୍ତୋଷ ଅସୁସ୍ଥ ଥାଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ସମୟରେ ତାଙ୍କ ନିକଟରେ ସାନଭାଇ ସୁଶାନ୍ତ ପାଢ଼ୀ ଓ ତିନି ବଡଭଉଣୀ ଉପସ୍ଥିତ ଥିଲେ। ସନ୍ତୋଷଙ୍କ ବିୟୋଗରେ ଛତ୍ରପୁର ପ୍ରେସ୍‌କ୍ଲବ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସେ ଜଣେ ମେଳାପୀ, ଭଦ୍ର ଓ ନମ୍ର ବ୍ୟକ୍ତି



ସନ୍ତୋଷ କୁମାର ପାଢୀ

ଥିଲେ। ତାଙ୍କ ପରଲୋକ ଖବର ପାଇ ସବୁ ଖବରଦାତା ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପରଲୋକ ଖବର ଶୁଣି ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିବିଶେଷ ଓ ବୁଦ୍ଧିଜୀବୀମାନେ ଗଭୀର ଦୁଃଖ ପ୍ରକାଶ କରି ସେ ଜଣେ ନିର୍ଭୀକ ଓ ସାହସୀ ଖବରଦାତା ଥିଲେ ବୋଲି ମତ ପ୍ରକାଶ କରିଥିଲେ।

# ନିଶାମୁକ୍ତ କେନ୍ଦ୍ରରେ ଯୁବକଙ୍କୁ ହତ୍ୟା

## ଗଣ୍ଡଗୋଳରୁ ଘଟିଛି ହତ୍ୟାକାଣ୍ଡ, ୪ ଅଟକ

**କଟକ/ଫୁଲନଖରା,୨୧।୧୦**
**(କାର୍ତ୍ତିକ ସାହୁ/ସତ୍ୟରଞ୍ଜନ ଦାସମହାପାତ୍ର)**

କଟକ ସଦର ଥାନା ଅନ୍ତର୍ଗତ ଉତ୍ତମାପୁର ଗ୍ରାମରେ ଥିବା ଏକ ନିଶାମୁକ୍ତି କେନ୍ଦ୍ରରେ ସୋମବାର ଜଣେ ଅନ୍ତେବାସୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ଅଞ୍ଚଳର ସୌମ୍ୟରଞ୍ଜନ ଦାସ। ନିଶାମୁକ୍ତ କେନ୍ଦ୍ରରେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ସଦର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ସଦର ଥାନା ପୋଲିସ ଏକ ମାମଲା ରୁଜୁ କରିଛି। ଏଥିସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି। ସୂଚନାନୁସାରେ, ଉତ୍ତମାପୁରର କାବୁଲି ମୂଳିଆ ନାମକ ବ୍ୟକ୍ତିଙ୍କ ସମ୍ପୂର୍ଣ୍ଣା ନାମରେ ଏକ ନିଶାମୁକ୍ତ କେନ୍ଦ୍ର ରହିଛି। ସୌମ୍ୟରଞ୍ଜନ ଇଞ୍ଜିନିୟରିଂ ପାସ୍ କରିବା ପରେ ମୁମ୍ବାଇରେ ଚାକିରି କରୁଥିଲେ। ହେଲେ ଗତ କିଛି ମାସ ହେଲା ସେ ମାନସିକ ଅବସାଦରେ ରହୁଥିବାରୁ ୪ ମାସ ହେବ ସେହି ନିଶାମୁକ୍ତ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। କୌଣସି କାରଣରୁ ନିଶାମୁକ୍ତ କେନ୍ଦ୍ରରେ ରହୁଥିବା ଅନ୍ତେବାସୀମାନଙ୍କ ମଧ୍ୟରେ ସୋମବାର ଗଣ୍ଡଗୋଳ ହୋଇଥିଲା। ଏହି ଗଣ୍ଡଗୋଳରେ ୪ଜଣ ଅନ୍ତେବାସୀ ମିଶି ସୌମ୍ୟରଞ୍ଜନଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି।

# ବାହୁଦା ମୁହାଣରେ ନୂଆ ପ୍ରଜାତିର ମାଛ

**ବ୍ରହ୍ମପୁର,୨୧।୧୦**
**(ସୁବାସ ଚନ୍ଦ୍ର ପାଢ଼ୀ)**

ଜୁଲୋଜିକାଲ ସର୍ଭେ ଅଫ ଇଣ୍ଡିଆର ଏଷ୍ଟୁଆରାଇନ୍ ବାୟୋଲୋଜି ରିଜିଓନାଲ ସେଣ୍ଟରର ଗବେଷକମାନେ ଓଡ଼ିଶାର ବାହୁଦା ମୁହାଣରେ ଏକ ନୂଆ ପ୍ରଜାତିର ମାଛର ସନ୍ଧାନ ପାଇଛନ୍ତି। ଏହି ନୂଆ ମାଛକୁ ସୁଡୋରୋମ୍ବସ ବାହୁଦାଏନ୍‌ସିସ୍ ନାମ ଦିଆଯାଇଛି। ପୂର୍ବରୁ ଜଣାଶୁଣା ଥିବା ସୁଡୋରୋମ୍ବସ ଆର୍ସିଅସ (ଗଙ୍ଗାର ବଡ଼ଦାନ୍ତ ଫ୍ଲାଉଣ୍ଡର) ମାଛ ସହିତ ଏହାର ସାମଞ୍ଜସ୍ୟ ରହିଥିଲା। ଗବେଷକ ଡ. ଅନିଲ ମହାପାତ୍ରଙ୍କ ସୂଚନା ଅନୁଯାୟୀ,



ସୁଡୋରୋମ୍ବସ ବାହୁଦାଏନ୍‌ସିସ୍

ଆଧୁନିକ ଡିଏନ୍‌ଏ ବାରକୋଡିଂ ଓ ଫାଇଲୋଜେନେଟିକ ଉପକରଣ ବ୍ୟବହାର କରି ଏହି ନୂଆ ପ୍ରଜାତି ଚିହ୍ନଟ ହୋଇଛି। ସୁଡୋରୋମ୍ବସ ଆର୍ସିଅସ ଓ ସୁଡୋରୋମ୍ବସ ବାହୁଦାଏନ୍‌ସିସ୍ ପ୍ରାୟ ୧୭ ନିୟୁତ ବର୍ଷ ପୂର୍ବେ ଅଲଗା ହୋଇଥିଲେ, କିନ୍ତୁ ବାହ୍ୟ ରୂପରେ ଏମାନେ ପ୍ରାୟ ଏକାଭଳି ଦେଖାଯାଉଛନ୍ତି। ଗବେଷକ ଶୁଭ୍ରେନ୍ଦୁ ଶେଖର ମିଶ୍ର କହିଛନ୍ତି, ସୁଡୋରୋମ୍ବସ ବାହୁଦାଏନସିସି ମାଛ ପ୍ରଥମେ ଓଡ଼ିଶା-ଆନ୍ଧ୍ର ସୀମାରେ ଥିବା ବାହୁଦାରେ ଦେଖାଯାଇଥିଲା ଏବଂ ପରେ ଗୋପାଳପୁର ଓ ପୁରୀର ପେଣ୍ଠକଟାରେ ମଧ୍ୟ ମିଳିଛି। ଏହି ପ୍ରଜାତି ଇଣ୍ଡୋ-ପାସିଫିକ ଅଞ୍ଚଳରେ ବ୍ୟାପକ ହୋଇପାରେ ବୋଲି ଗବେଷକମାନେ ଅନୁମାନ କରୁଛନ୍ତି। ଗବେଷକ ସ୍ମୃତିରେଖା ଆଚାର୍ଯ୍ୟ, ରାଜେଶ କୁମାର ବେହେରା, ସ୍ୱରୂପ ରଞ୍ଜନ ମହାନ୍ତି, ଦୀପାଞ୍ଜନ ରାୟ, ଶେଷଦେବ ପାତ୍ର, ଶୁଭ୍ରେନ୍ଦୁ ଶେଖର ମିଶ୍ର ଓ ଅନିଲ ମହାପାତ୍ର ଏହି ନୂତନ ପ୍ରଜାତିର ମାଛ ସମ୍ପର୍କରେ ଗବେଷଣାରେ ସାମିଲ ହୋଇଥିଲେ।

# କାଜୁ ଫ୍ୟାକ୍ଟ୍ରିରେ ଭୟାବହ ଅଗ୍ନିକାଣ୍ଡ

- **୧୨୦୦ରୁ ଊର୍ଦ୍ଧ୍ୱ କାଜୁବସ୍ତା ପୋଡ଼ି ପାଉଁଶ**
- **୨୦ ଘଣ୍ଟା ବିତିଲାଣି, ଆୟତ୍ତ ହୋଇପାରୁନି ନିଆଁ**

**ପାରଳାଖେମୁଣ୍ଡି,୨୧।୧୦**
**(ଗିରିଧାରୀ ପରିଚ୍ଛା)**

ଗଜପତି ଜିଲା ଗୋଷାଣି ବ୍ଲକ ଗାରାବନ୍ଧ ଥାନା ଲାବଣ୍ୟଗଡ଼ ପଞ୍ଚାୟତର ଜଗନ୍ନାଥପୁର ଗ୍ରାମ ନିକଟରେ ଥିବା ଜଗନ୍ନାଥ କାଜୁ ଫ୍ୟାକ୍ଟ୍ରିରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ କାଜୁ ଫ୍ୟାକ୍ଟ୍ରି ମାଲିକ ବି.ଭି. ଜଗନ୍ନାଥ ରାଓ ଗୁରୁତର ହୋଇ ବିଶାଖାପାଟଣାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅଗ୍ନିକାଣ୍ଡରେ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ କାଜୁ ପୋଡି ପାଉଁଶ ହୋଇଯାଇଛି।

ଖବରରୁ ଜଣାପଡ଼ିଛି, ସୋମବାର ବିଳମ୍ବିତ ରାତିରେ ଜଗନ୍ନାଥପୁରଠାରେ ଥିବା କାଜୁ ଫ୍ୟାକ୍ଟ୍ରିରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖି ମାଲିକ ଜଗନ୍ନାଥଙ୍କୁ ଖବର ଦେଇଥିଲେ।



ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଇବାକୁ ଉଦ୍ୟମ ଜାରି ରଖିଛନ୍ତି।

ମାଲିକ କାଜୁ ଫ୍ୟାକ୍ଟ୍ରିରେ ପହଞ୍ଚି ଫ୍ୟାକ୍ଟ୍ରିର କବାଟ ବାହାର କରିଦେଇଥିଲେ। ଫଳରେ ଫ୍ୟାକ୍ଟ୍ରି ଭିତରେ ଜଳୁଥିବା ନିଆଁ ଝାସରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସଙ୍ଗେସଙ୍ଗେ ଚିକିତ୍ସାଳୟକୁ ପଠାଇଥିଲେ। ପରେ ଅଞ୍ଚଳବାସୀ ଗାରାବନ୍ଧା ଥାନା ଅଧିକାରୀ ପ୍ରଶାନ୍ତ ନିଶିକାଙ୍କୁ ଖବର ଦେଇଥିଲେ। ନିଶିକା ପାରଳାଖେମୁଣ୍ଡି ଅଗ୍ନିଶମ ବାହିନୀଙ୍କୁ ସୂଚନା ଦେଇ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବାକୁ ଘଣ୍ଟାଘଣ୍ଟା ଧରି ଉଦ୍ୟମ ଜାରି ରଖିଥିଲେ ସୁଦ୍ଧା ଦୀର୍ଘ ୨୦ ଘଣ୍ଟା ହେଲା ନିଆଁ ଆୟତ୍ତ ହୋଇପାରିନି। ଖବର ଲେଖିବା ବେଳକୁ ଫ୍ୟାକ୍ଟ୍ରିରୁ ଧୂଆଁ ବାହାରୁଥିଲା। ପାରଳାଖେମୁଣ୍ଡି ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଜାରି ରଖିଛି। ଏନେଇ ଅଗ୍ନିଶମ ଅଧିକାରୀ କହିଛନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ ଫ୍ୟାକ୍ଟ୍ରିରୁ ଧୂଆଁ ବାହାରୁଛି। ସମ୍ଭବତଃ କାଜୁ ଚୋପାରେ ତେଲ ଥିବାରୁ ନିଆଁ କୁହୁଳୁଛି ଏବଂ ଆୟତ୍ତ କରିବା କଷ୍ଟକର ହେଉଛି। ଏପରି ଅଗ୍ନିକାଣ୍ଡ ଶର୍ଟସର୍କିଟ ଯୋଗୁ ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ଗାରାବନ୍ଧ ଥାନା ଅଧିକାରୀ ନିଶିକା କହିଛନ୍ତି, ଏହାର ତଦନ୍ତ ଜାରି ରହିଛି। ନିଆଁ ସମ୍ପୂର୍ଣ୍ଣ ଆୟତ୍ତ ପରେ ଅଗ୍ନିକାଣ୍ଡର କାରଣ ଜଣାପଡିବ। ଅନ୍ୟପକ୍ଷରେ କାଜୁ ଫ୍ୟାକ୍ଟ୍ରିରେ ୧୨ ଶହରୁ ୧୩ ଶହ କାଜୁ ବସ୍ତା ଥିଲା । ଏହାର ବଜାର ମୂଲ୍ୟ ୧ କୋଟି ୭୦ ଲକ୍ଷ ଟଙ୍କା ହେବ ବୋଲି ଫ୍ୟାକ୍ଟ୍ରି ମାଲିକ କହିଛନ୍ତି।

# ଅନ୍ୟ ଜାତିରେ ବାହା ହୋଇଥିଲେ ବୋଲି ମିଳିଲାନି କାନ୍ଧ

- **ମୃତଦେହ ପାଖରେ ବସି କାନ୍ଦୁଥିଲେ ସ୍ତ୍ରୀ, ୨ ଝିଅ**
- **ସରପଞ୍ଚ, ପଶ୍ଚିମେଶ୍ୱର ଯୁବକ ସଂଘ ସଦସ୍ୟ କଲେ ମୃତଦେହ ସତ୍କାର**

**ଝାରସୁଗୁଡ଼ା, ୨୧।୧୦**
**(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଧୀନ ତେଲେନପାଲି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଅନ୍ୟ ଜାତିର ଯୁବତୀଙ୍କୁ ବିବାହ କରିଥିଲେ ବୋଲି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ମୃତଦେହ ସତ୍କାର ପାଇଁ ପରିବାର ସଦସ୍ୟ କିମ୍ବା ଜାତିବନ୍ଧୁ ଆସିଲେନି। ଶେଷରେ ତେଲେନପାଲି ସରପଞ୍ଚ ଓ ସ୍ଥାନୀୟ ପଶ୍ଚିମେଶ୍ୱର ଯୁବକ ସଂଘ ସଦସ୍ୟଙ୍କ ମିଳିତ ଉଦ୍ୟମରେ ମଙ୍ଗଳବାର ମୃତଦେହ ସତ୍କାର କରାଯାଇଛି।

ସୂଚନା ଅନୁଯାୟୀ, ତେଲେନପାଲି ଗ୍ରାମର ରଘୁ ଧୁରୁଆ(୪୨) ପ୍ରାୟ ୧୦ ବର୍ଷ ପୂର୍ବେ ଅନ୍ୟ ଜାତିର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ଏଥିପାଇଁ ତାଙ୍କୁ ପରିବାର ସଦସ୍ୟ ଓ ତାଙ୍କ ଜାତିର ଲୋକମାନେ ସାମାଜିକ ବାସନ୍ଦ କରିଥିଲେ। ଫଳରେ ସେ ଉକ୍ତ ଗ୍ରାମର ଅନ୍ୟଏକ ସ୍ଥାନରେ ଖୁସିରେ ରହୁଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ୨ଟି କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ହେଲେ କୌଣସି ରୋଗରେ ଆକ୍ରାନ୍ତ ହୋଇ ସୋମବାର ଘରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ନିକଟରେ ସ୍ତ୍ରୀ ଓ ୨ ଝିଅ କାନ୍ଦୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ରଘୁଙ୍କ ମୃତଦେହ ସତ୍କାର ପାଇଁ ପରିବାର କିମ୍ବା ବନ୍ଧୁ ପରିଜନ ଆଗେଇ ଆସିଲେ ନାହିଁ। କାରଣ ସେମାନଙ୍କୁ ସାମାଜିକ ବାସନ୍ଦ କରିଦିଆଯିବ ବୋଲି ଭୟ ରହିଥିଲା। ସ୍ୱାମୀଙ୍କ ଶେଷକୃତ୍ୟ କିପରି ସମ୍ପନ୍ନ ହେବ ସେ ନେଇ ତାଙ୍କ ସ୍ତ୍ରୀ କିଛି ବୁଝି ପାରୁ



ରଘୁଙ୍କ ସ୍ତ୍ରୀ ଏବଂ ୨ ଶିଶୁକନ୍ୟା।

ନ ଥିଲେ। ଏହି ଖବର ସ୍ଥାନୀୟ ଅଞ୍ଚଳରେ ପ୍ରଚାରିତ ହୋଇଥିଲା। ତେଲେନପାଲି ସରପଞ୍ଚ ଆକାଶ ସାହୁଙ୍କ ଉଦ୍ୟମରେ ପଶ୍ଚିମେଶ୍ୱର ବାବା ଯୁବକ ସଂଘର ସଦସ୍ୟମାନେ ମଙ୍ଗଳବାର ସକାଳେ ରଘୁଙ୍କ ଘରେ ପହଞ୍ଚିଥିଲେ। ଶେଷରେ ସେମାନେ ମୃତଦେହକୁ କାନ୍ଧରେ ନେଇ ଗ୍ରାମ ଶ୍ମଶାନରେ ସତ୍କାର କରିଥିଲେ। ଏନେଇ ସରପଞ୍ଚ ସାହୁ, ପଶ୍ଚିମେଶ୍ୱର ଯୁବକ ସଂଘ ସଭାପତି ସଞ୍ଜୟ ସ୍ୱାଇଁ, ସଦସ୍ୟ ଶଙ୍କର ଖମାରୀ କହିଛନ୍ତି, ରଘୁଙ୍କ ଶୁଦ୍ଧିକ୍ରିୟା ଏବଂ ପରିବାରକୁ ଆବଶ୍ୟକ ସହଯୋଗ ପଞ୍ଚାୟତ ଓ ଯୁବକ ସଂଘ ପକ୍ଷରୁ ଯୋଗାଇ ଦିଆଯିବ।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ୯ମ ବାର୍ଷିକ କାଳୀପୂଜା ମହୋତ୍ସବ ପାଳନ ଅବସରରେ ସୂର୍ଯ୍ୟ ପୂଜା ଓ ଚଣ୍ଡିପାଠ, ସ୍ଥାନ: ରସୁଲଗଡ଼ ଜି ଜି ପି କଲୋନୀସ୍ଥିତ ମା' ଦକ୍ଷିଣେ କାଳୀ ମନ୍ଦିର ପରିସର, ସମୟ: ସକାଳ ୯ଟା।
- ଜୟନ୍ତ ମହାପାତ୍ର ସ୍ମାରକୀ ବକ୍ତୃତାମାଳା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା ୩୦।
- ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ କେଦାରନାଥ ମହାପାତ୍ରଙ୍କ ୧୧୪ତମ ଜୟନ୍ତୀ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ ସଭାଗୃହ. ସମୟ: ସନ୍ଧ୍ୟା ୬ଟା।

**କଟକ**
- ତିଗିରିଆ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ମହେଶ୍ୱର ନୋଡାଲ ବିଦ୍ୟାପୀଠ, ପୁରୁଣା ତିଗିରିଆ, ସମୟ: ସକାଳ ୯ଟା।
- ବଡ଼ମ୍ବା ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବଡ଼ମ୍ବା, ସମୟ: ସକାଳ ୯ଟା ୩୦।

**ଖୋର୍ଦ୍ଧା**
- ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ସମାରୋହ, ସ୍ଥାନ: ବେଗୁନିଆ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା ୩୦।

**ବାଲେଶ୍ୱର**
- ଯୁଗପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୁଳଚନ୍ଦ୍ରଙ୍କ ମହାମହୋତ୍ସବ, ସ୍ଥାନ: ଜଳସୋହରିଆ ପାନ ମାର୍କେଟ, ଭୋଗରାଇ, ସମୟ: ସକାଳ ୬ଟା।
- କ୍ଲଷ୍ଟରସ୍ତରୀୟ ଶିଶୁ ଉତ୍ସବ ସୁରଭି, ସ୍ଥାନ: ଉତ୍ତର ଦେଉଳା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭୋଗରାଇ, ସମୟ: ସକାଳ ୮ଟା।
- କ୍ଲଷ୍ଟରସ୍ତରୀୟ ଶିଶୁ ଉତ୍ସବ ସୁରଭି, ସ୍ଥାନ: ଖାଟୁବଣୀ ଉଚ୍ଚ ବିଦ୍ୟାଳୟ, ଭୋଗରାଇ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ମାର୍କୋଣା ରଘୁନାରାୟଣ ହାଇସ୍କୁଲ, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ବିଜେଡିର ଜନସମ୍ପର୍କ ପଦଯାତ୍ରା ଓ ସମାବେଶ, ସ୍ଥାନ: ଥାନାଛକ ହେଲିପ୍ୟାଡ ପଡିଆ, ଭୋଗରାଇ, ସମୟ: ଅପରାହ୍ନ ୩ଟା।
- ମା' ଶ୍ୟାମାକାଳୀ ପୂଜା ଉତ୍ସବର ୩ୟ ଦିବସ, ସ୍ଥାନ: ପୋଡ଼ାଶୁଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ମା' ଭଦ୍ରକାଳୀଙ୍କ ରାଜରାଜେଶ୍ୱରୀ ବେଶ, ସ୍ଥାନ: ଭଦ୍ରକାଳୀ ମନ୍ଦିର, ଭଦ୍ରକ, ସମୟ: ସକାଳ ୬ଟା।
- କାଳୀପୂଜାର ଦ୍ୱିତୀୟ ଦିନ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୯ଟା।
- କାଳୀପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- କାଳୀପୂଜା ଅବସରରେ ଚଣ୍ଡୀପାଠ, ପୂଜାର୍ଚ୍ଚନା, ସ୍ଥାନ: ବନେଇକଳା, ଶାସ୍ତ୍ରୀନଗର, ଯୋଡ଼ା, ସମୟ: ସକାଳ ୮ଟା ୩୦।
- କାଳୀମନ୍ଦିରରେ ଚଣ୍ଡୀପାଠ, ହୋମଯଜ୍ଞ, ସ୍ଥାନ: ରଣାଶାଳ, ଯୋଡ଼ା, ସମୟ: ସକାଳ ୯ଟା।
- ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ :ଶାଳନିଆଁ ମେଡିକାଲ, ହାଟଡିହୀ, ସମୟ :ସକାଳ ୯ଟା।
- ବ୍ଲକସ୍ତରୀୟ ଶିଶୁ ସୁରଭି ଉତ୍ସବ, ସ୍ଥାନ: ବାଲିବରେଇ, ହାଟଡିହୀ, ସମୟ: ପୂର୍ବାହ୍ନ ୧୦ଟା।
- ଢୁରୁମୁଙ୍ଗା ବଣିକ ସଂଘ ପକ୍ଷରୁ ମ୍ୟାଜିକ ଶୋ' ଓ ଡ୍ୟାନ୍ସ, ସ୍ଥାନ: ନିନ୍ଧୁଆ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

**ମୟୂରଭଞ୍ଜ**
- ଓମ୍ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଡୁମାପଦା କପ୍-୨୦୨୫, ସ୍ଥାନ: ବାରିପଦା ବ୍ଲକର ଡୁମାପଦା, ସମୟ: ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଚିତ୍ରଡ଼ା, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।

**ରାୟଗଡ଼ା**
- ମା' ତ୍ରିପୁରା ସୁନ୍ଦରୀ ପୂଜା ଓ ଆରତୀ, ସ୍ଥାନ: କାଳୀ ମଣ୍ଡପ, ରାୟଗଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

**ନବରଙ୍ଗପୁର**
- ଟାସ୍କ ଫୋର୍ସ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ପୌରାଞ୍ଚଳ ଉନ୍ନୟନ କାର୍ଯ୍ୟ ସମୀକ୍ଷା, ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ନ ୩ଟା।

**କୋରାପୁଟ**
- ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ବଡ଼ଅଝେଇ ପ୍ରାଥମିକ ବିଦ୍ୟାଳୟ, ଜୟପୁର, ସମୟ: ସକାଳ ୯ଟା ୩୦।
- ଜିଲାପାଳଙ୍କ ବିଭିନ୍ନ ଅଞ୍ଚଳ ପରିଦର୍ଶନ, ସ୍ଥାନ: ଲମତାପୁଟ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ନୋଡାଲ ହାଇ ସ୍କୁଲ, ବୈପାରୀଗୁଡ଼ା, ସ୍ଥାନ: ପୂର୍ବାହ୍ନ ୧୦ଟା।
- ଜିଲାରେ ବସ ସେବା ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ଅପରାହ୍ନ ୫ଟା।

**ସମ୍ବଲପୁର**
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ସିକ୍ରାପାଲି ଗିରି ଗୋବର୍ଦ୍ଧନ ପୂଜା, ସ୍ଥାନ : ସିକିରାପାଲି ଗ୍ରାମ, ସମୟ : ସକାଳ ୮ଟା।
- ଗିରିଗୋବର୍ଦ୍ଧନ ପୂଜା, ସ୍ଥାନ : ସାହସପୁର ଗ୍ରାମ, ସମୟ : ସକାଳ ୯ଟା।
- ସମ୍ବଲପୁର କରଣ ସମାଜ ଆୟୋଜନରେ କଳସ ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ: ମହାନଦୀ ବାଲିବନ୍ଧା ଘାଟ, ସମୟ : ଅପରାହ୍ନ ୫ଟା।

**ବଲାଙ୍ଗୀର**
- ଅସିଚାଳନା ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦।

**ରାଉରକେଲା**
- ବୋଇତ ବନ୍ଦାଣ ଉତ୍ସବ-୨୦୨୫ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ପାନପୋଷ, ସମୟ: ମଧ୍ୟାହ୍ନ ୧୨ଟା।
- ନିର୍ମଳ ମୁଣ୍ଡା ନଗର ଶାଖା ପକ୍ଷରୁ ମାସିକ ସାହିତ୍ୟ ଆସର କାର୍ଯ୍ୟକ୍ରମ, ସ୍ଥାନ: ମଧୁସୂଦନ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**
- ମା' ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା ମହୋତ୍ସବ, ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୬ଟା।
- ମା' ଧନଲକ୍ଷ୍ମୀ ଦେବୀଙ୍କ ପୂଜା ମହୋତ୍ସବ, ସ୍ଥାନ: ଗୋବିନ୍ଦପାଲି, ବରଗଡ଼, ସମୟ: ସକାଳ ୭ଟା।
- ୨୭ତମ ଲକ୍ଷ୍ମୀ ପୂଜା, ସ୍ଥାନ:ବଣିକ ସଂଘ, ଗାଇସିଲେଟ, ସମୟ:ପୂର୍ବାହ୍ନ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ଲସ୍ତଲା, ଅତାବିରା, ସମୟ:ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ବରପାଲି, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଚିହିକିପାଲି, ଭେଡେନ, ସମୟ: ଅପରାହ୍ନ ୫ଟା।

**କଳାହାଣ୍ଡି**
- ସାଇବର ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ସକାଳ ୯ଟା ୩୦।
- ଜିଲାସ୍ତରୀୟ ତମାଖୁ ବର୍ଜନ ଦିବସ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**ବୌଦ୍ଧ**
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଦେବଗଡ଼**
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ଼ ମଠ ସାହି, ସମୟ: ସନ୍ଧ୍ୟା ୬ଟା ୩୦।
- ସାର୍ବଜନୀନ କାଳୀ ପୂଜା ମହୋତ୍ସବ ଅବସରରେ ସାଂସ୍କୃତି କାର୍ଯ୍ୟକ୍ରମ, ସ୍ଥାନ:ବାରକୋଟ ବ୍ଲକ, ଆସ୍ଥାୟୀ ପୂଜା ପେଣ୍ଡାଲ,ସମୟ:ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଗିରିଗୋବର୍ଦ୍ଧନ ପୂଜା, ସ୍ଥାନ: ବରାହପଦର ମଠ, ବଡ଼ଖମାର, ବୀରମହାରାଜପୁର, ସମୟ: ସକାଳ ୮ଟାରୁ ଆରମ୍ଭ।
- ୫୭ତମ ସାର୍ବଜନୀନ କାଳୀପୂଜା ମହୋତ୍ସବ ଅବସରରେ ସହୀଦଙ୍କ ସ୍ମୃତିରେ ରକ୍ତଦାନ ଶିବିର, ସ୍ଥାନ: ମଝିପଡା ପୂଜା ମଣ୍ଡପ ପ୍ରାଙ୍ଗଣ, ସମୟ: ସକାଳ ୮ଟା ୩୦।
- ଉପୁଲା ୪୨ତମ କାଳୀପୂଜା ଅବସରରେ ମହିଳା ଦଣ୍ଡନୃତ, ସ୍ଥାନ: କାଳୀପୂଜା ମଣ୍ଡପ ସମ୍ମୁଖ, ସମୟ: ରାତି ୯ଟା।

ପ୍ରଥମ ପୃଷ୍ଠାରୁ...

## ଦୀପାବଳି: ବଢ଼ିଲା...

ପ୍ରଦୂଷଣର ପ୍ରଭାବ ଅଧିକ ରହିଛି। ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏହାକୁ ମନିଟରିଂ କରାଯାଉଛି। ପ୍ରାୟ ୧୪ ଦିନ ଧରି ମନିଟରିଂ ହେବ। ବୁଧବାର ଏହାର ପ୍ରଭାବ ଜଣାପଡ଼ିବ ବୋଲି ବ୍ରହ୍ମପୁର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଇଂ. ଦୀପକ କୁମାର ସାହୁ କହିଛନ୍ତି।

ଏନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟଯନ୍ତ୍ରୀ ନିହାର ରଞ୍ଜନ ସାହୁ କହିଛନ୍ତି ଯେ, ବାଣ ଫୁଟାଇବା ନେଇ ପ୍ରଦୂଷଣ ବୋର୍ଡ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ନିର୍ଦ୍ଦେଶନାମା ଜାରି ହୋଇଛି। ସବୁଜ ବାଣ ଫୁଟାଇବା ଉପରେ ବୋର୍ଡ ପକ୍ଷରୁ ସଚେତନ କରାଯାଉଛି। ହେଲେ ସାଧାରଣ ଲୋକେ ଏଥିପ୍ରତି ସଚେତନ ହେଉନାହାନ୍ତି। ଫଳରେ ଏହାର ପ୍ରଭାବ ପରିବେଶ ଉପରେ ପଡୁଛି। ଦୀପାବଳି ପାଇଁ ବୋର୍ଡ ପକ୍ଷରୁ ବିଭିନ୍ନ ସହରରେ ଅଧିକାଂଶ ସ୍ଥାନରେ ଚଢ଼ଉ କରାଯାଇଛି, ବାଣ ଦୋକାନୀଙ୍କୁ ଜୋରିମାନା କରାଯାଇଛି। ଏହାସତ୍ତ୍ୱେ ଜନସାଧାରଣ ବାଣ କିଣିବାପାଇଁ ଯେପରି ଆଗ୍ରହ ଦେଖାଉଛନ୍ତି ତାକୁ ନେଇ ଦୋକାନୀ ଅନୁରୂପ ଭାବେ ବାଣ ବିକୁଛନ୍ତି। ଏଥିପ୍ରତି ସବୁବର୍ଗର ଲୋକେ ସଚେତନ ହେବା ନିହାତି ଜରୁରୀ।

ରାଜ୍ୟ ଭେଷଜ, ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ଅତିରିକ୍ତ ନିର୍ଦ୍ଦେଶକ ପ୍ରଫେସର ଡା. ଉମାକାନ୍ତ ଶତପଥୀ କହିଛନ୍ତି, ବାୟୁ ପ୍ରଦୂଷଣ ଅଧିକ ହେଲେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। ଚର୍ମରୋଗଠାରୁ ଆରମ୍ଭ କରି ଶ୍ରବଣଶକ୍ତି ହ୍ରାସ ପାଇଥାଏ। ୮୫ ଡେସିବଲରୁ ଅଧିକ ବାୟୁ ପ୍ରଦୂଷଣ ହେଲେ ଶ୍ରବଣଶକ୍ତି ଉପରେ ଗୁରୁତର ପ୍ରଭାବ ପଡ଼େ। ଆଜମା, ବ୍ରୋଙ୍କାଇଟସ୍ ଭଳି ରୋଗ ଦେଖାଦେଇଥାଏ। ଲୋକେ ସତର୍କ ନହେଲେ ସମସ୍ୟା ହିଁ ସମସ୍ୟା ଦେଖାଦିଏ ବୋଲି ଡା. ଶତପଥୀ କହିଛନ୍ତି।

ଦୀପାବଳି ରାତିରେ ହିମାଚଳ ପ୍ରଦେଶର ଶିମ୍ଲା ସମେତ ବିଭିନ୍ନ ସହରରେ ବାଣ ଫୁଟାବେଳେ ଅନେକ ଦୋକାନ ଜଳିଯାଇଛି। ଶିମ୍ଲାରେ ବହୁ କୋଟି ଟଙ୍କାର ସମ୍ପତ୍ତି ଜଳିପୋଡ଼ି ଛାରଖାର ହୋଇଯାଇଛି। ସୋମବାର ରାତିରୁ ଅଦ୍ୟାବଧି ୪୭ଟି ସ୍ଥାନରେ ଅଗ୍ନିକାଣ୍ଡ ଘଟିଛି। କୁଲ୍ଲୁ ଜିଲାର ଏକ ବହୁତଳ ବିଶିଷ୍ଟ ହୋଟେଲ ଜଳିଯାଇଛି। ଫଳରେ ପର୍ଯ୍ୟଟକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉଷୁନା ଧାନ କି ଗଜା ହୋଇବ
ରାମ ରାଇଜ କି ସତେ ଫେରିବ ?**

ତ୍ରେତୟାଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଶାସନ ପ୍ରଣାଳୀ ଖୁବ୍ ଆଦର୍ଶ ହୋଇପାରିଥିଲା। ଉଷୁନା ଧାନ ଯେପରି ଗଜା ହେବା ଅସମ୍ଭବ ବର୍ତ୍ତମାନ ଶାସନ ପ୍ରଣାଳୀ ଶ୍ରୀରାମଙ୍କ ଭଳି ହୋଇପାରିବ ନାହିଁ ବୋଲି ଆଶଙ୍କା ପ୍ରକାଶ କରାଯାଇଛି।

**ଉତ୍ତରରେ କଳା ପୂର୍ବେ ନଳା
ଦକ୍ଷିଣେ ଜଳା ପଶ୍ଚିମେ ଖଳା ।**

ଉତ୍ତରରେ ହାଣ୍ଡିଶାଳ ଓ ପୂର୍ବପଟେ ନଳା ରଖିବା ଭଲ ହୋଇଥାଏ। ସେହିପରି ଦକ୍ଷିଣପଟରେ ଝରକା ଏବଂ ପଶ୍ଚିମ ଦିଗରେ ଖଳା ରଖିବା ଶୁଭପ୍ରଦ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ବାଣ ଫୁଟାଇବା ବେଳେ ଛିଣ୍ଡିଲା ଯୁବକଙ୍କ ହାତ ପାପୁଲି

**ସୋର,୨୧।୧୦(ଜନ୍ମେଜୟ ମିଶ୍ର)**

ଦୀପାବଳିରେ ବାଣ ଫୁଟାଇବା ବେଳେ ଅଘଟଣ ଘଟି ଜଣେ ଯୁବକଙ୍କ ହାତ ପାପୁଲି ଛିଣ୍ଡିଥିବା ବେଳେ ୬ଜଣ ନାବାଳକଙ୍କ ସମେତ ୧୨ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଗୁରୁତର ଯୁବକ ହେଲେ ସୋର ଥାନା ଗୋବିନ୍ଦପୁର ଗ୍ରାମର ବାବୁ ମହାନ୍ତି (୩୬)। ବାବୁ ସୋମବାର ସନ୍ଧ୍ୟାରେ ଚାଇନା ବାଣ ଫୁଟାଉଥିବା ବେଳେ ହଠାତ୍ ବାଣଟି ତାଙ୍କ ଡାହାଣ ହାତ ପାପୁଲିରେ ଫାଟିଯାଇଥିଲା। ଫଳରେ ହାତରୁ ପାପୁଲି ଅଲଗା ହେବା ସହିତ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ସନ୍ଧ୍ୟାରେ ବାଣ ଫୁଟାଉଥିବା ବେଳେ ସୋରର ବିଭିନ୍ନ ଅଞ୍ଚଳରୁ ମୁକ୍ତିକାନ୍ତ ନାୟକ(୪୦), ଅନିମା ରାଉତ (୩୮), ସୌଭଗ୍ୟ ଜେନା (୧୪), ଖଗେଶ ମହାକୁଡ, ସୋମେଶ ପଲେଇ(୧୨), ଶୁଭ୍ରଜିତ ସ(୧୪), ବିଷ୍ଣୁପ୍ରସାଦ ସାହୁ(୧୩), ସାଇ ରାଉତ(୫) ପ୍ରମୁଖ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

## ବାଣଫୁଟି ୬୦ରୁ ଉର୍ଦ୍ଧ୍ୱ ଆହତ

**ଭୁବନେଶ୍ୱର,୨୧।୧୦(ସତ୍ୟଜିତ ରାଉତ)**

ଦୀପାବଳି ପାଇଁ ରାଜଧାନୀ ଭୁବନେଶ୍ୱର ଉତ୍ସବମୁଖର ହୋଇପଡ଼ିଥିବାବେଳେ ବିଭିନ୍ନ ସ୍ଥାନରେ ଅଘଟଣ ଘଟିଛି। ବାଣ ଫୁଟି ୬୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ସୂଚନା ମିଳିଛି। ସୋମବାର ଅପରାହ୍ନ ୨ଟାରୁ ରାତି ୧୦ଟା ୩୦ ମଧ୍ୟରେ କ୍ୟାପିଟାଲ ହସ୍ପିଟାଲରେ ପ୍ରାୟ ୬୨ ଜଣ ଆହତ ଭର୍ତ୍ତି ହୋଇଥିଲେ। ପରବର୍ତ୍ତୀ ସମୟରେ ଆହତଙ୍କ ସଂଖ୍ୟା ବଢ଼ିଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଅପରପକ୍ଷରେ ବାଣ ଫୁଟାଇବାକୁ ନେଇ କମିଶନରେଟ୍ ପୋଲିସ ପକ୍ଷରୁ ସମୟ କଟକଣା ଜାରି କରାଯାଇଥିବା ସତ୍ତ୍ୱେ ଲୋକେ ଏହାକୁ ମାନି ନ ଥିଲେ। ସନ୍ଧ୍ୟା ୭ଟାରୁ ରାତି ୯ ପର୍ଯ୍ୟନ୍ତ ବାଣ ଫୁଟାଇବାକୁ ପୋଲିସ ଅନୁମତି ଦେଇଥିଲା। ନିର୍ଦ୍ଦେଶନାମା ନ ମାନି ରାତି ୯ଟା ପରେ ବାଣ ଫୁଟାଇଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନରେଟ୍ ପୋଲିସ ଚେତାବନୀ ଦେଇଥିଲା। ହେଲେ ଲୋକେ ଏହି ନିୟମକୁ ମାନି ନ ଥିଲେ। ସନ୍ଧ୍ୟା ହେବା ମାତ୍ରେ ବିଭିନ୍ନ ସ୍ଥାନରେ ବାଣ ଫୁଟା ଆରମ୍ଭ ହୋଇଯାଇଥିଲା। ଏପରିକି ରାତି ୯ଟା ପରେ ବାଣଫୁଟା ବନ୍ଦ ହୋଇ ନ ଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଅମାନିଆମାନେ ବାଣ ଫୁଟାଇ ଉତ୍ସବ ମନାଇଥିଲେ। ବାଣ ଫୁଟା ଯୋଗୁ ରାଜଧାନୀର ପରିବେଶ ବିଗିଡ଼ି ଯାଇଥିଲା। ବାଣ ଧୂଆଁରେ ପରିବେଶ ଆଚ୍ଛାଦିତ ହୋଇଯାଇଥିଲା। ରାସ୍ତାରେ ଗାଡ଼ି ଚଳାଚଳ କରିବା କଷ୍ଟକର ହୋଇପଡ଼ିଥିଲା।

## କଫ୍ ସିରପ୍ ମୃତ୍ୟୁ...

ଔଷଧରେ ଡାଇ-ଇଥାଇଲିନ୍ ଏବଂ ଇଥାଇଲିନ୍ ଗ୍ଲାଇକୋଲ ଭଳି ପ୍ରଦୂଷିତ ଉପାଦାନ ରହିଛି ନାହିଁ, ତାହାର ପରୀକ୍ଷା କରିବା ବ୍ୟବସ୍ଥା ରହିଛି। କିନ୍ତୁ ଘରୋଇ ବଜାରରେ ସିରପ୍ ବିକ୍ରି ପାଇଁ ସେଭଳି କୌଣସି ନିୟମାବଳୀ ନାହିଁ। ଏହା ନିୟାମକ ବ୍ୟବଧାନ ବୋଲି ଡବ୍ଲ୍ୟୁଏଚ୍ଓ ସତର୍କ କରାଇଛନ୍ତି। ନିମ୍ନମାନର ଏବଂ ତ୍ରୁଟିପୂର୍ଣ୍ଣ ଔଷଧଗୁଡ଼ିକ ସହ ସମ୍ପୃକ୍ତ ଘଟଣାରେ କାର୍ଯ୍ୟ ଆଗେଇ ଚାଲିଥିବାବେଳେ ଡବ୍ଲ୍ୟୁଏଚ୍ଓ ଟିମ୍ ଏଥିରେ ଅଗ୍ରଣୀ ଭୂମିକା ନେଇଥିବା କୁଓ୍ୱାନା କହିଛନ୍ତି। ତେବେ ଆହୁରି ଅନେକ କିଛି କରାଯିବାର ଆବଶ୍ୟକତା ରହିଛି। ଅନେକ ହଜାର ଉତ୍ପାଦନକାରୀଙ୍କୁ ନେଇ ଏହା ଏକ ବିଶାଳ ବଜାର ହୋଇଥିବାରୁ ଅନେକ ରାଜ୍ୟକୁ ଏଥିରେ ଡିଲ୍ କରିବାକୁ ହେବ।

କମ୍ପାନୀଗୁଡ଼ିକ ବର୍ଷେ ସୁଦ୍ଧା ସେମାନଙ୍କ କାରଖାନାଗୁଡ଼ିକୁ ଅନ୍ତର୍ଜାତୀୟ ଗୁଣବତ୍ତାରେ ଉନ୍ନତ କରିବା ପରେ ରପ୍ତାନି ନିୟମାବଳୀକୁ ରଦ୍ଦ କରିବାକୁ ଭାରତ ଯୋଜନା ରଖିଥିବା ଗତ ସପ୍ତାହରେ ରଏଟର୍ସ ପ୍ରକାଶ କରିଥିଲା। ଅନୁରୋଧ ସତ୍ତ୍ୱେ ଭାରତର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ କେନ୍ଦ୍ରୀୟ ଔଷଧ ଗୁଣବତ୍ତା ନିୟନ୍ତ୍ରଣ ସଂଗଠନ (ସିଡିଏସ୍ସିଓ) କୌଣସି ମନ୍ତବ୍ୟ ଦେଇ ନ ଥିଲେ। ଯୋଜନା ଉପରେ ମନ୍ତବ୍ୟ ଦେବା ନିମନ୍ତେ ବାରମ୍ବାର ଫୋନ୍ କରିବା ସତ୍ତ୍ୱେ ସ୍ରେସାନ ଫାର୍ମାର ପ୍ରତିନିଧିମାନେ କୌଣସି ଜବାବ ରଖି ନ ଥିଲେ। ଔଷଧ ଗୁଣବତ୍ତାରେ ଉନ୍ନତି ଆଣିବା ଦିଗରେ ସମସ୍ତ ପଦକ୍ଷେପକୁ ଏଜେନ୍ସି ସ୍ୱାଗତ କରିଥିବା ଡବ୍ଲ୍ୟୁଏଚ୍ଓ ମୁଖପାତ୍ର କହିଛନ୍ତି। ତେବେ ରପ୍ତାନି ପରୀକ୍ଷା କରା ନ ଯିବା ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, କେବଳ ଶେଷରେ ନୁହେଁ, ଉତ୍ପାଦନ ପ୍ରକ୍ରିୟା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କଞ୍ଚାମାଲ ସମେତ ଔଷଧକୁ ପରୀକ୍ଷା କରାଯିବା ଆବଶ୍ୟକ। ଆଇନ ଅନୁଯାୟୀ ଭାରତୀୟ ଔଷଧ କମ୍ପାନୀଗୁଡ଼ିକୁ କଞ୍ଚାମାଲ୍‌ର ପ୍ରତ୍ୟେକ ବ୍ୟାଚ୍ ଏବଂ ଚୂଡ଼ାନ୍ତ ଉତ୍ପାଦର ନିଶ୍ଚୟ ପରୀକ୍ଷା କରିବାକୁ ହେବ। ତେବେ କେତେକ କମ୍ପାନୀ ତାହା କରୁ ନ ଥିବା ସିଡିଏସ୍ସିଓ କହିଛନ୍ତି। ପଡ଼ୋଶୀ ପାକିସ୍ତାନ ବିଷାକ୍ତ ଉପାଦାନଗୁଡ଼ିକର ପରୀକ୍ଷା ପାଇଁ ଡବ୍ଲ୍ୟୁଏଚ୍ଓରୁ ତାଲିମ ନେବା ସହ ଏକ ନୂଆ ଓ ଶସ୍ତା ପରୀକ୍ଷାର ବିକାଶ କରିଛି। ଭାରତର ପ୍ରତିନିଧି ଯୋଗଦେଇ ନ ଥିଲେ କିନ୍ତୁ ଏହି ପଦ୍ଧତି ବ୍ୟବହାର କରୁଥିବା ଡବ୍ଲ୍ୟୁଏଚ୍ଓକୁ ନିଶ୍ଚିତ କରାଇଥିଲେ ବୋଲି କୁଓ୍ୱାନା କହିଛନ୍ତି। ପୂର୍ବ ଘଟଣାରେ କେହି ଉତ୍ତରଦାୟୀ ନ ରହିବା ଅତ୍ୟନ୍ତ ଦୁଃଖଦାୟକ। ବିଦେଶରେ ଔଷଧ ଖାଇ ପିଲାଙ୍କ ମୃତ୍ୟୁ ସତ୍ତ୍ୱେ ଭାରତରେ କେହି ଜେଲ ଯାଇଥିବାର ରେକର୍ଡ ନାହିଁ ବୋଲି ଡବ୍ଲ୍ୟୁଏଚ୍ଓ ଅଧିକାରୀ କହିଛନ୍ତି। ଏହା ନକଲି ଜୋତା ବିକିବା ଭଳି ନୁହେଁ, ଏହା ଏକ ନୈତିକ ପ୍ରସଙ୍ଗ। ଯଦି ଆପଣମାନେ ନିୟମାବଳୀ ଅନୁପାଳନ ନ କରନ୍ତି, ତେବେ ତାହା ଅପରାଧ, କାରଣ ତାହାର ଭୟଙ୍କର ପରିଣାମ ରହିଥିବା କୁଓ୍ୱାନା କହିଛନ୍ତି।

## ୫ ଦିନ ଯାଏ...

ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ସେହିପରି ଓଡ଼ିଶା ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିବ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ତେବେ ଲଘୁଚାପ ପ୍ରଭାବରେ ଓଡ଼ିଶାରେ ଆଗାମୀ ୫ ରୁ ୭ ଦିନ ଧରି ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ କହିଛି। ବିଶେଷକରି ଦକ୍ଷିଣ ଓ ଉପକୂଳ ଓଡ଼ିଶା ସମେତ ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ରହିବ। ବିଜୁଳି, ଘଡ଼ଘଡ଼ି ସହ ଝଟକା ପବନର ସମ୍ଭାବନା ଥିବାବେଳେ ଏହି ସମୟରେ ଚାଷୀଙ୍କୁ ସାବଧାନତା ଅବଲମ୍ବନ ସହ ସତର୍କ ରହିବାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି। ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ସହିତ ଘଡ଼ଘଡ଼ି ସହିତ ବର୍ଷା ହେବା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟରେ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ନେଇ ଆକଳନ କରାଯାଇଛି। ୨୩ ତାରିଖରେ ରାଜ୍ୟର କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଅକ୍ଟୋବର ୨୪, ୨୫ ଓ ୨୬ରେ ବର୍ଷା ବଢ଼ିବାର ସମ୍ଭାବନା ଥିବା ନେଇ ନିର୍ଦ୍ଦେଶିକା ମହାନ୍ତି ସୂଚନା ଦେଇଛନ୍ତି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ଥିବାରୁ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବା ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏଥିସହ ଚାଷୀମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

ଅପରପକ୍ଷେ ଗତ ୨୪ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଅନୁଗୋଳ ଜିଲା ଟିକରପଡ଼ାରେ ସର୍ବାଧିକ ୬୨.୮ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଖୋର୍ଦ୍ଧାର ଟାଙ୍ଗୀରେ ୫୫ମି.ମି., ନୟାଗଡ଼ ଜିଲା ଗଣିଆରେ ୪୭ ମି.ମି., କଟକ ବାଙ୍କୀରେ ୪୫ ମି.ମି., ନୟାଗଡ଼ ଜିଲା ଦଶପଲ୍ଲାରେ ୪୨.୮ ମି.ମି., ବଲାଙ୍ଗୀରରେ ୪୧.୩ ମି.ମି., କଟକରେ ୩୯.୮ ମି.ମି. ଏବଂ କଳାହାଣ୍ଡି ଜିଲା ନର୍ଲାରେ ୩୭ ମି.ମି ବର୍ଷା ହୋଇଛି।

## ସମ୍ଭାବ୍ୟ ବାତ୍ୟା, ଲଘୁଚାପଜନିତ ବର୍ଷା ପାଇଁ ପ୍ରଶାସନକୁ ସତର୍କ କରାଯାଇଛି: ମନ୍ତ୍ରୀ ପୂଜାରୀ

**ଭୁବନେଶ୍ୱର,୨୧।୧୦(ସୁନିତ୍ ମିଶ୍ର)**

ସମ୍ଭାବ୍ୟ ବାତ୍ୟା ଓ ଲଘୁଚାପଜନିତ ପ୍ରବଳ ବର୍ଷା ପାଇଁ ଜିଲା ପ୍ରଶାସନକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସତର୍କ କରାଯାଇଛି। ବିଦେଶୀ ପାଣିପାଗ ମଡେଲ ଓ ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନକୁ ଦେଖି ସବୁ ସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ମନ୍ତ୍ରୀ କହିଛନ୍ତି, ବଙ୍ଗୋପସାଗରରେ ୨ଟି ଲଘୁଚାପ ହେବାର ଆକଳନ ହୋଇଛି। ବାତ୍ୟା ନେଇ ଆମେରିକାର ଏକ ସଂସ୍ଥା ଆକଳନ କରୁଛି। କିନ୍ତୁ ଭାରତୀୟ ପାଣିପାଗ ସଂସ୍ଥା କେବଳ ବର୍ଷା ହେବ ବୋଲି ବର୍ତ୍ତମାନ ସୁଦ୍ଧା ଆକଳନ କରିଛି। ପାଣିପାଗ ବିଭାଗର ରିପୋର୍ଟ ଅନୁଯାୟୀ ଦକ୍ଷିଣ ଓଡ଼ିଶାରେ ବର୍ଷା ଅଧିକ ହେବାର ସମ୍ଭାବନା ରହିଛି। ତେଣୁ ତାକୁ ରେଡ୍ ଆଲର୍ଟରେ ରଖାଯାଇଛି। ଉପକୂଳ ଜିଲାଗୁଡ଼ିକୁ ଅରେଞ୍ଜ ଆଲର୍ଟରେ ରଖାଯାଇଛି। ବର୍ଷା ଅଧିକ ପରିମାଣରେ ହେବା ସମ୍ଭାବନା ଥିବାରୁ ସରକାର ଜିଲା ପ୍ରଶାସନକୁ ସତର୍କ ରହିବାକୁ କୁହାଯାଇଛି। ପ୍ରଭାବ ଅଧିକ ହେଲେ ବି ତା'ର ମୁକାବିଲା କରାଯିବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

## ବୋହୂ ସ୍ୱୀକୃତି ଦାବିରେ...

ହୋଇଥିଲେ ଗର୍ଭବତୀ ଯୁବତୀ। ଏଥିସହ ଗତ ୨ ତାରିଖରୁ ଶାଶୁଘର ବାରଣ୍ଡାରେ ଧାରଣା ଦେଇଥିଲେ ହେଁ ବୋହୂର ସ୍ୱୀକୃତି ମିଳିବା ପରିବର୍ତ୍ତେ ତାଙ୍କୁ ପୋଡ଼ି ହତ୍ୟା ଉଦ୍ୟମ କରାଯାଇଥିବା ସମ୍ପୃକ୍ତା ଯୁବତୀ ଅଭିଯୋଗ କରିଛନ୍ତି। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଧୀନ କୁମୁସୀ ପଞ୍ଚାୟତ ବସନ୍ତପଡ଼ା ଗ୍ରାମରେ ଘଟିଥିବା ଏହି ଘଟଣା ଏବେ ଆଲୋଚନାର ବିଷୟ ହୋଇଛି।

ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, ବିବାହର ଦୀର୍ଘଦିନ ପରେ ମଧ୍ୟ ତାଙ୍କୁ ବୋହୂର ମାନ୍ୟତା ମିଳିନାହିଁ। ସ୍ୱାମୀଙ୍କ ସହ ସେ ଶାଶୁଘରକୁ ଆସିବାର ମାତ୍ର କେଇ ଘଣ୍ଟା ମଧ୍ୟରେ ଜାତିଭାଇ ଧରିବାର ଭୟ ଦେଖାଇ ରାତି ପ୍ରାୟ ୩ଟା ବେଳେ ତାଙ୍କୁ ବାହାର କରିଦିଆଗଲା। ସ୍ୱାମୀଙ୍କ ସହ ସେ ଗାଁର ସ୍କୁଲ ଘରେ ଆଶ୍ରୟ ନେଲେ। ଭୋର ସମୟରେ ସ୍ୱାମୀଙ୍କ ସମ୍ପର୍କୀୟମାନେ ତାଙ୍କଠାରୁ ସ୍ୱାମୀଙ୍କୁ ଅଲଗା କରି ରାଜ୍ୟ ବାହାରକୁ ପଠାଇ ଦେଲେ। ଏହାପରଠାରୁ ସେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ଅଛନ୍ତି। ସେପ୍ଟେମ୍ବର ୨୬ ତାରିଖରୁ ସେ ଶାଶୁଘରର ୫ ଜଣଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେବଳ ନଂ. ୪୫୧/୨୫ରେ ମାମଲା ରୁଜୁ କରିବା ବ୍ୟତୀତ ତାଙ୍କୁ ନ୍ୟାୟ ପ୍ରଦାନ ଦିଗରେ କୌଣସି ପଦକ୍ଷେପ ନେଇନାହିଁ। ତେଣୁ ବାଧ୍ୟ ହୋଇ ସେ ଗତ ୨ ତାରିଖରୁ ଶାଶୁଘର ବାରଣ୍ଡାରେ ଧାରଣା ଦେଇଛନ୍ତି। ଶାଶୁଘର ଲୋକେ ସେବେଠାରୁ ଘର ଛାଡ଼ି ଅନ୍ୟତ୍ର ପଳାଇଥିବା ବେଳେ ସେ ଏକା ରୋଷେଇଘର ବାରଣ୍ଡାରେ ରହୁଥିଲେ। ହେଲେ ମଙ୍ଗଳବାର ଭୋର୍ ୪ ଟାରେ ରୋଷେଇ ଘରେ ନିଆଁ ଲଗାଇ ଦିଆଯିବା ସହ ତାଙ୍କୁ ପୋଡ଼ି ମାରିଦେବାକୁ ଉଦ୍ୟମ କରାଯାଇଛି। ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଉଦ୍ଧାର କରିବା ପରେ ସାଆନ୍ଦା ଫାଣ୍ଡି ଅଧିକାରୀ ଜୋସେଫ ପଟ୍ଟନାୟକ ପହଞ୍ଚି ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ। ତାଙ୍କୁ ରାସ୍ତାରୁ ହଟାଇ ଦେବାକୁ ଶାଶୁଘର ଲୋକେ ପୂର୍ବରୁ ବାରମ୍ବାର ଧମକ ଦେଉଥିବାରୁ ସେମାନେ ପୋଡ଼ି ହତ୍ୟା ଉଦ୍ୟମ କରିଥିବା ଯୁବତୀ ଜଣକ କହିଛନ୍ତି। ଚିକିତ୍ସା ପରେ ସେ ଏ ନେଇ ଲିଖିତ ଅଭିଯୋଗ କରିବାକୁ ଚାହୁଁଥିଲେ ସୁଦ୍ଧା ତାଙ୍କ ଟଙ୍କା ଓ ଆସବାବପତ୍ର ପୋଡ଼ି ଯାଇଥିବାରୁ ସେ ଲିଖିତ ଅଭିଯୋଗ କରିପାରିନାହାନ୍ତି। ଫାଣ୍ଡି ଅଧିକାରୀ ମଧ୍ୟ ତାଙ୍କୁ ସହଯୋଗ କରୁ ନ ଥିବା ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସାଆନ୍ଦା ଫାଣ୍ଡି ଅଧିକାରୀ ପଟ୍ଟନାୟକ କହିଛନ୍ତି, ଯୁବତୀଙ୍କୁ ମେଡିକାଲ ପଠାଇ ଦିଆଯାଇଥିଲା। ପରେ ସେ କୁଆଡେ ଗଲେ ଜାଣିନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ଚତୁଃଗ୍ରହ ଯୋଗ ପାରିବାରିକ ଜୀବନକୁ ସରସ, ସୁନ୍ଦର କରିବା ସହ ନୂତନ ସମ୍ପର୍କ ସୃଷ୍ଟିକରିବ। ଅବୁଝା ବନ୍ଧୁଙ୍କୁ ବୁଝାଇବାରେ ସମର୍ଥ ହେବେ। ମନ ଚାହୁଁଥିବା ଜିନିଷ ଲାଭ କରିବା ଦିଗରେ ଚେଷ୍ଟା ଅବ୍ୟାହତ ରଖନ୍ତୁ, ଆଶା ମଧ୍ୟ ଅପୂରଣୀୟ ରହିବ ନାହିଁ। ବ୍ୟବସାୟ, ସଭାସମିତି, ଯାତ୍ରା ଓ ବନ୍ଧୁମିଳନଜନିତ ସମୟ କଟାଇବେ।

**ବୃଷ** – ସାମାନ୍ୟ ବିଳମ୍ବରେ ଆଶା କରୁଥିବା ଦିଗରୁ ଧନପ୍ରାପ୍ତି ସହ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ବନ୍ଧୁଙ୍କ ପରାମର୍ଶରେ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ସାଧାରଣ କଥାକୁ କେନ୍ଦ୍ରକରି ଯୁକ୍ତିତର୍କଜନିତ ବିବାଦୀୟ ପରିସ୍ଥିତି ଉପୁଜିପାରେ। ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମିଥୁନ** – ଚେଷ୍ଟା କରୁଥିବା ଦିଗରୁ ଅର୍ଥଲାଭ ସକାଶେ ବନ୍ଧୁଙ୍କୁ ନେହୁରା ହେବେ। ପରିବାରର ଆବଶ୍ୟକତାକୁ ନେଇ ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅଫିସ୍ କାମରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ସହକର୍ମୀଙ୍କ ସହାୟତାରେ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ** – ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିଥିଲେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥତା ଆଶା କରାଯାଇ ନ ପାରେ। ଅଧିକାଂଶ ସମୟ ଆଗନ୍ତୁକ ନୂତନ ବନ୍ଧୁଙ୍କ ସହ ଆଳାପରେ ସମୟ କଟାଇବେ। କ୍ଷେତ୍ସନାରୀ, ଧାତୁ ଅଳଙ୍କାର ଓ ପୋଷାକପତ୍ର କାରବାରରୁ ଉପକୃତ ହେବେ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ପାଇଁ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ସିଂହ** – କଥା ଓ କାମରେ ମେଳ ନ ରହିବାରୁ ଅନ୍ୟମାନଙ୍କ ନିକଟରେ ଅବିଶ୍ୱାସର ପାତ୍ର ହେବେ। ପରିବାରରେ ବ୍ୟୟର ମାତ୍ରା କ୍ରମଶଃ ବୃଦ୍ଧି ହେତୁ ମାନସିକ ଅବସାଦ ବୃଦ୍ଧି ପାଇବ। ବିଭିନ୍ନ କାମରେ ଅନୁପ୍ରବେଶ କାରଣରୁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ। ଈର୍ଷା ପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**କନ୍ୟା** – ସାମାଜିକ ଜୀବନରେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇ ସମସ୍ୟାକୁ ନିମନ୍ତ୍ରଣ କରିବେ। ପରୋକ୍ଷ ଶତ୍ରୁତା, ଋଣ ଉଠାଣ, ଯୋଗାଣ କାରବାରରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଅନିୟମିତ ଭୋଜନଜନିତ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେବାର ସୂଚନା ରହିଛି।

**ତୁଳା** – ପରିବାରର ସମସ୍ୟା ସମାଧାନ ଚେଷ୍ଟା କରି ସଫଳ ହେବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବାର ସୂଚନା ରହିଛି। ଆଧ୍ୟାତ୍ମିକ ପ୍ରବଚନ, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଓ ନୃତ୍ୟ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ନୂତନ ସ୍ଥାନ ପରିଦର୍ଶନଜନିତ ଅହେତୁକ କଳ୍ପନାରେ ମସ୍‌ଗୁଲ୍ ରହିବେ।

**ବିଛା** – କାର୍ଯ୍ୟହାନି ସାଙ୍ଗକୁ ପରିବେଶ ଓ ପରିସ୍ଥିତିକୁ ନେଇ ଅସ୍ଥିରତା ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଆମନ୍ତ୍ରଣ କ୍ରମେ ଯାତ୍ରା କରିବାକୁ ପ୍ରସ୍ତୁତିପର୍ବରେ ଲାଗିପାରନ୍ତି। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହୋଇପାରେ। ରାଜନୈତିକ ସ୍ଥିତି, ଅର୍ଥନୈତିକ ପ୍ରଗତି ସାଙ୍ଗକୁ ସାମାଜିକ ପ୍ରତିଷ୍ଠା ମଧ୍ୟ ବୃଦ୍ଧି ପାଇବ।

**ଧନୁ** – ନିଜ ଲୋକଙ୍କ ଚକ୍ଷୁଶୂଳର କାରଣ ସ୍ୱରୂପ ଶ୍ରଦ୍ଧା, ସମ୍ମାନ ଓ ଆଦରର ନ୍ୟୂନତା ଉପଲବ୍ଧି କରିବେ। କର୍ମକ୍ଷେତ୍ରରେ ଅସହଯୋଗଜନିତ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। କୌଣସି ବିଶ୍ୱସନୀୟ ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହେବାର ସମ୍ଭାବନା ରହିଛି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ଯୋଗୁ କେତେକାଂଶରେ ଉପକୃତ ହେବେ।

**ମକର** – କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ ପୃଷ୍ଠ ସାହାଯ୍ୟ ଲାଭକରି ମନୋବଳ କ୍ରମଶଃ ବୃଦ୍ଧି ପାଇବ। ସାମାଜିକ ସ୍ତରରେ ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ,ପରିବହନ ଓ ଏଜେନ୍ସିପରୁ ଖୁସି ରହିବେ। ବିବାଦୀୟ ଘଟଣାରେ ବନ୍ଧୁଙ୍କ ମଧ୍ୟସ୍ଥତା ଭଲ କାମ ଦେଇପାରେ।

**କୁମ୍ଭ** – ସମସ୍ୟା ରହିଥିଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଘର ସାଜସଜ୍ଜାରେ, ନିର୍ମାଣରେ, ଆନୁଷ୍ଠାନିକ କାମରେ, ମେଳା ମଉଚ୍ଛବରେ, ନୃତ୍ୟ ଓ ସଙ୍ଗୀତରେ ମଜିରହିପାରନ୍ତି। କୌଣସି ଜନହିତକର କାମରେ ତାହାକୁ ବିନିଯୋଗ ଚିନ୍ତା କରିବେ। କୌଣସି ବନ୍ଧୁଙ୍କ ସହ ଆଜିର ଆଲୋଚନା ନିଷ୍ଫଳ ହେବନାହିଁ।

**ମୀନ** – ମତାନ୍ତରଜନିତ ପାରିବାରିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ସୃଷ୍ଟି ହେବାର ଆଶଙ୍କା ରହିଛି। ଜଣେ ବ୍ୟକ୍ତି କର୍ମକ୍ଷେତ୍ରରେ ହଠାତ ଅସହଯୋଗ କରି ସମସ୍ୟାର କେନ୍ଦ୍ରବିନ୍ଦୁ ପାଲଟି ଯାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ଆମଦାନୀ କାରବାର ଓ ରାଜନୀତି କ୍ଷେତ୍ରରେ ସଫଳତା ହାସଲ କରିବେ।

ଆଜି ଅକ୍ଟୋବର ୨୨ ତାରିଖ, କାର୍ତ୍ତିକ ଶୁକ୍ଳ ପ୍ରତିପଦା ବୁଧବାର। ଗିରି ଗୋବର୍ଦ୍ଧନ ପୂଜା, ଅନ୍ନକୂଟ, ବଲ୍ଯୁତ୍ସବ, ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୪୭ମି. ଗତେ ଘ.୦୮.୦୪ମି. ମଧ୍ୟେ, ଘ.୧୦.୨୨ମି. ଗତେ ଘ.୧୧.୩୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୧ମି. ଗତେ ଘ.୧୨.୫୩ମି. ମଧ୍ୟେ ରାହୁ କାଳ।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ୯ମ ବାର୍ଷିକ କାଳୀପୂଜା ମହୋତ୍ସବ ପାଳନ ଅବସରରେ ସୂର୍ଯ୍ୟ ପୂଜା ଓ ଚଣ୍ଡିପାଠ, ସ୍ଥାନ: ରସୁଲଗଡ଼ ଜିଜିପି କଲୋନୀସ୍ଥିତ ମା' ଦକ୍ଷିଣ କାଳୀ ମନ୍ଦିର ପରିସର, ସମୟ: ସକାଳ ୯ଟା।
- ଜୟନ୍ତ ମହାପାତ୍ର ସ୍ମାରକୀ ବକ୍ତୃତାମାଳା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା ୩୦।
- ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ କେଦାରନାଥ ମହାପାତ୍ରଙ୍କ ୧୧୪ତମ ଜୟନ୍ତୀ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ ସଭାଗୃହ. ସମୟ: ସନ୍ଧ୍ୟା ୬ଟା।

**କଟକ**
- ଟିଗିରିଆ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ମହେଶ୍ୱର ନୋଡାଲ ବିଦ୍ୟାପୀଠ, ପୁରୁଣା ଟିଗିରିଆ, ସମୟ: ସକାଳ ୯ଟା।
- ବଡ଼ମ୍ବା ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବଡ଼ମ୍ବା, ସମୟ: ସକାଳ ୯ଟା ୩୦।

**ଖୋର୍ଦ୍ଧା**
- ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ସମାରୋହ, ସ୍ଥାନ: ବେଗୁନିଆ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା ୩୦।

**ବାଲେଶ୍ୱର**
- ଯୁଗପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ମହାମହୋତ୍ସବ, ସ୍ଥାନ: ଜଳସୋହରିଆ ପାନ ମାର୍କେଟ, ଭୋଗରାଇ, ସମୟ: ସକାଳ ୬ଟା।
- କ୍ଲଷ୍ଟରସ୍ତରୀୟ ଶିଶୁ ଉତ୍ସବ ସୁରଭି, ସ୍ଥାନ: ଉତ୍ତର ଦେଉଳା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭୋଗରାଇ, ସମୟ: ସକାଳ ୮ଟା।
- କ୍ଲଷ୍ଟରସ୍ତରୀୟ ଶିଶୁ ଉତ୍ସବ ସୁରଭି, ସ୍ଥାନ: ଝାଟୁବଣୀ ଉଚ୍ଚ ବିଦ୍ୟାଳୟ, ଭୋଗରାଇ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ମାର୍କୋଣା ରଘୁନାରାୟଣ ହାଇସ୍କୁଲ, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ବିଜେଡିର ଜନସମ୍ପର୍କ ପଦଯାତ୍ରା ଓ ସମାବେଶ, ସ୍ଥାନ: ଥାନାଛକ ହେଲିପ୍ୟାଡ ପଡିଆ, ଭୋଗରାଇ, ସମୟ: ଅପରାହ୍ନ ୩ଟା।
- ମା' ଶ୍ୟାମାକାଳୀ ପୂଜା ଉତ୍ସବର ୩ୟ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ମା' ଭଦ୍ରକାଳୀଙ୍କ ରାଜରାଜେଶ୍ୱରୀ ବେଶ, ସ୍ଥାନ: ଭଦ୍ରକାଳୀ ମନ୍ଦିର, ଭଦ୍ରକ, ସମୟ: ସକାଳ ୬ଟା।
- କାଳୀପୂଜାର ଦ୍ୱିତୀୟ ଦିନ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୯ଟା।
- କାଳୀପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- କାଳୀପୂଜା ଅବସରରେ ଚଣ୍ଡୀପାଠ, ପୂଜାର୍ଚ୍ଚନା, ସ୍ଥାନ: ବନେଇକଳା, ଶାସ୍ତ୍ରୀନଗର, ଯୋଡ଼ା, ସମୟ: ସକାଳ ୮ଟା ୩୦।
- କାଳୀମନ୍ଦିରରେ ଚଣ୍ଡୀପାଠ, ହୋମଯଜ୍ଞ, ସ୍ଥାନ: ରଣାଶାଳ, ଯୋଡ଼ା, ସମୟ: ସକାଳ ୯ଟା।
- ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ :ଶାଳନିଆଁ ମେଡିକାଲ, ହାଟଡିହୀ, ସମୟ :ସକାଳ ୯ଟା।
- ବ୍ଲକସ୍ତରୀୟ ଶିଶୁ ସୁରଭି ଉତ୍ସବ, ସ୍ଥାନ: ବାଲିବରେଇ, ହାଟଡିହୀ, ସମୟ: ପୂର୍ବାହ୍ନ ୧୦ଟା।
- ତୁରୁମୁଙ୍ଗା ବଣିକ ସଂଘ ପକ୍ଷରୁ ମ୍ୟାଜିକ ଶୋ' ଓ ଡ୍ୟାନ୍ସ, ସ୍ଥାନ: ନିହୁଆ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

**ମୟୂରଭଞ୍ଜ**
- ଓମ୍ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଡୁମାପଦା କପ୍-୨୦୨୫, ସ୍ଥାନ: ବାରିପଦା ବ୍ଲକର ଡୁମାପଦା, ସମୟ: ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଚିତ୍ରଡ଼ା, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।

**ରାୟଗଡ଼ା**
- ମା' ତ୍ରିପୁରା ସୁନ୍ଦରୀ ପୂଜା ଓ ଆରତୀ, ସ୍ଥାନ: କାଳୀ ମଣ୍ଡପ, ରାୟଗଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

**ନବରଙ୍ଗପୁର**
- ଟାସ୍କ ଫୋର୍ସ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ପୌରାଞ୍ଚଳ ଉନ୍ନୟନ କାର୍ଯ୍ୟ ସମୀକ୍ଷା, ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ନ ୩ଟା।

**କୋରାପୁଟ**
- ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ବଡ଼ଅଖେଇ ପ୍ରାଥମିକ ବିଦ୍ୟାଳୟ, ଜୟପୁର, ସମୟ: ସକାଳ ୯ଟା ୩୦।
- ଜିଲାପାଳଙ୍କ ବିଭିନ୍ନ ଅଞ୍ଚଳ ପରିଦର୍ଶନ, ସ୍ଥାନ: ଲମତାପୁଟ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ନୋଡାଲ ହାଇ ସ୍କୁଲ, ବୈପାରୀଗୁଡ଼ା, ସ୍ଥାନ: ପୂର୍ବାହ୍ନ ୧୦ଟା।
- ଜିଲାରେ ବସ ସେବା ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ଅପରାହ୍ନ ୫ଟା।

**ସମ୍ବଲପୁର**
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ , ସମୟ: ସକାଳ ୬ଟା।
- ସିକ୍ରାପାଲି ଗିରି ଗୋବର୍ଦ୍ଧନ ପୂଜା, ସ୍ଥାନ : ସିକିରାପାଲି ଗ୍ରାମ, ସମୟ : ସକାଳ ୮ଟା।
- ଗିରିଗୋବର୍ଦ୍ଧନ ପୂଜା, ସ୍ଥାନ : ସାହସପୁର ଗ୍ରାମ, ସମୟ : ସକାଳ ୯ଟା।
- ସମ୍ବଲପୁର କରଣ ସମାଜ ଆୟୋଜନରେ କଳସ ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ: ମହାନଦୀ ବାଲିବନ୍ଧା ଘାଟ, ସମୟ : ଅପରାହ୍ନ ୫ଟା।

**ବଲାଙ୍ଗୀର**
- ଅସିଚାଳନା ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦।

**ରାଉରକେଲା**
- ବୋଇତ ବନ୍ଦାଣ ଉତ୍ସବ-୨୦୨୫ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ପାନପୋଷ, ସମୟ: ମଧ୍ୟାହ୍ନ ୧୨ଟା।
- ନିର୍ମଳ ମୁଣ୍ଡା ନଗର ଶାଖା ପକ୍ଷରୁ ମାସିକ ସାହିତ୍ୟ ଆସର କାର୍ଯ୍ୟକ୍ରମ, ସ୍ଥାନ: ମଧୁସୂଦନ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**
- ମା' ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା ମହୋତ୍ସବ, ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୬ଟା।
- ମା' ଧନଲକ୍ଷ୍ମୀ ଦେବୀଙ୍କ ପୂଜା ମହୋତ୍ସବ, ସ୍ଥାନ: ଗୋବିନ୍ଦପାଲି, ବରଗଡ଼, ସମୟ: ସକାଳ ୭ଟା।
- ୨୭ତମ ଲକ୍ଷ୍ମୀ ପୂଜା, ସ୍ଥାନ:ବଣିକ ସଂଘ, ଗାଇସିଲେଟ, ସମୟ:ପୂର୍ବାହ୍ନ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ଲସ୍ତଲା, ଅତାବିରା, ସମୟ:ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ବରପାଲି, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଚିହିକିପାଲି, ଭେଡେନ, ସମୟ: ଅପରାହ୍ନ ୫ଟା।

**କଳାହାଣ୍ଡି**
- ସାଇବର ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ସକାଳ ୯ଟା ୩୦।
- ଜିଲାସ୍ତରୀୟ ତମାଖୁ ବର୍ଜନ ଦିବସ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**ବୌଦ୍ଧ**
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଦେବଗଡ଼**
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ଼ ମଠ ସାହି, ସମୟ: ସନ୍ଧ୍ୟା ୬ଟା ୩୦।
- ସାର୍ବଜନୀନ କାଳୀ ପୂଜା ମହୋତ୍ସବ ଅବସରରେ ସାଂସ୍କୃତି କାର୍ଯ୍ୟକ୍ରମ, ସ୍ଥାନ:ବାରକୋଟ ବ୍ଲକ, ଆସ୍ଥାୟୀ ପୂଜା ପେଣ୍ଡାଲ,ସମୟ:ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଗିରିଗୋବର୍ଦ୍ଧନ ପୂଜା, ସ୍ଥାନ: ବରାହପଦର ମଠ, ବଡ଼ଖମାର, ବୀରମହାରାଜପୁର, ସମୟ: ସକାଳ ୮ଟାରୁ ଆରମ୍ଭ।
- ୫୭ତମ ସାର୍ବଜନୀନ କାଳୀପୂଜା ମହୋତ୍ସବ ଅବସରରେ ସହୀଦଙ୍କ ସ୍ମୃତିରେ ରକ୍ତଦାନ ଶିବିର, ସ୍ଥାନ: ମଝିପଡା ପୂଜା ମଣ୍ଡପ ପ୍ରାଙ୍ଗଣ, ସମୟ: ସକାଳ ୮ଟା ୩୦।
- ଉଫୁଲା ୪୨ତମ କାଳୀପୂଜା ଅବସରରେ ମହିଳା ଦଣ୍ଡନୃତ, ସ୍ଥାନ: କାଳୀପୂଜା ମଣ୍ଡପ ସମ୍ମୁଖ, ସମୟ: ରାତି ୯ଟା।

**ପ୍ରଥମ ପୃଷ୍ଠାରୁ...**

## ଦୀପାବଳି: ବଢ଼ିଲା...

୨୫୩ରେ ପହଞ୍ଚିଥିବାବେଳେ ନୟାପଲ୍ଲୀ ଅଞ୍ଚଳରେ ୨୨୦ରହିଛି। ସେହିପରି କଟକରେ ବାୟୁ ପ୍ରଦୂଷଣସ୍ତର ଅସ୍ୱାସ୍ଥ୍ୟକର ସ୍ଥିତିରେ ରହିଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ବାୟୁ ପ୍ରଦୂଷଣ ସୂଚକାଙ୍କ ୧୭୩ ଥିବା ରେକର୍ଡ ହୋଇଛି। ବାୟୁରେ ପ୍ରଦୂଷଣ ସୂଚକାଙ୍କ ୧୫୦ରୁ ୨୦୦ମଧ୍ୟରେ ରହିଲେ ତାହା ଅସ୍ୱାସ୍ଥ୍ୟକର ହୋଇଥାଏ। କଟକ ବାୟୁମଣ୍ଡଳରେ ବର୍ତ୍ତମାନ ଏକ୍ୟୁଆଇ ୧୨୨ ଥିବାବେଳେ ପିଏମ୍ ୨. ୫ କଣିକାର ମାତ୍ରା ୮୭ ରହିଛି। ସମ୍ବଲପୁର ସହରରେ ବାଣ ଫୁଟା ପ୍ରଦୂଷଣ ଅପେକ୍ଷା ଭାସମାନ ଧୂଳିକଣା ଜନିତ ପ୍ରଦୂଷଣ ଅଧିକ ବୋଲି ସମ୍ବଲପୁରସ୍ଥିତ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ସତ୍ୟନାରାୟଣ ନନ୍ଦ କହିଛନ୍ତି। ସହରରେ ବାଣ ବ୍ୟବସାୟୀମାନଙ୍କୁ ସବୁଜ ବାଣ ବିକ୍ରୟ ପାଇଁ କୁହାଯାଇଥିଲା। ଏଥିଯୋଗୁ ପୂର୍ବ ବର୍ଷ ଅପେକ୍ଷା ବାୟୁ ପ୍ରଦୂଷଣ କମ୍ ରହିଥିବା ସତ୍ୟନାରାୟଣ କହିଛନ୍ତି। ମୁଦିପଡ଼ା ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ପାଣିଟାଙ୍କି ଛକରେ ବାୟୁ ପ୍ରଦୂଷଣ ସର୍ବାଧିକ ୨୧୭ ମାଇକ୍ରୋଗ୍ରାମ ପ୍ରତି ଘନମିଟର, ବରେଇପାଲି ଜଳ ବିଶୋଧନାଗାର ନିକଟରେ ୧୭୩ ମାଇକ୍ରୋଗ୍ରାମ ପ୍ରତି ଘନମିଟର ଓ ଦଳେଇପଡ଼ା ପୁରୁଣା ପୌରପରିଷଦ କାର୍ଯ୍ୟାଳୟ ନିକଟରେ ଏହାର ମାତ୍ରା ୧୪୯ ମାଇକ୍ରୋଗ୍ରାମ ପ୍ରତି ଘନମିଟର ରହିଛି।

ବ୍ରହ୍ମପୁରରେ ମଧ୍ୟ ଚଳିତବର୍ଷ ୨ ଦିନ ଦୀପାବଳି ପାଳିତ ହୋଇଥିବାରୁ ବର୍ତ୍ତମାନ ସୁଦ୍ଧା ପ୍ରଦୂଷଣର ପ୍ରଭାବ ଅଧିକ ରହିଛି। ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏହାକୁ ମନିଟରିଂ କରାଯାଉଛି। ପ୍ରାୟ ୧୪ ଦିନ ଧରି ମନିଟରିଂ ହେବ। ବୁଧବାର ଏହାର ପ୍ରଭାବ ଜଣାପଡ଼ିବ ବୋଲି ବ୍ରହ୍ମପୁର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଇଂ. ଦୀପକ କୁମାର ସାହୁ କହିଛନ୍ତି।

ଏନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟଯନ୍ତ୍ରୀ ନିହାର ରଞ୍ଜନ ସାହୁ କହିଛନ୍ତି ଯେ, ବାଣ ଫୁଟାଇବା ନେଇ ପ୍ରଦୂଷଣ ବୋର୍ଡ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ନିର୍ଦ୍ଦେଶନାମା ଜାରି ହୋଇଛି। ସବୁଜ ବାଣ ଫୁଟାଇବା ଉପରେ ବୋର୍ଡ ପକ୍ଷରୁ ସଚେତନ କରାଯାଉଛି। ହେଲେ ସାଧାରଣ ଲୋକେ ଏଥିପ୍ରତି ସଚେତନ ହେଉନାହାନ୍ତି। ଫଳରେ ଏହାର ପ୍ରଭାବ ପରିବେଶ ଉପରେ ପଡୁଛି। ଦୀପାବଳି ପାଇଁ ବୋର୍ଡ ପକ୍ଷରୁ ବିଭିନ୍ନ ସହରରେ ଅଧିକାଂଶ ସ୍ଥାନରେ ଚଢ଼ଉ କରାଯାଇଛି, ବାଣ ଦୋକାନୀଙ୍କୁ ଜୋରିମାନା କରାଯାଇଛି। ଏହାସତ୍ତ୍ୱେ ଜନସାଧାରଣ ବାଣ କିଣିବାପାଇଁ ଯେପରି ଆଗ୍ରହ ଦେଖାଉଛନ୍ତି ତାକୁ ନେଇ ଦୋକାନୀ ଅନୁରୂପ ଭାବେ ବାଣ ବିକୁଛନ୍ତି। ଏଥିପ୍ରତି ସବୁବର୍ଗର ଲୋକେ ସଚେତନ ହେବା ନିହାତି ଜରୁରୀ।

ରାଜ୍ୟ ଭେଷଜ, ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ଅତିରିକ୍ତ ନିର୍ଦ୍ଦେଶକ ପ୍ରଫେସର ଡା. ଉମାକାନ୍ତ ଶତପଥୀ କହିଛନ୍ତି, ବାୟୁ ପ୍ରଦୂଷଣ ଅଧିକ ହେଲେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। ଚର୍ମରୋଗଠାରୁ ଆରମ୍ଭ କରି ଶ୍ରବଣଶକ୍ତି ହ୍ରାସ ପାଇଥାଏ। ୮୫ ଡେସିବଲରୁ ଅଧିକ ବାୟୁ ପ୍ରଦୂଷଣ ହେଲେ ଶ୍ରବଣଶକ୍ତି ଉପରେ ଗୁରୁତର ପ୍ରଭାବ ପଡ଼େ। ଆଜମା, ବ୍ରୋଙ୍କାଇଟସ୍ ଭଳି ରୋଗ ଦେଖାଦେଇଥାଏ। ଲୋକେ ସତର୍କ ନହେଲେ ସମସ୍ୟା ହିଁ ସମସ୍ୟା ଦେଖାଦିଏ ବୋଲି ଡା. ଶତପଥୀ କହିଛନ୍ତି।

ଦୀପାବଳି ରାତିରେ ହିମାଚଳ ପ୍ରଦେଶର ଶିମ୍ଲା ସମେତ ବିଭିନ୍ନ ସହରରେ ବାଣ ଫୁଟାବେଳେ ଅନେକ ଦୋକାନ ଜଳିଯାଇଛି। ଶିମ୍ଲାରେ ବହୁ କୋଟି ଟଙ୍କାର ସମ୍ପତ୍ତି ଜଳିପୋଡ଼ି ଛାରଖାର ହୋଇଯାଇଛି। ସୋମବାର ରାତିରୁ ଅଦ୍ୟାବଧି ୪୭ଟି ସ୍ଥାନରେ ଅଗ୍ନିକାଣ୍ଡ ଘଟିଛି। କୁଲ୍ଲୁ ଜିଲାର ଏକ ବହୁତଳ ବିଶିଷ୍ଟ ହୋଟେଲ ଜଳିଯାଇଛି। ଫଳରେ ପର୍ଯ୍ୟଟକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

## ବାଣ ଫୁଟାଇବା ବେଳେ ଛିଣ୍ଡିଲା ଯୁବକଙ୍କ ହାତ ପାପୁଲି

**ସୋର, ୨୧।୧୦(ଜନ୍ମେଜୟ ମିଶ୍ର)**

ଦୀପାବଳିରେ ବାଣ ଫୁଟାଇବା ବେଳେ ଅଘଟଣ ଘଟି ଜଣେ ଯୁବକଙ୍କ ହାତ ପାପୁଲି ଛିଣ୍ଡିଥିବା ବେଳେ ୬ଜଣ ନାବାଳକଙ୍କ ସମେତ ୧୨ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଗୁରୁତର ଯୁବକ ହେଲେ ସୋର ଥାନା ଗୋବିନ୍ଦପୁର ଗ୍ରାମର ବାବୁ ମହାନ୍ତି (୩୬)। ବାବୁ ସୋମବାର ସନ୍ଧ୍ୟାରେ ଚାଇନା ବାଣ ଫୁଟାଉଥିବା ବେଳେ ହଠାତ୍ ବାଣଟି ତାଙ୍କ ଡାହାଣ ହାତ ପାପୁଲିରେ ଫାଟିଯାଇଥିଲା। ଫଳରେ ହାତରୁ ପାପୁଲି ଅଲଗା ହେବା ସହିତ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ସନ୍ଧ୍ୟାରେ ବାଣ ଫୁଟାଉଥିବା ବେଳେ ସୋରର ବିଭିନ୍ନ ଅଞ୍ଚଳରୁ ମୁକ୍ତିକାନ୍ତ ନାୟକ(୪୦), ଅନିମା ରାଉତ (୩୮), ସୌଭଗ୍ୟ ଜେନା (୧୪), ଖଗେଶ ମହାକୁଡ, ସୋମେଶ ପଲେଇ(୧୨), ଶୁଭ୍ରଜିତ ସ(୧୪), ବିଷ୍ଣୁପ୍ରସାଦ ସାହୁ(୧୩), ସାଇ ରାଉତ(୫) ପ୍ରମୁଖ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

## ବାଣଫୁଟି ୬୦ରୁ ଉର୍ଦ୍ଧ୍ୱ ଆହତ

**ଭୁବନେଶ୍ୱର, ୨୧।୧୦(ସତ୍ୟଜିତ ରାଉତ)**

ଦୀପାବଳି ପାଇଁ ରାଜଧାନୀ ଭୁବନେଶ୍ୱର ଉତ୍ସବମୁଖର ହୋଇପଡ଼ିଥିବାବେଳେ ବିଭିନ୍ନ ସ୍ଥାନରେ ଅଘଟଣ ଘଟିଛି। ବାଣ ଫୁଟି ୬୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ସୂଚନା ମିଳିଛି। ସୋମବାର ଅପରାହ୍ନ ୨ଟାରୁ ରାତି ୧୦ଟା ୩୦ ମଧ୍ୟରେ କ୍ୟାପିଟାଲ ହସ୍ପିଟାଲରେ ପ୍ରାୟ ୬୨ ଜଣ ଆହତ ଭର୍ତ୍ତି ହୋଇଥିଲେ। ପରବର୍ତ୍ତୀ ସମୟରେ ଆହତଙ୍କ ସଂଖ୍ୟା ବଢ଼ିଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି। ଅପରପକ୍ଷରେ ବାଣ ଫୁଟାଇବାକୁ ନେଇ କମିଶନରେଟ୍ ପୋଲିସ ପକ୍ଷରୁ ସମୟ କଟକଣା ଜାରି କରାଯାଇଥିବା ସତ୍ତ୍ୱେ ଲୋକେ ଏହାକୁ ମାନି ନ ଥିଲେ। ସନ୍ଧ୍ୟା ୭ଟାରୁ ରାତି ୯ ପର୍ଯ୍ୟନ୍ତ ବାଣ ଫୁଟାଇବାକୁ ପୋଲିସ ଅନୁମତି ଦେଇଥିଲା। ନିର୍ଦ୍ଦେଶନାମା ନ ମାନି ରାତି ୯ଟା ପରେ ବାଣ ଫୁଟାଇଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନରେଟ୍ ପୋଲିସ ଚେତାବନୀ ଦେଇଥିଲା। ହେଲେ ଲୋକେ ଏହି ନିୟମକୁ ମାନି ନ ଥିଲେ। ସନ୍ଧ୍ୟା ହେବା ମାତ୍ରେ ବିଭିନ୍ନ ସ୍ଥାନରେ ବାଣ ଫୁଟା ଆରମ୍ଭ ହୋଇଯାଇଥିଲା। ଏପରିକି ରାତି ୯ଟା ପରେ ବାଣଫୁଟା ବନ୍ଦ ହୋଇ ନ ଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଅମାନିଆମାନେ ବାଣ ଫୁଟାଇ ଉତ୍ସବ ମନାଇଥିଲେ। ବାଣ ଫୁଟା ଯୋଗୁ ରାଜଧାନୀର ପରିବେଶ ବିଗିଡ଼ି ଯାଇଥିଲା। ବାଣ ଧୂଆଁରେ ପରିବେଶ ଆଚ୍ଛାଦିତ ହୋଇଯାଇଥିଲା। ରାସ୍ତାରେ ଗାଡ଼ି ଚଳାଚଳ କରିବା କଷ୍ଟକର ହୋଇପଡ଼ିଥିଲା।

## କଫ୍ ସିରପ୍ ମୃତ୍ୟୁ...

ଔଷଧରେ ଡାଇ-ଇଥାଇଲିନ୍ ଏବଂ ଇଥାଇଲିନ୍ ଗ୍ଲାଇକୋଲ ଭଳି ପ୍ରଦୂଷିତ ଉପାଦାନ ରହିଛି ନାହିଁ, ତାହାର ପରୀକ୍ଷା କରିବା ବ୍ୟବସ୍ଥା ରହିଛି। କିନ୍ତୁ ଘରୋଇ ବଜାରରେ ସିରପ୍ ବିକ୍ରି ପାଇଁ ସେଭଳି କୌଣସି ନିୟମାବଳୀ ନାହିଁ। ଏହା ନିୟାମକ ବ୍ୟବଧାନ ବୋଲି ଡବ୍ଲ୍ୟୁଏଚ୍ଓ ସତର୍କ କରାଇଛନ୍ତି। ନିମ୍ନମାନର ଏବଂ ତ୍ରୁଟିପୂର୍ଣ୍ଣ ଔଷଧଗୁଡ଼ିକ ସହ ସମ୍ପୃକ୍ତ ଘଟଣାରେ କାର୍ଯ୍ୟ ଆଗେଇ ଚାଲିଥିବାବେଳେ ଡବ୍ଲ୍ୟୁଏଚ୍ଓ ଟିମ୍ ଏଥିରେ ଅଗ୍ରଣୀ ଭୂମିକା ନେଇଥିବା କୁଓ୍ୱାନା କହିଛନ୍ତି। ତେବେ ଆହୁରି ଅନେକ କିଛି କରାଯିବାର ଆବଶ୍ୟକତା ରହିଛି। ଅନେକ ହଜାର ଉତ୍ପାଦନକାରୀଙ୍କୁ ନେଇ ଏହା ଏକ ବିଶାଳ ବଜାର ହୋଇଥିବାରୁ ଅନେକ ରାଜ୍ୟକୁ ଏଥିରେ ଡିଲ୍ କରିବାକୁ ହେବ।

କମ୍ପାନୀଗୁଡ଼ିକ ବର୍ଷେ ସୁଦ୍ଧା ସେମାନଙ୍କ କାରଖାନାଗୁଡ଼ିକୁ ଅନ୍ତର୍ଜାତୀୟ ଗୁଣବତ୍ତାରେ ଉନ୍ନତ କରିବା ପରେ ରପ୍ତାନି ନିୟମାବଳୀକୁ ରଦ୍ଦ କରିବାକୁ ଭାରତ ଯୋଜନା ରଖିଥିବା ଗତ ସପ୍ତାହରେ ରଏଟର୍ସ ପ୍ରକାଶ କରିଥିଲା। ଅନୁରୋଧ ସତ୍ତ୍ୱେ ଭାରତର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ କେନ୍ଦ୍ରୀୟ ଔଷଧ ଗୁଣବତ୍ତା ନିୟନ୍ତ୍ରଣ ସଂଗଠନ (ସିଡିଏସ୍ସିଓ) କୌଣସି ମନ୍ତବ୍ୟ ଦେଇ ନ ଥିଲେ। ଯୋଜନା ଉପରେ ମନ୍ତବ୍ୟ ଦେବା ନିମନ୍ତେ ବାରମ୍ବାର ଫୋନ୍ କରିବା ସତ୍ତ୍ୱେ ସ୍ରେସାନ ଫାର୍ମାର ପ୍ରତିନିଧିମାନେ କୌଣସି ଜବାବ ରଖି ନ ଥିଲେ। ଔଷଧ ଗୁଣବତ୍ତାରେ ଉନ୍ନତି ଆଣିବା ଦିଗରେ ସମସ୍ତ ପଦକ୍ଷେପକୁ ଏଜେନ୍ସି ସ୍ୱାଗତ କରିଥିବା ଡବ୍ଲ୍ୟୁଏଚ୍ଓ ମୁଖପାତ୍ର କହିଛନ୍ତି। ତେବେ ରପ୍ତାନି ପରୀକ୍ଷା କରା ନ ଯିବା ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, କେବଳ ଶେଷରେ ନୁହେଁ, ଉତ୍ପାଦନ ପ୍ରକ୍ରିୟା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କଞ୍ଚାମାଲ ସମେତ ଔଷଧକୁ ପରୀକ୍ଷା କରାଯିବା ଆବଶ୍ୟକ। ଆଇନ ଅନୁଯାୟୀ ଭାରତୀୟ ଔଷଧ କମ୍ପାନୀଗୁଡ଼ିକୁ କଞ୍ଚାମାଲ୍ର ପ୍ରତ୍ୟେକ ବ୍ୟାଚ୍ ଏବଂ ଚୂଡ଼ାନ୍ତ ଉତ୍ପାଦର ନିଶ୍ଚୟ ପରୀକ୍ଷା କରିବାକୁ ହେବ। ତେବେ କେତେକ କମ୍ପାନୀ ତାହା କରୁ ନ ଥିବା ସିଡିଏସ୍ସିଓ କହିଛନ୍ତି। ପଡ଼ୋଶୀ ପାକିସ୍ତାନ ବିଷାକ୍ତ ଉପାଦାନଗୁଡ଼ିକର ପରୀକ୍ଷା ପାଇଁ ଡବ୍ଲ୍ୟୁଏଚ୍ଓରୁ ତାଲିମ ନେବା ସହ ଏକ ନୂଆ ଓ ଶସ୍ତା ପରୀକ୍ଷାର ବିକାଶ କରିଛି। ଭାରତର ପ୍ରତିନିଧି ଯୋଗଦେଇ ନ ଥିଲେ କିନ୍ତୁ ଏହି ପଦ୍ଧତି ବ୍ୟବହାର କରୁଥିବା ଡବ୍ଲ୍ୟୁଏଚ୍ଓକୁ ନିଶ୍ଚିତ କରାଇଥିଲେ ବୋଲି କୁଓ୍ୱାନା କହିଛନ୍ତି। ପୂର୍ବ ଘଟଣାରେ କେହି ଉତ୍ତରଦାୟୀ ନ ରହିବା ଅତ୍ୟନ୍ତ ଦୁଃଖଦାୟକ। ବିଦେଶରେ ଔଷଧ ଖାଇ ପିଲାଙ୍କ ମୃତ୍ୟୁ ସତ୍ତ୍ୱେ ଭାରତରେ କେହି ଜେଲ ଯାଇଥିବାର ରେକର୍ଡ ନାହିଁ ବୋଲି ଡବ୍ଲ୍ୟୁଏଚ୍ଓ ଅଧିକାରୀ କହିଛନ୍ତି। ଏହା ନକଲି ଜୋତା ବିକିବା ଭଳି ନୁହେଁ, ଏହା ଏକ ନୈତିକ ପ୍ରସଙ୍ଗ। ଯଦି ଆପଣମାନେ ନିୟମାବଳୀ ଅନୁପାଳନ ନ କରନ୍ତି, ତେବେ ତାହା ଅପରାଧ, କାରଣ ତାହାର ଭୟଙ୍କର ପରିଣାମ ରହିଥିବା କୁଓ୍ୱାନା କହିଛନ୍ତି।

## ୫ ଦିନ ଯାଏ...

ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ସେହିପରି ଓଡ଼ିଶା ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିବ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ତେବେ ଲଘୁଚାପ ପ୍ରଭାବରେ ଓଡ଼ିଶାରେ ଆଗାମୀ ୫ ରୁ ୭ ଦିନ ଧରି ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ କହିଛି। ବିଶେଷକରି ଦକ୍ଷିଣ ଓ ଉପକୂଳ ଓଡ଼ିଶା ସମେତ ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ରହିବ। ବିଜୁଳି, ଘଡ଼ଘଡ଼ି ସହ ଝଟକା ପବନର ସମ୍ଭାବନା ଥିବାବେଳେ ଏହି ସମୟରେ ଚାଷୀଙ୍କୁ ସାବଧାନତା ଅବଲମ୍ବନ ସହ ସତର୍କ ରହିବାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି। ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ସହିତ ଘଡ଼ଘଡ଼ି ସହିତ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ନେଇ ଆକଳନ କରାଯାଇଛି। ୨୩ ତାରିଖରେ ରାଜ୍ୟର କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଅକ୍ଟୋବର ୨୪, ୨୫ ଓ ୨୬ରେ ବର୍ଷା ବଢ଼ିବାର ସମ୍ଭାବନା ଥିବା ନେଇ ନିର୍ଦ୍ଦେଶିକା ମହାନ୍ତି ସୂଚନା ଦେଇଛନ୍ତି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ଥିବାରୁ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବା ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏଥିସହ ଚାଷୀମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

ଅପରପକ୍ଷେ ଗତ ୨୪ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଅନୁଗୋଳ ଜିଲା ଟିକରପଡ଼ାରେ ସର୍ବାଧିକ ୬୨.୮ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଖୋର୍ଦ୍ଧାର ଟାଙ୍ଗୀରେ ୫୫ମି.ମି., ନୟାଗଡ଼ ଜିଲା ଗଣିଆରେ ୪୭ ମି.ମି., କଟକ ବାଙ୍କୀରେ ୪୫ ମି.ମି., ନୟାଗଡ଼ ଜିଲା ଦଶପଲ୍ଲାରେ ୪୨.୮ ମି.ମି., ବଲାଙ୍ଗୀରରେ ୪୧.୩ ମି.ମି., କଟକରେ ୩୯.୮ ମି.ମି. ଏବଂ କଳାହାଣ୍ଡି ଜିଲା ନର୍ଲାରେ ୩୭ ମି.ମି ବର୍ଷା ହୋଇଛି।

## ସମ୍ଭାବ୍ୟ ବାତ୍ୟା, ଲଘୁଚାପଜନିତ ବର୍ଷା ପାଇଁ ପ୍ରଶାସନକୁ ସତର୍କ କରାଯାଇଛି: ମନ୍ତ୍ରୀ ପୂଜାରୀ

**ଭୁବନେଶ୍ୱର, ୨୧।୧୦(ସୁନିତ୍ ମିଶ୍ର)**

ସମ୍ଭାବ୍ୟ ବାତ୍ୟା ଓ ଲଘୁଚାପଜନିତ ପ୍ରବଳ ବର୍ଷା ପାଇଁ ଜିଲା ପ୍ରଶାସନକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସତର୍କ କରାଯାଇଛି। ବିଦେଶୀ ପାଣିପାଗ ମଡେଲ ଓ ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନକୁ ଦେଖି ସବୁ ସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ମନ୍ତ୍ରୀ କହିଛନ୍ତି, ବଙ୍ଗୋପସାଗରରେ ୨ଟି ଲଘୁଚାପ ହେବାର ଆକଳନ ହୋଇଛି। ବାତ୍ୟା ନେଇ ଆମେରିକାର ଏକ ସଂସ୍ଥା ଆକଳନ କରୁଛି। କିନ୍ତୁ ଭାରତୀୟ ପାଣିପାଗ ସଂସ୍ଥା କେବଳ ବର୍ଷା ହେବ ବୋଲି ବର୍ତ୍ତମାନ ସୁଦ୍ଧା ଆକଳନ କରିଛି। ପାଣିପାଗ ବିଭାଗର ରିପୋର୍ଟ ଅନୁଯାୟୀ ଦକ୍ଷିଣ ଓଡ଼ିଶାରେ ବର୍ଷା ଅଧିକ ହେବାର ସମ୍ଭାବନା ରହିଛି। ତେଣୁ ତାକୁ ରେଡ୍ ଆଲର୍ଟରେ ରଖାଯାଇଛି। ଉପକୂଳ ଜିଲାଗୁଡ଼ିକୁ ଅରେଞ୍ଜ ଆଲର୍ଟରେ ରଖାଯାଇଛି। ବର୍ଷା ଅଧିକ ପରିମାଣରେ ହେବା ସମ୍ଭାବନା ଥିବାରୁ ସରକାର ଜିଲା ପ୍ରଶାସନକୁ ସତର୍କ ରହିବାକୁ କୁହାଯାଇଛି। ପ୍ରଭାବ ଅଧିକ ହେଲେ ବି ତା'ର ମୁକାବିଲା କରାଯିବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

## ସାନେ ତାକାଇଚି...

ଶୂନ୍ୟତାର ଅନ୍ତ ଘଟିଛି। ଜୁଲାଇରେ ଅନୁଷ୍ଠିତ ନିର୍ବାଚନରେ ଇଶିବାଙ୍କ ଲିବେରାଲ ଡେମୋକ୍ରାଟିକ୍ ପାର୍ଟି ପରାଜିତ ହେବା ପରେ ରାଜନୈତିକ ଶୂନ୍ୟତା ଓ ବିବାଦ ଲାଗି ରହିଥିଲା। ଇଶିବା ମାତ୍ର ଗୋଟିଏ ବର୍ଷ ପ୍ରଧାନମନ୍ତ୍ରୀ ରହିବା ପରେ ଇସ୍ତଫା ଦେଇ ଉତ୍ତରାଧିକାରୀ ବାଛିବାର ପଥ ପରିଷ୍କାର କରିଦେଇଥିଲେ। ଓସାକାର ଜାପାନ ଇନୋଭେଶନ ପାର୍ଟି ସହ ଏଲଡିପି ମେଣ୍ଟ କରିବା ଫଳରେ ସାନେଙ୍କ ପ୍ରଧାନମନ୍ତ୍ରିତ୍ୱ ସୁନିଶ୍ଚିତ ହୋଇଥିଲା। କାରଣ ବିରୋଧୀ ଏକାଠି ହୋଇପାରି ନ ଥିଲେ। ୬୪ ବର୍ଷୀୟ କଠୋର ରକ୍ଷଣଶୀଳ ନେତ୍ରୀ ସାନେ ପୁରୁଷପ୍ରାଧାନ୍ୟ ବ୍ୟବସ୍ଥା ମଧ୍ୟରେ ଉପରକୁ ଉଠିବାରେ ଜଣେ ବିରଳ ମହିଳା। ସେହିପରି ଲିବେରାଲ ଡେମୋକ୍ରାଟିକ୍ ପାର୍ଟିର ନେତୃତ୍ୱ ନେବାରେ ମଧ୍ୟ ସେ ପ୍ରଥମ ମହିଳା।

## ବୋହୂ ସ୍ୱୀକୃତି ଦାବିରେ...

ଶାଶୁଘର ଲୋକେ ବାହାର କରିଦେଲେ। ଏପରି କି ତାଙ୍କଠାରୁ ଦୂରେଇ ଦେବାକୁ ସ୍ୱାମୀଙ୍କୁ ରାଜ୍ୟ ବାହାରକୁ ପଠାଇ ଦେଲେ। ତେଣୁ ବୋହୂର ସ୍ୱୀକୃତି ଦାବି କରି ଗତମାସ ୨୬ ତାରିଖରେ ଥାନାର ଦ୍ୱାରସ୍ଥ ହୋଇଥିଲେ ଗର୍ଭବତୀ ଯୁବତୀ। ଏଥିସହ ଗତ ୨ ତାରିଖରୁ ଶାଶୁଘର ବାରଣ୍ଡାରେ ଧାରଣା ଦେଇଥିଲେ ହେଁ ବୋହୂର ସ୍ୱୀକୃତି ମିଳିବା ପରିବର୍ତ୍ତେ ତାଙ୍କୁ ପୋଡ଼ି ହତ୍ୟା ଉଦ୍ୟମ କରାଯାଇଥିବା ସମ୍ପୃକ୍ତା ଯୁବତୀ ଅଭିଯୋଗ କରିଛନ୍ତି। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଧୀନ କୁମୁସୀ ପଞ୍ଚାୟତ ବସନ୍ତପଡ଼ା ଗ୍ରାମରେ ଘଟିଥିବା ଏହି ଘଟଣା ଏବେ ଆଲୋଚନାର ବିଷୟ ହୋଇଛି।

ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, ବିବାହର ଦୀର୍ଘଦିନ ପରେ ମଧ୍ୟ ତାଙ୍କୁ ବୋହୂର ମାନ୍ୟତା ମିଳିନାହିଁ। ସ୍ୱାମୀଙ୍କ ସହ ସେ ଶାଶୁଘରକୁ ଆସିବାର ମାତ୍ର କେଇ ଘଣ୍ଟା ମଧ୍ୟରେ ଜାତିଭାଇ ଧରିବାର ଭୟ ଦେଖାଇ ରାତି ପ୍ରାୟ ୩ଟା ବେଳେ ତାଙ୍କୁ ବାହାର କରିଦିଆଗଲା। ସ୍ୱାମୀଙ୍କ ସହ ସେ ଗାଁର ସ୍କୁଲ ଘରେ ଆଶ୍ରୟ ନେଲେ। ଭୋର ସମୟରେ ସ୍ୱାମୀଙ୍କ ସମ୍ପର୍କୀୟମାନେ ତାଙ୍କଠାରୁ ସ୍ୱାମୀଙ୍କୁ ଅଲଗା କରି ରାଜ୍ୟ ବାହାରକୁ ପଠାଇ ଦେଲେ। ଏହାପରଠାରୁ ସେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ଅଛନ୍ତି। ସେପ୍ଟେମ୍ବର ୨୬ ତାରିଖରୁ ସେ ଶାଶୁଘରର ୫ ଜଣଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେବଳ ନଂ. ୪୫୧/୨୫ରେ ମାମଲା ରୁଜୁ କରିବା ବ୍ୟତୀତ ତାଙ୍କୁ ନ୍ୟାୟ ପ୍ରଦାନ ଦିଗରେ କୌଣସି ପଦକ୍ଷେପ ନେଇନାହିଁ। ତେଣୁ ବାଧ୍ୟ ହୋଇ ସେ ଗତ ୨ ତାରିଖରୁ ଶାଶୁଘର ବାରଣ୍ଡାରେ ଧାରଣା ଦେଇଛନ୍ତି। ଶାଶୁଘର ଲୋକେ ସେବେଠାରୁ ଘର ଛାଡ଼ି ଅନ୍ୟତ୍ର ପଳାଇଥିବା ବେଳେ ସେ ଏକା ରୋଷେଇଘର ବାରଣ୍ଡାରେ ରହୁଥିଲେ। ହେଲେ ମଙ୍ଗଳବାର ଭୋର୍ ୪ ଟାରେ ରୋଷେଇ ଘରେ ନିଆଁ ଲଗାଇ ଦିଆଯିବା ସହ ତାଙ୍କୁ ପୋଡ଼ି ମାରିଦେବାକୁ ଉଦ୍ୟମ କରାଯାଇଛି। ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଉଦ୍ଧାର କରିବା ପରେ ସାଆନ୍ଦା ଫାଣ୍ଡି ଅଧିକାରୀ ଜୋସେଫ ପଟ୍ଟନାୟକ ପହଞ୍ଚି ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ। ତାଙ୍କୁ ରାସ୍ତାରୁ ହଟାଇ ଦେବାକୁ ଶାଶୁଘର ଲୋକେ ପୂର୍ବରୁ ବାରମ୍ବାର ଧମକ ଦେଉଥିବାରୁ ସେମାନେ ପୋଡ଼ି ହତ୍ୟା ଉଦ୍ୟମ କରିଥିବା ଯୁବତୀ ଜଣକ କହିଛନ୍ତି। ଚିକିତ୍ସା ପରେ ସେ ଏ ନେଇ ଲିଖିତ ଅଭିଯୋଗ କରିବାକୁ ଚାହୁଁଥିଲେ ସୁଦ୍ଧା ତାଙ୍କ ଟଙ୍କା ଓ ଆସବାବପତ୍ର ପୋଡ଼ି ଯାଇଥିବାରୁ ସେ ଲିଖିତ ଅଭିଯୋଗ କରିପାରିନାହାନ୍ତି। ଫାଣ୍ଡି ଅଧିକାରୀ ମଧ୍ୟ ତାଙ୍କୁ ସହଯୋଗ କରୁ ନ ଥିବା ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସାଆନ୍ଦା ଫାଣ୍ଡି ଅଧିକାରୀ ପଟ୍ଟନାୟକ କହିଛନ୍ତି, ଯୁବତୀଙ୍କୁ ମେଡିକାଲ ପଠାଇ ଦିଆଯାଇଥିଲା। ପରେ ସେ କୁଆଡେ ଗଲେ ଜାଣିନାହିଁ।

## ବୋନସ୍ ପାଇଲେନି...

କରୁଥିଲେ ମଧ୍ୟ କମ୍ପାନୀ ସେମାନଙ୍କୁ ଠିକ୍ ସମୟରେ ଦରମା ଦେଉନାହିଁ। ଛଟେଇ ନେଇ କମ୍ପାନୀ ପକ୍ଷରୁ ବାରମ୍ବାର ଧମକ ଦିଆଯାଉଛି। ସୋମବାର ୧୦ ଘଣ୍ଟା ଧରି ଟୋଲ୍ କର୍ମଚାରୀମାନଙ୍କ ଧାରଣା ଜାରି ରହିଥିଲା। ପରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦୀପାବଳି ବୋନସ୍ ପ୍ରଦାନର ପ୍ରତିଶ୍ରୁତି ଏବଂ ତୁରନ୍ତ ୧୦% ଦରମା ବୃଦ୍ଧିର ପ୍ରତିଶ୍ରୁତି ପାଇ କର୍ମଚାରୀମାନେ ଧାରଣାରୁ ଓହରିଥିଲେ।

## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଷୁନା ଧାନ କି ଗଜା ହୋଇବ ରାମ ରାଇଜ କି ସତେ ଫେରିବ ?**

ତ୍ରେତୟାଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଶାସନ ପ୍ରଣାଳୀ ଖୁବ୍ ଆଦର୍ଶ ହୋଇପାରିଥିଲା। ଉଷୁନା ଧାନ ଯେପରି ଗଜା ହେବା ଅସମ୍ଭବ ବର୍ତ୍ତମାନ ଶାସନ ପ୍ରଣାଳୀ ଶ୍ରୀରାମଙ୍କ ଭଳି ହୋଇପାରିବ ନାହିଁ ବୋଲି ଆଶଙ୍କା ପ୍ରକାଶ କରାଯାଇଛି।

**ଉତ୍ତରରେ କଳା ପୂର୍ବେ ନଳା ଦକ୍ଷିଣେ ଜଳା ପଶ୍ଚିମେ ଖଳା।**

ଉତ୍ତରରେ ହାଣ୍ଡିଶାଳ ଓ ପୂର୍ବପଟେ ନଳା ରଖିବା ଭଲ ହୋଇଥାଏ। ସେହିପରି ଦକ୍ଷିଣପଟରେ ଝରକା ଏବଂ ପଶ୍ଚିମ ଦିଗରେ ଖଳା ରଖିବା ଶୁଭପ୍ରଦ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଡଗଡ଼ମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜିର ଚତୁଃଗ୍ରହ ଯୋଗ ପାରିବାରିକ ଜୀବନକୁ ସରସ, ସୁନ୍ଦର କରିବା ସହ ନୂତନ ସମ୍ପର୍କ ସୃଷ୍ଟିକରିବ। ଅବୁଝା ବନ୍ଧୁଙ୍କୁ ବୁଝାଇବାରେ ସମର୍ଥ ହେବେ। ମନ ଚାହୁଁଥିବା ଜିନିଷ ଲାଭ କରିବା ଦିଗରେ ଚେଷ୍ଟା ଅବ୍ୟାହତ ରଖନ୍ତୁ, ଆଶା ମଧ୍ୟ ଅପୂରଣୀୟ ରହିବ ନାହିଁ। ବ୍ୟବସାୟ, ସଭାସମିତି, ଯାତ୍ରା ଓ ବନ୍ଧୁମିଳନଜନିତ ସମୟ କଟାଇବେ।

**ବୃଷ** — ସାମାନ୍ୟ ବିଳମ୍ବରେ ଆଶା କରୁଥିବା ଦିଗରୁ ଧନପ୍ରାପ୍ତି ସହ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ବନ୍ଧୁଙ୍କ ପରାମର୍ଶରେ କାମକୁ ପୂରା ଦମ୍ରେ କରିବାପାଇଁ ନିଷ୍ପତ୍ତି ନେବେ। ସାଧାରଣ କଥାକୁ କେନ୍ଦ୍ରକରି ଯୁକ୍ତିତର୍କଜନିତ ବିବାଦୀୟ ପରିସ୍ଥିତି ଉପୁଜିପାରେ। ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମିଥୁନ** — ଚେଷ୍ଟା କରୁଥିବା ଦିଗରୁ ଅର୍ଥଲାଭ ସକାଶେ ବନ୍ଧୁଙ୍କୁ ନେହୁରା ହେବେ। ପରିବାରର ଆବଶ୍ୟକତାକୁ ନେଇ ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅଫିସ୍ କାମରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ସହକର୍ମୀଙ୍କ ସହାୟତାରେ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ** — ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିଥିଲେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥତା ଆଶା କରାଯାଇ ନ ପାରେ। ଅଧିକାଂଶ ସମୟ ଆଗନ୍ତୁକ ନୂତନ ବନ୍ଧୁଙ୍କ ସହ ଆଳାପରେ ସମୟ କଟାଇବେ। ଷ୍ଟେସନାରୀ, ଧାତୁ ଅଳଙ୍କାର ଓ ପୋଷାକପତ୍ର କାରବାରରୁ ଉପକୃତ ହେବେ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ପାଇଁ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ସିଂହ** — କଥା ଓ କାମରେ ମେଳ ନ ରହିବାରୁ ଅନ୍ୟମାନଙ୍କ ନିକଟରେ ଅବିଶ୍ୱାସର ପାତ୍ର ହେବେ। ପରିବାରରେ ବ୍ୟୟର ମାତ୍ରା କ୍ରମଶଃ ବୃଦ୍ଧି ହେତୁ ମାନସିକ ଅବସାଦ ବୃଦ୍ଧି ପାଇବ। ବିଭିନ୍ନ କାମରେ ଅନୁପ୍ରବେଶ କାରଣରୁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ। ଈର୍ଷା ପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**କନ୍ୟା** — ସାମାଜିକ ଜୀବନରେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇ ସମସ୍ୟାକୁ ନିମନ୍ତ୍ରଣ କରିବେ। ପରୋକ୍ଷ ଶତ୍ରୁତା, ଋଣ ଉଠାଣ, ଯୋଗାଣ କାରବାରରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଅନିୟମିତ ଭୋଜନଜନିତ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେବାର ସୂଚନା ରହିଛି।

**ତୁଳା** — ପରିବାରର ସମସ୍ୟା ସମାଧାନ ଚେଷ୍ଟା କରି ସଫଳ ହେବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବାର ସୂଚନା ରହିଛି। ଆଧ୍ୟାତ୍ମିକ ପ୍ରବଚନ, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଓ ନୃତ୍ୟ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ନୂତନ ସ୍ଥାନ ପରିଦର୍ଶନଜନିତ ଅହେତୁକ କଳ୍ପନାରେ ମସ୍ଗୁଲ୍ ରହିବେ।

**ବିଛା** — କାର୍ଯ୍ୟହାନି ସାଙ୍ଗକୁ ପରିବେଶ ଓ ପରିସ୍ଥିତିକୁ ନେଇ ଅସ୍ଥିରତା ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଆମନ୍ତ୍ରଣ କ୍ରମେ ଯାତ୍ରା କରିବାକୁ ପ୍ରସ୍ତୁତିପର୍ବରେ ଲାଗିପାରନ୍ତି। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହୋଇପାରେ। ରାଜନୈତିକ ସ୍ଥିତି, ଅର୍ଥନୈତିକ ପ୍ରଗତି ସାଙ୍ଗକୁ ସାମାଜିକ ପ୍ରତିଷ୍ଠା ମଧ୍ୟ ବୃଦ୍ଧି ପାଇବ।

**ଧନୁ** — ନିଜ ଲୋକଙ୍କ ଚକ୍ଷୁଶୂଳର କାରଣ ସ୍ୱରୂପ ଶ୍ରଦ୍ଧା, ସମ୍ମାନ ଓ ଆଦରର ନ୍ୟୂନତା ଉପଲବ୍ଧି କରିବେ। କର୍ମକ୍ଷେତ୍ରରେ ଅସହଯୋଗଜନିତ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। କୌଣସି ବିଶ୍ୱସନୀୟ ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହେବାର ସମ୍ଭାବନା ରହିଛି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ଯୋଗୁ କେତେକାଂଶରେ ଉପକୃତ ହେବେ।

**ମକର** — କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ ପୃଷ୍ଠ ସାହାଯ୍ୟ ଲାଭକରି ମନୋବଳ କ୍ରମଶଃ ବୃଦ୍ଧି ପାଇବ। ସାମାଜିକ ସ୍ତରରେ ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ,ପରିବହନ ଓ ଏଜେନ୍ସିପରୁ ଖୁସି ରହିବେ। ବିବାଦୀୟ ଘଟଣାରେ ବନ୍ଧୁଙ୍କ ମଧ୍ୟସ୍ଥତା ଭଲ କାମ ଦେଇପାରେ।

**କୁମ୍ଭ** — ସମସ୍ୟା ରହିଥିଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଘର ସାଜସଜ୍ଜାରେ, ନିର୍ମାଣରେ, ଆନୁଷ୍ଠାନିକ କାମରେ, ମେଳା ମଉଚ୍ଛବରେ, ନୃତ୍ୟ ଓ ସଙ୍ଗୀତରେ ମଜିରହିପାରନ୍ତି। କୌଣସି ଜନହିତକର କାମରେ ତାହାକୁ ବିନିଯୋଗ ଚିନ୍ତା କରିବେ। କୌଣସି ବନ୍ଧୁଙ୍କ ସହ ଆଜିର ଆଲୋଚନା ନିଷ୍ଫଳ ହେବନାହିଁ।

**ମୀନ** — ମତାନ୍ତରଜନିତ ପାରିବାରିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ସୃଷ୍ଟି ହେବାର ଆଶଙ୍କା ରହିଛି। ଜଣେ ବ୍ୟକ୍ତି କର୍ମକ୍ଷେତ୍ରରେ ହଠାତ ଅସହଯୋଗ କରି ସମସ୍ୟାର କେନ୍ଦ୍ରବିନ୍ଦୁ ପାଲଟି ଯାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ଆମଦାନୀ କାରବାର ଓ ରାଜନୀତି କ୍ଷେତ୍ରରେ ସଫଳତା ହାସଲ କରିବେ।

ଆଜି ଅକ୍ଟୋବର ୨୨ ତାରିଖ, କାର୍ତ୍ତିକ ଶୁକ୍ଳ ପ୍ରତିପଦା ବୁଧବାର। ଗିରି ଗୋବର୍ଦ୍ଧନ ପୂଜା, ଅନ୍ନକୂଟ, ବଲ୍ୟୁତ୍ସବ, ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୪୭ମି. ଗତେ ଘ.୦୮.୦୪ମି. ମଧ୍ୟେ, ଘ.୧୦.୨୨ମି. ଗତେ ଘ.୧୧.୩୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୧ମି. ଗତେ ଘ.୧୨.୫୩ମି. ମଧ୍ୟେ ରାହୁ କାଳ।

# ରେଡ୍‌ଫ୍ଲାଗ୍ ଶ୍ରେଣୀ ଅନ୍ତର୍ଭୁକ୍ତ ହେଲା ମାମଲା

**ସେକ୍ସ ର୍‍ୟାକେଟରେ ଝାଡ଼ଖଣ୍ଡ ନାବାଳିକାଙ୍କୁ ବଳାତ୍କାର ଘଟଣା**

■ ସିଏଡବ୍ଲ୍ୟୁ ଆଣ୍ଡ୍ ସିଡବ୍ଲ୍ୟୁ ଆଇଜି ମାମଲାକୁ ତଦାରଖ କରିବେ

■ ତଦନ୍ତରେ ସହଯୋଗ କରିବେ ୪ ମହିଳା ଡିଏସ୍‌ପି

ଭୁବନେଶ୍ୱର,୨୧।୧୦(ସତ୍ୟଜିତ ରାଉତ)

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ସେକ୍ସ ର୍‍ୟାକେଟରେ ଫସିଥିବା ଝାଡ଼ଖଣ୍ଡ ନାବାଳିକାଙ୍କୁ ବଳାତ୍କାର ଘଟଣାକୁ ଓଡ଼ିଶା ପୋଲିସ ଗୁରୁତ୍ୱର ସହ ନେଇ ଛାନ୍‌ଭିନ ଚଳାଇଛି। ଏହି ଘଟଣାକୁ ରେଡ୍‌ଫ୍ଲାଗ୍ ଶ୍ରେଣୀ ଅନ୍ତର୍ଭୁକ୍ତ କରିବାକୁ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ଝାଡ଼ଖଣ୍ଡ ପୋଲିସ ସହ ଓଡ଼ିଶା ପୋଲିସ ଯୋଗାଯୋଗରେ ରହିବ। କ୍ରାଇମ୍‌ବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା(ସିଏଡବ୍ଲ୍ୟୁ ଆଣ୍ଡ୍ ସିଡବ୍ଲ୍ୟୁ) ପକ୍ଷରୁ ଏହି ଘଟଣାର ତଦନ୍ତ କରାଯିବ। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ରାଜ୍ୟ ପୋଲିସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ବୁଧବାରଠାରୁ ବିଧିବଦ୍ଧ ଭାବେ ସିଏଡବ୍ଲ୍ୟୁ ଆଣ୍ଡ୍ ସିଡବ୍ଲ୍ୟୁ ମାମଲା ରୁଜୁ କରି ତଦନ୍ତକୁ ଜୋରଦାର କରିବ ବୋଲି ଜଣାପଡ଼ିଛି। ସିଏଡବ୍ଲ୍ୟୁ ଆଣ୍ଡ୍ ସିଡବ୍ଲ୍ୟୁ ଆଇଜି ଏସ୍. ସାଇନି ମାମଲାକୁ ତଦାରଖ କରିବେ। ଏଥିସହ ୪ଜଣ ମହିଳା ଡିଏସ୍‌ପି ମାମଲାର ତଦନ୍ତରେ ସହଯୋଗ କରିବେ ବୋଲି ଜଣାପଡ଼ିଛି। ଅପରପକ୍ଷରେ ଏହି ଘଟଣାରେ କ୍ୟାପିଟାଲ ଥାନା ପୋଲିସ ପକ୍ଷରୁ ୨ ଦଲାଲ ମଞ୍ଜୁ ସେଠୀ, ମମତା ସାହୁ, ଘର ମାଲିକ ବାପି ଓରଫ ସଞ୍ଜୀବ କୁମାର ଦାସ ଓ ଗ୍ରାହକ ଅବିନାଶ ମୁଦୁଲିଙ୍କୁ ଗିରଫ କରାଯାଇ ଜେଲ ପଠା ଯାଇଥିବାବେଳେ ଏମାନଙ୍କ ଲିଙ୍କ୍‌ରେ ଅଧିକ ଖୋଳତାଡ଼ କରାଯାଉଛି। ଏପରିକି ଅଭିଯୁକ୍ତଙ୍କ ପଛରେ ଅନ୍ୟ ଜଣେ ମାଷ୍ଟରମାଇଣ୍ଡ ଥିବା ପୋଲିସ ଜାଣିବାକୁ ପାଇଛି। ଘଟଣାସ୍ଥଳରୁ ଏକ କାର୍ ଜବତ କରାଯାଇଥିବାବେଳେ ସେକ୍ସ ର୍‍ୟାକେଟ୍‌ରେ ନିୟୋଜିତ ଯୁବତୀମାନଙ୍କୁ ଏଥିରେ ଅନ୍ୟସ୍ଥାନକୁ ଚାଲାଣ କରାଯାଉଥିଲା ବୋଲି ସୂଚନା ମିଳିଛି। ଏଥିସହ ଆଉ ଜଣେ ମହିଳାଙ୍କୁ ମଧ୍ୟ ପୋଲିସ ଖୋଜାଖୋଜି କରୁଛି। ସାଇଣ୍ଟିଫିକ୍ ଟିମ୍ ଆସିବା ପୂର୍ବରୁ ଉକ୍ତ ମହିଳା ଜଣକ ସେଠାରୁ ସ୍କୁଟି ନେଇ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକଙ୍କ ହୋହଲ୍ଲା ପରେ ସେ ଗାଡ଼ି ନେଇପାରି ନ ଥିଲେ। ମହିଳା ଜଣକ ମଞ୍ଜୁଙ୍କ ସହଯୋଗୀ ବୋଲି ପୋଲିସ ସନ୍ଦେହ କରୁଛି। ପୀଡ଼ିତା କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ଉନ୍ନତି ଆସୁଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, କିଛିଦିନ ତଳେ ଗ୍ରାହକ ଅବିନାଶ ଆସି ନାବାଳିକା ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ଦଲାଲ ଦ୍ୱୟ ଅକ୍ଟୋବର ୧୬ ସନ୍ଧ୍ୟାରେ ଏକ ଅଟୋ ବୁକ୍ କରି ପୀଡ଼ିତାଙ୍କୁ ହସ୍ପିଟାଲ ପଠାଇ ଦେଇଥିଲେ। ଚିକିତ୍ସା ସମୟରେ ନାବାଳିକା ଜଣକ ଯୌନ ନିର୍ଯାତନାର ଶିକାର ହୋଇଥିବା ଡାକ୍ତର ଜାଣିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ତେବେ ପୀଡ଼ିତାଙ୍କୁ ଆଣିଥିବା ଅଟୋଚାଳକ ଜଣକୁ ଚିହ୍ନଟ କରି ପଚରାଉଚରା କରାଯିବା ପରେ ସେ ଦଲାଲଙ୍କ ଠିକଣା କହିଥିଲେ। ଏହାପରେ କ୍ୟାପିଟାଲ ଥାନା ପୋଲିସ ସେକ୍ସ ର୍‍ୟାକେଟ୍ ଚାଲିଥିବା ଲକ୍ଷ୍ମୀସାଗର ପ୍ଲଟ ନଂ. ଇବି ୩୨୪ସ୍ଥିତ ଘର (ଯାଜ୍ଞସେନୀ ନିବାସ)କୁ ଯାଇ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

# କେନ୍ଦୁଝରରେ ସେକ୍ସ ର୍‍ୟାକେଟ୍, ୬ ଗିରଫ



**୫ ଯୁବତୀ ଉଦ୍ଧାର**

କେନ୍ଦୁଝର,୨୧।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ଥାନା ଅଧୀନ ଗୋବିନ୍ଦପୁର ଗ୍ରାମସ୍ଥିତ ଏକ ୩ ମହଲା ଘରେ ପୋଲିସ ଚଢ଼ାଉକରି ସେକ୍ସ ର୍‍ୟାକେଟ୍‌ର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୬ ଜଣଙ୍କୁ ଗିରଫ କରିଥିବା ବେଳେ ୫ ଯୁବତୀ ଉଦ୍ଧାର ହୋଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଘର ମାଲିକାଣୀ ବନରାଣୀ ବାରିକ, ଯୋଡ଼ାର ଫିରୋଜ ଅହମଦ ଓ ମନୋଜ ବେହେରା, ସ୍ଥାନୀୟ ନରଣପୁର ଗ୍ରାମର ଅଭିଷେକ ବେହେରା, ଡୁରୁମୁଣ୍ଡାର ପଙ୍କଜ ନାୟକ ଓ ନାରାୟଣ ମହାପାତ୍ର। ଚଢ଼ାଉ ବେଳେ ଝାଡ଼ଖଣ୍ଡର ଜଣେ ଯୁବତୀ, ବାରିପଦାର ୨ଜଣ, ବାଲେଶ୍ୱରର ଜଣେ ଓ ଜଗତ୍‌ସିଂହପୁରର ଜଣେ ଯୁବତୀଙ୍କୁ ପୋଲିସ ଉଦ୍ଧାର କରିଛି। ସେଠାରୁ ଦୁଇଟି ବାଇକ୍, ବ୍ୟବହୃତ ଓ ଅବ୍ୟବହୃତ କଣ୍ଡୋମ ଓ ବିଭିନ୍ନ ଆପତ୍ତିଜନକ ସାମଗ୍ରୀ ଆଦି ପୋଲିସ ଜବତ କରିଛି। ଉଦ୍ଧାର ଯୁବତୀଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀ ପରୀକ୍ଷା କରାଯାଇଥିବା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତମାନଙ୍କ ଡାକ୍ତରୀ ପରୀକ୍ଷା ପରେ କୋର୍ଟଚାଲାଣ କରାଯାଇଥିବା ବେଳେ ଅଧିକ ତଦନ୍ତ ଚାଲିଛି ବୋଲି ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗିରଫ ବନରାଣୀ କିଛି ବର୍ଷ ତଳେ କେନ୍ଦୁଝର ସହରରେ ଏକ ଭଡ଼ାଘରେ ଅନୈତିକ କାମ କରୁଥିବା ନେଇ ଗିରଫ ହୋଇଥିଲେ। ସେ ବାହାର ଅଞ୍ଚଳର ଯୁବତୀମାନଙ୍କୁ ଆଣି କେନ୍ଦୁଝର ସହରରେ ରଖି ଏଭଳି ଅନୈତିକ କାମ କରୁଥିବା ନେଇ ଅଭିଯୋଗ ହୋଇଆସୁଥିଲା। ତେବେ ସେ ଗୋବିନ୍ଦପୁରରେ ଏକ ୩ ମହଲା ଘର ତିଆରିକରି ଏଭଳି କାମ ଚଳାଇ ଆସୁଥିଲା ବେଳେ ପୁଣି ଥରେ ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। କେନ୍ଦୁଝର ସହରର କେତେକ ସ୍ଥାନର ଘରେ ତଥା ହୋଟେଲଗୁଡ଼ିକରେ ମଧ୍ୟ ଏଭଳି ଅନୈତିକ କାର୍ଯ୍ୟକଳାପ ଚାଲିଥିବାରୁ ପୋଲିସ ଧରପଗଡ଼ କରିବାକୁ ଦାବି ହେଉଛି।

# ବୋମା ଫୁଟି ପୁଅ ମୃତ, ବାପା ଗୁରୁତର

**ଭାଇଙ୍କୁ ଆକ୍ରମଣ ଉଦ୍ୟମ ବେଳେ ଅଘଟଣ**

ପବିତ୍ରନଗର,୨୧।୧୦(ନିରୋଜ ପ୍ରଧାନ)

ଦୀପାବଳି ରାତିରେ ୨ ଭାଇଙ୍କ ଭିତରେ ଝଗଡ଼ା ବେଳେ ଘଟିଛି ଅଘଟଣ। ଜନ୍ତୁଶିକାର ପାଇଁ ଘରେ ଥିବା ବୋମା ଧରି ଭାଇଙ୍କୁ ଆକ୍ରମଣ ଉଦ୍ୟମ କରୁଥିବା ସମୟରେ ବୋମା ଫୁଟିଯିବାରୁ ଆକ୍ରମଣକାରୀ ଭାଇ ଗୁରୁତର ହୋଇଥିବା ବେଳେ ତାଙ୍କ ପୁଅଙ୍କ ମୃତ୍ୟୁ ହୋଇଛି। ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ସମଲ ଥାନା ଶିପୁର ଗ୍ରାମରେ ସୋମବାର ରାତିରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ଶିପୁର ଗ୍ରାମର ସରୋଜ ପ୍ରଧାନ (୨୬ ବର୍ଷ) ଓ ଗୁରୁତର ହେଉଛନ୍ତି ପ୍ରମୋଦ ପ୍ରଧାନ(୫୫ ବର୍ଷ)।

ସୂଚନା ଅନୁଯାୟୀ, ସମଲ ଥାନା ଶିପୁର ଗ୍ରାମର ପ୍ରମୋଦ ଓ ତ୍ରିନାଥ ହେଉଛନ୍ତି ୨ ଭାଇ। ରାତି ପ୍ରାୟ ୯ଟା ବେଳେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ପ୍ରମୋଦ ଘରେ ରଖିଥିବା ବୋମା ଧରି ତ୍ରିନାଥଙ୍କୁ ଆକ୍ରମଣ ପାଇଁ ଗୋଡ଼ାଉଥିଲେ। ଏହି ସମୟରେ ପ୍ରମୋଦଙ୍କ ପୁଅ ସରୋଜ ଆସି ବାପାଙ୍କୁ ଅଟକାଇଥିଲେ। ଏତିକିବେଳେ ପ୍ରମୋଦ ଧରିଥିବା ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ବାପପୁଅ ଗୁରୁତର ହୋଇଥିଲେ। ପରିବାର ଲୋକେ ଦୁହିଁଙ୍କୁ ଉଦ୍ଧାର କରି ଖମାର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ସରୋଜଙ୍କୁ ମୃତ ଘୋଷଣା କରିଥିବା ବେଳେ ପ୍ରମୋଦଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏ ନେଇ ସମଲ ଆଇଆଇସି ଅରୁଣ କୁମାର ଖିଲାର କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପାଲଲହଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଏକ ମାମଲା ରୁଜୁ ସହ ତଦନ୍ତ ଜାରି ରହିଛି।

# ଆଉ ଜଣେ ରାଜନେତାଙ୍କୁ ଉଠାଇନେଲା ପୋଲିସ

**ପୀତବାସ ହତ୍ୟା ମାମଲା**

ବ୍ରହ୍ମପୁର,୨୧।୧୦
(ସୁବାସ ଚନ୍ଦ୍ର ପାଢ଼ୀ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୋଲିସ ସୋମବାର ବ୍ରହ୍ମପୁର ସହରର ଆଉ ଜଣେ ରାଜନେତାଙ୍କୁ ଉଠାଇନେଇ ପଚରାଉଚରା କରୁଛି। ଏହା ପୂର୍ବରୁ ୨ ଜଣ କର୍ପୋରେଟରଙ୍କୁ ନେଇ ଜେରା କରିଥିଲା। ଜଣଙ୍କୁ ଛାଡ଼ି ଦିଆଯାଇଥିବା ବେଳେ ଅନ୍ୟ ଜଣଙ୍କ ଏବେ ବି ଅଟକ ଅଛନ୍ତି। ପୀତବାସ ହତ୍ୟା ଘଟଣାରେ ପୋଲିସ ଶେଷ ଲିଙ୍କ୍ ପର୍ଯ୍ୟନ୍ତ ପହଞ୍ଚି ସାରିଥିବା କୁହାଯାଉଛି। ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ଏହି ହତ୍ୟା ମାମଲାର ରହସ୍ୟ ଉନ୍ମୋଚନ ହେବ ବୋଲି ଦକ୍ଷିଣାଞ୍ଚଳ ଆଇଜି ନୀତିଶେଖର କହିଛନ୍ତି। ପୀତବାସଙ୍କୁ କିଏ ଓ କାହିଁକି ହତ୍ୟାକଲେ ସେ ବିଷୟରେ ବ୍ରହ୍ମପୁର ଏସ୍‌ପି ଶୀଘ୍ର ସୂଚନା ଦେବେ ବୋଲି ଆଇଜି କହିଛନ୍ତି। ପୀତବାସ ହତ୍ୟା ଘଟଣାକୁ ନେଇ ସସ୍‌ପେନ୍ସ ଜାରି ରହିଛି। ପୂର୍ବରୁ ପୋଲିସ ବାଲି, ଜମି ଓ ବ୍ୟବସାୟିକ ଶତ୍ରୁତା ଦିଗରେ ତଦନ୍ତ କରିଥିଲା। ହେଲେ ଏହି ହତ୍ୟା ପଛରେ ରାଜନୈତିକ ଶତ୍ରୁତା ଲିଙ୍କ୍ ମିଳିବା ପରେ ପୋଲିସ ନିଜ ତଦନ୍ତର ଦିଗ ବଦଳାଇ ଜଣକ ପରେ ଜଣେ ରାଜନୈତିକ ବ୍ୟକ୍ତି ବିଶେଷଙ୍କୁ ଉଠାଇ ନେଉଛି। ଅନ୍ୟପକ୍ଷରେ ପୀତବାସଙ୍କୁ ବାହାର ରାଜ୍ୟର ନୁହେଁ, ଦିଗପହଣ୍ଡି ଥାନା ଅଞ୍ଚଳର ୨ଜଣ ଯୁବକ ଗୁଳି କରିଥିବା କୁହାଯାଉଛି। ଏହା ଏକ ସୁଚିନ୍ତିତ ହତ୍ୟା। ଏହା ପଛରେ ବହୁ ପୁରୁଣା ରାଜନୈତିକ ବ୍ୟକ୍ତି, ବ୍ୟବସାୟୀ ଓ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ବ୍ୟକ୍ତି ରହିଥିବା ମଧ୍ୟ କୁହାଯାଉଛି। ପୀତବାସଙ୍କୁ ରାସ୍ତାରୁ ହଟାଇବାକୁ ଷଡ଼ଯନ୍ତ୍ରକାରୀମାନେ ୨ମାସ ତଳୁ ଯୋଜନା କରିଥିଲେ। ଗତ ୬ ତାରିଖରେ କୁମାର ପୂର୍ଣ୍ଣିମା ରାତିରେ ସ୍ଥାନୀୟ ସୁପାରିକିଲରଙ୍କ ଦ୍ୱାରା ହତ୍ୟାକାଣ୍ଡ ଭିଆଇଥିଲେ। ପୋଲିସ କବ୍‌ଜାରେ ଥିବା ଜଣେ ପରିଚିତ ବ୍ୟକ୍ତି ଏହି ହତ୍ୟାର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। ତେବେ ହତ୍ୟା ଘଟଣାର ୧୫ ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ଏ ପର୍ଯ୍ୟନ୍ତ ହତ୍ୟାକାରୀଙ୍କୁ ଗିରଫ କରି ନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

No.F-

୭୧-ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ

ଉପ ନିର୍ବାଚନ ସମ୍ବନ୍ଧୀୟ କୌଣସି ଅଭିଯୋଗ ପାଇଁ

କଲ କରନ୍ତୁ

ଶ୍ରୀ ପ୍ରକାଶ ବିନ୍ଦୁ, ଭା.ପ୍ର.ସେ.
ସାଧାରଣ ପର୍ଯ୍ୟବେକ୍ଷକ
୯୦୭୮୭୫୨୪୫୨

ଶ୍ରୀ ବି.ଶଙ୍କର ଜୟସ୍ୱାଲ ଭା.ପୁ.ସେ.
ପୋଲିସ ପର୍ଯ୍ୟବେକ୍ଷକ
୯୯୩୮୫୪୫୦୨୮

ଶ୍ରୀ ଅତୁଲ୍ ପାଣ୍ଡେ, ଭା.ରା.ସେ.
ଖର୍ଚ୍ଚ ପର୍ଯ୍ୟବେକ୍ଷକ
୭୦୭୭୮୩୬୪୨୮

କାର୍ଯ୍ୟାଳୟ ଠିକଣା
ସର୍କିଟ୍ ହାଉସ, ନୂଆପଡ଼ା
ସାକ୍ଷାତ ସମୟ: ସକାଳ ୧୧:୦୦ ରୁ ମଧ୍ୟାହ୍ନ ୧୨:୦୦

ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ନୂଆପଡ଼ା

OIPR-24432/11/0002/2526

**ରାଜ୍ୟ ଖବର**

# ଆଜି ଯାଞ୍ଚ ; ୨୪ରେ ପ୍ରତ୍ୟାହାର

■ ନାମାଙ୍କନ କଲେ ୧୯ ଜଣ

■ ମଇଦାନ ପାଇଁ ୧୧ ସ୍ୱାଧୀନ ପ୍ରାର୍ଥୀ

**ନୂଆପଡା ଉପନିର୍ବାଚନ**

ଭୁବନେଶ୍ୱର/ ନୂଆପଡ଼ା, ୨୧।୧୦
(ରବିନାରାୟଣ ଜେନା/ ମକାରୁ ବେମାଲ)

ନୂଆପଡ଼ା ବିଧାନସଭା ଉପନିର୍ବାଚନ ଯେତିକି ପାଖେଇ ଆସୁଛି ତାହାକୁ ନେଇ ସେତିକି ରାଜନୈତିକ ଉଷ୍ମତା ବଢୁଛି। ୨୦ ତାରିଖ ସୁଦ୍ଧା ଲାଗି ୧୯ ଜଣ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନଙ୍କ ପ୍ରାର୍ଥିପତ୍ର ବୁଧବାର ଯାଞ୍ଚ କରାଯିବ। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ପ୍ରାର୍ଥିପତ୍ର ନାକଚ ହେବ ତାହା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଅବଗତ କରାଯିବ। ଏହାପରେ ୨୪ତାରିଖକୁ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ ରଖାଯାଇଛି। ତେବେ ଏହି ୧୯ ଜଣଙ୍କ ମଧ୍ୟରୁ କେତେଜଣ ପ୍ରାର୍ଥୀ ମଇଦାନକୁ ଓହ୍ଲାଉଛନ୍ତି ତାହା ୨୪ରେ ସ୍ପଷ୍ଟ ହେବ।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ତଥ୍ୟ ଅନୁଯାୟୀ, ନାମାଙ୍କନପତ୍ର ଦାଖଲ କରିଥିବା ପ୍ରାର୍ଥୀଙ୍କ ମଧ୍ୟରେ ବିଜୁ ଜନତା ଦଳର ସ୍ନେହାଙ୍ଗିନୀ ଛୁରିଆ, ଭାରତୀୟ ଜନତା ପାର୍ଟିର ଜୟ ଢୋଲକିଆ ଏବଂ ଭାରତୀୟ ଜାତୀୟ କଂଗ୍ରେସର ଘାସିରାମ ମାଝୀ ରହିଥିବାବେଳେ ସମାଜବାଦୀ ପାର୍ଟିର ରମାକାନ୍ତ ହାତୀ, ବହୁଜନ ମୁକ୍ତି ପାର୍ଟିର ହେମନ୍ତ ତାଣ୍ଡି, ବହୁଜନ ସମାଜ ପାର୍ଟିର ରାଜାରାମ ସାହୁ, ଓଡ଼ିଶା ଜନତା ଦଳର ଶୁକଧର ଦଣ୍ଡସେନା, ରାଷ୍ଟ୍ରୀୟ ପରିବର୍ତ୍ତନ ଦଳର ସୀତାରାମ ବେହେରା ରହିଛନ୍ତି। ଏହାସହିତ ୧୧ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଆଶ୍ରୟ ମହାନନ୍ଦ, ଇଂ. ଚକ୍ରାନ୍ତ ଜେନା, ପୁରୁଷୋତ୍ତମ ବେହେରା, କମଳ କୁମାର ଛତ୍ରିଆ, ଭୁବନଲାଲ୍ ସାହୁ, ଲୋଚନ ମାଝୀ, ଭୁଜବଳ ଆଡ଼ବଙ୍ଗ, କିଶୋର କୁମାର ବାଗ୍, ଭକ୍ତବନ୍ଧୁ ଧରୁଆ, ନୀତା ବାଗ୍ ଏବଂ ଲକ୍ଷ୍ମୀକାନ୍ତ ତାଣ୍ଡି ନାମାଙ୍କନପତ୍ର ଦାଖଲ କରିଛନ୍ତି। ଅକ୍ଟୋବର ୨୪(ଶୁକ୍ରବାର) ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ହୋଇଥିବା ବେଳେ ନଭେମ୍ବର ୧୧ରେ ମତଦାନ ହେବାକୁ ରହିଛି।

# କଂଗ୍ରେସ ପ୍ରାର୍ଥୀଙ୍କ ନାମରେ ଅଧିକ ଆପରାଧିକ ମାମଲା: ଭାଜପା

ନୂଆପଡ଼ା,୨୧।୧୦
(ମକାରୁ ବେମାଲ)




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ନୂଆପଡ଼ା ଭାରତୀୟ ଜନତା ପାର୍ଟି ଜିଲ୍ଲା କାର୍ଯ୍ୟାଳୟଠାରେ ମଙ୍ଗଳବାର ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳର ଜିଲ୍ଲା ସଭାପତି କମଲେଶ ଦୀକ୍ଷିତ ସୂଚନା ଦେଇ କହିଥିଲେ, ଜାତୀୟ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝିଙ୍କ ନାମରେ ଅନେକ ଆପରାଧିକ ମାମଲା ରହିଛି। ସେ ତାଙ୍କର କିଛି ମାମଲାକୁ ଲୁଚାଇ ରିଟର୍ଣ୍ଣିଂ ଅଧିକାରୀଙ୍କଠାରେ ଆଫିଡେଭିଟ ଦେଇଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ସମୟରେ ୧୯ ଆପରାଧିକ ମାମଲା ଆଫିଡେବିଟରେ ଉଲ୍ଲେଖ କରି ରିଟର୍ଣ୍ଣିଂ ଅଧିକାରୀଙ୍କଠାରେ ଦାଖଲ କରିଥିଲେ। ୨୦୨୫ ଉପନିର୍ବାଚନରେ ୭ ମାମଲା ଲୁଚାଇ ୧୨ ମାମଲା ରହିଛି ବୋଲି ଆଫିଡେଭିଟରେ ଉଲ୍ଲେଖ ରହିଛି। ଦୁଇଟି ମାମଲା କେସ୍ ନଂ.୧୦୧/୨୦୧୮ ଓ ୧୪୬/୨୦୨୨ ବର୍ତ୍ତମାନ କୋର୍ଟରେ ବିଚାରାଧୀନ ରହିଛି। ଏହି ଦୁଇ ମାମଲାକୁ ପ୍ରାର୍ଥୀ ଆଫିଡେଭିଟରେ ଉଲ୍ଲେଖ କରିନାହାନ୍ତି। ଏପରି ମିଥ୍ୟା ତଥ୍ୟ ଦେଇ ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ରଦ୍ଦ କରାଯାଉ ବୋଲି ଭାଜପା ଜିଲ୍ଲା ସଭାପତି ଦୀକ୍ଷିତ ଦାବି କରିଛନ୍ତି। ଏହାସହ ବୁଧବାର ଜିଲ୍ଲାପାଳଙ୍କୁ ଦାବିପତ୍ର ମାଧ୍ୟମରେ ଅବଗତ କରିବେ ବୋଲି ସେ କହିଥିଲେ। ଏ ସଂକ୍ରାନ୍ତରେ ଜାତୀୟ କଂଗ୍ରେସ ପ୍ରାର୍ଥୀ ମାଝିଙ୍କୁ ପଚାରିବାରୁ ୨୦୨୪ରେ ୧୯ ମାମଲା ରହିଥିଲା ସତ। କିଛିମାସ ଭିତରେ ୭ ମାମଲାର ବିଚାର ହୋଇ ସମାଧାନ ହୋଇସାରିଛି। ତାଙ୍କ ନାମରେ ଯେତେ ମାମଲା ରହିଛି ଆଫିଡେଭିଟ କରି ରିଟର୍ଣ୍ଣିଂ ଅଧିକାରୀଙ୍କଠାରେ ଦାଖଲ କରିଛନ୍ତି ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ବିଜେପୁର ବିଧାୟକ ସନତ ଗଡତିଆ, ଭଟ୍ଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରିୟ ରଞ୍ଜନ ମେହେର, ଦଳର ଅଧିବକ୍ତା ପୁନମ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କାର୍ ଦୁର୍ଘଟଣାରେ ବିଏସ୍‌ଏଫ୍ ଯବାନ ମୃତ, ୬ ଗୁରୁତର

ମାଲକାନଗିରି,୨୧।୧୦
(ଦୁର୍ଯ୍ୟୋଧନ ପାତ୍ର)

ଆନ୍ଧ୍ରପ୍ରଦେଶର ଚିତ୍ତୁରଠାରେ କାର୍ ଦୁର୍ଘଟଣାରେ ଜଣେ ବିଏସ୍‌ଏଫ୍ ଯବାନଙ୍କ ମୃତ୍ୟୁ ଘଟିଥିବାବେଳେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ଯବାନ ହେଲେ ମାଲକାନଗିରି ଜିଲ୍ଲା ବାଲିମେଳା ୧୪୨ ବାଟାଲିୟନରେ କାର୍ଯ୍ୟରତ ବିଏସ୍‌ଏଫ୍ ଯବାନ ଗୌରବ ପାଣ୍ଡେ। ଯବାନମାନେ ଛୁଟିରେ ଯାଇ ସୋମବାର ରାତିରେ କାର୍ ଯୋଗେ ଡ୍ୟୁଟିକୁ ଫେରିବା ସମୟରେ ଚିତ୍ତୁର ନିକଟରେ ଏକ ଟ୍ରକ୍ ସହ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ଡ୍ରାଇଭରଙ୍କ ସମେତ ୫ଜଣ ଗୁରୁତର ଆହତ ହୋଇଛନ୍ତି। ଖବରପାଇ ଚିତ୍ତୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରିବା ସହ ଆହତଙ୍କୁ ଚିତ୍ତୁର ଓ ଖମାମ୍ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଚିତ୍ତୁର ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।




# ‘ସିଦ୍ଧାନ୍ତର ପୁନର୍ବିଚାର କରୁ ଇସ୍କନ’

**ଅଦିନିଆ ରଥଯାତ୍ରା ନେଇ ଗଜପତି ମହାରାଜା ଚିଠି ଲେଖିଲେ**

ଭୁବନେଶ୍ୱର,୨୧।୧୦(ବନ୍ଦନା ସେଠୀ)

ଓଡ଼ିଶା ସଂସ୍କୃତିର ପ୍ରାଣକେନ୍ଦ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପରମ୍ପରାକୁ ଇସ୍କନ କର୍ତ୍ତୃପକ୍ଷ ବାରମ୍ବାର ଅଣଦେଖା କରୁଛନ୍ତି। ଏହା କୋଟି କୋଟି ଜଗନ୍ନାଥପ୍ରେମୀଙ୍କୁ ଗଭୀର ଆଘାତ ଦେଉଛି। ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏନେଇ ପୂର୍ବରୁ ଅନେକ ଥର ଇସ୍କନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି। ଏହାସତ୍ତ୍ୱେ ଇସ୍କନ ବାରମ୍ବାର ଅଦିନରେ ରଥଯାତ୍ରା ଆୟୋଜନ କରୁଛି। ଇସ୍କନର ଏଭଳି ପଦକ୍ଷେପ ନେଇ ପୁରୀ ଗଜପତି ମହାରାଜା ମଙ୍ଗଳବାର ଇସ୍କନ ଗଭର୍ଣ୍ଣିଂ ବଡି କମିଶନ (ଜିବିସି) ଅଧ୍ୟକ୍ଷ ଗୋବର୍ଦ୍ଧନ ଦାସଙ୍କୁ ପୁନର୍ବାର ଚିଠି ଲେଖିଛନ୍ତି।

ଚିଠିରେ ଉଲ୍ଲେଖ, ହୋଇଛି ଯେ, ଇସ୍କନ କର୍ତ୍ତୃପକ୍ଷ ସିଦ୍ଧାନ୍ତର ପୁନଃ ବିଚାର କରନ୍ତୁ। ସମସ୍ତ ଦେଶରେ ଇସ୍କନ ଆଷାଢ଼ ଶୁକ୍ଳ ଦ୍ୱିତୀୟାରୁ ୯ଦିନ ମଧ୍ୟରେ ରଥଯାତ୍ରା କରୁ। ଇସ୍କନକୁ ଗଜପତିଙ୍କ ଚିଠିନେଇ ଗଜପତି ମହାରାଜାଙ୍କ ବ୍ୟକ୍ତିଗତ ସଚିବ ରାଧାକୃଷ୍ଣ ପଣ୍ଡା ମଙ୍ଗଳବାର ଗଣମାଧ୍ୟମକୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି।

ହେ ଭଗବାନ ! ସକଳ ଆଖିରୁ ଲୁହ ଶୁଖିଯାଉ। ସକଳ ବେଦନା ଦୂର ହୋଇଯାଉ। ସକଳ ଯନ୍ତ୍ରଣା ମିଳାଇଯାଉ। ସକଳ ହୃଦୟରେ ବିରାଜିତ ହେଉ ସ୍ଥିର ପ୍ରଶାନ୍ତି। ଏବଂ ସକଳ ମସ୍ତିଷ୍କ ସୁଦୃଢ ହୋଇଉଠୁ ଏକ ଶକ୍ତିଶାଳୀ ସଂଶୟ-ହୀନତାରେ। -ଶ୍ରୀମା

-ଗୋବର୍ଦ୍ଧନ ପୂଜା



# ନିଶାମୁକ୍ତ କେନ୍ଦ୍ର

ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତରେ ସମୟ ଅନ୍ତରରେ ଖବର ଶୁଣିବାକୁ ମିଳେ ଡି-ଆଡିକ୍ଶନ ସେଣ୍ଟର ବା ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ ଘଟିଛି। ଏ କ୍ଷେତ୍ରରେ ଘରଲୋକ ଅଭିଯୋଗ କରିଥାଆନ୍ତି ସେମାନଙ୍କ ପିଲାଙ୍କୁ ନିଶା ମୁକ୍ତ କେନ୍ଦ୍ରର କର୍ମଚାରୀ ମାରି ଦେଇଛନ୍ତି। କେତେକେ ଏଭଳି ମୃତ୍ୟୁକୁ ରହସ୍ୟଜନକ ବୋଲି ଆଖ୍ୟା ଦେଇ ତଦନ୍ତ ଦାବି କରିଥାଆନ୍ତି। ସଦ୍ୟ ଘଟଣାକୁ ଦେଖିଲେ କଟକ ସଦର ଥାନା ଅନ୍ତର୍ଗତ ଉତ୍ତମପୁରରେ ଥିବା ଏକ ନିଶା ମୁକ୍ତ କେନ୍ଦ୍ରରେ ଜଟଣୀ ଅଞ୍ଚଳର ଜଣେ ଯୁବକ ଭର୍ତ୍ତି ହୋଇଥିଲେ। ଇଞ୍ଜିନିୟରିଂ ଡିଗ୍ରୀ ଅର୍ଜନ କରି ସେ ମୁମ୍ବାଇରେ ଚାକିରି କରୁଥିଲେ। ନିଶାରେ ବୁଡ଼ି ରହିବାରୁ ଘର ଲୋକେ ତାଙ୍କୁ ଆଣି ସମ୍ପୃକ୍ତ କେନ୍ଦ୍ରରେ ରଖିଥିଲେ। ଆଶା ଥିଲା ସେ ନିଶା ଦୁନିଆରୁ ଫେରିଆସି ସ୍ୱାଭାବିକ ଜୀବନଯାପନ କରିବେ। ହେଲେ ତାଙ୍କ ମୃତ୍ୟୁରେ ପରିବାର ଲୋକଙ୍କ ସବୁ ପରିଶ୍ରମ ଓ ଅର୍ଥ ବୃଥା ହୋଇଗଲା। ଗତ ୪ ସେପ୍ଟେମ୍ବରରେ ଭୁବନେଶ୍ୱର ଭରତପୁର ପୋଲିସ ଅଞ୍ଚଳରେ ଥିବା ନିଶା ନିବାରଣ କେନ୍ଦ୍ରରେ ଜଣେ ୨୮ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଥିଲା। କେବଳ ଦୁଇଟି ସ୍ଥାନର ଦୃଷ୍ଟାନ୍ତ ଦିଆଗଲା। ତାଲିକା ପ୍ରସ୍ତୁତ କଲେ ଲମ୍ବି ଚାଲିବ।

ଏଭଳି କ୍ଷେତ୍ରରେ ବାସ୍ତବ ସ୍ଥିତି ଗୋଟିଏ ଘଟଣାରୁ ଆଉ ଗୋଟିଏ ଅଲଗା ଥାଏ। ଶୁଣିବାକୁ ମିଳେ ନିଶା କରି ନ ପାରି ବା ନିଶାଦ୍ରବ୍ୟ ନ ପାଇ କିଛି ଆତ୍ମହତ୍ୟା କରିଦିଅନ୍ତି। କେତେକ ଜାଗାରେ ନିଶାଗ୍ରସ୍ତଙ୍କ ଦୌରାତ୍ମ୍ୟ ଏତେ ବଢ଼ିଯାଏ ଯେ, ନିଶା ମୁକ୍ତ କେନ୍ଦ୍ରର କର୍ମଚାରୀମାନେ ମାଡ଼ ମାରି ନିଶା ଛଡ଼ାଇବାର ଉଦ୍ୟମ କରିଥାଆନ୍ତି। ବାଡ଼ଉ ବାଡ଼ଉ ଅଜାଗାରେ ମାଡ଼ ବସିଗଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ପ୍ରାଣବାୟୁ ଉଡ଼ିଯାଏ। ଏଭଳି ଘଟଣା କାହିଁକି ଘଟୁଛି ତାହାର ତଦନ୍ତ ହେଉଥିଲେ ହେଁ ମୂଳକୁ ଯାଇ ସେସବୁର ଗଭୀର ଅନୁଧ୍ୟାନ କରାଯାଉ ନ ଥିବାରୁ ପ୍ରକୃତ ଘଟଣା ଲୋକଲୋଚନକୁ ଆସିପାରୁ ନାହିଁ। ସାଧାରଣତଃ ଏଭଳି କେନ୍ଦ୍ରଗୁଡ଼ିକର ନିୟମିତ ଯାଞ୍ଚ ହୋଇ ନ ଥାଏ। ନିଶା ଛଡ଼ାଉଛନ୍ତି କହି ବାହ୍ୟ ଅନୁଦାନ ପାଇବା ସହ ନିଶାରେ ବୁଡ଼ି ହୋଇଥିବା ବ୍ୟକ୍ତିଙ୍କୁ ଠିକ୍ ରାସ୍ତାକୁ ଆଣିବା ନାମରେ ନିଶା ନିବାରଣ କେନ୍ଦ୍ର ପକ୍ଷରୁ ସମ୍ପୃକ୍ତ ପରିବାରବର୍ଗଙ୍କଠାରୁ ମଧ୍ୟ ଭଲ ରକମର ଅର୍ଥ ନିଆଯାଇଥାଏ। ଯେହେତୁ ଅର୍ଥ ନେଇଛନ୍ତି ପରିବାର ଲୋକଙ୍କୁ ତୁରନ୍ତ ଫଳ ଦେବା ଲକ୍ଷ୍ୟରେ ନିଶାଗ୍ରସ୍ତଙ୍କ ଉପରେ ମାନସିକ ଓ ଶାରୀରିକ ଚାପ ପକାଇଥାଆନ୍ତି। ମନେରଖିବାକୁ ହେବ ଯେ, ଦୀର୍ଘ ସମୟ ଧରି ନିଶାସକ୍ତ ଥିବା ବ୍ୟକ୍ତିଙ୍କୁ ରାତାରାତି ବଦଳାଇ ଦେବା ଅସମ୍ଭବ। ସେଥିପାଇଁ ସେମାନଙ୍କୁ କାଉନ୍ସେଲିଂ ବା ପରାମର୍ଶ ଦେବା ସହ ସେମାନଙ୍କ ମନର କଥା ବୁଝିବା ଦରକାର। ତେଣୁ କାଉନ୍ସେଲିଂ ଦେଉଥିବା ବ୍ୟକ୍ତି ଜଣେ ବିଶେଷଜ୍ଞ ହେବା ସହିତ ଧୈର୍ଯ୍ୟବାନ୍ ହୋଇଥିବା ବାଞ୍ଛନୀୟ। ପ୍ରତି ନିଶା ନିବାରଣ କେନ୍ଦ୍ରରେ ସେଭଳି ଲୋକ ଅଛନ୍ତି କି ନାହିଁ, ତାହାକୁ ଭଲ ଭାବେ ଜାଣିବା ପରେ ପରିବାରବର୍ଗ ସେମାନଙ୍କ ଆତ୍ମୀୟଙ୍କୁ ସେଠାକୁ ପଠାଇବା ଦରକାର। ନିଶା ମୁକ୍ତ କେନ୍ଦ୍ର ଲେଖାଥିବା ଦେଖି ବା ଅନ୍ୟ କାହାଠାରୁ ଶୁଣି ଯେଉଁଠି ପାରେ ସେଇଠିକୁ ନିଶାଗ୍ରସ୍ତଙ୍କୁ ପଠାଇ ଦିଆଯାଉଥିବାରୁ ସ୍ଥିତି ସୁଧୁରୁ ନ ଥିବା ଲକ୍ଷ୍ୟ କରାଯାଉଛି। ଏଠି ଗୋଟେ କଥା କୁହାଯାଇପାରେ ଯେ, କାଉନ୍ସେଲିଂ ଦେଉଥିବା ବ୍ୟକ୍ତି କେତେ ଅଭିଜ୍ଞ ଓ ସେ ପାଉଥିବା ଅର୍ଥରାଶି ଉପରେ ମଧ୍ୟ ତାଙ୍କ ପରାମର୍ଶର ପରିମାଣ ନିର୍ଭର କରିଥାଏ। କୁହାଯାଉଥିବ ଅଭିଜ୍ଞ ପରାମର୍ଶଦାତା, ମାତ୍ର ସ୍ୱଳ୍ପ ବେତନ ପାଉଥିବେ। ସେମିତି ହେଲେ ଚଳିବନି। ବିଧିବଦ୍ଧ ଭାବେ ଗଢ଼ି ଉଠିଥିବା ନିଶାମୁକ୍ତ କେନ୍ଦ୍ରଗୁଡ଼ିକ ଉତ୍ତମ ଧରଣର ବିଶେଷଜ୍ଞଙ୍କୁ ରଖିବାର ସମୟ ଆସିଲାଣି। ଯାହିତାହିଙ୍କୁ ରଖି ଦେଇ ଶାରୀରିକ ଦଣ୍ଡ ମାଧ୍ୟମରେ ନିଶା ଛଡ଼େଇ ଦେବା କଦାପି ସମ୍ଭବ ନୁହେଁ। ଅନ୍ୟପଟେ ନିଶା ଛଡ଼ାଇବାର ଏହିଭଳି ଅଧିକାଂଶ କେନ୍ଦ୍ର ଘରୋଇ ବା ଏନ୍‌ଜିଓ ଦ୍ୱାରା ପରିଚାଳିତ ହେଉଛି। ଏହି କେନ୍ଦ୍ରଗୁଡ଼ିକ ଲୁକ୍କାୟିତ, କିନ୍ତୁ ଲାଭଦାୟକ ବ୍ୟବସାୟରେ ପରିଣତ ହେଲେଣି। ସରକାରଙ୍କ ସମେତ ଅନେକ ବିଦେଶୀ ସଂସ୍ଥା ଏହି କେନ୍ଦ୍ରଗୁଡ଼ିକୁ ବିପୁଳ ଅର୍ଥ ଯୋଗାଉଛନ୍ତି। ଏହାର ମାଲିକମାନେ କୌଣସି ଭାବେ ବିଜ୍ଞାପନ ଦେଇ ଲୋକଲୋଚନକୁ ଆସିବାକୁ ଚାହିଁ ନ ଥାଆନ୍ତି। ସେମାନେ ଅଜଣା, ଅଚିହ୍ନା ହୋଇ କାର୍ଯ୍ୟ କରି ଲାଭ ଉଠାଇବାକୁ ପସନ୍ଦ କରିଥାଆନ୍ତି। ଏହି ଲୁଚାଛପା ପଥରେ ଯଦି କେଉଁ ଅନ୍ତେବାସୀଙ୍କ ମୃତ୍ୟୁ ଘଟିଲା, ତେବେ ସେମାନେ ଲୋକଲୋଚନକୁ ଆସନ୍ତି ଓ ସେମାନଙ୍କ ସମସ୍ୟା ବଢ଼େ। ଏଭଳି ସଂସ୍ଥାଗୁଡ଼ିକ ମୂଲ୍ୟବୋଧ ବୁଝି କାଉନ୍ସିଲର ନିଯୁକ୍ତ କରୁଥିବେ ବୋଲି ବିଶ୍ୱାସ ହେଉନାହିଁ। ଡି-ଆଡିକ୍ଶନ ସେଣ୍ଟରରେ ପରିବାରର କୌଣସି ବ୍ୟକ୍ତିଙ୍କୁ ଭର୍ତ୍ତି କରିବା ପୂର୍ବରୁ ନିକଟ ସମ୍ପର୍କୀୟମାନେ ସଂସ୍ଥାର ମାନ, ମାଲିକ ଓ ପରାମର୍ଶଦାତାଙ୍କ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିବା ଦରକାର। ଆଜିର ସ୍ଥିତିରେ ସେହିସବୁ ଦିଗ ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଅଣସ୍ୱୀକୃତିପ୍ରାପ୍ତ ନିଶା ମୁକ୍ତ କେନ୍ଦ୍ର ସହରଠାରୁ ଉପସହରଗୁଡ଼ିକରେ ବଢ଼ିବାରେ ଲାଗିଛି। ଯେଉଁଠାରେ ମୃତ୍ୟୁ ଅଭିଯୋଗ ହେଉଛି ସେହିଠାରେ ସ୍ଥିତିକୁ ଗେନ୍ଦେରେଇ ଦିଆଯାଉଛି।

**ଡି-ଆଡିକ୍ଶନ ସେଣ୍ଟରରେ ପରିବାରର କୌଣସି ବ୍ୟକ୍ତିଙ୍କୁ ଭର୍ତ୍ତି କରିବା ପୂର୍ବରୁ ନିକଟ ସମ୍ପର୍କୀୟମାନେ ସଂସ୍ଥାର ମାନ, ମାଲିକ ଓ ପରାମର୍ଶଦାତାଙ୍କ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିବା ଦରକାର। ଆଜିର ସ୍ଥିତିରେ ସେହିସବୁ ଦିଗ ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଅଣସ୍ୱୀକୃତିପ୍ରାପ୍ତ ନିଶା ମୁକ୍ତ କେନ୍ଦ୍ର ସହରଠାରୁ ଉପସହରଗୁଡ଼ିକରେ ବଢ଼ିବାରେ ଲାଗିଛି। ଯେଉଁଠାରେ ମୃତ୍ୟୁ ଅଭିଯୋଗ ହେଉଛି ସେହିଠାରେ ସ୍ଥିତିକୁ ଗେନ୍ଦେରେଇ ଦିଆଯାଉଛି।**

# ଜନସଂଖ୍ୟା ଏବଂ ଖାଦ୍ୟାଭାବ



ବିଷ୍ଣୁ ପ୍ରସାଦ ଦାସ

ପୃଥିବୀର ଜନସଂଖ୍ୟା ୮୨୩ କୋଟିରେ ପହଞ୍ଚି ଗଲାଣି। ଜନସଂଖ୍ୟା ବୃଦ୍ଧି ସହିତ ପୁଷ୍ଟିକର ଖାଦ୍ୟପେୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶର ସନ୍ତୁଳନ, ଶୃଙ୍ଖଳିତ ଜୀବନଯାପନ ତଥା ଉତ୍ତମ ଶାସନ ଉପରେ ଏବେ ଧ୍ୟାନ ଦେବାର ସମୟ ଉପନୀତ। ଅନ୍ୟଥା ଏହା ଏକ ଜଟିଳ ପରିସ୍ଥିତି ସୃଷ୍ଟି କରିବ। ଅଳ୍ପେ ବହୁତେ ସବୁ ଦେଶ ଉପରେ ଏହାର ଅନେକ ପ୍ରଭାବ ପଡ଼ିପାରେ। ମିଳିତ ଜାତିସଂଘର ଆକଳନ ଅନୁଯାୟୀ ଦ୍ରୁତ ଗତିରେ ବଢୁଥିବା ଜନସଂଖ୍ୟା ପୃଥିବୀ ପାଇଁ ଆହ୍ୱାନ ହୋଇଛି। ଏକଶହ କୋଟି ଜନସଂଖ୍ୟାରୁ ଦୁଇଶହ କୋଟି ଜନସଂଖ୍ୟାରେ ପହଞ୍ଚିବାକୁ ଯେତେବେଳେ ୧୨୫ ବର୍ଷ ଲାଗିଥିଲା ସେହି ସଂଖ୍ୟା ଏବଂ ଅନୁପାତ ବର୍ତ୍ତମାନ ୭୦୦ କୋଟି ଜନସଂଖ୍ୟାରୁ ୮୦୦ କୋଟି ଜନସଂଖ୍ୟା ହେବାକୁ ମାତ୍ର ୧୨ ବର୍ଷ ଲାଗିଲା। ଏହି ଗତିରେ ଯଦି ଜନସଂଖ୍ୟା ବଢିଚାଲେ ତେବେ ୨୦୩୦ ସୁଦ୍ଧା ଏହା ୮୫୦ କୋଟି ଛୁଇଁବ ୨୦୫୦ ବେଳକୁ ୯୭୦ କୋଟିରେ ଏବଂ ୨୦୮୦ ବେଳକୁ ୧୦୦୦ କୋଟି, ୨୧୦୦ ମସିହା ବେଳକୁ ୧୦୪୦ କୋଟି ଜନସଂଖ୍ୟା ହୋଇଯିବ। ତେବେ ମିଳିତ ଜାତିସଂଘର ଆକଳନ ଅନୁଯାୟୀ ଏହି ଜନସଂଖ୍ୟା ବିସ୍ଫୋରଣର ମୁଖ୍ୟ ଦେଶଗୁଡିକ ହେଲା- ଆଫ୍ରିକା ମହାଦେଶର କଙ୍ଗୋ, ଇଥିଓପିଆ, ଇଜିପ୍ଟ, ତାଞ୍ଜାନିଆ ଓ ନାଇଜେରିଆ ଏବଂ ଏସିଆ ମହାଦେଶର ଭାରତ, ପାକିସ୍ତାନ ଏବଂ ଫିଲିପାଇନ୍ସ। ଭାରତର ଜନସଂଖ୍ୟା ଚାଇନାକୁ ଟପି ଯାଇଛି, ଏହା ଶୁଣିବାକୁ ଯେତେ ସହଜ ପ୍ରକୃତ ପକ୍ଷେ ଏହାକୁ ମୁକାବଲା କରିବା ତାହା ଠାରୁ କଷ୍ଟ। ସରକାରୀ ତଥା ବେସରକାରୀ ସ୍ତରରେ ପ୍ରତ୍ୟେକ ଦେଶ ବର୍ଦ୍ଧିତ ଜନସଂଖ୍ୟା ଉପରେ ଗୁରୁତ୍ୱର ସହ ବିଚାର କରିବା ଉଚିତ।

ଜନସଂଖ୍ୟା ବୃଦ୍ଧି ହେଲେ କ'ଣ ଅସୁବିଧା ହେବ? ଏହି ପ୍ରଶ୍ନ ହୁଏତ ଅନେକଙ୍କ ମନରେ ଉଙ୍କି ମାରୁଥିବ, ସମ୍ୟକ ଜ୍ଞାନରୁ ଉତ୍ତର ହେଲା, ପରିବେଶର ସନ୍ତୁଳନ ବଜାୟ ରହିବ ନାହିଁ, ଖାଦ୍ୟପେୟ, ପାନୀୟଜଳ, ବାସସ୍ଥାନର ଘୋର ଅଭାବ ପରିଲକ୍ଷିତ ହେବ, ଯାହାକି ବର୍ତ୍ତମାନ ସମୟରେ ଅନେକ ଦେଶରେ ଦେଖା ଦେଲାଣି।

ପୃଥିବୀର ଗଚ୍ଛିତ ଜଳ ମଧ୍ୟରୁ ୯୬ ପ୍ରତିଶତ ଲବଣ ଯୁକ୍ତ ସମୁଦ୍ର ଜଳ, ଯାହାକି ପାନୀୟ ପାଇଁ ଅନୁପଯୁକ୍ତ। ବରଫ ପାହାଡ଼, ଗ୍ଲେସିଅର ଏବଂ ସ୍ଥାୟୀ ବରଫ ୧.୬ ଭାଗ, ଭୂତଳ ଜଳ ୧.୬୪ ଭାଗ, ସତେଜ ଜଳ ୦.୭୬ ଭାଗ, ତେଣୁ ଅନୁମାନ କରନ୍ତୁ ତିନି ଚତୁର୍ଥାଂଶ ଜଳ ମଧ୍ୟରୁ କେତେ ଭାଗ ଆମେ ବ୍ୟବହାର କରିପାରିବା? ସାଧାରଣତଃ ଆମେମାନେ ନଦୀଗୁଡିକ ଉପରେ ନିର୍ଭରଶୀଳ,



କିଛି ସ୍ଥାନରେ ଭୂତଳ ଜଳର ମଧ୍ୟ ଉପଯୋଗ କରାଯାଇ ଥାଏ, କିଛି ବିକଶିତ ରାଷ୍ଟ୍ର ଏବେ ବର୍ଷା ଜଳ ଅମଳ ଉପରେ ଗୁରୁତ୍ୱ ଦେଇ ସାରିଲେଣି। ଜଳ ସଂରକ୍ଷଣ ନ କଲେ ଆଗାମୀ ପିଢ଼ି ଆମକୁ ଆମର ଦାୟିତ୍ୱ ହୀନତା ପାଇଁ ଦାୟୀ କରିବେ। ସ୍ୱଚ୍ଛ ପାନୀୟ ଜଳକୁ ସଞ୍ଚିତ କରି ରଖିବା ତଥା ନିତ୍ୟ ବ୍ୟବହୃତ ଜଳକୁ ବିଶୋଧିତ କରି ପୁନଃ କାର୍ଯ୍ୟରେ ଲଗା ଯାଇପାରେ। ବର୍ଦ୍ଧିତ ଜନସଂଖ୍ୟାକୁ ନଜରରେ ରଖି ନୂତନ ଜଳ ଉତ୍ସର ସନ୍ଧାନ କରିବାକୁ ପଡିବ ନଚେତ ଜୀବନର ସତ୍ତା ରହିବ ନାହିଁ।

ବର୍ତ୍ତମାନ ପୃଥିବୀ ପୃଷ୍ଠରେ ଆଠ ଶହ ତେଇଶ କୋଟି ଲୋକଙ୍କ ପାଇଁ ଖାଦ୍ୟ ହୁଏତ ଠିକ୍ ରୂପେ ମିଳି ଯାଉଛି କିନ୍ତୁ ଆଗାମୀ ଦିନରେ ଯଦି କୃଷି ଉପରେ ଗୁରୁତ୍ୱ ଦିଆ ନ ଯାଏ ତେବେ ବିଶ୍ୱରେ ଉତ୍କଟ ଖାଦ୍ୟାଭାବ ପରିଲକ୍ଷିତ ହେବ। ମନୁଷ୍ୟ ସାଧାରଣତଃ ଖାଦ୍ୟ ପାଇଁ କୃଷି ଜାତ ଦ୍ରବ୍ୟ, ଜଙ୍ଗଲରୁ ଆମଦାନୀ ହେଉଥିବା ଖାଦ୍ୟ , ପଶୁ ପକ୍ଷୀଙ୍କ ମାଂସ, ନଦୀ ସମୁଦ୍ରରୁ ଉତ୍ପାଦିତ ମାଛ ତଥା ଅନ୍ୟ ଜଳଚର ଜୀବଙ୍କ ଉପରେ ନିର୍ଭରଶୀଳ। ଅନେକ କୃଷି କ୍ଷେତ୍ର ସମୟ ଚକ୍ରରେ କଂକ୍ରିଟ ଜଙ୍ଗଲରେ ପରିଣତ ହେଲାଣି ଲୋକଙ୍କର କୃଷି ପ୍ରତି ଆଗ୍ରହ ଧୀରେ ଧୀରେ କମି ଯାଉଛି। ଜୈବିକ ସାର ବଦଳରେ ରାସାୟନିକ ସାର ପ୍ରୟୋଗ ଦ୍ୱାରା ଚାଷ ଜମିର ଉତ୍ପାଦିକା ଶକ୍ତି କମି କମି ଯାଉଛି।

ପ୍ରତି ମନୁଷ୍ୟ ପ୍ରତିଦିନ ହାରାହାରି ୧.୮୭ କି:ଗ୍ରା ଖାଦ୍ୟ ଗ୍ରହଣ କରିଥାଏ ଏବଂ ବାର୍ଷିକ ହାରାହାରି ୬୭୫ କି:ଗ୍ରା ଖାଦ୍ୟ ଗ୍ରହଣ କରେ। ଏହା ମଧ୍ୟରେ ଦୁଗ୍ଧ ଜାତୀୟ ପାନୀୟ, ଚାଉଳ, ଗହମ, ପନିପରିବା, ଆଳୁ, ପଶୁ ମାଂସ, ସାମୁଦ୍ରିକ ମାଛ ଇତ୍ୟାଦି ଖାଦ୍ୟ ଅନ୍ତର୍ଭୁକ୍ତ। ପରିସଂଖ୍ୟାନରୁ ଅନୁମାନ କରନ୍ତୁ ଆଠ ଶହ ତେଇଶ କୋଟି ଲୋକଙ୍କ ପାଇଁ କେତେ ଖାଦ୍ୟର ଆବଶ୍ୟକତା ରହିଛି? ଆଜି ମଧ୍ୟ ଅନେକ ଦେଶ ଖାଦ୍ୟାଭାବ ଭିତରେ ଗତି କରୁଛି ଏବଂ ଅନେକ ଦେଶରେ ସଚେତନତା ଅଭାବରୁ ଅନେକ ଖାଦ୍ୟ ନଷ୍ଟ ହେଉଛି। ଆଫ୍ରିକା ମହା ଦେଶର ନାମ୍ବିଆ ଦେଶ ଗତ ବର୍ଷ ଅଗଷ୍ଟ ମାସରେ ୭୨୩ ଜଙ୍ଗଲୀ ଜନ୍ତୁ ମଧ୍ୟରୁ ୮୩ ଟି ହାତୀ, ୩୦ଟି ଜଳ ହସ୍ତୀ ୩୦୦ ଜେବ୍ରା ହତ୍ୟାକରି ମନୁଷ୍ୟ ମାନଙ୍କର ଖାଦ୍ୟାଭାବ ଦୂର କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲା। ଠିକ ସେହିପରି, ଜିମ୍ବାୱେ ଖାଦ୍ୟାଭାବ ପାଇଁ ୨୦୦ ହାତୀ ମାରିବାର ଆଦେଶ ଦେଇଥିଲା। ଏଥିରୁ ଅନୁମାନ କରନ୍ତୁ ବିଶ୍ୱ ଆଜି କେଉଁଠି ପହଞ୍ଚି ଗଲାଣି। ବର୍ତ୍ତମାନ ଖାଦ୍ୟାଭାବ ଦେଇ ଗତି କରୁଥିବା କିଛି ଦେଶର ନାମ ହେଲା - ୧. ସୋମାଲିଆ, ୨. ୟେମେନ, ୩. ଚାଡ୍, ୪. ମାଡାଗାସ୍କର, ୫. କଙ୍ଗୋ, ୬. ହାଇତି, ୭. ନାଇଜର, ୮. ଲାଇବେରିଆ, ୯. ସେଣ୍ଟ୍ରାଲ ଆଫ୍ରିକାନ ରିପବ୍ଲିକ, ୧୦. ରିପବ୍ଲିକ ଅଫ କୋରିଆ। କିଛି ଏସିଅ ଦେଶ ମଧ୍ୟ ଖାଦ୍ୟ ସଙ୍କଟ ମଧ୍ୟରେ ଗତି କରୁଛି, ଆଗାମୀ ଦିନର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏବେ ଠାରୁ ସମସ୍ତେ ସଚେତନ ହେବା ଉଚିତ ଅନ୍ୟଥା ଦିନେ ଆମକୁ ପଶ୍ଚାତ୍ତାପ କରିବାକୁ ସମୟ ମିଳିବ ନାହିଁ।

ମିଳିତ ଜାତିସଂଘ ଦ୍ୱାରା ଭବିଷ୍ୟବାଣୀ କରାଯାଇଥିବା ଆଠ ଗୋଟି ଦେଶ ସମୂହ ଯଦି ଏହି ଭବିଷ୍ୟବାଣୀକୁ ଗୁରୁତ୍ୱ ଦେଇ ଜନସଂଖ୍ୟା ହ୍ରାସ ବା ସୀମିତ ରଖିବାକୁ ଚେଷ୍ଟିତ ନ'ହେବେ ତେବେ ଏହାର କୁପରିଣାମ ପାଇଁ ହୁଏତ ସାରା ବିଶ୍ୱକୁ କଷ୍ଟ ଭୋଗିବାକୁ ପଡିବ। ଆଫ୍ରିକୀୟ ଦେଶ କଙ୍ଗୋ, ଇଥିଓପିଆ, ଇଜିପ୍ଟ ଏବଂ ତାଞ୍ଜାନିଆ ଦେଶର ଜଳବାୟୁ , ଧାର୍ମିକ ଭାବନା ତଥା ସରକାରଙ୍କ ଦୃଷ୍ଟିହୀନତା ପାଇଁ ହୁ ହୁ ହୋଇ ଜନସଂଖ୍ୟା ବଢି ଚାଲିଛି, ସେହିପରି ଏସୀୟ ଦେଶ ଭାରତ, ପାକିସ୍ତାନ, ଫିଲିପାଇନ୍ସ, ବାଂଲାଦେଶ ଇତ୍ୟାଦି ଦେଶରେ ଜନ ସଚେତନତାର ଅଭାବ, କିଛି ଧାର୍ମିକ ଭାବନା, ଅଜ୍ଞତା, ସରକାରଙ୍କ କୋହଳ ମନୋଭାବ ଲାଗି ପରିବାର କଲ୍ୟାଣ କାର୍ଯ୍ୟକ୍ରମର ସୁଫଳ ମିଳୁନାହିଁ। ଆମର ଭୁଲ ଯୋଗୁ ଉତ୍ତର ପିଢ଼ି ଏହାର ମୁକାବିଲା କରିବେ। ତେଣୁ ବେଳହୁଁ ସାବଧାନ ରହିବା ଦରକାର। ଖାଦ୍ୟ ନିୟମ ଅନୁଯାୟୀ ଖାଦ୍ୟ ନଷ୍ଟ କରିବା ଏକ ଅପରାଧ , ଏହି ନିୟମକୁ କଡାକଡି ପାଳନ କରାଯାଉ , ବିବାହ ଠାରୁ ଆରମ୍ଭ କରି ଅନେକ ଭୋଜି ଭାତ , ହୋଟେଲ, ରେଳଗାଡ଼ି , ଉଡ଼ାଜାହାଜ ଇତ୍ୟାଦିରେ ପ୍ରତିଦିନ କୁଇଣ୍ଟାଲ କୁଇଣ୍ଟାଲ ଖାଦ୍ୟ ନଷ୍ଟ ହୁଏ ଯାହାକୁ ଆମେ ଚାହିଁଲେ ରୋକି ପାରିବା ଏବଂ ବଳକା ଖାଦ୍ୟକୁ ଭୋକିଲା ମନୁଷ୍ୟ /ଜୀବ ଜନ୍ତୁଙ୍କୁ ଦେଇପାରିବା। ଏଥିପାଇଁ କେବଳ ଆମର ଦୃଢ଼ ମାନସିକତାର ଆବଶ୍ୟକତା ସହିତ ସରକାରୀ ନିୟମକୁ କଠୋର ଭାବେ କାର୍ଯ୍ୟକାରୀ କରିବାକୁ ହେବ ।

**ବରିଷ୍ଠ ନାଗରିକ, ସ୍ନେହ କୁଟୀର,**
**ଝାଞ୍ଜିରୀ ମଙ୍ଗଳା, କଟକ**
**ମୋ: ୯୯୩୭୧୭୪୦୯୭**

# ପାଲେଷ୍ଟାଇନ କାହାର



ଲଳିତେନ୍ଦୁ ପଲାଉରୀ

ଇସ୍ରାଏଲ-ପାଲେଷ୍ଟାଇନ ବିବାଦ ୧୦୦ବର୍ଷରୁ ଅଧିକ ପୁରୁଣା। ଉଭୟଙ୍କ ମଧ୍ୟରେ ବିବାଦ ଜେରୁଜେଲମକୁ ନେଇ। ଇସ୍ରାଏଲ ପାଲେଷ୍ଟାଇନ ମଧ୍ୟରେ ଅନେକ ଯୁଦ୍ଧ ଘଟିଛି ଏବଂ ଅନେକ ଥର ମଧ୍ୟ ଯୁଦ୍ଧ ବିରତି ହୋଇଛି। କିନ୍ତୁ ମଧ୍ୟପ୍ରାଚ୍ୟର ଏହି ଅଞ୍ଚଳରେ ସ୍ଥାୟୀ ଶାନ୍ତି ଫେରିବା ନାଁ ନେଉନି। ୧୯୪୮ରୁ ଇସ୍ରାଏଲ ସ୍ୱାଧୀନ ରାଷ୍ଟ୍ର ହୋଇଛି। କିନ୍ତୁ ପାଲେଷ୍ଟାଇନକୁ ନେଇ ଏଯାଏ କୌଣସି ସ୍ପଷ୍ଟ ନିଷ୍କର୍ଷ ବାହାରି ପାରୁନି। ଜାତିସଂଘ କିମ୍ବା କୌଣସି ଅନ୍ତର୍ଜାତୀୟ ମଧ୍ୟସ୍ଥ ଏହି ଦୀର୍ଘ ବିବାଦ ସମାଧାନରେ ବିଫଳ ହୋଇଛନ୍ତି। ପାଲେଷ୍ଟାଇନର ଜନତାଙ୍କୁ ସେମାନଙ୍କ ନାଗରିକ ମର୍ଯ୍ୟାଦା ଦେବାରେ କାହିଁକି ଏତେ ପ୍ରତିବନ୍ଧକ।

ନିକଟରେ ଜାତିସଂଘର ମୋଟ ୧୯୩ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରୁ ୧୫୭ଟି ଦେଶ ପାଖାପାଖି ୮୧ ପ୍ରତିଶତ ସଦସ୍ୟ ରାଷ୍ଟ୍ର ପାଲେଷ୍ଟାଇନକୁ ସାର୍ବଭୌମତ୍ୱ ଦେଶ ଭାବେ ସମର୍ଥନ କରିଛନ୍ତି। ୨୦୧୨ ନଭେମ୍ବରରୁ ପାଲେଷ୍ଟାଇନ ଜାତିସଂଘର ଅସ୍ଥାୟୀ ସଦସ୍ୟ ବା ଅବଜରଭର ଷ୍ଟେଟ ଭାବେ ଗଣାଯାଉଛି। ଜାତିସଂଘରେ ଭିଟୋ କ୍ଷମତାଧାରୀ ଆମେରିକା ପାଲେଷ୍ଟାଇନକୁ ଜାତିସଂଘରେ ସ୍ଥାୟୀ ସଦସ୍ୟତା ପ୍ରଦାନରେ ବାରମ୍ବାର ପ୍ରତିବନ୍ଧକ ସାଜୁଛି । ଭିଟୋ ପ୍ରୟୋଗ କରି ପ୍ରସ୍ତାବକୁ ଅଟକାଇ ଦେଉଛି । କିନ୍ତୁ ଅନ୍ୟ ୪ ଭିଟୋ କ୍ଷମତାଧାରୀ ଦେଶ ଚାଇନା, ଫ୍ରାନ୍ସ, ରୁଷିଆ ଓ ବ୍ରିଟେନ ପାଲେଷ୍ଟାଇନକୁ ଜାତିସଂଘରେ ସ୍ଥାୟୀ ସଦସ୍ୟତା ପ୍ରଦାନ ପାଇଁ ବାରମ୍ବାର ମତ ରଖିଆସୁଛନ୍ତି। ୧୯୮୮ରୁ ୱେଷ୍ଟବ୍ୟାଙ୍କ ବା ଇଷ୍ଟ ଜେରୁଜେଲମ ଓ ଗାଜା ଷ୍ଟ୍ରିପ୍‌କୁ ମିଶାଇ ଷ୍ଟେଟ ଅଫ୍ ପାଲେଷ୍ଟାଇନ ଭାବେ ଦାବି କରିଆସୁଛି ପାଲେଷ୍ଟାଇନ ଲିବରେଶନ ଅର୍ଗାନାଇଜେଶନ ବା ପିଏଲ୍ଓ। ୧୯୮୮ରେ ୭୮ଟି ଦେଶ ପାଲେଷ୍ଟାଇନ ରାଷ୍ଟ୍ର ସପକ୍ଷରେ ମତ ଦେଇଥିଲେ। ପାଲେଷ୍ଟାଇନ ଅଥରିଟିଙ୍କ ଦ୍ୱାରା ସ୍ୱୟଂ ଶାସିତ ପାଲେଷ୍ଟାଇନକୁ ୧୯୯୩-୯୫ ମସିହାରେ ଓସ୍ଲୋ ରାଜିନାମା ଅନୁସାରେ ଇସ୍ରାଏଲ ଓ ପିଏଲ୍ଓ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏଥିରେ ନିଷ୍ପତ୍ତି ହୋଇଥିଲା ପାଲେଷ୍ଟାଇନର ମଧ୍ୟବର୍ତ୍ତିକାଳୀନ କର୍ତ୍ତୃପକ୍ଷ ଗାଜା ସମେତ ୱେଷ୍ଟବ୍ୟାଙ୍କର ୪୦ପ୍ରତିଶତ ଅଞ୍ଚଳରେ ଶାସନ କରିବେ। କିନ୍ତୁ ୧୯୯୬ ରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ଭାବେ ବେଞ୍ଜାମିନ ନେତାନ୍ୟାହୁ ଶାସନ ଭାର ସମ୍ଭାଳିବା ପରେ ପାଲେଷ୍ଟାଇନ ଶାନ୍ତି ଚୁକ୍ତିରେ ଝଟକା ଆସିଥିଲା। ନେତାନ୍ୟାହୁ ପାଲେଷ୍ଟାଇନକୁ ରାଷ୍ଟ୍ର ମାନ୍ୟତା ଦେବାକୁ ମନା କରି ଦେଇଥିଲେ। ପାଲେଷ୍ଟାଇନ ଲିବରେଶନ ଅର୍ଗାନାଇଜେଶନ ଶେଷରେ ହମାସ୍ ହାତରେ ଗାଜାର ଶାସନ ଭାର ଟେକି ଦେଇଥିଲା। ହମାସ୍ ନେତାମାଙ୍କ ଇଚ୍ଛାରେ ଚାଲିଥିଲା ଗାଜାରେ ଶାସନ। ୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲ ଉପରେ ହମାସ୍ ଆକ୍ରମଣ କରି ପାଖାପାଖି ୧୩ଶହ ଇସ୍ରାଏଲବାସୀଙ୍କୁ ହତ୍ୟା କରିଥିଲେ।



ଅନେକଙ୍କୁ ପଣବନ୍ଦୀ କରି ନେଇଥିଲେ। ଏହାପରେ ଇସ୍ରାଏଲ ଗାଜାରେ ଆରମ୍ଭ କରିଥିଲା ହମାସ ନିପାତ ଅଭିଯାନ ବା ଅପରେଶନ ଆଇରନ ସୋର୍ଡ। ଗାଜାର ୯୦ ପ୍ରତିଶତ ଭିତ୍ତିଭୂମି ଧୂଳିସାତ ହୋଇଯାଇଛି। ଇସ୍ରାଏଲ ହମାସ୍ ଯୁଦ୍ଧ ବିରତି ଓ ଶାନ୍ତି ରାଜିନାମା ପାଇଁ କତାରର ଦୋହାରେ ବାରମ୍ବାର ମଧ୍ୟସ୍ଥ ବସୁଛନ୍ତି। କିନ୍ତୁ କୌଣସି ସମାଧାନ ସୂତ୍ର ବାହାରିପାରୁନି।

ଲୋକଙ୍କ ଜୀବନ ରକ୍ଷା ଓ ଇସ୍ରାଏଲ-ପାଲେଷ୍ଟାଇନ ବିବାଦକୁ ନେଇ ଟୁ ଷ୍ଟେଟ ସଲ୍ୟୁଶନ ଆଧାରରେ ଦେଶ ଗଠନ ପାଇଁ ଅନେକ ଦେଶ ମତ ରଖୁଛନ୍ତି। ଭାରତ ମଧ୍ୟ ଇସ୍ରାଏଲ ପାଲେଷ୍ଟାଇନ ବିବାଦ କେବଳ ଟୁ ଷ୍ଟେଟ ସଲ୍ୟୁଶନ ଦ୍ୱାରା ସମ୍ଭବ ବୋଲି କହିସାରିଛି। ଏହାସହ ଜି ୨୦ ଦେଶ ସମୂହ ପାଲେଷ୍ଟାଇନକୁ ନୂଆ ରାଷ୍ଟ୍ର ଭାବେ ଦେଖିବାକୁ ମତ ରଖିଛନ୍ତି। କିନ୍ତୁ ଇସ୍ରାଏଲ, ଆମେରିକା, ଜର୍ମାନୀ, ଇଟାଲି, ଜାପାନ, ଦକ୍ଷିଣ କୋରିଆ ଭଳି ରାଷ୍ଟ୍ର ପାଲେଷ୍ଟାଇନକୁ ସ୍ୱାଧୀନ ଦେଶ ଭାବେ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ନିକଟ ଅତୀତରେ ହଜାର ହଜାର ଇଟାଲିବାସୀ ପାଲେଷ୍ଟାଇନ ଷ୍ଟେଟ୍‌କୁ ସମର୍ଥନ କରି ଆନ୍ଦୋଳନ କରିଥିଲେ। ହେଲେ ଇଟାଲି ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ ପାଲେଷ୍ଟାଇନକୁ ଦେଶର ମାନ୍ୟତା ଦେବା ସପକ୍ଷରେ ନ ଥିବା ଜଣାଇଥିଲେ। ପାଲେଷ୍ଟାଇନ ସମର୍ଥକମାନେ ଇଟାଲିର ପ୍ରମୁଖ ସହର ମିଲାନ, ରୋମ, ନାପେଲ୍ସ, ସିସିଲି, ଟ୍ୟୁରିନ, ବୋଲଗ ଆଦି ସ୍ଥାନରେ ବିରୋଧ ପ୍ରଦର୍ଶନ ସହ ପୋଡ଼ାଜଳା କରିଥିଲେ।

କେବଳ ଇଟାଲି କାହିଁକି ବ୍ରିଟେନ, ଫ୍ରାନ୍ସରେ ମଧ୍ୟ ପାଲେଷ୍ଟାଇନଙ୍କୁ ସ୍ୱତନ୍ତ୍ର ଦେଶ ମାନ୍ୟତା ଦାବିରେ ସାଧାରଣ ଜନତା ରାଜରାସ୍ତାକୁ ଓହ୍ଲାଇଥିଲା। ଅଷ୍ଟ୍ରେଲିଆ ଓ ବେଲଜିୟମ ସର୍ବଭିତ୍ତିକ ପାଲେଷ୍ଟାଇନ ସମର୍ଥନରେ ମତ ରଖିଥିଲେ। ଗାଜାରୁ ତୁରନ୍ତ ହମାସ୍ ଆତଙ୍କୀଙ୍କୁ ମୂଳୋତ୍ପାଟନ, ସମସ୍ତ ଇସ୍ରାଏଲ ବନ୍ଧକଙ୍କୁ ମୁକ୍ତି ଦାବି କରିଛି ବେଲଜିୟମ। ପାଲେଷ୍ଟାଇନ ଲୋକତାନ୍ତ୍ରିକ ଦେଶ ହେବା ଜରୁରୀ ବୋଲି କାନାଡା ସରକାର ମତ ଦେଇଛନ୍ତି । କିନ୍ତୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ପାଲେଷ୍ଟାଇନକୁ କେବେ ବି ଦେଶ କରାଯାଇ ନ ପାରେ ବୋଲି ଯୁକ୍ତି ବାଢୁଛନ୍ତି। ପାଲେଷ୍ଟାଇନକୁ ସ୍ୱାଧୀନତା ମାନେ ହମାସ୍ ଆତଙ୍କବାଦୀଙ୍କୁ ସମ୍ମାନ ବା ବଡ଼ ପୁରସ୍କାର ବୋଲି ସେ କହୁଛନ୍ତି। ଏଭଳି ସ୍ଥିତିରେ ବ୍ରିଟେନ ମଧ୍ୟ ଇସ୍ରାଏଲକୁ ଚେତାବନୀ ଦେଇଛି। ୱେଷ୍ଟବ୍ୟାଙ୍କ ଅଞ୍ଚଳକୁ ଇସ୍ରାଏଲ କବ୍‌ଜା କରିବାକୁ ବୃଥା ଚେଷ୍ଟା ନ କରୁ। କେବଳ ସେତିକି ନୁହେଁ ପାଲେଷ୍ଟାଇନ ରାଷ୍ଟ୍ର ସପକ୍ଷରେ ନ ଥିବା ଆମେରିକା ରାଷ୍ଟ୍ରପତିଙ୍କ ଗାଜା ପ୍ଲାନ ମଧ୍ୟ ଆପଣଙ୍କୁ ଚକିତ କଲାଭଳି। ବଡ଼ କଥା ହେଉଛି ଗାଜାରୁ ବିସ୍ଥାପିତମାନେ କିନ୍ତୁ କୁଆଡ଼େ ଯିବେ ଏନେଇ ଟ୍ରମ୍ପଙ୍କର ଯୋଜନା ନାହିଁ । ତେବେ ଏତେ ସବୁ ଘଣ୍ଟାଚକଟା ଭିତରେ ଏତିକି କୁହାଯାଇ ପାରେ ନିଜର ସ୍ୱାର୍ଥ ହାସଲ ପାଇଁ କିଛି ମୁଷ୍ଟିମେୟ ପ୍ରଭାବଶାଳୀ ବ୍ୟକ୍ତି ସାରା ବିଶ୍ୱକୁ ଭୁଆଁବୁଲାଇବାକୁ ଚେଷ୍ଟା କରୁଛନ୍ତି। ବିଶ୍ୱର ବିଭିନ୍ନ ସ୍ଥାନରେ ଯୁଦ୍ଧ ସଂଗଠିତ କରି ଅଶାନ୍ତି ଓ ହିଂସାତ୍ମକ ବାତାବରଣ ସୃଷ୍ଟି କରିଚାଲିଛନ୍ତି।

**ବାଲିପଣ୍ଡାଳ, ନଗର, ଅସ୍ତରଙ୍ଗ, ପୁରୀ**
**ମୋ: ୯୭୭୮୬୯୭୦୩୬**

## ଏଇ ଭାରତରେ

ଦୀପାବଳିରେ ବାଣଫୁଟା ଉପରେ କଟକଣା ଲଗାଗଲେ ମଧ୍ୟ ପରମ୍ପରା ଆଗରେ ତାହା ଫିକା ପଡ଼ିଯାଉଛି। ଲୋକେ ପରିବେଶ ସୁରକ୍ଷା ଚିନ୍ତା କରୁ ନ ଥିବା ଏଥିରୁ ସ୍ପଷ୍ଟ ହେଉଛି। ହେଲେ ତାମିଲନାଡୁର ଶିବଗଙ୍ଗା ଜିଲାର ଭେଟାଙ୍ଗୁଡ଼ି ପକ୍ଷୀ ଅଭୟାରଣ୍ୟ ନିକଟରେ ଥିବା କୋଲୁକୁଡ଼ିପଟ୍ଟି, ଏସ୍.ମାମ୍ପଟ୍ଟି ଏବଂ ଭେଟାଙ୍ଗୁଡ଼ିପଟ୍ଟି ଗାଁର ଗ୍ରାମବାସୀ ଅଭୟାରଣ୍ୟରେ ପକ୍ଷୀଙ୍କ ସୁରକ୍ଷା ପାଇଁ ୩୦ ବର୍ଷ ହେଲା ଦୀପାବଳି ପାଳନ କରୁନାହାନ୍ତି। କେବଳ ଏତିକି ନୁହେଁ, ଏହିସବୁ ଗାଁରେ ଲୋକେ ବିବାହ କିମ୍ବା ମନ୍ଦିର ଉତ୍ସବଗୁଡ଼ିକରେ ମଧ୍ୟ ବାଣ ଫୁଟାଉ ନାହାନ୍ତି। ଦୀପାବଳି ସମୟରେ ବାହାର ଦେଶରୁ ପକ୍ଷୀମାନେ ଏଠାକୁ ଆସୁଥିବାରୁ ସେମାନଙ୍କ ଆଗମନରେ ବାଧା ସୃଷ୍ଟି ନ କରିବା ପାଇଁ ଗ୍ରାମବାସୀ ଏଭଳି ପଦକ୍ଷେପ ନେଉଛନ୍ତି। ପ୍ରାୟ ବର୍ଷସାରା ଗ୍ରାମବାସୀ ଏକ ନୀରବ ପରିବେଶ ବଜାୟ ରଖିଥାନ୍ତି। ୩୬ ହେକ୍ଟର ପରିବ୍ୟାପ୍ତ ଏହି ଅଭୟାରଣ୍ୟକୁ ଶୀତଦିନ ଆଗମନ ସମୟରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ରୁଷିଆ, ଶ୍ରୀଲଙ୍କା, ସୁଇଜରଲାଣ୍ଡ, ଇଣ୍ଡୋନେସିଆ ଆଦି ଦେଶରୁ ଆସିଥାନ୍ତି। ଗ୍ରାମବାସୀଙ୍କ ଏହି ପଦକ୍ଷେପ ଯୋଗୁ ବହିରାଗତ ପକ୍ଷୀଙ୍କ ସଂଖ୍ୟା ୪,୦୦୦ ଛୁଇଁଲାଣି।

## ୫୦ ବର୍ଷ ତଳର ଧରିତ୍ରୀ

**୨୨ ଅକ୍ଟୋବର ୧୯୭୬**

- କାବେରୀ ନଦୀଜଳ ବଣ୍ଟନ ସମସ୍ୟାର ଆଶୁ ସମାଧାନ ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ କମିଟି ଗଠନ କରାଯାଇଛି।
- ଇରାକରେ ଶିଳ୍ପ ଅଭିବୃଦ୍ଧି ଲାଗି ଭାରତର ସହଯୋଗ ସମ୍ପର୍କରେ ଇରାକର ଶିଳ୍ପମନ୍ତ୍ରୀ ଫ୍ଲେହାସାନ ଆଲଜସୀମ ଏବଂ ଭାରତର ଶିଳ୍ପମନ୍ତ୍ରୀ ଟି. ଏ. ପାଇଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | | | | |
| 3 | | | | | 8 | | 2 | |
| 1 | | | | 2 | | | 4 | 8 |
| | 2 | | | | 5 | 9 | | |
| 5 | | | | | 4 | 7 | 8 | |
| 4 | | | | 6 | 9 | | 5 | |
| 2 | | | | | | 3 | | |
| | | 5 | 1 | | | | | |
| 8 | | 6 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 5 | 7 | 8 | 2 | 3 | 9 | 4 |
| 8 | 3 | 2 | 4 | 5 | 9 | 7 | 1 | 6 |
| 9 | 4 | 7 | 6 | 1 | 3 | 2 | 8 | 5 |
| 3 | 2 | 6 | 8 | 9 | 4 | 5 | 7 | 1 |
| 4 | 5 | 1 | 2 | 7 | 6 | 9 | 3 | 8 |
| 7 | 9 | 8 | 1 | 3 | 5 | 4 | 6 | 2 |
| 5 | 7 | 4 | 3 | 6 | 8 | 1 | 2 | 9 |
| 6 | 1 | 9 | 5 | 2 | 7 | 8 | 4 | 3 |
| 2 | 8 | 3 | 9 | 4 | 1 | 6 | 5 | 7 |

ଗତ ସଂସ୍କରଣର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସମ୍ପତ୍ତି କିଣାବିକାରେ ନୋମିନି ବ୍ୟବସ୍ଥା କରାଯାଉ

ମହାଶୟ,

ବର୍ତ୍ତମାନ ପରିସ୍ଥିତିରେ ପ୍ରତି କାର୍ଯ୍ୟରେ ବ୍ୟାଙ୍କରେ ଇନ୍ସ୍ୟୁରାନ୍ସ ବା ଯେକୌଣସି ଦସ୍ତାବିଜ୍‌ରେ ନୋମିନର ଆବଶ୍ୟକତା ପଡୁଛି। ଭବିଷ୍ୟତରେ ଯଦି କିଛି ହୁଏ, ବୀମାଭୁକ୍ତ ବ୍ୟକ୍ତି ବଦଳରେ ନୋମିନକୁ ସମସ୍ତ ହକ୍ ମିଳୁଛି। କିନ୍ତୁ କୌଣସି ସମ୍ପତ୍ତି କିଣାବିକାରେ ନୋମିନ ବ୍ୟବସ୍ଥା ରହୁନାହିଁ। ଯାହାଫଳରେ ଭବିଷ୍ୟତରେ କାଳକ୍ରମେ ସମ୍ପର୍କୀୟ ଲୋକ ସେ ସମ୍ପତ୍ତିର ହକ୍‌ଦାର ହୋଇଯାଉଛନ୍ତି। କିଛି ବ୍ୟକ୍ତି ବିଦେଶରେ ରହୁଛନ୍ତି। ପ୍ରତ୍ୟେକ ସମ୍ପତ୍ତିର ସ୍ୱତଃପ୍ରବୃତ୍ତ ହକ୍‌ଦାର ହୋଇଯାଉଛନ୍ତି ଏବଂ ସେମାନେ ସମ୍ପତ୍ତି ବିଷୟରେ କିଛି ଜାଣୁନାହାନ୍ତି, କିନ୍ତୁ ସେମାନେ ତାଙ୍କର ଅଂଶ ଛାଡ଼ିବାକୁ ନାରାଜ। ଯାହାଫଳରେ ସବୁ ସମ୍ପତ୍ତି ସର୍ବସାଧାରଣଙ୍କ ଭଳି ପଡିରହୁଛି ଏବଂ କାହାର କାର୍ଯ୍ୟରେ ଲାଗୁନାହିଁ। ଆସ୍ତେ ଆସ୍ତେ ଅଂଶୀଦାରଙ୍କ ସଂଖ୍ୟା ବୃଦ୍ଧି ପାଉଛି। କେତେକ ସ୍ଥଳରେ ୧ ଗୁଣ୍ଠ ଜାଗାରେ ୪୦ ଜଣ ଅଂଶୀଦାର ହେଉଛନ୍ତି। ତେଣୁ ପ୍ରତ୍ୟେକ ସମ୍ପତ୍ତି କିଣାବିକା ସମୟରେ ନୋମିନ ରଖାଯିବାର ନିୟମ ପ୍ରଚଳନ କରାଯାଉ।

**-ଡି. ଉପେନ୍ଦ୍ର, ନୟାପାଲ୍ଲୀ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅଭେଦ ପାଚେରି ତୋଳି ଚଉପାଶେ ସଦା ସେ
ଥିଲେ ହେଁ ନିକଟେ ଯଥା ଅଛି ଦୂର ପ୍ରବାସେ
ନିଭୃତ ମାନସର ସୁନିବିଡ଼ ପରାସ
କ୍ଷତ ଅନ୍ତରେ ମମ ରକ୍ତର ଯବା ସେ !
-(ପଥର ପ୍ରେମିକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଆରଏମ୍‌ସି ଅବସରପ୍ରାପ୍ତ କର୍ମଚାରୀଙ୍କ ବୈଠକ**

ସମ୍ବଲପୁର,(ଭବାନୀ ଶଙ୍କର ଭୋଇ): ସମ୍ବଲପୁର ଆରଏମ୍‌ସିର ଅବସରପ୍ରାପ୍ତ କର୍ମଚାରୀଙ୍କ ସାଧାରଣ ପରିଷଦ ବୈଠକ ସାକ୍ଷୀପଡା ହନୁମାନ ମନ୍ଦିର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବଟକୃଷ୍ଣ ରାୟଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସେମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଅବସରପ୍ରାପ୍ତ କର୍ମଚାରୀଙ୍କ ବକେୟା ପ୍ରାପ୍ୟ, ୭ମ ବେତନ ଲାଗୁ ଆଦି ବିଷୟ ଆଲୋଚନାର ପରିସରକୁ ଆସିଥିଲା। ସମସ୍ୟାର ସମାଧାନ ନିମନ୍ତେ ନିୟନ୍ତ୍ରିତ ବଜାର କମିଟିର କର୍ତ୍ତୃପକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ଦିଆଯିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏଥିପାଇଁ ୨ ଜଣିଆ କମିଟିରେ ବଟକୃଷ୍ଣ ରାୟଗୁରୁ ଓ କ୍ରିଷ୍ଣାଲାଲ ବରେକଙ୍କୁ ଦାୟିତ୍ୱ ଦିଆଯାଇଥିଲା।

# ଭୋଇପାଲି କେବିଏଫ୍‌ସିକୁ ଟାଇଟଲ

କୁଚିଣ୍ଡା,୨୧।୧୦(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ମନ୍ତ୍ରୀମୁଣ୍ଡା ମିନି ଷ୍ଟାଡିୟମରେ ଦୀପାବଳି ଅବସରରେ ଚାଲିଥିବା ୧୨ତମ ମନ୍ତ୍ରୀମୁଣ୍ଡା କପ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମନ୍ତ୍ରୀମୁଣ୍ଡା ଯୁବକ ସଂଘ ଆୟୋଜିତ ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ସେମିଫାଇନାଲ ମ୍ୟାଚ ସୁନ୍ଦରଗଡ଼ ଦୋସ୍ତି ବ୍ରଦର୍ସ ଓ ସମ୍ବଲପୁର ଅରୁଣ ଏକାଦଶ ମଧ୍ୟରେ ହୋଇଥିଲା। ୧-୦ ଗୋଲରେ ଦୋସ୍ତି ବ୍ରଦର୍ସ ବିଜେତା ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲ ସୁନ୍ଦରଗଡ଼ ଭୋଇପାଲି କେବିଏଫସି ଓ ଉତ୍ତରପ୍ରଦେଶର ମର୍ଡର୍ଣ୍ଣ ଏଫସି ମଧ୍ୟରେ ହୋଇଥିଲା। ଏଥିରେ ଭୋଇପାଲି କେବିଏଫସି ୪-୦ ଗୋଲରେ ବିଜୟ ହାସଲ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ଫାଇନାଲ ମ୍ୟାଚରେ ସୁନ୍ଦରଗଡ଼ ଭୋଇପାଲି କେବିଏଫସି ଓ ସୁନ୍ଦରଗଡ଼ ଦୋସ୍ତି ବ୍ରଦର୍ସ ମୁହାଁମୁହିଁ ହୋଇଥିଲେ। ଏଥିରେ ଦୋସ୍ତି ବ୍ରଦର୍ସକୁ ୨-୦ ଗୋଲରେ ପରାସ୍ତ କରି ଭୋଇପାଲି କେବିଏଫସି ଟାଇଟଲ ହାସଲ କରିଥିଲା। ମନ୍ତ୍ରୀମୁଣ୍ଡା ଯୁବକସଂଘ ସଭାପତି ତାପସ କୁମାର ନାଏକ, ଉପସଭାପତି ଗୌତମ ମିଶ୍ର, ସମ୍ପାଦକ ଅକ୍ଷୟ କିଷାନ, କୋଷାଧ୍ୟକ୍ଷ ଭବାନୀ କିଷାନ, ଉପଦେଷ୍ଟା ପ୍ରଣବ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଭାଗିରଥି ପାତ୍ର ଓରଫ ଜନ ଓ ଅରୁଣ କିଷାନ ମ୍ୟାଚ ଧାରା ବିବରଣୀ ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚ ପୂର୍ବରୁ ସମ୍ବଲପୁର ଏଙ୍ଗେଲ ଏକାଡେମୀ ଓ ରାଉରକେଲା ମହିଳା ଏଫସି ମଧ୍ୟରେ ଏକ ମହିଳା ପ୍ରଦର୍ଶନୀ ମ୍ୟାଚ ଖେଳାଯାଇଥିଲା।

ମନ୍ତ୍ରୀମୁଣ୍ଡା ଯୁବକ ସଂଘ ସଭାପତି ତାପସ ନାଏକଙ୍କ ଅଧ୍ୟକ୍ଷତାରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ, ଭାଜପା ଜିଲା ସାଧାରଣ ସମ୍ପାଦକ ଶୁଶିଲ କର, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ତେଲିତିଲେଇମାଲ ସରପଞ୍ଚ ପ୍ରମୋଦ କିଷାନ, ସଞ୍ଜୟ ନାଏକ, ସୂର୍ଯ୍ୟ ମିଶ୍ର, ପ୍ରୋହିତ କିଷାନ, ହର ମାଝି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଟାଇଟଲ ଭୋଇପାଲି କେବିଏଫସିକୁ ଚାମ୍ପିୟନ ଟ୍ରଫି ସହ ୧ଲକ୍ଷ ୩୦ହଜାର ଟଙ୍କା ନଗଦ ଅର୍ଥରାଶି ଏବଂ ପରାଜିତ ଦୋସ୍ତି ବ୍ରଦର୍ସକୁ ରନର ଅପ ଟ୍ରଫି ସହ ୯୦ହଜାର ଟଙ୍କାର ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ସେହିପରି ସେମିଫାଇନାଲରେ ପରାଜିତ ଅରୁଣ ଏକାଦଶ ଓ ଉତ୍ତରପ୍ରଦେଶର ମର୍ଡର୍ଣ୍ଣ ଏଫସିକୁ ୧୫ହଜାର ଟଙ୍କା ଲେଖାଏ ନଗଦ ଅର୍ଥରାଶି ଏବଂ ଭୋଇପାଲି କେବିଏଫସିର ପିଣ୍ଟୁ ନାଗଙ୍କୁ ମ୍ୟାନ ଅଫଦି ମ୍ୟାଚ ଓ କବିର ଖଡିଆଙ୍କୁ ମ୍ୟାନ ଅଫଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚ ଦେଖିବାକୁ ମିନି ଷ୍ଟାଡିୟମରେ ଭରପୁର ଦର୍ଶକଙ୍କ ସମାଗମ ହୋଇଥିଲା।



ମନ୍ତ୍ରୀ ରବିନାରାୟଣ ନାଏକ ଭୋଇପାଲି ଦଳକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।

**ମନ୍ତ୍ରୀମୁଣ୍ଡା କପ ଫୁଟବଲ ଟୁର୍ନାମେଣ୍ଟ**

# ଗାଈକୁ ଖାଇଲା କଲରାପତରିଆ ବାଘ

ନାକଟିଦେଉଳ,୨୧।୧୦(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ବୁର୍ଡା ପଞ୍ଚାୟତ ଅଞ୍ଚଳରେ ମଙ୍ଗଳବାର ସକାଳେ କଲରାପତରିଆ ବାଘ ଆତଙ୍କ ଦେଖିବାକୁ ମିଳିଛି। ବୁରଡ଼ା ପଞ୍ଚାୟତ ଅଧୀନ ବନ୍ତଲୋଇ ଗ୍ରାମର କେତେଜଣ ବ୍ୟକ୍ତି ନିକଟସ୍ଥ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିବା ବେଳେ କଲରାପତରିଆ ବାଘ ଗୋଟିଏ ଗାଈକୁ ମାରି ଖାଇଥିବା ଜଣାପଡିଛି। ତେବେ ବାଘ ଦୁଇଦିନ ତଳେ ୩ଟି ଛେଳିକୁ ମଧ୍ୟ ମାରି ଖାଇଥିବା ସୂଚନା ମିଳିଛି। ବାଘ ଆତଙ୍କ ଯୋଗୁ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ଖବର ପାଇ ଘଟଣାସ୍ଥଳରେ ବନ ବିଭାଗର କର୍ମଚାରୀ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛନ୍ତି।

# ଡିଏଭି ଛାତ୍ରୀଛାତ୍ରଙ୍କ କାଗଜମୁଖା ପ୍ରଦର୍ଶନ

ସମ୍ବଲପୁର,୨୧।୧୦(ବି.ଶଙ୍କର)

ଏମସିଏଲ ଆନନ୍ଦ ବିହାର ସ୍ଥିତ ଡିଏଭି ବିଦ୍ୟାଳୟରେ ସାହିତ୍ୟ ଆସର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ତଥା ଏମସିଏଲ ଜେନେରାଲ ମ୍ୟାନେଜର(ମାନବ ସମ୍ବଳ ଜନମଙ୍ଗଳ) ସନ୍ଦିପ କୁମାର ଶାହା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ସର୍ଜନାତ୍ମକ କର୍ମଶାଳାର ଆୟୋଜନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାଗ କଣ୍ଢେଇ ଶିଳ୍ପର ଇତିହାସ ବିଷୟରେ ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷକ ଚନ୍ଦନ ମହାନ୍ତି କଣ୍ଢେଇ ନିର୍ମଣରେ ବିଭିନ୍ନ ଦେଶର ଅବଦାନ ବିଷୟରେ ଆଲୋଚନା କରିଥିଲେ। କଳା ଶିକ୍ଷକ ପବିତ୍ର ମୋହନ ଶତପଥୀଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ କାଗଜରେ କାଣ୍ଢେଇ ଓ ମୁଖା ପ୍ରସ୍ତୁତ କଳା ପ୍ରଦର୍ଶନ କରିଥିଲେ। ଏଥିସହ ଛାତ୍ରୀଛାତ୍ରମାନଙ୍କୁ ନେଇ ଗଣମାଧ୍ୟମର ଭୂମିକା ବିଷୟରେ ଆଲୋଚନା ହୋଇଥିଲା। ସାହିତ୍ର ଆସର କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡ.ଲିଙ୍ଗରାଜ ସାହୁ ସାମ୍ମାନୀତ ଅତିଥିଥିଲେ। ଏହି ଅବସରରେ ନବ ପ୍ରତିଭା ପୂର୍ଣ୍ଣପ୍ରସୂନ ଦାସଙ୍କୁ ସମ୍ମାନୀତ କରାଯାଇଥିଲା। ଏଡି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଇତିଶ୍ରୀ ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ଚନ୍ଦନ କୁମାର ମହାନ୍ତି ଧନ୍ୟବାଦ ଅର୍ପର କରିଥିଲେ।



ଛାତ୍ରୀଛାତ୍ରମାନେ କାଗଜ ମୁଖା ପ୍ରଦର୍ଶନ କରୁଛନ୍ତି।

# ଛାତ୍ରୀମାନେ ଅପରିମିତ ଶକ୍ତିର ଅଧିକାରିଣୀ


ଏନ୍‌ଏସ୍‌ଏସ୍‌ର ସ୍ୱତନ୍ତ୍ର ଶିବିର ଉଦ୍‌ଯାପନୀ ଉତ୍ସବରେ ଅତିଥି ଓ ବକ୍ତାମାନେ।

ସମ୍ବଲପୁର,୨୧।୧୦(ବି.ଶଙ୍କର)

**ମହିଳା ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶିବିର**

ଜାତୀୟ ସେବା ସଂସ୍ଥା (ଏନ୍‌ଏସ୍‌ଏସ୍)ର ସାତଦିନିଆ ସ୍ୱତନ୍ତ୍ର ଶିବିର ମଙ୍ଗଳବାର ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ଛାତ୍ରୀ(ସ୍ୱେଚ୍ଛାସେବୀ)ମାନଙ୍କୁ ଦେଶର ପ୍ରଗତିରେ ସମଭାଗୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ସ୍ୱେଚ୍ଛାସେବୀମାନେ ଅପରିମିତ ଶକ୍ତିର ଅଧିକାରିଣୀ ଏବଂ ସେମାନେ ଏହାର ଯଥାଯଥ ବିନିଯୋଗ କଲେ ଜାତିର ଅନୁପମ ବିକାଶ ହେବ ବୋଲି ପ୍ରଫେସର ମେହେର ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥିଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ବୀରେନ୍ଦ୍ର କୁମାର ବେହେରା ଯୋଗଦାନ କରି ସ୍ୱେଚ୍ଛାସେବୀମାନେ ସମାଜର ଆଦର୍ଶ ବୋଲି କହିଥିଲେ। ଏନ୍‌ଏସ୍‌ଏସ ଜିଲା ସଂଯୋଜକ ଶାନ୍ତନୁ କୁମାର ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ସ୍ୱେଚ୍ଛାସେବୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏନ୍‌ଏସ୍‌ଏସ ସଂଯୋଜିକା ଡ. ସନ୍ଧ୍ୟାମୟୀ ସାହୁ ସାତ ଦିନରେ ହୋଇଥିବା କାର୍ଯ୍ୟକ୍ରମର ସଂକ୍ଷିପ୍ତ ବିବରଣୀ ପାଠ କରିଥିଲେ। ପ୍ରଫେସର ମିହିର କୁମାର ଥାଟି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ସାତଦିନବ୍ୟାପି କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର, ଯୋଗ, ବସ୍ତି ସଫେଇ, ବୃକ୍ଷରୋପଣ, ପରିମଳ ପ୍ରବନ୍ଧନ, ବେଟି ପଢ଼ାଓ ବେଟି ବଚାଓ, ସ୍ୱାସ୍ଥ୍ୟ ସଚେତନତା, ପରିବେଶ ସୁରକ୍ଷା, ପଥପ୍ରାନ୍ତ ନାଟକ, ନାଗରିକ ପ୍ରଶ୍ନମଞ୍ଚ ପ୍ରଭୃତି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ସହର ନାଗେନ ଚୋଟି ଅଞ୍ଚଳର ଜନସାଧାରଣ ସ୍ୱେଚ୍ଛାସେବୀଙ୍କୁ ସହଯୋଗ କରିଥିଲେ। କ୍ୟାମ୍ପ ଫାୟାର ପରେ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମର ପରି ସମାପ୍ତି ଘଟିଥିଲା। ଏନ୍‌ଏସ୍‌ଏସ୍ ଅଧିକାରୀ ଶ୍ୱେତଲାନା ତିର୍କୀ, ସୁଷମା ସୁଇ କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ


ଶହୀଦ ପୋଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପାଇଁ ଶହୀଦ ସ୍ତମ୍ଭରେ ଆଇଜି ଓ ଅନ୍ୟ ଅଧିକାରୀମାନେ।

ସମ୍ବଲପୁର,୨୧।୧୦(ପ୍ରମୋଦ ବହିଦାର)

ସମ୍ବଲପୁରରେ ଜିଲା ପୋଲିସ ପକ୍ଷରୁ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ସମ୍ବଲପୁର ରିଜର୍ଭ ପୋଲିସ ପଡ଼ିଆରେ ଅନୁଷ୍ଠିତ ସମାରୋହରେ ଉତ୍ତରାଞ୍ଚଳ ଆଇଜି ହିମାଂଶ କୁମାର ଲାଲ ମୁଖ୍ୟଅତିଥିଭାବେ ଯୋଗଦେଇ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ରିଜର୍ଭ ପୋଲିସ ପଡ଼ିଆସ୍ଥିତ ଶହୀଦସ୍ତମ୍ଭରେ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ କାର୍ଯ୍ୟକ୍ଷେତ୍ରରେ ସହିଦ ହୋଇଥିବା ସହିଦ ପୋଲିସ କର୍ମଚାରୀଙ୍କୁ ସେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସେ କହିଥିଲେ, ଜନତାଙ୍କ ସେବାରେ ନିଜକୁ ବଳି ଦେଇ ସହିଦ ହୋଇଥିବା ଦେଶର ସମସ୍ତ ପୋଲିସ କର୍ମୀଙ୍କ ପାଇଁ ପୋଲିସ ବିଭାଗ ଗର୍ବିତ। ସମ୍ମାନିତ ଅତିଥିଭାବେ ଏସ୍‌ପି ମୁକେଶ କୁମାର ଭାମୁ ଯୋଗଦେଇଥିଲେ। ସେ ସହିଦ ପୋଲିସ କର୍ମଚାରୀଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ମିଶ୍ର, ଶ୍ରୀବନ୍ତ କୁମାର ବାରିକ, ପ୍ରକାଶ ଜେମ୍ସ ଟୋପ୍ପୋଙ୍କ ସହିତ ଶଶାଙ୍କ ଶେଖର ବେହୁରା, ତୋଫାନ ବାଗ, ସମସ୍ତ ଥାନା ଅଧିକାରୀ, କର୍ମଚାରୀ ତଥ ଅବସରପ୍ରାପ୍ତ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

**ରିଲିଭ୍ କନସଲ୍ଟିଂ କର୍ପୋରେସନ**
୧୪୨୨, ସେକ୍ଟର- ସି, ପକେଟ୍- ୧, ବସନ୍ତ କୁଞ୍ଜ, ଦିଲ୍ଲୀ- ୧୧୦୦୭୦
ମୋବାଇଲ୍: +୯୧ ୭୦୪୨୯୪୪୪୨୫, ଇମେଲ୍: reliveconsultingco@gmail.com
"ଓଡ଼ିଶାର କଳାହାଣ୍ଡି ଜିଲ୍ଲାରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ସୋଲାର ରୋ ଜଳ କୁଲର ଯୋଗାଣ ଏବଂ ସଂସ୍ଥାପନ" ପାଇଁ ଅଭିଜ୍ଞ ଏବଂ ଯୋଗ୍ୟ ବିଡରଙ୍କଠାରୁ ରିଲିଭ୍ କନସଲ୍ଟିଂ କର୍ପୋରେସନର କାର୍ଯ୍ୟାଳୟ, ୧୪୨୨, ସେକ୍ଟ- ସି, ପକେଟ- ୧, ବସନ୍ତ କୁଞ୍ଜ, ଦିଲ୍ଲୀ-୧୧୦୦୭୦ ସିଲଡ୍ ବିଡ୍ ଆମନ୍ତ୍ରଣ କରୁଛି।

| କ୍ର. ନଂ. | ପ୍ରକଳ୍ପର ନାମ | ଟେଣ୍ଡର ନୋଟିସ ନମ୍ବର | ଟେଣ୍ଡର ଦେୟ |
|---|---|---|---|
| ୧ | " ଓଡିଶାର କଳାହାଣ୍ଡି ଜିଲ୍ଲାରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ସୋଲାର ରୋ ଜଳ କୁଲର ଯୋଗାଣ ଏବଂ ସଂସ୍ଥାପନ" ପାଇଁ ବିପିସିଏଲ ସିଏସଆର ପଦକ୍ଷେପ ପାଇଁ ଖୋଲା ଟେଣ୍ଡର ଅନୁସନ୍ଧାନ। | RCC/DEL/CSR/2025/04; ତାରିଖ: 21.10.2025 | Rs. ୧୦୦୦/- |

ବିସ୍ତୃତ ଟେଣ୍ଡର ନୋଟିସ୍, ଟେଣ୍ଡର ଡକ୍ୟୁମେଣ୍ଟ ଏବଂ ଅନ୍ୟାନ୍ୟ ନିର୍ଦ୍ଦେଶାବଳୀ https://reliveconsulting.com/ ୱେବସାଇଟ୍ ରୁ ଡାଉନଲୋଡ୍ କରାଯାଇପାରିବ କିମ୍ବା ଦେଖାଯାଇପାରିବ। ଆଗ୍ରହୀ ବିଡରମାନେ ଟେଣ୍ଡର ଡକ୍ୟୁମେଣ୍ଟରେ ଉଲ୍ଲେଖ କରାଯାଇଥିବା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସେମାନଙ୍କର ଟେଣ୍ଡର ଡକ୍ୟୁମେଣ୍ଟ ଦାଖଲ କରିପାରିବେ।
ଟେଣ୍ଡର ପ୍ରକ୍ରିୟାକରଣ ପ୍ରକୋଷ୍ଠ
ରିଲିଭ୍ ପରାମର୍ଶ ନିଗମ

**ଦ.ପୂ. ରେଳପଥ – ଟେଣ୍ଡର**
ଟେଣ୍ଡର ବିଜ୍ଞପ୍ତି ନଂ.: ଇଲେକ୍ଟ-ଓଟି-୨୫-୨୬-ଏସ୍‌ପିପି୨-୨୯, ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜି)/ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ମଣ୍ଡଳ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ ସମ୍ପୃକ୍ତ ଯୋଗ୍ୟ ଠିକାଦାରମାନଙ୍କଠାରୁ ଇ-ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି। ସମ୍ପୃକ୍ତ ଠିକାଦାରମାନଙ୍କୁ www.ireps.gov.in ୱେବ୍‌ସାଇଟ୍‌ରେ କେବଳ ଅନ୍‌ଲାଇନ୍‌ରେ ଏଥିପାଇଁ ଆବେଦନ କରିବାକୁ ଅନୁରୋଧ କରାଯାଉଛି। ଏହି ଟେଣ୍ଡର ପାଇଁ କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜଗୁଡ଼ିକୁ ଯତ୍ନପୂର୍ବକ ପଢ଼ନ୍ତୁ। **କାର୍ଯ୍ୟର ନାମ:** ସାନ୍ତ୍ରାଗାଛି କ୍ଷେତ୍ରାଧିକାରଠାରେ ସୋଲାର ପାୱାର ପ୍ଲାଣ୍ଟର ଯୋଗାଣ, ସଂସ୍ଥାପନ ଏବଂ ଉତ୍ଥାପନ (ପର୍ଯ୍ୟାୟ ୨)। **ଟେଣ୍ଡର ମୂଲ୍ୟ:** ₹୧୪,୯୭,୦୭,୭୭୮.୫୭। **ଇଏମ୍‌ଡି/ବିଡ୍ ଅମାନତ:** ₹୮,୯୮,୫୦୦/-। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୨।୧୧।୨୦୨୫ରିଖ ୧୦.୩୦ ଘଟିକା। ଟେଣ୍ଡର ବିଜ୍ଞପ୍ତି, ଟେଣ୍ଡର ଦସ୍ତାବିଜ ଏବଂ ଅନ୍ୟାନ୍ୟ ବିବରଣୀ www.ireps.gov.in ରେ ଦିଆଯାଇଛି। (PR-750)

**ଲକର ଧାରକଙ୍କ ପାଇଁ ଖବରକାଗଜ ସୂଚନା**
**ଲକର ଭଡା ଦେୟ ଖିଲାପକାରୀ**

ଏହି ନୋଟିସ୍ ସେହି ଗ୍ରାହକଙ୍କ ପାଇଁ ଯେଉଁମାନେ ଏଚ. ଡି. ଏଫ୍. ସି ବ୍ୟାଙ୍କ ଲିମିଟେଡର ବିଭିନ୍ନ ଶାଖାରେ ଭଡାରେ ଲକର ନେଇଛନ୍ତି ଏବଂ ୩ ବର୍ଷରୁ ଅଧିକ ସମୟ ଧରି ଭଡା ଦେଇନାହାନ୍ତି।

ବ୍ୟାଙ୍କ ସମୟ ସମୟରେ ଗ୍ରାହକମାନଙ୍କୁ ଲକର ଭଡା ଦେବା ପାଇଁ ଅନେକ ନୋଟିସ୍ ପଠାଇଛି, କିନ୍ତୁ କୌଣସି ଉତ୍ତର ମିଳିନାହିଁ। ୬୦ ଦିନ ମଧ୍ୟରେ ଲକର ଭଡାର ବକେୟା ଦେୟ ଦେବାକୁ ନିମ୍ନରେ ଉଲ୍ଲେଖ କରାଯାଇଥିବା ସମସ୍ତ ବ୍ୟକ୍ତିଙ୍କୁ ଏହା ଚୂଡାନ୍ତ ନୋଟିସ୍ ଦିଆଯାଇଛି, ଯାହା ବିଫଳ ହେଲେ ବ୍ୟାଙ୍କ ଲକର ଭଡାଦାତାଙ୍କ ଖର୍ଚ୍ଚ, ବିପଦ ଏବଂ ଦାୟିତ୍ୱରେ ଲକର ଖୋଲିବାକୁ ଆଗକୁ ବଢିବ। ବକେୟା ଭଡା, ମୂଲ୍ୟ ଏବଂ ଅନ୍ୟାନ୍ୟ ଶୁଳ୍କ ଯଦି ଥାଏ ତେବେ ତାହା ଆଦାୟ ପାଇଁ ଆଇନଗତ ଭାବରେ ପଦକ୍ଷେପ ନେବାର ଅଧିକାର ବ୍ୟାଙ୍କ ସଂରକ୍ଷଣ କରେ।

| କ୍ରମିକ ସଂଖ୍ୟା | ଶାଖା ନାମ | ଗ୍ରହକ ନାମ | ଲକର ନମ୍ବର | ଲକର ସିରିଜ | ଲକର ଟାଇପ | ଓଭର ଡିଉ |
|---|---|---|---|---|---|---|
| ୧ | ନୟାପଲ୍ଲୀ | ରଶ୍ମିକାନ୍ତ ଲେଙ୍କା | ୪୭ | B03 | ମିଡିୟମ | ୦୧-୦୪-୨୦୧୭ |
| ୨ | ନୟାପଲ୍ଲୀ | ପରମଜିତ ସିଂହ | ୯ | D01 | ଏକ୍ସଟ୍ରା ଲାର୍ଜ | ୦୧-୦୪-୨୦୧୪ |
| ୩ | ନୟାପଲ୍ଲୀ | ଏମ ଭି ଏସ ଶେଖର | ୫ | C01 | ଲାର୍ଜ | ୦୧-୦୪-୨୦୧୪ |
| ୪ | ନୟାପଲ୍ଲୀ | ସୁମନ୍ତ ପାତ୍ର | ୧୮ | C01 | ଲାର୍ଜ | ୦୧-୦୪-୨୦୧୪ |
| ୫ | ନୟାପଲ୍ଲୀ | ଲିଙ୍ଗରାଜ ପାଣିଗ୍ରାହୀ | ୧୯ | C01 | ଲାର୍ଜ | ୦୧-୦୪-୨୦୧୪ |
| ୬ | ନୟାପଲ୍ଲୀ | ତପନ କୁମାର ବେହେରା | ୯ | B01 | ମିଡିୟମ | ୦୧-୦୪-୨୦୧୪ |
| ୭ | ନୟାପଲ୍ଲୀ | ଶକ୍ତି ପ୍ରସନ୍ନ ପରମଗୁରୁ | ୪୦ | B01 | ମିଡିୟମ | ୦୧-୦୪-୨୦୧୪ |
| ୮ | ନୟାପଲ୍ଲୀ | ରମେଶ ଚନ୍ଦ୍ର ବାରିକ | ୧୩ | B02 | ମିଡିୟମ | ୦୧-୦୪-୨୦୧୪ |
| ୯ | ନୟାପଲ୍ଲୀ | ସୁକଦେବ ମେହେର | ୨୭ | B02 | ମିଡିୟମ | ୦୧-୦୪-୨୦୧୭ |
| ୧୦ | ନୟାପଲ୍ଲୀ | ରଶ୍ମିତା କର | ୨୮ | B02 | ମିଡିୟମ | ୦୧-୦୪-୨୦୧୭ |
| ୧୧ | ନୟାପଲ୍ଲୀ | ସୌଭାଗ୍ୟଲକ୍ଷ୍ମୀ ନାୟକ | ୩୧ | B02 | ମିଡିୟମ | ୦୧-୦୪-୨୦୧୪ |
| ୧୨ | ନୟାପଲ୍ଲୀ | ଉତ୍ତମ ସିଂହ ବିସ୍ତୁ | ୭୨ | B03 | ମିଡିୟମ | ୦୧-୦୪-୨୦୧୯ |
| ୧୩ | ନୟାପଲ୍ଲୀ | ମୋହନ ରାଣା | ୮୯ | B03 | ମିଡିୟମ | ୦୧-୦୪-୨୦୧୪ |
| ୧୪ | ନୟାପଲ୍ଲୀ | ଦୁଷ୍ମନ୍ତ କୁମାର ଦାଶ | ୭ | B02 | ମିଡିୟମ | ୦୧-୦୪-୨୦୧୯ |
| ୧୫ | ନୟାପଲ୍ଲୀ | ବୋଧିସତ୍ତ୍ୱ ଦାସ | ୩୨ | B01 | ମିଡିୟମ | ୦୧-୦୪-୨୦୨୧ |

ଅଧିକ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ
ଶାଖା ପରିଚାଳକ, ଏଚ୍. ଡି. ଏଫ୍. ସି ବ୍ୟାଙ୍କ ଲିମିଟେଡ୍
ନଂ A / ୬୨୧, ଫାଷ୍ଟ ଫ୍ଲୋର, ୟୁନିଟ୍ ନଂ ୮ ନୟାପଲ୍ଲୀ
ଭୁବନେଶ୍ୱର, ଓଡିଶା- ୭୫୧୦୧୨
ଯୋଗାଯୋଗ- ୯୩୩୭୧୬୯୬୧୨
ଏଚ୍ ଡି ଏଫ୍ ସି ବ୍ୟାଙ୍କ

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ,
ଭୁବନେଶ୍ୱର – 751 001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ବିଦ୍ୟୁତ୍ ମାର୍ଗ, ଭୁବନେଶ୍ୱର, ଓଡ଼ିଶାରେ ଥିବା ବ୍ୟାଙ୍କର ଷ୍ଟାଫ କ୍ୱାଟର୍ସରେ ୫ଟି ଫ୍ଲାଟ୍ ମିଳିତ ପରେ 4ଟି ଫ୍ଲାଟ୍‌ର ପୁନର୍ନିର୍ମାଣ (ସିଭିଲ୍ କାର୍ଯ୍ୟ) କାର୍ଯ୍ୟ ପାଇଁ ଯୋଗ୍ୟ** ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ନଭେମ୍ବର 03, 2025 ଅପରାହ୍ନ 02:00 ଟା ଅଟେ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
Immediately Required, **Arc & Argon Welder, Fitter & Helper** with Minimum Two Year Work Experience.
Field of Experience : Structural & Pipeline (MS & SS). Also required Fresh ITI (Electrical, Mechanical, Welder)
**Contact No.: 9556393222/7077471819**
Email : elite.bbs@gmail.com

**ଆବଶ୍ୟକ**
ଘରୋଇ କାର୍ଯ୍ୟ ନିମନ୍ତେ ସଚ୍ଚୋଟ, ଦାୟିତ୍ୱବାନ ଗୃହ କର୍ମଚାରୀ ଆବଶ୍ୟକ। କାର୍ଯ୍ୟ ସମୟ ସକାଳ ୯ଟାରୁ ରାତି ୮ଟା ପର୍ଯ୍ୟନ୍ତ। ଅଭିଜ୍ଞତା ଅନୁଯାୟୀ ଦରମା। ମାତୃଭାଷା ଓଡ଼ିଆ ହୋଇଥିବା ଆବଶ୍ୟକ। ରହିବା ସୁବିଧା ଉପଲବ୍ଧ। ତୁରନ୍ତ ଯୋଗାଯୋଗ କରନ୍ତୁ। ସ୍ଥାନ: ଭୁବନେଶ୍ୱର।
**9438128790କୁ ବାୟୋଡ଼ାଟା ପଠାନ୍ତୁ।**

**URGENT REQUIRES**
**Experienced Driver - 2 nos., House Keeping Boy - 2 nos., Indian Cook - 2 nos.** for a Guest House at Bhubaneswar.
**Contact : 7656915989**

**REQUIRES**
Advith Pvt. Ltd. – Now Hiring, Positions-
**COMPUTER TRAINER-** BCA/MCA/B.Tech (CS & Electrical),
**SPORTS COACH -** BPEd,
**DANCE TRAINER** BA in Dance (Kathak & Bharatanatyam),
**MUSIC TRAINER -** BA in Music,
**YOGA TRAINER -** MA/MSc/Diploma in Yoga,
**ACADEMIC POSITIONS –** MA / MSc (any discipline)
Email:advithrecruitment@gmail.com,
Contact- Deepak Dongre (HR)
Mob.: 9131381341

See Career Appointment on every Wednesday & Saturday

**WALK-IN-INTERVIEW**
**MANPOWER REQUIREMENT ON ROLL**

| Sl No | Department | Positions | Experience |
|---|---|---|---|
| 1) | CPP | **Operation:** Shift Incharge, Turbine DCS/Field Operator, Boiler DCS/Field Operator, MHS Engineer/Operator, Fireman, Chemist, RO/DM Operator, Silo Operator. **Mechanical:** Engineer, Sr. Fitter, **Electrical:** Deputy/ Asst. Manager, Engineer/Sr.Engineer, Electrician, **Instrument:** Deputy / Asst. Manager, Engineer / Sr. Engineer, Technician. | 5-10 Years |
| 2) | FA | **Operation:** Shift Manager, Shift Incharge, Control Room Operator, Batch Operator, Tapper, Forklift/Crane Operator, RMHS Shift Incharge, BQT manager, QC head, Chemist, QC Sampler, Cast House Supervisor, **Mechanical:** Engineer, Sr. Engineer, Sr. Fitter, **Electrical:** Deputy / Asst. Manager, Engineer/ Sr.Engineer, Electrician | 5-10 Years |
| 3) | DRI | **Operation:** Sr. Manager, Shift Manager, Control Room Operator, Field Operator, QRT Operator, Port Loading Supervisor, Chemist, Lab attendant, **Mechanical/RMP:** Manager, Engineer, Foreman, Sr. Fitter, Belt Jointer, RMP Operator / Supervisor, **Electrical:** Engineer / Sr. Engineer, Electrician. | 5-10 Years |
| 4) | CIVIL | Asst. Manager / Sr. Engineer, Quality Engineer, Supervisor | 5-10 Years |
| 5) | F&S | Safety Patroller | 5-10 yrs |
| 6) | Pollution Control | Asst. Manager / Sr. Engineer | 5-10 Years |
| 7) | Commercial | Accountants, Engineering Store Manager | 5-10 yrs |

**SREE METALIKS AND SAL STEEL LTD JOINT VENTURE**
Interested candidate may walk in with their updated CV, Photo & proof of present salary on date: 26/10/2025, Time 10.00 am to 04.00 pm
Contact Person: Mr. SK Ray, Mob. 9937222002. Interview Location:
Plot No. K-8/552, Kalinga Nagar, Near Sum Ultimate Hospital, Bhubaneswar

**ଭାରତୀୟ କ୍ରୀଡ଼ା ପ୍ରାଧିକରଣ**
**SPORTS AUTHORITY OF INDIA**
ଭାରତ ସରକାର / GOVERNMENT OF INDIA
କ୍ରୀଡ଼ା ବିଭାଗ / DEPARTMENT OF SPORTS
(An Autonomous Body under Ministry of Youth Affairs and Sports)
(ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ଏକ ସ୍ୱୟଂଶାସିତ ନିକାୟ)
(ମାନବ ସମ୍ବଳ ଡିଭିଜନ - II)
ମୁଖ୍ୟ କାର୍ଯ୍ୟାଳୟ, ଗେଟ୍ ନଂ. ୧୦ (ଇଷ୍ଟ ଗେଟ୍),
ଜବାହାରଲାଲ ନେହେରୁ ଷ୍ଟାଡିୟମ୍, ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩
ଏଫ୍.ନଂ. ୦୧-୦୪୦୦୧(୦୧)/୬/୨୦୨୧-ଏଚ୍‌ଓ-ପର୍ସୋନେଲ ଡିଭିଜନ ତାରିଖ: ୦୭।୧୦।୨୦୨୫

**ଭାରତୀୟ କ୍ରୀଡ଼ା ପ୍ରାଧିକରଣ ସାଇ ଲକ୍ଷ୍ମୀବାଇ ନ୍ୟାସନାଲ କଲେଜ ଅଫ୍ ଫିଜିକାଲ ଏଜୁକେଶନ, କାରିଆଭାଟ୍ଟୋମ୍, ଥିରୁଭାନନ୍ତପୁରମ୍ ନିମନ୍ତେ ନିୟମିତ ଭିତ୍ତିରେ ଆସିଷ୍ଟାଣ୍ଟ ପ୍ରଫେସର (ଫିଜିକାଲ ଏଜୁକେଶନ) ପଦବୀ ଲାଗି ଦରଖାସ୍ତ ଆହ୍ୱାନ କରୁଛନ୍ତି**

**ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ଏସ୍‌ଏଆଇ) ଏସ୍‌ଏଆଇ ଲକ୍ଷ୍ମୀବାଇ ନ୍ୟାସନାଲ କଲେଜ ଅଫ୍ ଫିଜିକାଲ ଏଜୁକେଶନ, କାରିଆଭାଟ୍ଟୋମ୍, ଥିରୁଭାନନ୍ତପୁରମ୍‌**ରେ ନିୟମିତ ଭିତ୍ତିରେ ଆସିଷ୍ଟାଣ୍ଟ ପ୍ରଫେସର (ଫିଜିକାଲ ଏଜୁକେଶନ) ପଦବୀ ଲାଗି ଦରଖାସ୍ତ ଆହ୍ୱାନ କରୁଛି। ୦୬ ଗୋଟି ପଦବୀ ଉପଲବ୍ଧ (୪- ଅଣସଂରକ୍ଷିତ, ୧-ଓବିସି, ୧-ଇଡବ୍ଲ୍ୟୁଏସ୍)। ଯୋଗ୍ୟ ଭାରତୀୟ ନାଗରିକମାନେ ସେଲ୍‌ଫ-ଆଟେଷ୍ଟେଡ୍ ପ୍ରମାଣପତ୍ର/ଦସ୍ତାବିଜ ଓ ପାସ୍‌ପୋର୍ଟ ଫଟୋଗ୍ରାଫ୍ ଦାଖଲ କରି **କେବଳ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ**। ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା **ତା୦୯।୧୦।୨୦୨୫ରିଖ (ପୂର୍ବାହ୍ନ ୧୦.୦୦ ଘଟିକା)** ଠାରୁ ଆରମ୍ଭ ହେବ ଏବଂ **ତା୦୮।୧୧।୨୦୨୫ରିଖ (ଅପରାହ୍ନ ୫.୦୦ ଘଟିକା)**ରେ ବନ୍ଦ ହେବ। ପଦବୀଗୁଡ଼ିକର ସଂଖ୍ୟା ସାଂକେତିକ ଅଟେ ଏବଂ ନିଯୁକ୍ତି ବାସ୍ତବିକ କାର୍ଯ୍ୟଭାର ଉପରେ ନିର୍ଭର କରିବ। ଯୋଗ୍ୟତା **ୟୁଜିସି ରେଗୁଲେସନ୍ସ, ୨୦୧୮** ଅନୁଯାୟୀ ହେବ। କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ପ୍ରତ୍ୟାହାର କରିବାର ଅଧିକାର ଏସ୍‌ଏଆଇ ନିକଟରେ ସଂରକ୍ଷିତ। ସବିଶେଷ ସୂଚନା, ଯୋଗ୍ୟତା ମାନଦଣ୍ଡ ଏବଂ ଅନ୍‌ଲାଇନ୍ ଆବେଦନ ପାଇଁ ଦୟାକରି ପରିଦର୍ଶନ କରନ୍ତୁ: www.sportsauthorityofindia.nic.in
cbc 47103/12/0015/2526

# କଡ଼ାକଡ଼ି ପାଳନ ହେବ ନିର୍ବାଚନ ଆଚରଣ ବିଧି: ଡିଜିପି

## ନୂଆପଡ଼ା ଉପନିର୍ବାଚନ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା

କଟକ,୨୧।୧୦(କାର୍ତ୍ତିକ ସାହୁ)

ନୂଆପଡ଼ା ବିଧାନସଭା ମଣ୍ଡଳୀରେ ଆସନ୍ତା ନଭେମ୍ବର ୧୧ରେ ହେବାକୁ ଥିବା ଉପନିର୍ବାଚନ ପାଇଁ ପୋଲିସ ପକ୍ଷରୁ ବିବିଧ ବ୍ୟବସ୍ଥା କରାଯାଇଛି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କଟକସ୍ଥିତ ପୋଲିସ ମୁଖ୍ୟାଳୟଠାରେ ନୂଆପଡ଼ା ଉପନିର୍ବାଚନ ନିମନ୍ତେ ପୋଲିସ ସୁରକ୍ଷା ବ୍ୟବସ୍ଥା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଡିଜିପି ଖୁରାନିଆ ଏକ ଅବାଧ, ସ୍ୱଚ୍ଛ, ମୁକ୍ତ ଓ ନିରପେକ୍ଷ ଉପନିର୍ବାଚନ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବିଶେଷ କରି ନିର୍ବାଚନ ଆଚରଣ ବିଧି କଡ଼ାକଡ଼ି ପାଳନ ହେବ ବୋଲି ପୋଲିସ ଅଧିକାରୀମାନଙ୍କୁ ଡିଜିପି କହିଛନ୍ତି। ଏଥିସହ ଭିଆଇପି ଓ ଭିଭିଆଇପିଙ୍କ ଗସ୍ତ ସମ୍ପର୍କିତ ସୁରକ୍ଷା ବ୍ୟବସ୍ଥା ପାଇଁ ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ଦଫା ୧୧୦/୧୦୭ ସିଆରପିସି ଅନୁଯାୟୀ ସନ୍ଦିଗ୍ଧ ବ୍ୟକ୍ତିବିଶେଷଙ୍କୁ ଗିରଫ କରିବା, ବେଆଇନ ଟଙ୍କା କାରବାର ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଓ ବେଆଇନ ମଦ ଜବତ କରିବା ସମେତ ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ତୀବ୍ର କରିବା ଉପରେ ଡିଜିପି ଗୁରୁତ୍ୱ ଦେଇଛନ୍ତି। ଅତିରିକ୍ତ ଡିଜିପି (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ମୋବାଇଲ ପାଟ୍ରୋଲିଂ ଏବଂ ଫ୍ଲାଇଂ ସ୍କ୍ୱାଡ୍ର କାର୍ଯ୍ୟକୁ ବଢ଼ାଇବା ଏବଂ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପ୍ରବେଶ ପଥରେ ନାକା ପୋଷ୍ଟ ସ୍ଥାପନ କରି ସନ୍ଦିଗ୍ଧ ବ୍ୟକ୍ତିଙ୍କ ପୁଙ୍ଖାନୁପୁଙ୍ଖ ଯାଞ୍ଚ ଉପରେ ଗୁରୁତ୍ୱ ଦେଇଥିଲେ। ରାଜ୍ୟ ଗୋଇନ୍ଦା ନିର୍ଦ୍ଦେଶକ ଆରପି କୋଚେ ଉପନିର୍ବାଚନ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଗୋଇନ୍ଦା ତଥ୍ୟ ଉପରେ ଆଲୋକପାତ କରିଥିଲେ। ଡିଆଇଜିପି ଓ ଏସପିଙ୍କୁ ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ ସେ ପରାମର୍ଶ ଦେଇଥିଲେ। ଏଡିଜିପି ସଞ୍ଜୀବ ପଣ୍ଡା ଉପନିର୍ବାଚନ ସମୟରେ ସମ୍ଭାବ୍ୟ ମାଓବାଦୀ କାର୍ଯ୍ୟକଳାପ ଏଡ଼ାଇବା ପାଇଁ ଜିଲାର ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ କୋମ୍ବିଂ ଅପରେଶନ ଓ ମାଓବାଦୀ ବିରୋଧୀ ଅଭିଯାନକୁ ଜୋରଦାର କରାଯିବ ବୋଲି କହିଥିଲେ।

ସେହିପରି ଉପନିର୍ବାଚନ ସୁରୁଖୁରୁରେ ପରିଚାଳନା କରିବା ପାଇଁ ୧୪ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ, ୫ ପ୍ଲାଟୁନ ରାଜ୍ୟ ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ପୋଲିସ/ଅତିରିକ୍ତ ପୋଲିସ ରିଜର୍ଭ, ୩୫ଟି ମୋବାଇଲ ପାଟ୍ରୋଲିଂ ପାର୍ଟି, ୧୮ଟି ଫ୍ଲାଇଂ ସ୍କ୍ୱାଡ୍, ୧୮ଟି ଷ୍ଟାଟିକ ସର୍ଭେଲାନ୍ସ ଟିମ ସହିତ ଜିଲା ପୋଲିସ ଅଧିକାରୀ/କର୍ମଚାରୀଙ୍କୁ ନିୟୋଜିତ କରାଯିବ। ରେଞ୍ଜ ଡିଆଇଜି କେ.ବି. ସିଂହ ପୋଲିସ ପକ୍ଷରୁ ଚୋରା ମଦ ଉପରେ ଚଢ଼ାଉ, ନିଶା ଦ୍ରବ୍ୟ ଚୋରା କାରବାର ରୋକିବାକୁ ସ୍ୱତନ୍ତ୍ର ରଣନୀତି, ପେଣ୍ଡିଂ ୱାରେଣ୍ଟ କାର୍ଯ୍ୟକାରୀ କରିବାକୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ଆରକ୍ଷୀ ମହାନିର୍ଦ୍ଦେଶକଙ୍କୁ ଅବଗତ କରିଥିଲେ। ଏହା ବ୍ୟତୀତ ଇଭିଏମ୍‌ଗୁଡ଼ିକର ସୁରକ୍ଷା ନିଶ୍ଚିତ କରିବା ପାଇଁ ସିସିଟିଭି ଲଗାଯିବା ସହ ଷ୍ଟ୍ରଙ୍ଗ ରୁମରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ନିର୍ବାଚନ ଆୟୋଗ ନିର୍ଦ୍ଦେଶାବଳୀର କଡ଼ାକଡ଼ି ପ୍ରୟୋଗ ସହିତ ନିର୍ବାଚନ ପରିଚାଳନା କରାଯିବ। ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ନୂଆପଡ଼ା ଜିଲାକୁ ରାଜ୍ୟ ପୋଲିସ ସଦର ମହକୁମା ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଡିଜିପି (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ନିର୍ଦ୍ଦେଶକ (ଗୋଇନ୍ଦା) ଆର.ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ନକ୍ସଲ ବିରୋଧୀ ଅପରେଶନ) ସଞ୍ଜୀବ ପଣ୍ଡା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସ୍ଏପି) ରାଜେଶ କୁମାର, ଆଇଜିପି (ଏସ୍ଏପି) ଏସ.କେ. ଗଜଭିଏ ପ୍ରମୁଖ ଉପସ୍ଥିତ ଥିଲେ।



ଡିଜିପି ଯୋଗେଶ ବାହାଦୁର ଖୁରାନିଆ ନୂଆପଡ଼ା ଉପନିର୍ବାଚନ ନିମନ୍ତେ ପୋଲିସ ସୁରକ୍ଷା ବ୍ୟବସ୍ଥା ପ୍ରସ୍ତୁତିର ସମୀକ୍ଷା କରୁଛନ୍ତି।

## ଡିଏଭି ଛାତ୍ରୀଛାତ୍ରଙ୍କ କାଗଜମୁଖା ପ୍ରଦର୍ଶନ

ସମ୍ବଲପୁର,୨୧।୧୦(ବି.ଶଙ୍କର)

ଏମସିଏଲ ଆନନ୍ଦ ବିହାର ସ୍ଥିତ ଡିଏଭି ବିଦ୍ୟାଳୟରେ ସାହିତ୍ୟ ଆସର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ତଥା ଏମସିଏଲ ଜେନେରାଲ ମ୍ୟାନେଜର (ମାନବ ସମ୍ବଳ ଜନମଙ୍ଗଳ) ସନ୍ଦିପ କୁମାର ଶାହା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ସର୍ଜନାତ୍ମକ କର୍ମଶାଳାର ଆୟୋଜନ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାଗ କଣ୍ଢେଇ ଶିଳ୍ପର ଇତିହାସ ବିଷୟରେ ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷକ ଚନ୍ଦନ ମହାନ୍ତି କଣ୍ଢେଇ ନିର୍ମାଣରେ ବିଭିନ୍ନ ଦେଶର ଅବଦାନ ବିଷୟରେ ଆଲୋଚନା କରିଥିଲେ। କଳା ଶିକ୍ଷକ ପବିତ୍ର ମୋହନ ଶତପଥୀଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ କାଗଜରେ କାଣ୍ଢେଇ ଓ ମୁଖା ପ୍ରସ୍ତୁତ କଳା ପ୍ରଦର୍ଶନ କରିଥିଲେ । ଏଥିସହ ଛାତ୍ରୀଛାତ୍ରମାନଙ୍କୁ ନେଇ ଗଣମାଧ୍ୟମର ଭୂମିକା ବିଷୟରେ ଆଲୋଚନା ହୋଇଥିଲା।

# ବୌଦ୍ଧ ପୋଲିସର ଆଇନ ସଚେତନତା କାର୍ଯ୍ୟକ୍ରମ

ବଘିଆପଡା,୨୧।୧୦(ଶ୍ରୀକାନ୍ତ ସାହୁ): ବୌଦ୍ଧ ଆଦର୍ଶ ଥାନା ପକ୍ଷରୁ ବଘିଆପଡା ଫାଣ୍ଡି ଅନ୍ତର୍ଗତ ବ୍ରାହ୍ମଣୀପାଲି ପଞ୍ଚାୟତ ସଭାଗୃହରେ ମଙ୍ଗଳବାର ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଥାନାଧିକାରୀ ନଳିନୀକାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍‌ଡିପିଓ ଲରେନ୍ସ ରାଉତରାୟ ଅତିଥି ଭାବେ ଯୋଗଦେଇ ଗଞ୍ଜେଇ ଚାଷ ଓ ଚୋରା ଚାଲାଣ ବିରୋଧରେ ରହିଥିବା ଆଇନ ସମ୍ପର୍କରେ ଉପସ୍ଥିତ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ପ୍ରତିବର୍ଷ ଉକ୍ତ ଅଞ୍ଚଳରେ ବହୁଳ ପରିମାଣର ଗଞ୍ଜେଇ ଚାଷ କରାଯାଉଛି। ଆଇନ ସମ୍ପର୍କରେ ସଚେତନ ନ ଥିବା ବହୁ ନିରିହ ଲୋକ ଆର୍ଥିକ ଲୋଭ ଆଶାରେ ଏହି ବେଆଇନ ଚାଷ କରି ଧରାପଡିବା ପରେ ବର୍ଷ ବର୍ଷ ଧରି ଜେଲ୍‌ରେ ରହୁଛନ୍ତି। ତେଣୁ ଗ୍ରାମବାସୀଙ୍କୁ ଏହି ବେଆଇନ ଚାଷରୁ ଦୂରେଇ ରହି ଶାନ୍ତିରେ ଜୀବନ ନିର୍ବାହ କରିବା ସହ ଅର୍ଥକରୀ ଫସଲ କରି ଲାଭବାନ ହେବାକୁ ଜିଲା ପୋଲିସ ପକ୍ଷରୁ ସଚେନ କରାଯାଇଥିଲା। କାର୍ଯ୍ୟକ୍ରମରେ ବଘିଆପଡା ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ, ସରପଞ୍ଚ ଅରୁଣ କୁମାର ବାଘଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।



ସଚେତନତା କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀ ଓ ଗ୍ରାମବାସୀ।

# ନବାକ୍ଷରୀ ସୁନ୍ଦରାକାଣ୍ଡ ଗ୍ରନ୍ଥ ଉନ୍ମୋଚିତ



ଅତିଥିମାନେ ୨ଟି ଗ୍ରନ୍ଥକୁ ଉନ୍ମୋଚନ କରୁଛନ୍ତି।

ସୋନପୁର,୨୧।୧୦(ମୃତ୍ୟୁଞ୍ଜୟ ଶତପଥୀ)

ପବିତ୍ର ଦୀପାବଳି ଓ କାଳୀପୂଜା ଅବସରରେ ଓଡ଼ିଆ ଭାଷା ନବାକ୍ଷରୀ ଛନ୍ଦରେ ଦୁଇ ଖଣ୍ଡି ଅନୂଦିତ ଗ୍ରନ୍ଥ ମହର୍ଷି ବେଦବ୍ୟାସ ପ୍ରଣୀତ ଶ୍ରୀମଦ ଭାଗବତ ମାହାତ୍ମ୍ୟ ଓ ଗୋସ୍ୱାମୀ ତୁଳସୀ ଦାସ ବିରଚିତ ଶ୍ରୀରାମଚରିତ ମାନସର ପଞ୍ଚମ ସୋପାନ ସୁନ୍ଦର କାଣ୍ଡ ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ଗ୍ରନ୍ଥ ଦୁଇଟିର ଅନୁବାଦକ ବିଶିଷ୍ଟ ଭାଗବତ ତଥା ରାମାୟଣ ପ୍ରବକ୍ତା କଥାକାର ଦଧିବାମନ ତ୍ରିପାଠୀ। ସୁବର୍ଣ୍ଣପୁର ଜିଲା ହିକୁଡ଼ି ଗ୍ରାମର ଶ୍ରୀଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ପୁସ୍ତକ ଉନ୍ମୋଚନ ସଭାରେ ରାଜୀବ ଲୋଚନ ଗୁରୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶାର ଜଣେ ଲବ୍ଧପ୍ରତିଷ୍ଠିତ ପ୍ରବଚକ ସତ୍ୟମୋହନ ଦେଓ ପୁସ୍ତକର ସମୀକ୍ଷା ସହିତ ହରିକଥାର ମହିମା ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡକ୍ଟର ପ୍ରଫୁଲ୍ଲ ରଥ, ସଂସ୍କୃତି ଗବେଷକ ଡକ୍ଟର ଅନିରୁଦ୍ଧ କୁରୁକୁରିଆ, ଲେଖକ ସଞ୍ଜୀବ କୁମାର ପ୍ରହରାଜ ଗ୍ରନ୍ଥାକାର ଓ ଗ୍ରନ୍ଥଦ୍ୱୟର ବର୍ଣ୍ଣନାଚାତୁରୀ ସମ୍ବନ୍ଧରେ ଚର୍ଚ୍ଚା କରିଥିଲେ । ଆଲୋଚ୍ୟ କାବ୍ୟକୃତି ଦ୍ୱୟର ସ୍ରଷ୍ଟା ତ୍ରିପାଠୀ ସ୍ୱଅଭିମତ, ଗ୍ରନ୍ଥ ରଚନା ଓ ପ୍ରକାଶକାଳୀନ ସ୍ୱୀକାରୋକ୍ତି ପ୍ରକାଶ କରିଥଲେ। ଅନ୍ୟତମ ଅତିଥିଭାବେ ଲକ୍ଷ୍ମୀନାରାୟଣ ପୂଜାହାରୀ, ଜଗବନ୍ଧୁ ପଣ୍ଡା, ଗୌରୀଶଙ୍କର ସାହୁ, ଜଳନ୍ଧର ସାହୁ, ପ୍ରଶାନ୍ତ ଶତପଥୀ, ଶଶୀଭୂଷଣ ଶତପଥୀ ଓ ସନ୍ତୋଷ କୁମାର୍ ମିଶ୍ର ଯୋଗ ଦେଇଥିଲେ। ବ୍ୟୋମକେଶ ତ୍ରିପାଠୀ ଓ ଶୁଭ୍ରକେଶ ତ୍ରିପାଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ହୃଷୀକେଶ ଚାନ୍ଦ। ଉନ୍ମୋଚିତ ନବାକ୍ଷରୀ ଗ୍ରନ୍ଥ ସୁନ୍ଦର କାଣ୍ଡକୁ ସଙ୍ଗୀତମୟ କରି ପାରାୟଣ ଭାବରେ ଗାନ କରିଥିଲେ ପାରାୟଣ ଗାୟକ ମଧୁସୂଦନ ଦାଶ, ବିଶିଷ୍ଟ ତବଲା ବାଦକ ଟଙ୍କଧର ମଲ୍ଲିକ, ବୁଦ୍ଧଦେବ ଓ ତାଙ୍କ ସାଥୀ କଳାକାର ବୃନ୍ଦ। ପାରାୟଣର କର୍ତ୍ତା ଭାବେ ଦିବ୍ୟକେଶ ତ୍ରିପାଠୀ ଓ ରୀତାଞ୍ଜଳି ତ୍ରିପାଠୀ ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ। ତ୍ରିଜୀବ କୁମାର୍ ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାଈକୁ ଝୁଣି ଖାଇଲା କଲରାପତରିଆ ବାଘ

ନାକଟିଦେଉଳ, ୨୧।୧୦ (ବୈକୁଣ୍ଠନାଥ ସାହୁ): ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ବୁର୍ଡା ପଞ୍ଚାୟତ ଅଞ୍ଚଳରେ ମଙ୍ଗଳବାର ସକାଳେ କଲରାପତରିଆ ବାଘ ଆତଙ୍କ ଦେଖିବାକୁ ମିଳିଛି। ବୁରଡ଼ା ପଞ୍ଚାୟତ ଅଧୀନ ବନ୍ତଲୋଇ ଗ୍ରାମର କେତେଜଣ ବ୍ୟକ୍ତି ନିକଟସ୍ଥ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିବା ବେଳେ କଲରାପତରିଆ ବାଘ ଗୋଟିଏ ଗାଈକୁ ମାରି ଖାଇଥିବା ଜଣାପଡିଛି। ତେବେ ବାଘ ଦୁଇଦିନ ତଳେ ୩ଟି ଛେଳିକୁ ମଧ୍ୟ ମାରି ଖାଇଥିବା ସୂଚନା ମିଳିଛି। ବାଘ ଆତଙ୍କ ଯୋଗୁ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ଖବର ପାଇ ଘଟଣାସ୍ଥଳରେ ବନ ବିଭାଗର କର୍ମଚାରୀ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛନ୍ତି।

# ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ପୋଲିସ



ବୌଦ୍ଧ,୨୧।୧୦(ଅଜିତ କୁମାର ବାରିକ): ବୌଦ୍ଧ ଜିଲା ପୋଲିସ ବଲାସିଙ୍ଗା ସ୍ଥିତ ରିଜର୍ଭ ପରେଡ ପଡିଆରେ ମଙ୍ଗଳବାର ୬୬ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋୟଲ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ ସହିତ ଚଳିତବର୍ଷ ଦେଶ ମାତୃକାର ସେବା କରି ଶହୀଦ ହୋଇଥିବା ୧୯୧ ଯବାନଙ୍କ ନାମ ପାଠ କରିଥିଲେ। ଏହି ଅବସରରେ ଆରକ୍ଷୀ ଅଧୀକ୍ଷକ ଗୋୟଲ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ବିଭୂତି ଭୂଷଣ ନାଏକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଶହୀଦମାନଙ୍କ ପ୍ରତି ସମ୍ମାନ ଜଣାଇଥିଲେ। ରିଜର୍ଭ ଇନ୍ସପେକ୍ଟର କୁଳମଣି ଗିରି ପରେଡ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ବିନୟ କୁମାର ଭୋଇ, ଏସ୍‌ଡିପିଓ ଲରେନ୍ସ ରାଉତରାୟ, ବୌଦ୍ଧ ଥାନାଧିକାରୀ ନଳିନୀକାନ୍ତ ଦାଶଙ୍କ ସମେତ ଜିଲା ପୋଲିସ ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


**ରିଲିଭ୍ କନସଲ୍ଟିଂ କର୍ପୋରେସନ**

୧୪୨୨, ସେକ୍ଟର- ସି, ପକେଟ- ୧, ବସନ୍ତ କୁଞ୍ଜ, ଦିଲ୍ଲୀ- ୧୧୦୦୭୦
ମୋବାଇଲ: +୯୧ ୭୦୪୨୯୪୪୪୨୫, ଇମେଲ: reliveconsultingco@gmail.com

"ଓଡ଼ିଶାର କଳାହାଣ୍ଡି ଜିଲ୍ଲାରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ସୋଲାର ରୋ ଜଳ କୁଲର ଯୋଗାଣ ଏବଂ ସଂସ୍ଥାପନ" ପାଇଁ ଅଭିଜ୍ଞ ଏବଂ ଯୋଗ୍ୟ ବିତରକଙ୍କଠାରୁ ରିଲିଭ୍ କନସଲ୍ଟିଂ କର୍ପୋରେସନର କାର୍ଯ୍ୟାଳୟ, ୧୪୨୨, ସେକ୍ଟ- ସି, ପକେଟ- ୧, ବସନ୍ତ କୁଞ୍ଜ, ଦିଲ୍ଲୀ-୧୧୦୦୭୦ ସିଲବ୍ଦ ବିଡ୍ ଆମନ୍ତ୍ରଣ କରୁଛି।

| କ୍ର. ନଂ. | ପ୍ରକଳ୍ପର ନାମ | ଟେଣ୍ଡର ନୋଟିସ ନମ୍ବର | ଟେଣ୍ଡର ଦେୟ |
|---|---|---|---|
| ୧ | " ଓଡିଶାର କଳାହାଣ୍ଡି ଜିଲ୍ଲାରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ସୋଲାର ରୋ ଜଳ କୁଲର ଯୋଗାଣ ଏବଂ ସଂସ୍ଥାପନ" ପାଇଁ ବିପିସିଏଲ ସିଏସଆର ପଦକ୍ଷେପ ପାଇଁ ଖୋଲା ଟେଣ୍ଡର ଅନୁସନ୍ଧାନ। | RCC/DEL/CSR/2025/04; ତାରିଖ: 21.10.2025 | Rs. ୧୦୦୦/- |

ବିସ୍ତୃତ ଟେଣ୍ଡର ନୋଟିସ୍, ଟେଣ୍ଡର ଡକ୍ୟୁମେଣ୍ଟ ଏବଂ ଅନ୍ୟାନ୍ୟ ନିର୍ଦ୍ଦେଶାବଳୀ https://reliveconsulting.com/ ୱେବସାଇଟ୍ ରୁ ଡାଉନଲୋଡ୍ କରାଯାଇପାରିବ କିମ୍ବା ଦେଖାଯାଇପାରିବ। ଆଗ୍ରହୀ ବିତରମାନେ ଟେଣ୍ଡର ଡକ୍ୟୁମେଣ୍ଟରେ ଉଲ୍ଲେଖ କରାଯାଇଥିବା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସେମାନଙ୍କର ଟେଣ୍ଡର ଡକ୍ୟୁମେଣ୍ଟ ଦାଖଲ କରିପାରିବେ।

ଟେଣ୍ଡର ପ୍ରକ୍ରିୟାକରଣ ପ୍ରକୋଷ୍ଠ
ରିଲିଭ୍ ପରାମର୍ଶ ନିଗମ

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଇଲେକ୍ଟ-ଓଟି-୨୫-୨୬-ଏସ୍‌ପିପି୨-୨୯, ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜି)/ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ମଣ୍ଡଳ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ ସମ୍ପୃକ୍ତ ଯୋଗ୍ୟ ଠିକାଦାରମାନଙ୍କଠାରୁ ଇ-ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି। ସମ୍ପୃକ୍ତ ଠିକାଦାରମାନଙ୍କୁ www.ireps.gov.in ୱେବ୍‌ସାଇଟ୍‌ରେ କେବଳ ଅନ୍‌ଲାଇନ୍‌ରେ ଏଥିପାଇଁ ଆବେଦନ କରିବାକୁ ଅନୁରୋଧ କରାଯାଉଛି । ଏହି ଟେଣ୍ଡର ପାଇଁ କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜଗୁଡ଼ିକୁ ଯତ୍ନପୂର୍ବକ ପଢ଼ନ୍ତୁ । **କାର୍ଯ୍ୟର ନାମ:** ସାନ୍ତ୍ରାଗାଛି କ୍ଷେତ୍ରାଧିକାରଠାରେ ସୋଲାର ପାୱାର ପ୍ଲାଣ୍ଟର ଯୋଗାଣ, ସଂସ୍ଥାପନ ଏବଂ ଉତ୍ଥାପନ (ପର୍ଯ୍ୟାୟ ୨)। **ଟେଣ୍ଡର ମୂଲ୍ୟ:** ₹୧୪,୯୭,୦୭,୭୭୮.୫୭ । **ଇଏମ୍‌ଡି/ବିଡ୍ ଅମାନତ:** ₹୮,୯୮,୫୦୦/- । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୨।୧୧।୨୦୨୫ରିଖ ୧୦.୩୦ ଘଟିକା । ଟେଣ୍ଡର ବିଜ୍ଞପ୍ତି, ଟେଣ୍ଡର ଦସ୍ତାବିଜ ଏବଂ ଅନ୍ୟାନ୍ୟ ବିବରଣୀ www.ireps.gov.in ରେ ଦିଆଯାଇଛି । (PR-750)

**ଲକର ଧାରକଙ୍କ ପାଇଁ ଖବରକାଗଜ ସୂଚନା**
**ଲକର ଭଡା ଦେୟ ଖିଲାପକାରୀ**

ଏହି ନୋଟିସ୍ ସେହି ଗ୍ରାହକଙ୍କ ପାଇଁ ଯେଉଁମାନେ ଏଚ. ଡି. ଏଫ୍. ସି ବ୍ୟାଙ୍କ ଲିମିଟେଡର ବିଭିନ୍ନ ଶାଖାରେ ଭଡାରେ ଲକର ନେଇଛନ୍ତି ଏବଂ ୩ ବର୍ଷରୁ ଅଧିକ ସମୟ ଧରି ଭଡା ଦେଇନାହାନ୍ତି।

ବ୍ୟାଙ୍କ ସମୟ ସମୟରେ ଗ୍ରାହକମାନଙ୍କୁ ଲକର ଭଡା ଦେବା ପାଇଁ ଅନେକ ନୋଟିସ୍ ପଠାଇଛି, କିନ୍ତୁ କୌଣସି ଉତ୍ତର ମିଳିନାହିଁ। ୬୦ ଦିନ ମଧ୍ୟରେ ଲକର ଭଡାର ବକେୟା ଦେୟ ଦେବାକୁ ନିମ୍ନରେ ଉଲ୍ଲେଖ କରାଯାଇଥିବା ସମସ୍ତ ବ୍ୟକ୍ତିଙ୍କୁ ଏହା ଚୁଡାନ୍ତ ନୋଟିସ୍ ଦିଆଯାଇଛି, ଯାହା ବିଫଳ ହେଲେ ବ୍ୟାଙ୍କ ଲକର ଭଡାଦାତାଙ୍କ ଖର୍ଚ୍ଚ, ବିପଦ ଏବଂ ଦାୟିତ୍ୱରେ ଲକର ଖୋଲିବାକୁ ଆଗକୁ ବଢିବ । ବକେୟା ଭଡା, ମୂଲ୍ୟ ଏବଂ ଅନ୍ୟାନ୍ୟ ଶୁଳ୍କ ଯଦି ଥାଏ ତେବେ ତାହା ଆଦାୟ ପାଇଁ ଆଇନଗତ ଭାବରେ ପଦକ୍ଷେପ ନେବାର ଅଧିକାର ବ୍ୟାଙ୍କ ସଂରକ୍ଷଣ କରେ ।

| କ୍ରମିକ ସଂଖ୍ୟା | ଶାଖା ନାମ | ଗ୍ରାହକ ନାମ | ଲକର ନମ୍ବର | ଲକର ସିରିଜ | ଲକର ଟାଇପ | ଓଭର ଡିଉ |
|---|---|---|---|---|---|---|
| ୧ | ନୟାପଲ୍ଲୀ | ରଶ୍ମିକାନ୍ତ ଲେଙ୍କା | ୫୭ | B03 | ମିଡିୟମ | ୦୧-୦୪-୨୦୧୭ |
| ୨ | ନୟାପଲ୍ଲୀ | ପରମଜିତ ସିଂହ | ୯ | D01 | ଏକ୍ସଟ୍ରା ଲାର୍ଜ | ୦୧-୦୪-୨୦୧୪ |
| ୩ | ନୟାପଲ୍ଲୀ | ଏମ ଭି ଏସ ଶେଖର | ୫ | C01 | ଲାର୍ଜ | ୦୧-୦୪-୨୦୧୪ |
| ୪ | ନୟାପଲ୍ଲୀ | ସୁମନ୍ତ ପାତ୍ର | ୧୮ | C01 | ଲାର୍ଜ | ୦୧-୦୪-୨୦୧୪ |
| ୫ | ନୟାପଲ୍ଲୀ | ଲିଙ୍ଗରାଜ ପାଣିଗ୍ରାହୀ | ୧୯ | C01 | ଲାର୍ଜ | ୦୧-୦୪-୨୦୧୪ |
| ୬ | ନୟାପଲ୍ଲୀ | ତପନ କୁମାର ବେହେରା | ୯ | B01 | ମିଡିୟମ | ୦୧-୦୪-୨୦୧୪ |
| ୭ | ନୟାପଲ୍ଲୀ | ଶକ୍ତି ପ୍ରସନ୍ନ ପରମଗୁରୁ | ୪୦ | B01 | ମିଡିୟମ | ୦୧-୦୪-୨୦୧୪ |
| ୮ | ନୟାପଲ୍ଲୀ | ରମେଶ ଚନ୍ଦ୍ର ବାରିକ | ୧୩ | B02 | ମିଡିୟମ | ୦୧-୦୪-୨୦୧୪ |
| ୯ | ନୟାପଲ୍ଲୀ | ସୁକଦେବ ମେହେର | ୨୭ | B02 | ମିଡିୟମ | ୦୧-୦୪-୨୦୧୭ |
| ୧୦ | ନୟାପଲ୍ଲୀ | ରଶ୍ମିତା କର | ୨୮ | B02 | ମିଡିୟମ | ୦୧-୦୪-୨୦୧୭ |
| ୧୧ | ନୟାପଲ୍ଲୀ | ସୌଭାଗ୍ୟଲକ୍ଷ୍ମୀ ନାୟକ | ୩୧ | B02 | ମିଡିୟମ | ୦୧-୦୪-୨୦୧୪ |
| ୧୨ | ନୟାପଲ୍ଲୀ | ଉତ୍ତମ ସିଂହ ବିଷ୍ଟ | ୨୨ | B03 | ମିଡିୟମ | ୦୧-୦୪-୨୦୧୯ |
| ୧୩ | ନୟାପଲ୍ଲୀ | ମୋହନ ରାଣା | ୮୯ | B03 | ମିଡିୟମ | ୦୧-୦୪-୨୦୧୪ |
| ୧୪ | ନୟାପଲ୍ଲୀ | ଦୁଷ୍ମନ୍ତ କୁମାର ଦାଶ | ୨ | B02 | ମିଡିୟମ | ୦୧-୦୪-୨୦୧୯ |
| ୧୫ | ନୟାପଲ୍ଲୀ | ବୋଧିସତ୍ତ୍ୱ ଦାସ | ୩୨ | B01 | ମିଡିୟମ | ୦୧-୦୪-୨୦୨୧ |

**ଅଧିକ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ**
ଶାଖା ପରିଚାଳକ, ଏଚ୍. ଡି. ଏଫ୍. ସି ବ୍ୟାଙ୍କ ଲିମିଟେଡ୍
ନଂ A/୬୨୧, ଫାଷ୍ଟ ଫ୍ଲୋର, ୟୁନିଟ୍ ନଂ ୮ ନୟାପଲ୍ଲୀ
ଭୁବନେଶ୍ୱର, ଓଡିଶା- ୭୫୧୦୧୨
ଯୋଗାଯୋଗ- ୯୩୩୭୧୬୯୬୧୨

ଏଚ୍ ଡି ଏଫ୍ ସି ବ୍ୟାଙ୍କ

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ,
ଭୁବନେଶ୍ୱର – 751 001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ବିଦ୍ୟୁତ୍ ମାର୍ଗ, ଭୁବନେଶ୍ୱର, ଓଡ଼ିଶାରେ ଥିବା ବ୍ୟାଙ୍କର ଷ୍ଟାଫ କ୍ୱାର୍ଟର୍ସରେ 8ଟି ଫ୍ଲାଟ୍ ମିଳିତ ପରେ 4ଟି ଫ୍ଲାଟ୍ର ପୁନର୍ନିର୍ମାଣ (ସିଭିଲ୍ କାର୍ଯ୍ୟ) କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ନଭେମ୍ବର 03, 2025 ଅପରାହ୍ନ 02:00 ଟା ଅଟେ ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
Immediately Required, **Arc & Argon Welder, Fitter & Helper** with Minimum Two Year Work Experience.
Field of Experience : Structural & Pipeline (MS & SS). Also required Fresh ITI (Electrical, Mechanical, Welder)
**Contact No. : 9556393222/7077471819**
Email : elite.bbs@gmail.com

**ଆବଶ୍ୟକ**
ଘରୋଇ କାର୍ଯ୍ୟ ନିମନ୍ତେ ସଚ୍ଚୋଟ, ଦାୟିତ୍ୱବାନ ଗୃହ କର୍ମଚାରୀ ଆବଶ୍ୟକ। କାର୍ଯ୍ୟ ସମୟ ସକାଳ ୯ଟାରୁ ରାତି ୮ଟା ପର୍ଯ୍ୟନ୍ତ। ଅଭିଜ୍ଞତା ଅନୁଯାୟୀ ଦରମା। ମାତୃଭାଷା ଓଡ଼ିଆ ହୋଇଥିବା ଆବଶ୍ୟକ। ରହିବା ସୁବିଧା ଉପଲବ୍ଧ। ତୁରନ୍ତ ଯୋଗାଯୋଗ କରନ୍ତୁ। ସ୍ଥାନ: ଭୁବନେଶ୍ୱର।
9438128790କୁ ବାୟୋଡ଼ାଟା ପଠାନ୍ତୁ।

**URGENT REQUIRES**
Experienced Driver - 2 nos., House Keeping Boy - 2 nos., Indian Cook - 2 nos. for a Guest House at Bhubaneswar.
**Contact : 7656915989**

**REQUIRES**
Advith Pvt. Ltd. – Now Hiring, Positions-
**COMPUTER TRAINER**- BCA/MCA/ B.Tech (CS & Electrical),
**SPORTS COACH** - BPEd,
**DANCE TRAINER** BA in Dance (Kathak & Bharatanatyam),
**MUSIC TRAINER** - BA in Music,
**YOGA TRAINER** - MA/MSc/ Diploma in Yoga,
**ACADEMIC POSITIONS** – MA / MSc (any discipline)
Email:advithrecruitment@gmail.com,
Contact- Deepak Dongre (HR)
Mob.: 9131381341

See Career Appointment on every Wednesday & Saturday

**WALK-IN-INTERVIEW**
**MANPOWER REQUIREMENT ON ROLL**

| Sl No | Department | Positions | Experience |
|---|---|---|---|
| 1) | CPP | **Operation:** Shift Incharge, Turbine DCS/Field Operator, Boiler DCS/Field Operator, MHS Engineer/Operator, Fireman, Chemist, RO/DM Operator, Silo Operator. **Mechanical:** Engineer, Sr. Fitter, **Electrical:** Deputy/ Asst. Manager, Engineer/Sr.Engineer, Electrician, **Instrument:** Deputy / Asst. Manager, Engineer / Sr. Engineer, Technician. | 5-10 Years |
| 2) | FA | **Operation:** Shift Manager, Shift Incharge, Control Room Operator, Batch Operator, Tapper, Forklift/Crane Operator, RMHS Shift Incharge, BQT manager, QC head, Chemist, QC Sampler, Cast House Supervisor, **Mechanical:** Engineer, Sr. Engineer, Sr. Fitter, **Electrical:** Deputy / Asst. Manager, Engineer/ Sr.Engineer, Electrician | 5-10 Years |
| 3) | DRI | **Operation:** Sr. Manager, Shift Manager, Control Room Operator, Field Operator, QRT Operator, Port Loading Supervisor, Chemist, Lab attendant, **Mechanical/RMP:** Manager, Engineer, Foreman, Sr. Fitter, Belt Jointer, RMP Operator / Supervisor, **Electrical:** Engineer / Sr. Engineer, Electrician. | 5-10 Years |
| 4) | CIVIL | Asst. Manager / Sr. Engineer, Quality Engineer, Supervisor | 5-10 Years |
| 5) | F&S | Safety Patroller | 5-10 yrs |
| 6) | Pollution Control | Asst. Manager / Sr. Engineer | 5-10 Years |
| 7) | Commercial | Accountants, Engineering Store Manager | 5-10 yrs |

**SREE METALIKS AND SAL STEEL LTD JOINT VENTURE**
Interested candidate may walk in with their updated CV, Photo & proof of present salary on date: 26/10/2025, Time 10.00 am to 04.00 pm
Contact Person: Mr. SK Ray, Mob. 9937222002. Interview Location: Plot No. K-8/552, Kalinga Nagar, Near Sum Ultimate Hospital, Bhubaneswar

**ଭାରତୀୟ କ୍ରୀଡ଼ା ପ୍ରାଧିକରଣ**
**SPORTS AUTHORITY OF INDIA**
ଭାରତ ସରକାର / GOVERNMENT OF INDIA
କ୍ରୀଡ଼ା ବିଭାଗ / DEPARTMENT OF SPORTS
(An Autonomous Body under Ministry of Youth Affairs and Sports)
(ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ଏକ ସ୍ୱୟଂଶାସିତ ନିକାୟ)
(ମାନବ ସମ୍ବଳ ଡିଭିଜନ - II)
ମୁଖ୍ୟ କାର୍ଯ୍ୟାଳୟ, ଗେଟ୍ ନଂ. ୧୦ (ଇଷ୍ଟ ଗେଟ୍),
ଜବାହାରଲାଲ ନେହେରୁ ଷ୍ଟାଡିୟମ୍, ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩

ଏଫ୍.ନଂ. ୦୧-୦୪୦୦୧(୦୧)/୬/୨୦୨୧-ଏଚ୍‌ଓ-ପର୍ସୋନେଲ ଡିଭିଜନ  ତାରିଖ: ୦୭।୧୦।୨୦୨୫

**ଭାରତୀୟ କ୍ରୀଡ଼ା ପ୍ରାଧିକରଣ ସାଇ ଲକ୍ଷ୍ମୀବାଈ ନ୍ୟାସନାଲ କଲେଜ ଅଫ୍ ଫିଜିକାଲ ଏଜୁକେଶନ, କାରିଆଭାଟ୍ଟୋମ୍, ଥିରୁଭାନନ୍ତପୁରମ୍ ନିମନ୍ତେ ନିୟମିତ ଭିତ୍ତିରେ ଆସିଷ୍ଟାଣ୍ଟ ପ୍ରଫେସର (ଫିଜିକାଲ ଏଜୁକେଶନ) ପଦବୀ ଲାଗି ଦରଖାସ୍ତ ଆହ୍ୱାନ କରୁଛନ୍ତି**

ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ଏସ୍‌ଏଆଇ) ଏସ୍‌ଏଆଇ ଲକ୍ଷ୍ମୀବାଈ ନ୍ୟାସନାଲ କଲେଜ ଅଫ୍ ଫିଜିକାଲ ଏଜୁକେଶନ, କାରିଆଭାଟ୍ଟୋମ୍, ଥିରୁଭାନନ୍ତପୁରମ୍‌ରେ ନିୟମିତ ଭିତ୍ତିରେ ଆସିଷ୍ଟାଣ୍ଟ ପ୍ରଫେସର (ଫିଜିକାଲ ଏଜୁକେଶନ) ପଦବୀ ଲାଗି ଦରଖାସ୍ତ ଆହ୍ୱାନ କରୁଛି । ୦୬ ଗୋଟି ପଦବୀ ଉପଲବ୍ଧ (୪- ଅଣସଂରକ୍ଷିତ, ୧-ଓବିସି, ୧-ଇଡବ୍ଲ୍ୟୁଏସ୍) । ଯୋଗ୍ୟ ଭାରତୀୟ ନାଗରିକମାନେ ସେଲ୍‌ଫ-ଆଟେଷ୍ଟେଡ୍ ପ୍ରମାଣପତ୍ର/ଦସ୍ତାବିଜ ଓ ପାସ୍‌ପୋର୍ଟ ଫଟୋଗ୍ରାଫ୍ ଦାଖଲ କରି କେବଳ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ । ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ତା୦୩।୧୦।୨୦୨୫ରିଖ (ପୂର୍ବାହ୍ନ ୧୦.୦୦ ଘଟିକା) ଠାରୁ ଆରମ୍ଭ ହେବ ଏବଂ ତା୦୮।୧୧।୨୦୨୫ରିଖ (ଅପରାହ୍ନ ୫.୦୦ ଘଟିକା)ରେ ବନ୍ଦ ହେବ । ପଦବୀଗୁଡ଼ିକର ସଂଖ୍ୟା ସାଂକେତିକ ଅଟେ ଏବଂ ନିଯୁକ୍ତି ବାସ୍ତବିକ କାର୍ଯ୍ୟଭାର ଉପରେ ନିର୍ଭର କରିବ । ଯୋଗ୍ୟତା ୟୁଜିସି ରେଗୁଲେସନ୍ସ, ୨୦୧୮ ଅନୁଯାୟୀ ହେବ । କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ପ୍ରତ୍ୟାହାର କରିବାର ଅଧିକାର ଏସ୍‌ଏଆଇ ନିକଟରେ ସଂରକ୍ଷିତ । ସବିଶେଷ ସୂଚନା, ଯୋଗ୍ୟତା ମାନଦଣ୍ଡ ଏବଂ ଅନ୍‌ଲାଇନ୍ ଆବେଦନ ପାଇଁ ଦୟାକରି ପରିଦର୍ଶନ କରନ୍ତୁ: www.sportsauthorityofindia.nic.in

cbc 47103/12/0015/2526

## ମାଛ ଚାଷ

ମାଛ ଚାଷ କରୁଥିଲେ ଏକ ହେକ୍ଟର ପୋଖରୀ ପାଇଁ କଞ୍ଚା ଗୋବର ୭୫୦ କିଗ୍ରା ଓ ରାସାୟନିକ ସାର (ସି.ଏ.ଏନ୍. ୧୦ କି.ଗ୍ରା. ଏବଂ ଏସ୍.ଏସ୍.ପି. ୩ କି.ଗ୍ରା.)କୁ ୩-୪ ଥରରେ ପ୍ରୟୋଗ କରନ୍ତୁ। ପ୍ରତ୍ୟେକ ଦିନ ହେକ୍ଟର ପିଛା କୃତ୍ରିମ ଖାଦ୍ୟ ଦିନକୁ ୫ କିଗ୍ରା ହିସାବରେ ମାଛମାନଙ୍କୁ ଦିଅନ୍ତୁ। କୃତ୍ରିମ ଖାଦ୍ୟ ତିଆରି ପାଇଁ ବାଦାମ ପିଡ଼ିଆ, ଶୁଖୁଆଗୁଣ୍ଡ, କାଣ୍ଡିଆ କୁଣ୍ଡା, ଅଟା ଓ ଭିଟାମିନ୍ ମିନେରାଲ୍ ମିକ୍ସଚରରେ ତିଆରି କରାଯାଇଥାଏ। ୧୦୦ କିଗ୍ରା କୃତ୍ରିମ ଖାଦ୍ୟ ତିଆରି ପାଇଁ ୪୦ କିଗ୍ରା ବାଦାମ/ ଶୋରିଷ/ରାଶି/ ସୋୟାବିନ୍/ସୂର୍ଯ୍ୟମୁଖୀ ପିଡ଼ିଆ, ୨୦ କିଗ୍ରା ଶୁଖୁଆଗୁଣ୍ଡ, ୨୮ କିଗ୍ରା କାଣ୍ଡିଆକୁଣ୍ଡା, ୧୦ କିଗ୍ରା ଅଟା ଓ ୨ କିଗ୍ରା ମିନେରାଲ୍ ମିକ୍ସଚର ଆବଶ୍ୟକ । ମାଛମାନଙ୍କୁ ତାଙ୍କ ଓଜନର ଶତକଡ଼ା ୩ ରୁ ୫ ଭାଗ ହିସାବରେ କୃତ୍ରିମ ଖାଦ୍ୟ ପ୍ରତିଦିନ ଦେବାକୁ ହୁଏ ।



## ଗୋପାଳନ ସମୟରେ...

ପ୍ରତ୍ୟେକ ଦିନ ଗୁହାଳରୁ ବାହାରୁଥିବା ଗୋବର, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୁନ ୧୦୦ ଫୁଟ ଦୂରରେ କରନ୍ତୁ । ଗୋରୁଗାଈଙ୍କ ପ୍ରାକୃତିକ ଖାଦ୍ୟପାଇଁ ବରଗୁଡ଼ି, ଓଟ୍, ଲୁସର୍ଣ୍ଣ ଇତ୍ୟାଦି ଚାଷ କରନ୍ତୁ । ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍‌ସିମ୍ ଘାସ ଚାଷ କରନ୍ତୁ। ବାଛୁରୀ ରହୁଥିବା ଘରେ ଝରକା ବା ଜାଲିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷା କରିବା ବନ୍ଦୋବସ୍ତ କରନ୍ତୁ। ଗାଈଙ୍କୁ ଟିଙ୍କ ନିବାରଣ ଔଷଧ ସିଞ୍ଚନ କରନ୍ତୁ। ଗାଈଗୋରୁଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ। ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ସାହାଣ ରୋଗ ପ୍ରତିଷେଧକ ଟୀକା ଦିଅନ୍ତୁ । ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଗାଈଙ୍କୁ ଗୋଳିଆ ପାଣି ପିଇବା ପାଇଁ ଦିଅନ୍ତୁ ନାହିଁ । ଗୋରୁଗାଈଙ୍କୁ ପ୍ରତି ତିନିମାସରେ ଥରେ କୃମିନାଶକ ଔଷଧ ଖୁଆନ୍ତୁ ।

## ଅକ୍ଟୋବରରେ

➤ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।



➤ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି. ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍‌ସିଲ କିମ୍ବା ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

➤ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।



➤ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ।

➤ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।



# ଛେଳି ପାଳନ: ଆର୍ଥିକ ପ୍ରଗତି ଓ ବେକାରି ସମସ୍ୟା



ଡା. ସୁବ୍ରତ ପାଣିଗ୍ରାହୀ

ଗୋଟିଏ ରାଜ୍ୟ ବା ଗୋଟିଏ ଜାତିର ଉତ୍ଥାନ ପାଇଁ ତା'ର ଅର୍ଥନୈତିକ ଓ ସାମାଜିକ ଉନ୍ନତି ହିଁ ପ୍ରଥମ ମାନଦଣ୍ଡ। ଆମ ରାଜ୍ୟର ଜନସଂଖ୍ୟାରେ କ୍ଷୁଦ୍ର, ନାମମାତ୍ର ଚାଷୀ, ଭୂମିହୀନ ଓ ମହିଳାମାନଙ୍କର ସଂଖ୍ୟା ୬୦ଭାଗରୁ ଅଧିକ ହୋଇଥିଲେ ମଧ ଦୃଢ଼ ଇଚ୍ଛାଶକ୍ତିର ଅଭାବ ଅନେକାଂଶରେ ରହିଛି। ଏଥିଯୋଗୁ ଏମାନେ ଆଜି ମଧ ଓଡ଼ିଶାର ଅର୍ଥନୈତିକ, ସାମାଜିକ ଓ ପ୍ରଗତିରେ ସାମିଲ ହୋଇ ପାରିନାହାନ୍ତି। କୃଷିପ୍ରଧାନ ରାଜ୍ୟ ଓଡ଼ିଶାର ଶତକଡା ୭୦ଭାଗ ଲୋକଙ୍କର ଜୀବନ ଧାରଣ ଓ ଆର୍ଥିକ ଉନ୍ନତି ପାଇଁ କୃଷି ସହିତ ପଶୁପାଳନ ହିଁ ମୁଖ୍ୟ ପନ୍ଥା। ପଶୁ ପାଳନ ବୃତ୍ତି ମଧ୍ୟରେ ଛେଳି ପାଳନ ହିଁ ଉପରୋକ୍ତ ଶ୍ରେଣୀୟ ବ୍ୟକ୍ତିମାନଙ୍କ ପାଇଁ ଅଧିକ ଉପଯୋଗୀ, କାରଣ ଗାଈ ଓ କୁକୁଡ଼ା ପାଳନ ତୁଳନାରେ ଏହି ଚାଷରେ ଅପେକ୍ଷାକୃତ କମ୍ ମୂଳଧନ ବିନିଯୋଗରେ ଅଧିକ ଲାଭ ମିଳିଥାଏ। ଛେଳିଗୁହାଳ ପ୍ରସ୍ତୁତି ପାଇଁ ବିଶେଷ ସ୍ଥାନ ଓ ଖର୍ଚ୍ଚ କରିବାକୁ ପଡ଼େ ନାହିଁ। ଛେଳି ଆକାରରେ ଛୋଟ ଏବଂ ଶାନ୍ତଶିଷ୍ଟ ହୋଇଥିବାରୁ ପିଲାମାନେ ଅବସର ସମୟରେ ଏବଂ ସ୍ତ୍ରୀ ଲୋକମାନେ ଘର କାମସାରି ଏହାର ପରିଚାଳନା କରିପାରିବେ। ଏମାନେ ସାଧାରଣତଃ ଡାଳ, ଘାସ, ପତ୍ର, ଲତା, ରୋଷେଇଶାଳାର ବର୍ଜ୍ୟବସ୍ତୁ ଉପରେ ନିର୍ଭର କରିଥାଆନ୍ତି। ଏମାନଙ୍କ ଦାନା ଏବଂ ସବୁଜଖାଦ୍ୟ ପାଇଁ ବିଶେଷ ଖର୍ଚ୍ଚର ଆବଶ୍ୟକତା ପଡ଼େ ନାହିଁ। ପ୍ରଜନନ କ୍ଷମତା ଗାଈଙ୍କ ତୁଳନାରେ ଅଧିକ (ଥରକେ ୨ଟି ଛୁଆ ଜନ୍ମ କରନ୍ତି), ଅପେକ୍ଷାକୃତ କମ୍ ରୋଗରେ ପଡ଼ନ୍ତି ଏବଂ ଛେଳିଲଣ୍ଡି ଗୋରୁଙ୍କ ଗୋବରଠାରୁ ଅଧିକ ପୋଷକର ଅଧିକାରୀ। ଛେଳି ମାଂସ ସୁସ୍ୱାଦୁ, ମାଂସାହାରୀ ଲୋକଙ୍କ ଦ୍ୱାରା ଅଧିକ ଗ୍ରହଣୀୟ। ଏହାର ବିକ୍ରିବଟାରେ ଅସୁବିଧା ନ ଥିବାରୁ ଓ ବଜାର ଦର ଯଥେଷ୍ଟ ଅଧିକ ହୋଇଥିବାରୁ ଚାଷୀ ଏଥିରୁ ଭଲ ଦୁଇପଇସା ରୋଜଗାର କରିପାରେ। ଛେଳି କ୍ଷୀର କ୍ଷାରୀୟ, କ୍ଷୁଦ୍ର ଚର୍ବିଜାତୀୟ ଜୀବକୋଷଯୁକ୍ତ, ସହଜରେ ହଜମ ହୋଇଥାଏ। ତେଣୁ ଏହା ଅମ୍ଳ ରୋଗୀ, ବଦହଜମୀ, ପେପ୍ଟିକ୍‌ଅଲସର୍, ଏକ୍‌ଜିମା, ଆଲର୍ଜି, ଶିଶୁଙ୍କ ତରଳ ଝାଡ଼ା, ଯକ୍ଷ୍ମା ରୋଗୀଙ୍କ ପାଇଁ ଅଧିକ ଉପାଦେୟ। ଏହାର ବିଭିନ୍ନ ଦୁଗ୍ଧଜାତ ପଦାର୍ଥ ବ୍ୟବହାର ପାଇଁ ଉତ୍ତମ । ଛେଳିର ଲୋମ ବା ପାଶ୍ମିନାରୁ କଶ୍ମୀର ସାଲ ସମେତ ବିଭିନ୍ନ ଗରମ ପୋଷାକ, ଚମଡ଼ାରୁ ବିଭିନ୍ନ ବାଦ୍ୟଯନ୍ତ୍ର ଓ ଚମଡ଼ା ସାମଗ୍ରୀ ନିର୍ମିତ ହୋଇଥାଏ।

ଛେଳିର ପରିବର୍ତ୍ତିତ ଜଳବାୟୁ ସହ୍ୟ କରିବାର ଅଧିକ କ୍ଷମତା ଥିବାରୁ ଫସଲ ହାନି ସମୟରେ ଏହା ବ୍ୟକ୍ତିବିଶେଷଙ୍କର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବାରେ ସାହାଯ୍ୟ କରିଥାଏ। କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ ଓ ଗରିବ ମହିଳାମାନଙ୍କର ଗାଈଟିଏ କିଣିବାକୁ ଓ କୁକୁଡ଼ା ଫାର୍ମଟିଏ କରିବାକୁ ଅଧିକ ପଇସା ନ ଥିଲେ ମଧ ଛେଳିମାନଙ୍କୁ ଅପେକ୍ଷାକୃତ କମ୍ ପଇସାରେ କିଣି ଛୋଟ ସ୍ଥାନ ଓ କମ୍ ଖର୍ଚ୍ଚଯୁକ୍ତ ଘରେ ପାଳନ କରିପାରିବେ। ଏହାର ମାଂସ, ଦୁଗ୍ଧ ଓ ଚମଡ଼ା ବିକ୍ରିକରି ନିଜର ଆର୍ଥିକ ମାନଦଣ୍ଡ ସୁଦୃଢ଼ ରଖିବା ସଙ୍ଗେ ସଙ୍ଗେ ଋଣ ପରିଶୋଧ କରିପାରିବେ। ତେଣୁ ଏହାକୁ 'ଗରିବ ଲୋକର ଗାଈ' ଓ 'ଗରିବର ଋଣ ପରିଶୋଧକାରୀ' ଆଖ୍ୟା ଦିଆଯାଏ। ଏତେସବୁ ଉପକାର ସତ୍ତ୍ୱେ ଛେଳି ପାଳନକୁ ବ୍ୟକ୍ତିଗତ, ସମୂହ କିମ୍ବା ସରକାରୀ ସ୍ତରରେ ଅଧିକ ପ୍ରୋତ୍ସାହନର ଆବଶ୍ୟକତା ରହିଛି।

> "ଛେଳିର ପରିବର୍ତ୍ତିତ ଜଳବାୟୁ ସହ୍ୟ କରିବାର ଅଧିକ କ୍ଷମତା ଥିବାରୁ ଫସଲହାନି ସମୟରେ ଏହା ବ୍ୟକ୍ତିବିଶେଷଙ୍କର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବାରେ ସାହାଯ୍ୟ କରିଥାଏ। କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ ଓ ଗରିବ ମହିଳାମାନଙ୍କର ଗାଈଟିଏ କିଣିବାକୁ ଓ କୁକୁଡ଼ା ଫାର୍ମଟିଏ କରିବାକୁ ଅଧିକ ପଇସା ନ ଥିଲେ ମଧ ଛେଳିଙ୍କୁ ଅପେକ୍ଷାକୃତ କମ୍ ପଇସାରେ କିଣି ଛୋଟ ସ୍ଥାନ ଓ କମ୍ ଖର୍ଚ୍ଚଯୁକ୍ତ ଘରେ ପାଳନ କରିପାରିବେ । ଏହାର ମାଂସ, ଦୁଗ୍ଧ ଓ ଚମଡ଼ା ବିକ୍ରି କରି ନିଜର ଆର୍ଥିକ ମାନଦଣ୍ଡ ସୁଦୃଢ଼ ରଖିବା ସଙ୍ଗେ ସଙ୍ଗେ ଋଣ ପରିଶୋଧ କରିପାରିବେ। ତେଣୁ ଏହାକୁ 'ଗରିବ ଲୋକର ଗାଈ' ଓ 'ଗରିବର ଋଣ ପରିଶୋଧକାରୀ' ଆଖ୍ୟା ଦିଆଯାଏ।"



ଛେଳିପାଳନକୁ କେତେକ ଏକ ଅସମ୍ମାନ ଜନକ ଓ ନିମ୍ନମାନର ବୃତ୍ତି ବୋଲି ଭାବିଥାଆନ୍ତି। ହେଲେ ଏଭଳି ଧାରଣା ପ୍ରଥମେ ମନରୁ ଦୂର ହେବା ନିହାତି ଦରକାର। ଓଡ଼ିଶାରେ ଆବଶ୍ୟକ ପରିମାଣର ଚାରଣ ଭୂଇଁ, ଜଙ୍ଗଲଜମି ରହିଛି। ଏଠାରେ ଆବଶ୍ୟକ ବର୍ଷା (୧୨୦୦-୧୪୨୫ମି.ମି.) ଓ ଉର୍ବର ମୃତ୍ତିକା ଯଥେଷ୍ଟ ପରିମାଣରେ ରହିଛି, ଯେଉଁଥିରେ ଛେଳିମାନଙ୍କ ପାଇଁ ଆବଶ୍ୟକ ପରିମାଣର ସବୁଜଖାଦ୍ୟ ସୃଷ୍ଟି କରାଯାଇପାରିବ। ଛେଳି ଏକ ଛୋଟ ପ୍ରାଣୀ ଏବଂ ଏହାର ବିକ୍ରିବଟା ପାଇଁ କୌଣସି ପ୍ରତିବନ୍ଧକ ନ ଥିବାରୁ ଦରକାର ସମୟରେ ଏହାକୁ ବିକ୍ରିବଟା କରି ବେଶ୍ ଦୁଇ ପଇସା ରୋଜଗାର କରାଯାଇ ପାରୁଥିବାରୁ ଏହାକୁ ଏଟିଏମ୍ ଯନ୍ତ୍ର ଆଖ୍ୟା ଦିଆଯାଏ। ଅଳ୍ପ ଖର୍ଚ୍ଚରେ ଅଧିକ ଓ ବିଭିନ୍ନ ପ୍ରକାରର ଉତ୍ପାଦ (ମାଂସ,ଦୁଗ୍ଧ,ଲୋମ ଓ ଚମଡ଼ା) ତଦନୁସାରେ ଅଧିକ କାର୍ଯ୍ୟ ଦିବସ ଓ ରୋଜଗାର ସୃଷ୍ଟି ହିଁ ଛେଳି ଚାଷର ପ୍ରଧାନ ବୈଶିଷ୍ଟ୍ୟ।

ଛେଳିଚାଷରୁ ଉପଯୁକ୍ତ ଲାଭ ପାଇବାକୁ ହେଲେ ଛେଳିର ଉପଯୁକ୍ତ ଯତ୍ନ ଓ ଏହା ଦ୍ୱାରା ସୁସ୍ଥ ଓ ଅଧିକ ସନ୍ତାନ (ଛେଳିଛୁଆ) ଜନ୍ମ ମୂଳ ଲକ୍ଷ୍ୟ ହେବା ଉଚିତ। ଏହି ଯତ୍ନ ମଧ୍ୟରେ ଗୁହାଳକୁ ନିୟମିତ ପରିଷ୍କାର ପରିଚ୍ଛନ୍ନ ରଖିବା, ସନ୍ତୁଳିତ ଖାଦ୍ୟ ବ୍ୟବସ୍ଥା (ପ୍ରଜନନ ପୂର୍ବରୁ ଓ ପରେ, ଗର୍ଭାବସ୍ଥାରେ ଓ ଶାବକମାନଙ୍କୁ ଦୁଗ୍ଧ ଦେଉଥିବା ସମୟରେ) ସୃଷ୍ଟି ହିଁ ଜରୁରୀ। ଏହା ଦ୍ୱାରା ମା' ଛେଳିମାନେ ୨-୩ଟି ଛୁଆ ଜନ୍ମ କରିପାରିବେ ଏବଂ ଅଣ୍ଡିରା ଛେଳିଙ୍କ ପାଖରୁ ସୁସ୍ୱାଦୁ ଓ ଅଧିକ ମାଂସ ଉତ୍ପାଦନ କରାଯାଇପାରିବ। ଦେଶୀ ଛେଳିଙ୍କୁ କେବଳ ବିଲବାଡିରେ ଛଡ଼ାଯାଇ ପାଳନ ନ କରି ସେମାନଙ୍କ ପାଇଁ ଚାରଣ ଭୂଇଁ ସୃଷ୍ଟି କରି ସବୁଜ ଖାଦ୍ୟ ବ୍ୟବସ୍ଥା କରିବା ଉଚିତ। ଅନ୍ତଃ ଓ ବହିଃ ପରଜୀବୀ ରୋଗ, ଛେଳିମଡକ, ଫାଟୁଆ, ଛେଳି ବସନ୍ତ ଆଦି ମୁଖ୍ୟ ଭୂତାଣୁଜନିତ ; ସାହାଣା, ବଜବଜିଆ ଆଦି ବୀଜାଣୁଜନିତ ରୋଗଗୁଡିକ ଅନେକ ସମୟରେ ଛେଳି ପାଳନରେ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି କରିଥାଏ ଓ ଏହି ରୋଗଗୁଡ଼ିକର ଆକ୍ରମଣ ଯୋଗୁ ସମୟ ସମୟରେ ସମସ୍ତ ଛେଳି ମୃତ୍ୟୁମୁଖରେ ପଡ଼ନ୍ତି। ତେଣୁ ଛେଳିଙ୍କ ପାଇଁ ସଫାସୁତରା ପରିବେଶ, ଉନ୍ନତମାନର ବାସଗୃହ, ବିଭିନ୍ନ ରୋଗର ପ୍ରତିଷେଧକ ଟିକା, ସମୟୋଚିତ କୃମିନାଶ ଔଷଧର ବ୍ୟବହାର ଓ ଉପଯୁକ୍ତ ଖାଦ୍ୟପେୟର ବ୍ୟବସ୍ଥା କରାଯିବା ଉଚିତ।

ଜାତୀୟକରଣ ବ୍ୟାଙ୍କଗୁଡିକ କମ୍ ସୁଧରେ ଏବଂ ସରଳୀକରଣ ଉପାୟ ଅବଲମ୍ବନ କରି ଠିକ୍ ସମୟରେ ଋଣ ପ୍ରଦାନ କରିବା ଦରକାର। ରାଜ୍ୟର ଶିକ୍ଷିତ ବେକାର ଯୁବତୀଯୁବକମାନେ ଏହା ଏକ ସମ୍ମାନ ହାନିକାରକ ବୃତ୍ତି ବୋଲି ମନରୁ ପରିତ୍ୟାଗ କରି ଛେଳିପାଳନକୁ ଅଧିକ ଯତ୍ନର ସହିତ ଆଗକୁ ନେବାକୁ ଚେଷ୍ଟା କରିବା ଉଚିତ। ଛେଳି ପାଳନର ସମସ୍ତ ଉତ୍ତମ ଦିଗକୁ ସର୍ବସାଧାରଣରେ ଅବଗତ କରାଇବା ପାଇଁ ଗଣମାଧ୍ୟମ, ପ୍ରାଥମିକ ସ୍ତରରୁ ମାଧ୍ୟମିକ ଓ କଲେଜ ପର୍ଯ୍ୟନ୍ତ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଛେଳିଚାଷର ଗୁରୁତ୍ୱ ବିଷୟରେ ଉପଯୁକ୍ତ ପ୍ରଚାର ପ୍ରସାର କରିବା ଉଚିତ। ଓଡ଼ଶାରେ ଛେଳି ମାଂସ, କ୍ଷୀର, ଚମଡା, ଲୋମର ଚାହିଦା ମେଣ୍ଟାଇବା ପାଇଁ ଶିକ୍ଷିତ ବେକାର ଯୁବତୀ ଯୁବକ, ଭୂମିହୀନ, କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ ଗରିବ ମହିଳାମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ଓ କର୍ମନିଯୁକ୍ତି ସୃଷ୍ଟି ପାଇଁ ଛେଳିପାଳନକୁ ଏକ ମର୍ଯ୍ୟାଦାଜନକ ବୃତ୍ତିରେ ପରିଣତ କରିବା ପାଇଁ ସବୁ ବର୍ଗର ଲୋକ ଓ ସରକାରୀ ବିଭାଗର କର୍ମକର୍ତ୍ତାମାନେ ଆଗେଇ ଆସିବା ଉଚିତ।

-ଏ-୩୦, ଆର.କେ. ଭିଲ୍ଲା,
ବ୍ରାହ୍ମଣଝରିଲୋ କଲେଜ ପାଖ, କଟକ,
ମୋ: ୮୪୮୦୪୧୧୬୭୩

## ଆଖୁ କିଆରିରେ ଜଳ ପରିଚାଳନା

ଆଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩-୪ ଥର ଛାଡ଼ନ୍ତୁ । ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରିଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କୁଇନାଲ୍‌ଫସ୍ କିମ୍ବା ୨ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ । ପତ୍ରକନ୍ଦାରେ ଦାନାଦାର ଔଷଧ ପକାଇ ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରେ। ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିକାନିଆ ମେଲାନୋଲିଉକା ପରଜୀବୀର ୫୦୦୦ ଖୋଷା କିମ୍ବା ୪ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହ କରି ଜମିରେ ଛାଡ଼ନ୍ତୁ । ଏହାଛଡ଼ା ସନ୍ଧ୍ୟାରେ ଜମିରେ ଧୂଆଁ ଦେବାର ବ୍ୟବସ୍ଥା କରନ୍ତୁ। ଦହିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୨୫ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫% ଡବ୍ଲୁ.ପି. କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ନାଳିଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ମାଟିଭିଜା କରନ୍ତୁ । ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ି ଦେଇ ନଷ୍ଟ କରିଦିଅନ୍ତୁ ।



## ପନିପରିବା ଚାଷରେ ରୋଗ ପୋକ ନିୟନ୍ତ୍ରଣ



ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହିତ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ। ଲଙ୍କା ଫସଲରେ ଉକୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି.କୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ କିସମ ଫୁଲକୋବିରେ ଶଁବାଳୁଆ ଲାଗିଲେ ୪ ମି.ଲି. ନିମ ତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ। ଅତ୍ୟଧିକ ବର୍ଷା କିମ୍ବା ବନ୍ୟାଦ୍ୱାରା କ୍ଷତିଗ୍ରସ୍ତ ଢିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା- ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ । ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ। ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ୍ ଏଗ୍ରିଫାଉଣ୍ଡ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହ କରି ତଳି ପକାନ୍ତୁ। ଆଳୁ ପାଇଁ ହେକ୍ଟର ପ୍ରତି ୨୦ରୁ ୨୫ କୁଣ୍ଟାଲ୍ ବିହନ ଦରକାର ହୁଏ । ଓଡ଼ିଶା ଜଳବାୟୁ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨-୩ ଆଖିଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ।

# ରୁଆ ଧାନରେ ସାର ପ୍ରୟୋଗ

ବିଳମ୍ବରେ ରୁଆ ଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ। ଗନ୍ଧିପୋକ ଦମନ ପାଇଁ କିଆରିରେ ନିମ୍ବମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋର୍‌ପାଇରିଫସ୍ ଗୁଣ୍ଡ ଔଷଧ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳ ବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହା ଦ୍ୱାରା ବୁଦା ମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚିତ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦା



ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନ କରି ସିଞ୍ଚନ କରନ୍ତୁ। ଅର୍ଥାତ୍ ଏକା ଔଷଧକୁ ଦ୍ୱିତୀୟବାର ସିଞ୍ଚନ କରନ୍ତୁ ନାହିଁ। କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ। କାଣ୍ଡବିନ୍ଧା ପୋକ ଦମନ ପାଇଁ ଏକ ବର୍ଗମିଟର ପ୍ରତି କେଣ୍ଡା ବାହାରିବା ପୂର୍ବରୁ ୧ଟି ପ୍ରଜାପତି ଦେଖାଗଲେ ପ୍ରୋଫେନୋଫସ୍ ୨ ମି.ଲି. କିମ୍ବା ଫିପ୍ରୋନିଲ୍ ୨ ମି.ଲି. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ (୫୦%) ୨ ଗ୍ରାମ୍‌କୁ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲୁ.ଜି. ଏକର ପ୍ରତି ୫୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ୫୦ କି.ଗ୍ରା. ଶୁଖିଲା ବାଲିରେ ଗୋଳାଇ ବିଲ ହିଡ଼ରେ ପ୍ରୟୋଗ କଲେ ନିକଟବର୍ତ୍ତୀ ଆକ୍ରାନ୍ତ କିଆରିରୁ ଲେଡ଼ାପୋକର ଲାର୍ଭା ଆସିଲେ ବିଷ ସଂସ୍ପର୍ଶରେ ଆସି ମରିଯାଆନ୍ତି।

## ଦିଲ୍ଲୀରେ ଆଜି





ଦୀପାବଳି ପରଦିନ ମଙ୍ଗଳବାର ଦିଲ୍ଲୀରେ ଉତ୍କଟ ପ୍ରଦୂଷଣ । ଆନନ୍ଦ ବିହାର ବସ୍ ଟର୍ମିନାଲ ଅଞ୍ଚଳ ଧୂଆଁମୟ ହୋଇଯାଇଛି । (ଫଟୋ–ଚମନ ଗୌତମ)

# ଅଭିନେତା ଅସ୍‌ରାନିଙ୍କ ପରଲୋକ

ମୁମ୍ବାଇ, ୨୧।୧୦

ବଲିଉଡ୍‌ର ବରିଷ୍ଠ ଅଭିନେତା ତଥା କମେଡିଆନ୍ ଗୋବର୍ଦ୍ଧନ ଅସ୍‌ରାନିଙ୍କର ସୋମବାର ଅପରାହ୍ନ ୪ଟା ବେଳେ ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗତ ୫ ଦିନ ଧରି ମୁମ୍ବାଇର ଜୁହୁସ୍ଥିତ ଭାରତୀୟ ଆରୋଗ୍ୟ ନିଧି ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିଲେ। ଅସ୍‌ରାନିଙ୍କ ଫୁସ୍‌ଫୁସ୍‌ରେ ପାଣି ଜମା ହୋଇଥିବା ନେଇ ଡାକ୍ତର ସୂଚନା ଦେଇଥିଲେ ବୋଲି ତାଙ୍କ ବ୍ୟକ୍ତିଗତ ସହାୟକ ବାବୁଭାଇ କହିଛନ୍ତି। ସୋମବାର ସନ୍ଧ୍ୟାରେ ମୁମ୍ବାଇର ସାନ୍ତାକ୍ରୁଜ୍ ଶ୍ମଶାନ ଘାଟରେ ଅସ୍‌ରାନିଙ୍କର ଅନ୍ତିମ ସଂସ୍କାର କରାଯାଇଛି। ମୃତ୍ୟୁର ଘଣ୍ଟାଏ ପୂର୍ବରୁ ଅସରାନୀଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରୁ ଦୀପାବଳି ଶୁଭକାମନାର ପୋଷ୍ଟ କରାଯାଇଥିଲା। ତାଙ୍କ ମୃତ୍ୟୁକୁ ନେଇ ବଲିଉଡ୍‌ର ଅନେକ କଳାକାର ଶୋକ ପ୍ରକଟ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକଟ କରି କହିଛନ୍ତି, ଅସ୍‌ରାନି ଜଣେ ପ୍ରତିଭାଶାଳୀ ଏବଂ ବହୁମୁଖୀ କଳାକାର ଥିଲେ। ସେ ପିଢ଼ି ପରେ ପିଢ଼ି ଧରି ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇ ଆସୁଥିଲେ।

୧୯୪୧ ଜାନୁଆରୀ ୧ରେ ଜୟପୁରର ଏକ ସିନ୍ଧି ପରିବାରରେ ଅସ୍‌ରାନି ଜନ୍ମଗ୍ରହଣ କରିଥିଲେ।



ଗୋବର୍ଦ୍ଧନ ଅସ୍‌ରାନି

ବଲିଉଡ୍‌ରେ ନିଜ ୫ ଦଶନ୍ଧିରୁ ଅଧିକ ଲମ୍ବା କ୍ୟାରିୟରରେ ସେ ୩୫୦ରୁ ଅଧିକ ଫିଲ୍ମରେ ଅଭିନୟ କରିଥିଲେ। ୬୦ ଦଶକରେ ସେ ଫିଲ୍ମ ଜଗତରେ ପ୍ରବେଶ କରିଥିଲେ। ୭୦ ଏବଂ ୮୦ ଦଶକରେ ଅସ୍‌ରାନି ଲୋକପ୍ରିୟତାର ଶୀର୍ଷରେ ଥିଲେ। 'ମେରେ ଅପନେ', 'ବାବର୍ଚି', 'ପରିଚୟ', 'ଅଭିମାନ', 'ଚୁପକେ ଚୁପକେ', 'ଛୋଟି ସି ବାତ୍', 'ରଫୁ ଚକ୍କର', 'ଭୁଲ୍ ଭୁଲୈୟା', 'ଧମାଲ', 'ଅଲ୍ ଦି ବେଷ୍ଟ', 'ୱେଲକମ୍' ଆଦି ଫିଲ୍ମରେ ତାଙ୍କ ଅଭିନୟକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ଅଭିନୟ ବ୍ୟତୀତ ଅସ୍‌ରାନି କିଛି ଫିଲ୍ମର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ସେହିପରି ସେ କେତେକ ଫିଲ୍ମର କାହାଣୀ ମଧ୍ୟ ଲେଖିଛନ୍ତି। ଗୁଜରାଟୀ ସିନେମାରେ ମଧ୍ୟ ସେ ନିଜ ପ୍ରତିଭା ଦେଖାଇଛନ୍ତି।

## କର୍ତ୍ତବ୍ୟରେ ଥାଇ ପ୍ରତି ୪୬ ଘଣ୍ଟାରେ ଜଣେ ପୋଲିସର ଜୀବନ ଯାଇଛି

ନୂଆଦିଲ୍ଲୀ, ୨୧।୧୦

ଗତବର୍ଷ କର୍ତ୍ତବ୍ୟରେ ଥାଇ ପ୍ରତି ୪୬ ଘଣ୍ଟାରେ ଜଣେ ପୋଲିସ କର୍ମଚାରୀଙ୍କ ଜୀବନ ଯାଇଛି। ୩୬୫ ଦିନରେ ମୋଟ ୧୯୧ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ଗୋଇନ୍ଦା ବ୍ୟୁରୋ (ଆଇବି) ନିର୍ଦ୍ଦେଶକ ତପନ ଡେକା ମଙ୍ଗଳବାର କହିଛନ୍ତି। ଦେଶ ସ୍ୱାଧୀନ ହେବାଠାରୁ ମୋଟ ୩୬,୬୮୪ ପୋଲିସ କର୍ତ୍ତବ୍ୟରେ ଥାଇ ପ୍ରାଣ ହରାଇଲେଣି। ଦିଲ୍ଲୀର ଜାତୀୟ ପୋଲିସ୍ ସ୍ମାରକୀଠାରେ ପୋଲିସ ସ୍ମୃତି ଦିବସ ପାଳନ ଅବସରରେ ମୃତ ପୋଲିସ ଅଧିକାରୀମାନଙ୍କୁ ଡେକା ଶ୍ରଦ୍ଧାଞ୍ଜଳି ଜଣାଇବା ଅବସରରେ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯୋଗଦେଇ ଦିବଂଗତ ପୋଲିସ ଅଫିସରମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ପୂର୍ବତନ ଡିଜିପି, ସ୍ତ୍ରୀଙ୍କ ନାମରେ ହତ୍ୟା ମାମଲା

ଚଣ୍ଡିଗଡ଼, ୨୧।୧୦(ପି.ଟି.)



ସୁଲତାନା



ମହମ୍ମଦ ମୁସ୍ତାଫା

- ରହସ୍ୟଜନକ ସ୍ଥିତିରେ ପୁଅ ଅଖ୍‌ତରଙ୍କ ମୃତ୍ୟୁ ହୋଇଥିଲା
- ସୋସିଆଲ ମିଡିଆ ପୋଷ୍ଟରେ ପରିବାର ସଦସ୍ୟଙ୍କ ନାମରେ ଅଭିଯୋଗ

ପୁଅଙ୍କ ମୃତ୍ୟୁ ସହ ସମ୍ପୃକ୍ତି ନେଇ ପଞ୍ଜାବର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ମହମ୍ମଦ ମୁସ୍ତାଫା ଏବଂ ତାଙ୍କ ସ୍ତ୍ରୀ ତଥା ରାଜ୍ୟର ପୂର୍ବତନ ମନ୍ତ୍ରୀ ସୁଲତାନାଙ୍କ ନାମରେ ହରିୟାଣା ପୋଲିସ ମଙ୍ଗଳବାର ମାମଲା ରୁଜୁ କରିଛି। ସେମାନଙ୍କ ନାମରେ ହତ୍ୟା ଏବଂ ଆପରାଧିକ ଷଡ଼ଯନ୍ତ୍ର ଅଭିଯୋଗ ଲାଗିଛି। ମୁସ୍ତାଫା ଏବଂ ସୁଲ୍‌ତାନାଙ୍କ ସମେତ ଅଖତରଙ୍କ ସ୍ତ୍ରୀ ଏବଂ ଭଉଣୀଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଥିବା ପଞ୍ଚକୁଲା ପୋଲିସ କହିଛି।

ମୁସ୍ତାଫା ଏବଂ ସୁଲ୍‌ତାନାଙ୍କ ୩୫ ବର୍ଷୀୟ ପୁଅ ଅକିଲ ଅଖ୍‌ତର ପଞ୍ଜାବ ଓ ହରିୟାଣା ହାଇକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ କରୁଥିଲେ। ପଞ୍ଚକୁଲାରେ ଥିବା ଏମ୍‌ଡିସି ସେକ୍ଟର ୪ ବାସଭବନରେ ଗତ ଗୁରୁବାର ତାଙ୍କର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଶାମଶୁଦ୍ଦିନ୍ ନାମକ ବ୍ୟକ୍ତି ଏନେଇ ଏତଲା ଦେଇଥିଲେ। ୧୭ ତାରିଖରେ ପୋଲିସ ମାମଲା ରୁଜୁ କରି ପରିବାର ସଦସ୍ୟଙ୍କ ବୟାନ ରେକର୍ଡ କରିଥିଲେ। ତେବେ କୌଣସି ସନ୍ଦିଗ୍ଧ ଘଟଣା ଘଟିଥିବା ନେଇ ପ୍ରାରମ୍ଭିକ ଅନୁଧ୍ୟାନରୁ ଜଣାପଡ଼ି ନ ଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ଶେଷକୃତ୍ୟ ପାଇଁ ପରିବାରକୁ ହସ୍ତାନ୍ତର କରାଯାଇଥିଲା।

ତେବେ ଅଖତର ପୂର୍ବରୁ କରିଥିବା କେତେକ ସୋସିଆଲ ମିଡିଆ ପୋଷ୍ଟ ଏବଂ ଭିଡିଓ ପଦାକୁ ଆସିବା ପରେ ମାମଲା ନୂଆ ମୋଡ଼ ନେଇଛି। ଅଖତର ଗତ ଅଗଷ୍ଟରେ କରିଥିବା ଏକ ପୋଷ୍ଟରେ ପରିବାର ସଦସ୍ୟଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଥିଲେ। ତାଙ୍କୁ ଜୀବନରେ ମାରିଦେବା ପାଇଁ ଧମକ ମିଳିଥିବା ଅଖତର ସେଥିରେ ଉଲ୍ଲେଖ କରିଥିଲେ। ଏହା ଜଣାପଡ଼ିବା ପରେ ପୋଲିସ ପୂର୍ବତନ ଡିଜିପିଙ୍କ ସମେତ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ବିଏନ୍‌ଏସ୍‌ର ଧାରା ୧୦୩(୧) ଏବଂ ୬୧ରେ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ ପାଇଁ ଜଣେ ଏସିପି ପାହ୍ୟାର ଅଫିସରଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଛି।

## ୨ ଆତଙ୍କବାଦୀଙ୍କୁ ଗିରଫ କଲା ପଞ୍ଜାବ ପୋଲିସ

ଅମୃତସର, ୨୧।୧୦

### ଆର୍‌ପିଜି-୨୨ ଆଣ୍ଟି-ଟ୍ୟାଙ୍କ୍ ରକେଟ ଲଞ୍ଚର ଜବତ

ପଞ୍ଜାବ ପୋଲିସ ପକ୍ଷରୁ ରାଜ୍ୟରେ ଏକ ବଡ଼ ଆତଙ୍କବାଦୀ ଷଡ଼ଯନ୍ତ୍ରକୁ ପଣ୍ଡ କରାଯାଇଛି। ମଙ୍ଗଳବାର ପୋଲିସ ଅମୃତସରରେ ୨ ଆତଙ୍କବାଦୀଙ୍କୁ ଏକ ରକେଟ ଲଞ୍ଚର ସହ ଗିରଫ କରିଛି। ଗିରଫ ହୋଇଥିବା ଆତଙ୍କବାଦୀ ହେଉଛନ୍ତି ମକ୍‌ଖନ ଦୀପ ସିଂ ଓରଫ୍ ମେହକ ଏବଂ ଆଦିତ୍ୟ ଓରଫ୍ ଆଦି। ପୋଲିସ ଉଭୟଙ୍କ ନିକଟରୁ ଏକ ରକେଟ ପ୍ରୋପେଲଡ୍ ଗ୍ରେନେଡ (ଆର୍‌ପିଜି)–୨୨ ନେଙ୍ଗୋ ଆଣ୍ଟି ଟ୍ୟାଙ୍କ୍ ରକେଟ ଲଞ୍ଚରକୁ ଜବତ କରିଛି। କୌଣସି ବଡ଼ ଆତଙ୍କବାଦୀ ଆକ୍ରମଣରେ ଉକ୍ତ ରକେଟ ଲଞ୍ଚରକୁ ବ୍ୟବହାର କରାଯିବା ଉଦ୍ଦେଶ୍ୟରେ ରଖାଯାଇଥିଲା ବୋଲି ପୋଲିସ ସନ୍ଦେହ କରୁଛି। କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ସୂଚନା ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ପଞ୍ଜାବ ପୋଲିସ ଡିଜିପି ଗୌରବ ଯାଦବ କହିଛନ୍ତି। ଗୌରବ ସାମାଜିକ ଗଣମାଧ୍ୟମ 'X'ରେ ଲେଖିଛନ୍ତି, ଉଭୟ ଆତଙ୍କବାଦୀ ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ଜଣେ ଅପରେଟିଭ୍‌ଙ୍କ ସହ ସମ୍ପର୍କରେ ଥିଲେ। ପଞ୍ଜାବର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ପାଇଁ ଉକ୍ତ ଅପରେଟିଭ୍ ଜଣକ ମେହକ ଏବଂ ଆଦିଙ୍କୁ ଏହି ରକେଟ ଲଞ୍ଚର ଯୋଗାଇଥିଲେ ବୋଲି ସେ କହିଛନ୍ତି।




# ଏଚ୍–୧ବି ଭିଜା ନିୟମ ଉପରେ ନୂଆ ଗାଇଡ୍‌ଲାଇନ

ନ୍ୟୁୟର୍କ, ୨୧।୧୦

### ଭାରତୀୟ ଛାତ୍ର, ଇଞ୍ଜିନିୟରଙ୍କ ପାଇଁ ଆଶ୍ୱସ୍ତି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ କିଛିଦିନ ପୂର୍ବରୁ ନୂଆ ଏଚ୍–୧ବି ଭିଜା ଆବେଦନ ଦେୟ ୧,୦୦,୦୦୦ ଡଲାରକୁ ବୃଦ୍ଧି କରିଥିବାବେଳେ ଷ୍ଟାଟସ୍ ପରିବର୍ତ୍ତନ କରିବାକୁ ଚାହୁଁଥିବା କିମ୍ବା ରହଣି ସମୟ ବଢ଼ାଇବା ପାଇଁ କରିଥିବା ଆବେଦନ ନିମନ୍ତେ ଏହା ଲାଗୁ ହେବନାହିଁ। ନୂଆ ଗାଇଡ୍‌ଲାଇନ୍‌ରେ ଏହା ସ୍ପଷ୍ଟ କରାଯାଇଛି। ଆମେରିକା ନାଗରିକ ଓ ଆପ୍ରବାସନ ସେବା (ୟୁଏସ୍‌ସିଆଇଏସ୍) ପକ୍ଷରୁ ସୋମବାର ଜାରି ଗାଇଡ୍‌ଲାଇନ ଭାରତୀୟ ଛାତ୍ରୀଛାତ୍ର ଏବଂ ପେସାଦାରମାନଙ୍କ ପାଇଁ ଆଶ୍ୱସ୍ତି ଆଣିଛି। କେଉଁମାନେ ଏଚ୍–୧ବି ଭିଜା ଦେୟ ଦେବେ, ପୈଠ କରିବା ପଦ୍ଧତି, ଆବେଦନ ପ୍ରକ୍ରିୟାରୁ ବାଦ୍ ଏବଂ ଛାତ୍ରୀଛାତ୍ରଙ୍କୁ ମିଳିବାକୁ ଥିବା ଆଶ୍ୱସ୍ତି ସମ୍ପର୍କରେ ଗାଇଡ୍‌ଲାଇନରେ ସ୍ପଷ୍ଟ କରାଯାଇଛି।

ନିର୍ଦ୍ଦିଷ୍ଟ ଅଣଆପ୍ରବାସୀ ଶ୍ରମିକମାନଙ୍କ ପ୍ରବେଶ ଉପରେ କଟକଣା ଲଗାଇବା ପାଇଁ ରାଷ୍ଟ୍ରପତି ଟ୍ରମ୍ପ୍ ସେପ୍ଟେମ୍ବର ୧୯ରେ ନୂଆ ଏଚ୍–୧ବି ଭିଜା ଦେୟକୁ ୧,୦୦,୦୦୦ ଡଲାର (ପ୍ରାୟ ୮୮ ଲକ୍ଷ ଟଙ୍କା)କୁ ବୃଦ୍ଧି କରିଥିଲେ। ତେବେ ପୂର୍ବରୁ ଜାରି ହୋଇଥିବା କିମ୍ବା ବର୍ତ୍ତମାନ ବୈଧ ଥିବା ଏଚ୍–୧ବି ଭିଜା କ୍ଷେତ୍ରରେ ଏହି ଦେୟ ଲାଗୁ ହେବ ନାହିଁ। ସେହିପରି ୨୦୨୫ ସେପ୍ଟେମ୍ବର ୨୧ର ପୂର୍ବାହ୍ନ ୧୨.୦୧ ଇଷ୍ଟର୍ନ ଡେଲାଇଟ୍ ସମୟ ପୂର୍ବରୁ ଯେଉଁମାନେ ଭିଜା ଆବେଦନ କରିଥିବେ, ସେମାନଙ୍କ କ୍ଷେତ୍ରରେ ମଧ୍ୟ ଏହା ଲାଗୁ ହେବ ନାହିଁ ବୋଲି ୟୁଏସ୍‌ସିଆଇଏସ୍ କହିଛି। ସମ୍ପ୍ରତି ଏଚ୍୧–ବି ଭିଜା ଥିବା ଲୋକଙ୍କୁ ଆମେରିକା ଯିବା କିମ୍ବା ସେଠାରୁ ବାହାରକୁ ଯିବାରେ କୌଣସି କଟକଣା ଲାଗିବ ନାହିଁ। ବ୍ୟକ୍ତିବିଶେଷ ଦେଶ ନ ଛାଡ଼ି ବର୍ଗ ବଦଳାଇବାକୁ ଚାହୁଁଥିଲେ, ଅର୍ଥାତ୍ ଏଫ୍–୧ ଛାତ୍ର ଷ୍ଟାଟସ୍‌ରୁ ଏଚ୍–୧ବି ଷ୍ଟାଟସ୍‌କୁ ପରିବର୍ତ୍ତନ କରିବାକୁ ଚାହୁଁଥିଲେ, ଏଥିପାଇଁ ଦେୟ ଦେବାକୁ ପଡ଼ିବ ନାହିଁ। କେବଳ ଆମେରିକା ବାହାର ଲୋକଙ୍କ ପାଇଁ ଦେୟ ଲାଗୁ ହେବ ବୋଲି ୟୁଏସ୍‌ସିଆଇଏସ୍ ପକ୍ଷରୁ କୁହାଯାଇଛି।

# ଆଇଏନ୍‌ଏସ୍ ବିକ୍ରାନ୍ତରେ ଦୀପାବଳି ପାଳିଲେ ପ୍ରଧାନମନ୍ତ୍ରୀ

ପଣଜୀ, ୨୧।୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଚଳିତ ବର୍ଷର ଦୀପାବଳିକୁ ଗୋଆ ଉପକୂଳରେ ଆଇଏନ୍‌ଏସ୍ ବିକ୍ରାନ୍ତ ଯୁଦ୍ଧଜାହାଜରେ ଭାରତୀୟ ସଶସ୍ତ୍ର ବଳ ସହ ପାଳନ କରିଛନ୍ତି। ସେଠାରେ ସେ ନୌସେନା ଅଧିକାରୀମାନଙ୍କ ସହିତ କଥା ହେବା ସହ ସେମାନଙ୍କ ଉତ୍ସର୍ଗୀକୃତ କାର୍ଯ୍ୟର ପ୍ରଶଂସା କରିଥିଲେ। ୩ ସଶସ୍ତ୍ର ବଳ ମଧ୍ୟରେ ଅସାଧାରଣ ସମନ୍ୱୟ ରହିଛି। ଅପରେଶନ ସିନ୍ଦୂର ବେଳେ ନୌସେନା ଭୟଭୀତ କରାଇବା ସହ ବାୟୁସେନାର ଅସାଧାରଣ ଦକ୍ଷତା ଏବଂ ସ୍ଥଳସେନାର ଦୁଃସାହସ ପାକିସ୍ତାନକୁ ଆଣ୍ଠେଇବାକୁ ବାଧ କରିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।



ଆଇଏନ୍‌ଏସ୍ ବିକ୍ରାନ୍ତରେ ନୌସେନା ଅଧିକାରୀମାନଙ୍କ ସହ ପ୍ରଧାନମନ୍ତ୍ରୀ।

ଆଇଏସ୍‌ଏସ୍ ବିକ୍ରାନ୍ତରେ ଥିବା ନୌସେନା ଅଧିକାରୀ ଓ ଯବାନମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଯୁଦ୍ଧବିମାନବାହୀ ରଣତରୀ ଆତ୍ମନିର୍ଭର ଭାରତର ଶକ୍ତିଶାଳୀ ପ୍ରତୀକ। ଆଇଏନ୍‌ଏସ୍ ବିକ୍ରାନ୍ତ କିଛି ମାସ ପୂର୍ବେ କିପରି ପାକିସ୍ତାନର ନିଦ ହଜାଇ ଦେଇଥିଲା, ଆମେ ଦେଖିଛେ। ଆଇଏନ୍‌ଏସ୍ ବିକ୍ରାନ୍ତ ନାଁ ହିଁ ଶତ୍ରୁପକ୍ଷର ସାହସକୁ ଶେଷ କରିଦେଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଉକ୍ତ ଯୁଦ୍ଧଜାହାଜରେ ରାତି କଟାଇବା ସହ ଗଭୀର ସମୁଦ୍ରରେ ନୌସେନାର ଆକାଶ ମାର୍ଗରେ ଆକ୍ରମଣ ଶକ୍ତି ଦେଖିଥିଲେ। ମିଗ୍–୨୯ ଯୁଦ୍ଧବିମାନ ରଣକୌଶଳ ପ୍ରଦର୍ଶନ କରିଥିଲା।

## ଫୁରସତ୍

# ନବଜାତକର ନାମ ସିଙ୍ଗାପୁର

### ଗାଜାରେ ସିଙ୍ଗାପୁରର ମାନବୀୟ ସହାୟତାରୁ ଉପକୃତ ହୋଇଥିଲେ ପାଲେଷ୍ଟିନୀୟ ଦମ୍ପତି

ଗାଜା ସିଟି

ହମାସ୍ ଓ ଇସ୍ରାଏଲ ମଧ୍ୟରେ ସଂଘର୍ଷ ୨ ବର୍ଷରୁ ଅଧିକ ସମୟ ଜାରି ରହିଛି। ଇସ୍ରାଏଲ ଆକ୍ରମଣରେ ପ୍ରତିଦିନ ଗାଜା ଷ୍ଟ୍ରିପ୍‌ରେ ଅନେକ ନିରୀହ ଲୋକଙ୍କ ଜୀବନ ଯାଉଛି। ତେବେ ନିକଟରେ ସେଠାରୁ ଏପରି ଖବର ଆସିଛି, ଯାହା ଯୁଦ୍ଧର ବର୍ବରତା ମଧ୍ୟରେ ମାନବିକତାର ଗୁରୁତ୍ୱକୁ ଦର୍ଶାଇଛି। ଏକ ପାଲେଷ୍ଟିନୀୟ ଦମ୍ପତି ସେମାନଙ୍କ ନବଜାତ କନ୍ୟାର ନାମ 'ସିଙ୍ଗାପୁର' ରଖିଛନ୍ତି। ସିଙ୍ଗାପୁର ଦ୍ୱାରା ଗାଜାର ଲୋକଙ୍କୁ ପ୍ରଦାନ କରାଯାଉଥିବା ମାନବୀୟ ସହାୟତାକୁ ଦୃଷ୍ଟିରେ ରଖି ଉକ୍ତ ଦମ୍ପତି ଝିଅର ଏପରି ନାମକରଣ କରିଛନ୍ତି।

କନ୍ୟାର ବାପା ଅବୁ ବକର କହିଛନ୍ତି, ତାଙ୍କ ସ୍ତ୍ରୀ ଗର୍ଭବତୀ ଥିବା ସମୟରେ ଗାଜାରେ ଚାଲିଥିବା ସଂଘର୍ଷ ଯୋଗୁ ସେ ଓ ତାଙ୍କ ପୂରା ପରିବାର ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଖାଦ୍ୟ ଏବଂ ଔଷଧର ଅତ୍ୟନ୍ତ ଅଭାବ ଥିଲା। ଏହି ସମୟରେ ସିଙ୍ଗାପୁରର 'ଲଭ୍ ଏଡ୍ ସିଙ୍ଗାପୁର' ସଙ୍ଗଠନ ଦ୍ୱାରା ପରିଚାଳିତ ଏକ ଫୁଡ୍ କିଚେନ୍ ତାଙ୍କୁ ବେଶ୍ ସହାୟକ ହୋଇଥିଲା। ତାଙ୍କ ସ୍ତ୍ରୀ ସେଠାରୁ ପ୍ରତିଦିନ ଗରମ ଖାଦ୍ୟ ପାଉଥିଲେ, ଯାହା ତାଙ୍କ ଶିଶୁକନ୍ୟା ପାଇଁ ଜୀବନ ରକ୍ଷାକାରୀ ପ୍ରମାଣିତ ହୋଇଛି। ସିଙ୍ଗାପୁର ତାଙ୍କ ପରିବାରକୁ ସହାୟତା କରି ସେମାନଙ୍କୁ ଏକ ନୂତନ ଜୀବନ ଦେଇଛି ଏବଂ ତାଙ୍କ ଝିଅ ସୁସ୍ଥ ଭାବେ ଜନ୍ମ ହୋଇଛି। ସିଙ୍ଗାପୁର ସରକାରଙ୍କ ଏହି କୃତଜ୍ଞତାକୁ ସର୍ବଦା ମନେ ରଖିବା ପାଇଁ ସେ ଓ ତାଙ୍କ ସ୍ତ୍ରୀ ଝିଅର ନାମକୁ ସିଙ୍ଗାପୁର ରଖିଛନ୍ତି ବୋଲି ବକର କହିଛନ୍ତି। ତାଙ୍କ ଝିଅ ଗତ ୧୫ ତାରିଖରେ ଜନ୍ମ ହୋଇଥିଲା ଏବଂ ନାମକରଣ ଉତ୍ସବରେ ବକର ଓ ତାଙ୍କ ପରିବାର ସିଙ୍ଗାପୁର ପତାକା ଉଡ଼ାଇଥିଲେ।






ଲଭ୍ ଏଡ୍ ସିଙ୍ଗାପୁର ହେଉଛି ଏକ ବେସରକାରୀ ସଙ୍ଗଠନ, ଯାହା ୨୦୨୩ରୁ ଗାଜାରେ ସକ୍ରିୟ ରହିଛି। ଏହା ପାଲେଷ୍ଟିନୀୟମାନଙ୍କୁ ଖାଦ୍ୟ, ସ୍ୱଚ୍ଛ ପାଣି, ଔଷଧ ଏବଂ ଅସ୍ଥାୟୀ ଆଶ୍ରୟ ଯୋଗାଇ ଆସୁଛି। ଏହି ସଙ୍ଗଠନର ଫୁଡ୍ କିଚେନ୍ ପ୍ରତିଦିନ ୧୦ ହଜାରରୁ ଅଧିକ ଲୋକଙ୍କୁ ଗରମ ଖାଦ୍ୟ ପରିବେଷଣ କରିଥାଏ। ଲଭ୍ ଏଡ୍ ସିଙ୍ଗାପୁରର ପ୍ରତିଷ୍ଠାତା ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ଲେଖିଛନ୍ତି, ଜଣେ ନବଜାତ କନ୍ୟାର ନାମକୁ ସିଙ୍ଗାପୁର ରଖାଯିବା ନିଶ୍ଚିତ ଭାବେ ମାନବିକ ସହାୟତା ପାଇଁ ସିଙ୍ଗାପୁରର ପ୍ରୟାସର ସର୍ବୋତ୍ତମ ସ୍ୱୀକୃତି। ସିଙ୍ଗାପୁରର ସହାୟତା ବକର ଓ ତାଙ୍କ ପରିବାରକୁ ଆଶା ପ୍ରଦାନ କରିଥିବା ସେ କହିଛନ୍ତି।

# ସାଇକୋଲୋଜି ଅନର୍ସ ପଢ଼ୁଛନ୍ତି ହର୍ଷବର୍ଦ୍ଧନ

ମୁମ୍ବାଇ

ବଲିଉଡ୍‌ରେ ଏପରି ଅନେକ କଳାକାର ଅଛନ୍ତି, ଯେଉଁମାନେ ଖୁବ୍ କମ୍ ପଢ଼ି ମଧ୍ୟ ନିଜ ଟ୍ୟାଲେଣ୍ଟ ଏବଂ ପରିଚୟ ବଳରେ ଫିଲ୍ମ ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେହିପରି କିଛି କଳାକାର ଏପରି ମଧ୍ୟ ରହିଛନ୍ତି, ଯେଉଁମାନେ ବଲିଉଡ୍‌ରେ ନିଜ ପରିଚୟ ସୃଷ୍ଟି କରିବା ପରେ ମଧ୍ୟ ପଢ଼ା ଛାଡ଼ିନାହାନ୍ତି ଏବଂ ଉଚ୍ଚଶିକ୍ଷା ଅଧ୍ୟୟନ ଜାରି ରଖିଛନ୍ତି। ଏହି ତାଲିକାରେ ୪୧ ବର୍ଷୀୟ ଅଭିନେତା ହର୍ଷବର୍ଦ୍ଧନ ରାଣେ ରହିଛନ୍ତି। ବିଭିନ୍ନ ଫିଲ୍ମର ଶୁଟିଂ କରିବା ସହ ସମ୍ପ୍ରତି ଡିଗ୍ରୀ ପାଇବା ପାଇଁ ସାଇକୋଲୋଜି ଅନର୍ସ ପଢ଼ୁଛନ୍ତି। ଏନେଇ ମଙ୍ଗଳବାର ସେ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ଏହି ପୋଷ୍ଟରେ ହର୍ଷବର୍ଦ୍ଧନ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ତାଙ୍କୁ ଶୁଟିଂ ବେଳେ ପଢ଼ୁଥିବାର ଦେଖିବାକୁ ମିଳିଛି। କ୍ୟାପ୍‌ଶନ୍‌ରେ ହର୍ଷବର୍ଦ୍ଧନ ଲେଖିଛନ୍ତି, ସାଇକୋଲୋଜି ଅନର୍ସର ଦ୍ୱିତୀୟ ବର୍ଷ। ୨୦୨୫ ଶେଷ ଭାଗରେ ପରୀକ୍ଷା ହେବ। ସେଥିପାଇଁ ପରିଶ୍ରମ କରୁଛି। ଏହି ପୋଷ୍ଟରେ କମେଣ୍ଟ କରି ଅନେକ ୟୁଜର୍ସ ହର୍ଷବର୍ଦ୍ଧନଙ୍କୁ ପ୍ରଶଂସା କରିଛନ୍ତି। ସମ୍ପ୍ରତି ହର୍ଷବର୍ଦ୍ଧନ ନିଜ ଫିଲ୍ମ 'ଏକ ଦିୱାନେ କି ଦିୱାନିୟତ'କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ମଙ୍ଗଳବାର ରିଲିଜ୍ ହୋଇଥିବା ଏହି ଫିଲ୍ମରେ ହର୍ଷବର୍ଦ୍ଧନଙ୍କ ବିପକ୍ଷରେ ଅଭିନେତ୍ରୀ ସୋନମ ବାଜୱା ନଜରକୁ ଆସିଛନ୍ତି।




ହର୍ଷବର୍ଦ୍ଧନ ରାଣେ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶ୍ୟାମ୍ ମେଟାଲିକ୍ସର 'ଭିଜନ ୨୦୩୧' ଘୋଷଣା

ଭୁବନେଶ୍ୱର,୨୧।୧୦
(ଅନୁରାଧା ମହାରଣା)

ଶ୍ୟାମ୍ ମେଟାଲିକ୍ସ ଏବଂ ଏନର୍ଜି ଲିମିଟେଡ୍ (ଏସ୍‌ଏମ୍‌ଇଏଲ୍) ପକ୍ଷରୁ 'ଭିଜନ ୨୦୩୧' ଘୋଷଣା କରାଯାଇଛି। ଭିଜନ ୨୦୩୧ ସ୍ଥାୟୀ, ମୂଲ୍ୟଚାଳିତ ଏବଂ ପୁଞ୍ଜି-ଦକ୍ଷ ଅଭିବୃଦ୍ଧି ଉପରେ ଆଧାରିତ। ଏସ୍‌ଏମ୍‌ଇଏଲ୍ ସ୍ପେଶାଲିଟି ଷ୍ଟିଲ୍, ଷ୍ଟେନ୍‌ଲେସ୍ ଷ୍ଟିଲ୍, ଫ୍ଲାଟ୍ ଉତ୍ପାଦ ଏବଂ ଆଲୁମିନିୟମ୍ ସମେତ ଡାଉନ୍‌ଷ୍ଟ୍ରିମ ଏବଂ ଉଚ୍ଚ ମୂଲ୍ୟଯୁକ୍ତ କ୍ଷେତ୍ରଗୁଡ଼ିକରେ ବିସ୍ତାରକରି ଏହାର ସମନ୍ୱିତ ବ୍ୟବସାୟ ମଡେଲକୁ ସୁଦୃଢ଼ କରିବାକୁ ଯୋଜନା କରୁଛି। ଏହି ପଦକ୍ଷେପଗୁଡ଼ିକ ପ୍ରତିରକ୍ଷା, ଇଞ୍ଜିନିୟରିଂ, ରେଳବାଇ ଏବଂ ରିଅଲ ଇଷ୍ଟେଟ୍ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏସ୍‌ଏମ୍‌ଇଏଲ୍‌ର ଉପସ୍ଥିତିକୁ ସୁଦୃଢ଼ କରିବା ପାଇଁ ଡିଜାଇନ କରାଯାଇଛି। ନିବେଶ କରାଯାଇଥିବା ପୁଞ୍ଜି ଉପରେ ରିଟର୍ନକୁ ଉନ୍ନତକରିବା ଏବଂ କାର୍ଯ୍ୟାନ୍ୱୟନ ବିପଦକୁ କମ୍ କରିବା ପାଇଁ କମ୍ପାନୀ ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ମଧ୍ୟପ୍ରଦେଶରେ ବ୍ରାଉନ୍‌ଫିଲ୍ଡ ସମ୍ପ୍ରସାରଣକୁ ବ୍ୟବହାର କରିବ। କ୍ଷମତା ବିସ୍ତାର, ଉତ୍ପାଦ ମିଶ୍ରଣ ବୃଦ୍ଧି ଏବଂ ରପ୍ତାନି ବିବିଧତା ଦ୍ୱାରା ଚାଳିତ ଏସ୍‌ଏମ୍‌ଇଏଲ୍ ୨୦୩୧ ସୁଦ୍ଧା ଟପ୍‌ଲାଇନରେ ୨.୫ ଗୁଣ ବୃଦ୍ଧି କରି ୪୦୦ ବିଲିୟନ ଟଙ୍କାରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି। କମ୍ପାନୀ ଏହାର ସାମଗ୍ରିକ କ୍ଷମତାକୁ ୧୫ ନିୟୁତ ଟନ୍‌ରୁ ୨୭ ନିୟୁତ ଟନ୍‌କୁ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି। ସମ୍ପ୍ରସାରଣ ପରେ ଏସ୍‌ଏମ୍‌ଇଏଲ୍ କାର୍ଯ୍ୟକ୍ଷମ ଲିଭରେଜ ଏବଂ ଉନ୍ନତ ଉତ୍ପାଦ ମୂଲ୍ୟ ପ୍ରାପ୍ତି ଦ୍ୱାରା ୨୦୦ରୁ ୩୦୦ ବେସିସ୍ ପଏଣ୍ଟର ଏବିଟା ମାର୍ଜିନ୍ ଉନ୍ନତି ଆଶା କରୁଛି। ଅଭିବୃଦ୍ଧି କାର୍ଯ୍ୟକ୍ରମ ୧୦ ହଜାରରୁ ଅଧିକ ନୂତନ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି, ଯାହା ମୋଟ ନିଯୁକ୍ତିକୁ ପ୍ରାୟ ୨୭,୫୦୦ କରିବ ଏବଂ ରପ୍ତାନି ରାଜସ୍ୱକୁ ୧୫୦ ନିୟୁତ ୟୁଏସ୍ ଡଲାରରୁ ୩୦୦ ନିୟୁତ ୟୁଏସ୍ ଡଲାରରେ ପରିଣତ କରିବ। ଷ୍ଟେନ୍‌ଲେସ୍ ଷ୍ଟିଲରେ, ଏସ୍‌ଏମ୍‌ଇଏଲ୍ ଟ୍ୟୁବ୍, ଉପକରଣ, ପ୍ରତିରକ୍ଷା ଏବଂ ରେଳପଥରେ ଅଧିକ ଚାହିଦା ଡାଉନ୍‌ଷ୍ଟ୍ରିମ ପ୍ରୟୋଗଗୁଡ଼ିକୁ ଲକ୍ଷ୍ୟକରି ଏହାର ବର୍ତ୍ତମାନର ଫ୍ଲାଟ୍ ଉତ୍ପାଦ କ୍ଷମତାର ୬.୫ ଗୁଣ ହାସଲ କରିବାକୁ ଯୋଜନା କରୁଛି।

# ୭.୭ ବିଲିୟନ ଡଲାର ବିକ୍ରିକଲା ଆର୍‌ବିଆଇ

## ଡଲାର ତୁଳନାରେ ମୁଦ୍ରା ମୂଲ୍ୟ ହ୍ରାସ ରୋକିବାକୁ ପଦକ୍ଷେପ

ଭୁବନେଶ୍ୱର,୨୧।୧୦

ଗତ କିଛି ମାସରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ମୂଲ୍ୟ ବହୁତ କମିଛି। ଏହା ଅନେକ ଥର ସବୁଠୁ ନିମ୍ନ ସ୍ତରରେ ପହଞ୍ଚିଛି। ଏହି ମୂଲ୍ୟ ହ୍ରାସ ଦେଶର ଅର୍ଥନୀତି ଉପରେ ଖରାପ ପ୍ରଭାବ ପକାଇଛି। ଏହାକୁ ରୋକିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଅନେକ ପଦକ୍ଷେପ ନେଇଛି।

ଆର୍‌ବିଆଇ ଅଗଷ୍ଟ ମାସରେ ୭.୭ ବିଲିୟନ ଡଲାର ବିକ୍ରି କରିଥିଲା, ଯାହା ଜୁଲାଇ ମାସ ତୁଳନାରେ ପ୍ରାୟ ୩ ଗୁଣ ଅଧିକ। ଏହା ମୁଦ୍ରାର ମୂଲ୍ୟ ହ୍ରାସ ରୋକିବା ଓ ବିନିମୟ ହାରରେ ଅସ୍ଥିରତା ନିୟନ୍ତ୍ରଣ କରିବା ପାଇଁ କରାଯାଇଥିଲା। ଆର୍‌ବିଆଇ କହିଛି, ସେମାନେ ମୁଦ୍ରା-ଡଲାର ବିନିମୟ ହାରକୁ କୌଣସି ନିର୍ଦ୍ଦିଷ୍ଟ ସ୍ତରରେ ରଖନ୍ତି ନାହିଁ। ମାତ୍ର ବିଦେଶୀ



ମୁଦ୍ରା ବଜାରରେ ଅତ୍ୟଧିକ ପରିବର୍ତ୍ତନ ହେଲେ ସେମାନେ ହସ୍ତକ୍ଷେପ କରନ୍ତି। ବ୍ୟବସାୟିକ ସମସ୍ୟା, ବିଶ୍ୱବ୍ୟାପୀ ଅନିଶ୍ଚିତତା ଓ ବିଦେଶୀ ନିବେଶର ପ୍ରବାହ କମିବା ଦ୍ୱାରା ଅଗଷ୍ଟ ଓ ସେପ୍ଟେମ୍ବରରେ ମୁଦ୍ରାର ମୂଲ୍ୟ ବହୁତ କମିଥିଲା। ଅକ୍ଟୋବର ୨୦ରେ ବିଦେଶୀ ନିବେଶକଙ୍କ କିଣାବିକା ଓ କଞ୍ଚା ତୈଳର ମୂଲ୍ୟ କମିବା ଯୋଗୁ ମୁଦ୍ରା ୯ ପଇସା ବଢ଼ି ୮୭.୯୩ରେ ବନ୍ଦ ହୋଇଥିଲା। ଭାରତୀୟ ଶେୟାର ବଜାରରେ ଭଲ ପ୍ରଦର୍ଶନ ମଧ୍ୟ ମୁଦ୍ରାକୁ ସାହାଯ୍ୟ କରିଥିଲା। ଏକ୍ସଚେଞ୍ଜ ବଜାରରେ ମୁଦ୍ରା ୮୭.୯୪ରେ ଖୋଲିଥିଲା ଓ ଦିନ ମଧ୍ୟରେ ୮୭.୭୪ ଓ ୮୭.୯୪ ମଧ୍ୟରେ ରହିଥିଲା। ଶେଷରେ ଏହା ୮୭.୯୩ରେ ବନ୍ଦ ହୋଇଥିଲା, ଯାହା ଶୁକ୍ରବାରର ୮୮.୦୨ ତୁଳନାରେ ୯ ପଇସା ଅଧିକ ଥିଲା। ଏହାସହ ଡଲାର ସୂଚକାଙ୍କ ୦.୧% ବଢ଼ି ୯୮.୫୩ରେ ପହଞ୍ଚିଥିଲା। ବିଶ୍ୱବ୍ୟାପୀ ତୈଳ ମୂଲ୍ୟ (ବ୍ରେଣ୍ଟ କ୍ରୁଡ୍) ୦.୩୬% କମି ପ୍ରତି ବ୍ୟାରେଲ ୬୧.୦୭ ଡଲାର ହୋଇଥିଲା।

# ସ୍ମାଇଲ୍ ଗୋଲ୍ଡର ୧୩ ବିଜେତା ପୁରସ୍କୃତ



ଭୁବନେଶ୍ୱର,୨୧।୧୦

ଭୁବନେଶ୍ୱରର ଅଳଙ୍କାର ପ୍ରତିଷ୍ଠାନ 'ସ୍ମାଇଲ୍ ଗୋଲ୍ଡ' ପକ୍ଷରୁ ୧୩ ଜଣ ଭାଗ୍ୟଶାଳୀ ଗ୍ରାହକଙ୍କୁ ପୁରସ୍କୃତ କରାଯାଇଛି। ନିକଟରେ ଅନୁଷ୍ଠିତ ଲକି ଡ୍ର କାର୍ଯ୍ୟକ୍ରମର ପ୍ରଥମ ବିଜେତା ଶହୀଦନଗରର ବାପୁଜୀ ନାୟକଙ୍କୁ ଏକ ଟିଭିଏସ୍ ଜୁପିଟର ସ୍କୁଟର ପ୍ରଦାନ କରାଯାଇଛି। ଏହା ସହ ଜଣଙ୍କୁ ଏଲ୍‌ଇଡି ଟିଭି, ଜଣଙ୍କୁ ରେଫ୍ରିଜେରେଟର ଏବଂ ୫ ଜଣଙ୍କୁ ମିକ୍ସର ଗ୍ରାଇଣ୍ଡର ଉପହାର ଦିଆଯାଇଥିବା ସ୍ମାଇଲ୍ ଗୋଲ୍ଡର ମାଲିକ ବାବୁରାମ୍ ସ୍ୱାଇଁ ସୂଚନା ଦେଇଛନ୍ତି।

# ଇ-କମର୍ସ ବଜାରରେ ୨୪% ଅଧିକ ଅର୍ଡର

## ୨୩% ଜିଏମଭି ବୃଦ୍ଧି

ଭୁବନେଶ୍ୱର,୨୧।୧୦
(ଅନୁରାଧା ମହାରଣା)

ଦୀପାବଳି ଅବସରରେ ଲୋକମାନେ ବହୁତ କିଣାବିକା କରିଛନ୍ତି। ଜିଏସଟି ସଂସ୍କାର ଯୋଗୁଁ ଏହି ବର୍ଷ ଅର୍ଡର ବହୁତ ବଢ଼ିବ ବୋଲି ଆକଳନ କରାଯାଉଥିଲା। ୨୦୨୫ ଦୀପାବଳି ଅବସରରେ ଭାରତର ଇ-କମର୍ସ ବଜାରରେ ଖୁବ୍ ଉତ୍ସାହ ଦେଖିବାକୁ ମିଳିଛି। ଇ-କମର୍ସ ପ୍ଲାଟଫର୍ମ ୟୁନିକମର୍ସ କହିଛି, ଏହି ସମୟରେ ଅର୍ଡର ପରିମାଣ ୨୪% ଓ ମୋଟ ବ୍ୟବସାୟ ମୂଲ୍ୟ (ଜିଏମଭି) ୨୩% ବୃଦ୍ଧି ପାଇଛି। କ୍ୱିକ କମର୍ସ ଆପଗୁଡ଼ିକ ଏଥିରେ ସବୁଠୁ ବଡ଼ ଭୂମିକା ନେଇଛି। ଏହାର ଅର୍ଡର ପରିମାଣ ଗତ ବର୍ଷ ତୁଳନାରେ ୧୨୦% ବଢ଼ିଛି। ବ୍ରାଣ୍ଡ ୱେବସାଇଟ୍ ଗୁଡ଼ିକରେ ୩୩% ବୃଦ୍ଧି ହୋଇଛି। ମାର୍କେଟପ୍ଲେସ ପ୍ଲାଟଫର୍ମଗୁଡ଼ିକ ମୁଖ୍ୟ ଚ୍ୟାନେଲ ହିସାବରେ ରହିଛି, ଯେଉଁଠାରେ ମୋଟ କିଣାବିକାର ୩୮% ହୋଇଛି ଓ ଅର୍ଡର ପରିମାଣ ୮% ବଢ଼ିଛି। ୨୦୨୪ ଓ ୨୦୨୫ରେ ୨୫ ଦିନିଆ ପାର୍ବଣ ସମୟରେ ୟୁନିକମର୍ସର ମୁଖ୍ୟ ପ୍ଲାଟଫର୍ମ ୟୁନିୱେୟାର (ୟୁନିୱେୟାର) ମାଧ୍ୟମରେ ୧୫ କୋଟିରୁ ଅଧିକ ଲେଣଦେଣ ହୋଇଛି। ନିତ୍ୟବ୍ୟବହାର୍ଯ୍ୟ ଜିନିଷ (ଏଫଏମସିଜି), ଘର ସଜାଇବା ଓ ଆସବାବପତ୍ର, ସୌନ୍ଦର୍ଯ୍ୟ ଓ ଯତ୍ନ ଜିନିଷ, ଏବଂ ସ୍ୱାସ୍ଥ୍ୟ ଓ ଔଷଧୀୟ ଜିନିଷ ସବୁଠୁ ଅଧିକ ବିକ୍ରି ହୋଇଛି। ମୋଟ ଅର୍ଡରରେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ସହରଗୁଡ଼ିକର ଅଂଶ ୫୫% ରହିଛି। ୟୁନିକମର୍ସ କହିଛି, ୨୦୨୫ ଦୀପାବଳି ତ୍ୟୋହାର ଭାରତୀୟ ଇ-କମର୍ସ କ୍ଷେତ୍ର ପାଇଁ ବେଶ ସଫଳ ରହିଲା।

# ସିଫି ଇନ୍‌ଫିନିଟି ସ୍ପେସେସ୍‌ର ୩୭୦୦ କୋଟିର ଆଇପିଓ ପାଇଁ ଆବେଦନ

ଭୁବନେଶ୍ୱର,୨୧।୧୦

ଭାରତର ପ୍ରଥମ ଡାଟା ସେଣ୍ଟର ସିଫି ଇନ୍‌ଫିନିଟି ସ୍ପେସେସ୍ ସେବିରେ ଡିଆର୍‌ଏଚ୍‌ପି ଦାଖଲ କରିଛି। କମ୍ପାନୀ ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଜରିଆରେ ୩୭୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛି। ଏହି ଇସ୍ୟୁରେ କମ୍ପାନୀ ୨୫୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ଶେୟାର ଜାରି କରିବ ଓ ଏହାର ଅଂଶଧନକାରୀ ୧୨୦୦ କୋଟି ଟଙ୍କାର ଶେୟାରକୁ ଅଫର ଫର୍ ସେଲ୍‌ରେ ବିକ୍ରି କରିବେ। ଅଫର ଫର୍ ସେଲ୍‌ରେ କୋଟକ ଡାଟା ସେଣ୍ଟର ଫଣ୍ଡ ୬୪୩ କୋଟି ଟଙ୍କା ଓ କୋଟକ ସ୍ପେଶିଆଲ ସିଚୁଏସନ୍ସ ଫଣ୍ଡ ୫୫୭ କୋଟି ଟଙ୍କାର ଇକ୍ୱିଟି ଶେୟାର ବିକ୍ରି କରିବେ। ବୁକ୍ ରନିଂ ଲିଡ୍ ମ୍ୟାନେଜରଙ୍କ ସହ ଆଲୋଚନାକରି ସିଫି ଇନ୍‌ଫିନିଟି ସ୍ପେସେସ୍ ପକ୍ଷରୁ ୫୦୦ କୋଟି ଟଙ୍କାର ପ୍ରାକ୍-ଆଇପିଓ ପ୍ଲେସ୍‌ମେଣ୍ଟ କରାଯିବ।

## ରାଜ୍ୟ ଖବର

# ୩୬୭ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ଯୋଜନା, ୨୪ ଘଣ୍ଟିଆ ନିରୀକ୍ଷଣ

## ପାର୍ବଣ ଭିଡ଼ ଏଡ଼ାଇବାକୁ ପୂର୍ବତଟ ରେଳପଥର ପ୍ରସ୍ତୁତି

ଭୁବନେଶ୍ୱର,୨୧।୧୦
(ଅନୁରାଧା ମହାରଣା)

ଦଶହରା ଓ ଦୀପାବଳି ଆଦି ପର୍ବରେ ରେଳଯାତ୍ରୀଙ୍କ ସଂଖ୍ୟା ବଢ଼ିଯାଉଥିବାବେଳେ ପୂର୍ବତଟ ରେଳପଥ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜର ପରମେଶ୍ୱର ଫୁଙ୍କୱାଲ ଯାତ୍ରୀଙ୍କ ସୁବିଧା, ସୁରକ୍ଷା ଓ ସହଜ ଯାତ୍ରା ପାଇଁ କରାଯାଇଥିବା ବ୍ୟବସ୍ଥାକୁ ପର୍ଯ୍ୟବେକ୍ଷଣ କରିଛନ୍ତି। ଭୁବନେଶ୍ୱରରେ ମୁଖ୍ୟାଳୟର ୨୪ଘଣ୍ଟିଆ ୱାର୍ ରୁମ୍‌ରୁ ଏହି ନିରୀକ୍ଷଣ ଚାଲୁଛି। ପୂରା ଦେଶରେ ଭାରତୀୟ ରେଳପଥ ୧୨ହଜାରରୁ ଅଧିକ ସ୍ୱତନ୍ତ୍ର ଟ୍ରେନ ଚଳାଉଥିବାବେଳେ ସେଥିମଧ୍ୟରୁ ପୂର୍ବତଟ ରେଳପଥ ଅଧୀନରେ ୩୬୭ଟି ସ୍ୱତନ୍ତ୍ର ଟ୍ରେନ ରହିଛି। ଅକ୍ଟୋବର ପହିଲାରୁ ବର୍ତ୍ତମାନ ସୁଦ୍ଧା ୭୬ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିଥିବାବେଳେ ୭୦ହଜାରରୁ ଅଧିକ ଯାତ୍ରୀ ଯାତ୍ରା କରିଛନ୍ତି। ବୁକିଂ ଓ ଚାହିଦାକୁ ଦୃଷ୍ଟିରେ ରଖି ଆହୁରି ଅତିରିକ୍ତ ଟ୍ରେନ ପରିଚାଳନା କରାଯିବ। ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ ରେଳପଥ ସୁରକ୍ଷା ବଳ (ଆର୍‌ପିଏଫ୍) ଏବଂ ଗଭର୍ନମେଣ୍ଟ ରେଲୱେ ପୋଲିସ (ଜିଆର୍‌ପି)ର କର୍ମଚାରୀମାନଙ୍କୁ ସମସ୍ତ ପ୍ରମୁଖ ଷ୍ଟେଶନରେ ନିୟୋଜିତ କରାଯାଇଛି। ପ୍ରବେଶ ଓ ପ୍ରସ୍ଥାନ ପାଇଁ ଅଲଗା ପଥ ନିର୍ଦ୍ଧାରଣ କରାଯାଇଛି। ଟ୍ରେନ୍‌ଗୁଡ଼ିକରେ ଦହନଶୀଳ ସାମଗ୍ରୀ, ମଦ୍ୟ ଓ ଅନ୍ୟ ନିଷିଦ୍ଧ ଜିନିଷ ନେବାକୁ ରୋକିବା ପାଇଁ ଆର୍‌ପିଏଫ୍, ଜିଆର୍‌ପି, ଡଗ୍ ସ୍କ୍ୱାଡ୍ ଏବଂ ସ୍ୱେଚ୍ଛାସେବୀ ଦଳ ଦ୍ୱାରା କଡ଼ା ନିରୀକ୍ଷଣ କରାଯାଉଛି। ଖୋର୍ଦ୍ଧାରୋଡ୍, ୱାଲଟିୟର୍ ଓ ସମ୍ବଲପୁର ଡିଭିଜନରେ ୯୦୦ରୁ ଅଧିକ ସିସିଟିଭି କ୍ୟାମେରା ଲଗାଯାଇ ୨୪ଘଣ୍ଟା ନିରୀକ୍ଷଣ ସିଷ୍ଟମ ଚାଲୁ ରହିଛି। କଣ୍ଟ୍ରୋଲ ରୁମ୍‌ରୁ ରିଅଲଟାଇମ୍ ମନିଟରିଂ କରାଯାଉଥାଏ, ଯାହା ଆବଶ୍ୟକ ପ୍ରତ୍ୟେକ ସମୟରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସାହାଯ୍ୟ କରୁଛି। ଏହି ଫେଷ୍ଟିଭ୍ ସିଜନରେ ସୁରକ୍ଷିତ ଓ ସହଜ ଯାତ୍ରା ନିଶ୍ଚିତ କରିବା ପାଇଁ ପୂର୍ବତଟ ଅଞ୍ଚଳରେ ୫୦ ହଜାରରୁ ଅଧିକ ରେଳ କର୍ମଚାରୀ ନିୟୋଜିତ ଅଛନ୍ତି।

# ଟ୍ରେନ୍‌ରେ କଟି ଯୁବକ ମୃତ

ବାଲେଶ୍ୱର, ୨୧।୧୦(ବାଞ୍ଛାନିଧି ଦେ)

ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ୍ ବାଲେଶ୍ୱର ରେଳଷ୍ଟେଶନ ନିକଟ ନୁଣିଆଯୋଡ଼ି ପୋଲ ନିକଟରେ ଟ୍ରେନ୍‌ରେ କଟି ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଧୀନ ଅର୍ଗଲ ଗ୍ରାମର ରମେଶ ଚନ୍ଦ୍ର ଖଣ୍ଡୁଆଳ। ଏ ସମ୍ପର୍କରେ ବାଲେଶ୍ୱର ଜିଆର୍‌ପି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୭୯/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ଯୁବକ ଜଣକ ରେଳଧାରଣା ପାର୍ ହେଉଥିବା ବେଳେ ଅପ୍ ଲାଇନ୍‌ରେ ଆସୁଥିବା ଏକ ମାଲବାହୀ ଟ୍ରେନ୍ ଧକ୍କା ଦେଇଥିଲା। ଜିଆର୍‌ପି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

# ନିୟନ୍ତ୍ରଣ ବାହାରେ ନିଗମ

## ସରକାରଙ୍କୁ ମିଳିନି ୩୫୯୪ କୋଟିର ଲାଭାଂଶ

ଭୁବନେଶ୍ୱର,୨୧।୧୦
(ରବିନାରାୟଣ ଜେନା)

ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ଭିତ୍ତିଭୂମି ସୁଦୃଢ଼ ଲାଗି ରାଜ୍ୟ ସରକାର ବିଭିନ୍ନ ନିଗମ ପାଇଁ ବଜେଟରେ ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା କରୁଛନ୍ତି। ଏହି ଅର୍ଥକୁ ନେଇ କେତେକ ନିଗମ ଲାଭବାନ୍ ହେଉଥିବାବେଳେ ଆଉ କେତେକ ନିୟନ୍ତ୍ରଣ ହରାଇ ବୁଡ଼ିବାକୁ ବସିଲେଣି। ତେବେ ଯେଉଁ କେତେକ ନିଗମ ଲାଭବାନ୍ ହେଉଛନ୍ତି ସେମାନେ ସରକାରୀ ନିୟମର ଅନୁପାଳନ କରୁନାହାନ୍ତି। ସରକାରୀ ନିୟମ ଅନୁଯାୟୀ, ନିଗମଗୁଡ଼ିକ ଲାଭାଂଶ ଦେବାକୁ ରହିଥିଲେ ହେଁ ସେମାନେ ସମୟ ଭିତରେ ଦେଉନାହାନ୍ତି। ତେବେ ଏହି ପରିମାଣ କୋଟିଏ କି ଦୁଇକୋଟି ନୁହେଁ, ପ୍ରାୟ ୩ ହଜାର ୫୯୪ କୋଟି ଟଙ୍କାର ଲାଭାଂଶ ବିଭିନ୍ନ ନିଗମ ଉପରେ ବର୍ଷ ବର୍ଷ ଧରି ଗଡୁଛି। ଫଳରେ ସରକାରଙ୍କୁ ପ୍ରଭୂତ କ୍ଷତି ସହିବାକୁ ପଡୁଛି ବୋଲି ନିକଟରେ ଆକାଉଣ୍ଟାଣ୍ଟ ଜେନେରାଲ(ଏଜି)ଙ୍କ ପକ୍ଷରୁ ଅର୍ଥ ବିଭାଗକୁ ପ୍ରଦାନ କରାଯାଇଥିବା ଏକ ତଥ୍ୟରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ୨୦୧୭-୧୮ରୁ ୨୦୨୪-୨୫ ମଧ୍ୟରେ ରାଜ୍ୟର ୨୩ଟି ନିଗମ ସରକାରଙ୍କୁ ୩୫୯୩.୫୨ କୋଟି ଟଙ୍କାର ଲାଭାଂଶ ପ୍ରଦାନ କରିନାହାନ୍ତି। ଲାଭାଂଶ ପ୍ରଦାନ କରି ନ ଥିବା ନିଗମଗୁଡ଼ିକ ମଧ୍ୟରେ ସର୍ବାଧିକ ଭାବେ ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିଃ(ଓପିଟିସିଏଲ) ରହିଛି। ଏହି ସଂସ୍ଥା ୧୬୧୭ କୋଟି ଟଙ୍କା ଲାଭାଂଶ ପଇଠ କରି ନ ଥିବା ବେଳେ ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ(ଓପିଜିସି) ୫୧୭ କୋଟି ଟଙ୍କା ପଇଠ କରିନାହିଁ।

ସେହିଭଳି ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ(ଓଏଚ୍‌ପିସି) ୩୧୫ କୋଟି ଟଙ୍କାର ଲାଭାଂଶ ଦେଇ ନ ଥିବାବେଳେ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ୩୨୦ କୋଟି, ଓସିପିଏଲ୍ ୨୪୨ କୋଟି, ଓଏସ୍‌ଏଫ୍‌ସି ୨୦୬ କୋଟି, ଇପିକଲ ୧୫୫ କୋଟି ଏବଂ ଓଏଲ୍‌ଆଇସି ୬୭ କୋଟି ଲାଭାଂଶ ଟଙ୍କା ସରକାରଙ୍କୁ ପଇଠ କରିନାହାନ୍ତି। ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଫେବୃଆରୀ ୨୦୧୬ରେ ଜାରି କରିଥିବା ନିର୍ଦ୍ଦେଶନାମା ଅନୁସାରେ, ନିଗମଗୁଡ଼ିକ କରୁଥିବା ବାର୍ଷିକ ଲାଭ କିମ୍ବା ସରକାରଙ୍କ ଅଂଶଧନ ଉପରେ ୩୦% ହିସାବରେ ଉଭୟର ଲାଭାଂଶ ପରିମାଣ ନିର୍ଣ୍ଣୟକରି ଯେଉଁଟା ଅଧିକ, ତାହାକୁ ଲାଭାଂଶ ଆକାରରେ ସରକାରଙ୍କୁ ପଇଠ କରିବେ। କିନ୍ତୁ ନିଗମ ପାଇଁ ଗଠିତ ପରିଚାଳନା ମଣ୍ଡଳୀ ଉପରେ ସରକାରଙ୍କ ନିୟନ୍ତ୍ରଣ ଅଭାବରୁ ଏଭଳି ସ୍ଥିତି ସୃଷ୍ଟି ହେଉଥିବା ଜଣାଯାଇଛି।

ଏ ନେଇ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି, ସିଏଜିଙ୍କ ଅଭିଯୋଗ ରାଜ୍ୟ ବିକାଶ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ। କାରଣ ରାଜ୍ୟର ୪୦ଟି ନିଗମ ବିଭିନ୍ନ କ୍ଷେତ୍ରରେ ମାନବ ସମ୍ବଳକୁ ଦକ୍ଷ ଓ ଯୋଗ୍ୟ ସମ୍ପନ୍ନ କରିବା ପାଇଁ ଗଠନ ହୋଇଛି। ଜନସ୍ୱାର୍ଥକୁ ଅଣଦେଖା କରି ସ୍ୱଜନପୋଷଣ ନୀତିରେ ନିଗମକୁ ପରିଚାଳନା କରାଯାଉଛି। ଏ ଦିଗରେ ରାଜ୍ୟ ସରକାର ବଳିଷ୍ଠ ପଦକ୍ଷେପ ଗ୍ରହଣ କରିବାକୁ ମହାପାତ୍ର ଦାବି କରିଛନ୍ତି।

# 'ଅନ୍ତ୍ୟୋଦୟ ଗୃହ ଯୋଜନା' ଯୋଗୁ ସବୁ ଲୋକ ବିଳାସପୂର୍ଣ୍ଣ ଜୀବନଯାପନ କରିବେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧।୧୦(ସୁନିତ୍ ମିଶ୍ର)

ଭାଜପା ସରକାରରେ ଲୋକଙ୍କ ଉନ୍ନତି ଓ ବିକାଶକୁ ପ୍ରାଥମିକତା ଦେଇ 'ଅନ୍ତ୍ୟୋଦୟ ଗୃହ ଯୋଜନା' ମାଧ୍ୟମରେ ଆର୍ଥିକ ଅନଗ୍ରସର ତଥା ନିମ୍ନ ଆୟବର୍ଗମାନଙ୍କ ପାଇଁ ସୁରକ୍ଷିତ ଏବଂ ସ୍ଥାୟୀ ଆଶ୍ରୟସ୍ଥଳ ସୁନିଶ୍ଚିତ ହେଉଛି। ଏହାଦ୍ୱାରା ପ୍ରତ୍ୟେକ ନାଗରିକ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିବେ ବୋଲି ଦୃଢ଼ ଆଶା ଓ ବିଶ୍ୱାସ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ 'ଏକ୍ସ'ରେ ସୂଚନା ଦେଇ କହିଛନ୍ତି, ଗ୍ରାମାଞ୍ଚଳରେ ସୁଶାସନକୁ ଆହୁରି ଦକ୍ଷ ଓ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ରବିବାର ରାଜ୍ୟରେ ୪୭୧ଟି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭୂମିପୂଜନ ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ କିସ୍ତି ବଣ୍ଟନ କରିଥିଲେ। ନୂଆପଡ଼ା ଓ କଳାହାଣ୍ଡି ଜିଲା ବ୍ୟତୀତ ରାଜ୍ୟର ୨୮ ଜିଲାରେ ୪୭୧ଟି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହ ୪୮,୬୯୩ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ବାବଦରେ ୪୦ ହଜାର ଟଙ୍କା ଲେଖାଏ ସହାୟତା ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଗରିବ ଲୋକଙ୍କ ବାସଗୃହ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୩୦ରେ ତାଙ୍କ ସରକାର ରାଜ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ୨୦୨୪-୨୫ରୁ ୨୦୨୭-୨୮ ଆର୍ଥିକ ବର୍ଷ ମଧ୍ୟରେ ୭,୫୫୦ କୋଟି ଟଙ୍କା ବ୍ୟୟ ବରାଦ ରଖାଯାଇଛି। ଏଥିରେ ୫ଲକ୍ଷ ଘର ନିର୍ମାଣ କରାଯିବ। ସମୁଦାୟ ୧୯୪ କୋଟି ୭୭ ଲକ୍ଷ ୨୦ ହଜାର ଟଙ୍କା ବଣ୍ଟାଯାଇଛି। ହିତାଧିକାରୀଙ୍କୁ ୨ୟ କିସ୍ତିରେ ୬୫ ହଜାର ଏବଂ ୩ୟ କିସ୍ତିରେ ୧୫ ହଜାର ଟଙ୍କା ଏହିପରି ସମୁଦାୟ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବ ବୋଲି ସେ କହିଛନ୍ତି। ଯେଉଁ ହିତାଧିକାରୀ ୪ ମାସରେ ଘର ଶେଷ କରିବେ ସେମାନଙ୍କୁ ୨୦ ହଜାର ଟଙ୍କା ଏବଂ ଯେଉଁମାନେ ୬ ମାସରେ ସାରିବେ ସେମାନଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦିଆଯିବ। ଏହାଦ୍ୱାରା ଗରିବ ଓ ଅସହାୟ ହେଲେ ମଧ୍ୟ ପ୍ରତ୍ୟେକ ନାଗରିକ ଏକ ସର୍ବନିମ୍ନ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିପାରିବେ।


# Classified Everyday
0674-2580101, 9692975378


MATRIMONIAL

BRIDE WANTED

No ମଧ୍ୟସ୍ଥି, ବ୍ରାହ୍ମଣ, ମୀନ ୧୯୮୦, ବ୍ୟବସାୟ, ମକର ୧୯୮୪ ସରକାରୀ ଚାକିରି ପୁଅ ପାଇଁ except SCST, Fresher, Divorcee, Overage, ଝିଅ ଦରକାର। 8249994574, 9938404293 D-2329

ସରକାରୀ ଚାକିରି କରୁଥିବା ପୁଅ (M.Phil., Age:30, Height:6ft) ପାଇଁ ଉଚ୍ଚ ଶିକ୍ଷିତା ଝିଅ ଆବଶ୍ୟକ। ଜାତି:ବଣିଆ। ଯୋଗାଯୋଗ: 9348544047. D-2337


REAL ESTATE

Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492. D-2018




Full body massage by odia therapist in homely atmosphere. 9078618337. D-1336

Newly open Jyoti spa positively health benefits (Expert therapist). 8458067955. D-76942

The massage felt totally professional! & comfortable at all times- 7978109255. D-76500

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2310

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

I Himansu Ranjan Jena, S/o.- Ramesh Chandra Jena, resident of At/P.O.- Viruda, P.S.- Tigiria, Dist.- Cuttack, PIN- 754030 declare by this affidavit No.40, dated- 19.10.2025 that now onwards I shall be known as **Himanshu Ranjan Jena** for all future purpose. D-1332

By virtue of an affidavit sworn before Executive Magistrate, Darpan, Dhanmandal, dated 08/09/2025, I, Arjun Dalei, Vill.- Barapada, P.O.- Saudia, P.S.- Balichandrapur, Dist.- Jajpur, PIN- 754023, declare that I have changed my daughter's name from Arnapurna Dalai to Sabitri Dalai. Henceforth, she shall be known as Sabitri Dalai for all purposes.
Arjun Dalei
D-1334

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue an affidavit sworn before Executive Magistrate, Angul, dated- 18.10.2025, I, Rohita Kumar Behera, S/o.- Late Birabar Behera, Village- Raghunathpur, P.O.- Kankalu, P.S.- Kantabania, Dist.- Dhenkanal, Odisha, PIN- 759121, declare that I have changed my name from Rohit Kumar Behera to Rohita Kumar Behera. Henceforth, I shall be known as ROHITA KUMAR BEHERA for all purposes.
Rohita Kumar Behera
D-1335

By virtue of an affidavit sworn before Executive Magistrate, Puri, dated- 16.10.2025, I, Digambara Pradhan, At/P.O.- Kapileswarpur, P.S.- Puri Sadar, Dist.- Puri, Odisha, PIN- 752013 declare that I have changed my name from Digambar Pradhan to Digambara Pradhan. Henceforth, I shall be known as Digambara Pradhan for all purposes.
Digambara Pradhan
D-1333




ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

**ବିଶିଷ୍ଟ ବ୍ୟବସାୟୀଙ୍କ ପରଲୋକ**

**ଜୁନାଗଡ଼ (ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ ସହରର ବିଶିଷ୍ଟ ବ୍ୟବସାୟୀ ନବୀନ ସାହୁ(୫୫)ଙ୍କ ହୃଦ୍‌ଘାତରେ ମଙ୍ଗଳବାର ଭୋର ସମୟରେ ପରଲୋକ ହୋଇଛି। ସେ ଜଣେ ପରୋପକାରୀ ବ୍ୟକ୍ତି ହିସାବରେ ପରିଚିତ ଥିଲେ। ତାଙ୍କ ପରଲୋକ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ, ଏକମାତ୍ର ପୁଅ ଓ ଝିଅ ଉପସ୍ଥିତ ଥିଲେ। ଅପରାହ୍ନରେ ଜୁନାଗଡ଼ ହାତୀନଦୀ ନିକଟ ଶ୍ମଶାନରେ ସହରର ବହୁ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ କୁନାଲ ସାହୁ ମୁଖାଗ୍ନି ଦେଇଥିଲେ।

# ପର୍ଯ୍ୟଟକ ଅପେକ୍ଷାରେ କଳାହାଣ୍ଡିର ପର୍ଯ୍ୟଟନ କ୍ଷେତ୍ର

- ଆସୁଛି ପର୍ଯ୍ୟଟନ ଋତୁ
- ୨୦୨୪ରେ ଫୁର୍ଲିଝରନ ଆସିଥିଲେ ୬୨,୩୯୦ ପର୍ଯ୍ୟଟକ

ଭବାନୀପାଟଣା,୨୧।୧୦(ଉତ୍ତମ କୁମାର ଦାଶ)



ଫୁର୍ଲିଝରଣ ଜଳପ୍ରପାତ।

ପାର୍ବଣ ଋତୁ ଶେଷ ପରେ ଆରମ୍ଭ ହେବାକୁ ଯାଉଛି ପର୍ଯ୍ୟଟନ ଋତୁ। ଅକ୍ଟୋବର ଶେଷ ସପ୍ତାହରୁ ଫେବୃଆରୀ ଯାଏ ପର୍ଯ୍ୟଟନ କ୍ଷେତ୍ରରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିବ। କଳାହାଣ୍ଡି ଜିଲାରେ ରହିଛି ଅନେକ ଜଳପ୍ରପାତ, ଐତିହାସିକ ପାହାଡ, ଝରଣା, ମନ୍ଦିର ଓ ପ୍ରତ୍ନତାତ୍ତ୍ୱିକ ସ୍ଥାନ। ଜିଲା ପ୍ରଶାସନ, ବନ ବିଭାଗ ଓ ଜିଲା ପର୍ଯ୍ୟଟନ ବିଭାଗ ପ୍ରୟାସରେ ଫୁର୍ଲିଝରନ, ରାବଣଦୋର, ଡୋକରୀଚଞ୍ଚରା ଜଳପ୍ରପାତକୁ ବିକଶିତ କରାଯିବାକୁ ପ୍ରୟାସ କରାଯାଉଛି। ପ୍ରତିବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ଆସୁଛି। ୨୦୨୪ରେ ଫୁର୍ଲିଝରନକୁ ୬୨,୩୯୦ ପର୍ଯ୍ୟଟକ ଆସିଥିଲେ। ଜିଲାରେ ଗଭୀର ସମୁଦ୍ରର ଭ୍ରମ ସୃଷ୍ଟି କରୁଥିବା ଇନ୍ଦ୍ରାବତୀ ଜଳଭଣ୍ଡାର, ଏହାର ଉତ୍ପତି ସ୍ଥଳଠାରୁ ଆରମ୍ଭ କରି କର୍ଲାପାଟ ଅଭୟାରଣ୍ୟ ଓ ସଂଖ୍ୟାଧିକ ଜଳପ୍ରପାତ, ଉତ୍ତରାଖଣ୍ଡର ଅନୁଭୂତି ଦେଉଥିବା ହେଲୋ ପଏଣ୍ଟ ମିଶି ଏକ ପୂର୍ଣ୍ଣାଙ୍ଗ ପର୍ଯ୍ୟଟନ କ୍ଷେତ୍ରକୁ ବୁଝାଉଛି। ମାତ୍ର କଳାହାଣ୍ଡିର ଏସବୁ ସ୍ଥାନକୁ ନେଇ ପର୍ଯ୍ୟଟନର ବିକାଶ ଦିଗରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଆନ୍ତରିକତା ଦେଖାଉ ନାହିଁ। ଜନପ୍ରତିନିଧି, ଜିଲା ପ୍ରଶାସନର ମଧ୍ୟ ତତ୍ପରତା ପ୍ରକାଶ ପାଉନାହିଁ। କଳାହାଣ୍ଡିର କର୍ଲାପାଟ ଅଭୟାରଣ୍ୟ, ଫୁର୍ଲିଝରଣ, ରାବଣଧର ଜଳପ୍ରପାତ ବାବଦରେ ଅଧିକାଂଶ ଲୋକେ ଜାଣିଥିବେ। ଏହାକୁ ବାଦ ଦେଲେ ଥୁଆମୂଳ ରାମପୁର ବ୍ଲକ ବଲଙ୍ଗୀଠାରେ ପ୍ରକୃତିର ଆଉ ଏକ ଦାନ ସିନ୍ଦେରଝର ଜଳପ୍ରପାତ ରହିଛି। ୧୯୯୩-୯୪ରେ ପ୍ରଥମ କରି ବଡଛତରଙ୍ଗ ଗାଁଠାରୁ କିଛି ଦୂରରେ ଥିବା ଏହି ଜଳପ୍ରପାତ ଲୋକଲୋଚନକୁ ଆସିଥିଲା। ଥୁଆମୂଳ ରାମପୁରରୁ ପ୍ରାୟ୧୩ କିଲୋମିଟର ଦୂରରେ ଥିବା ଏହି ଜଳପ୍ରପାତ ପ୍ରକୃତିପ୍ରେମୀଙ୍କୁ ବେଶ ଆକର୍ଷିତ କରୁଛି। ମାତ୍ର ପର୍ଯ୍ୟଟକଙ୍କ ପାଇଁ ବଣଭୋଜି କିମ୍ବା ଅନ୍ୟ କୌଣସି ସୁବିଧା ନ ଥିବାରୁ ଲୋକେ ନିରାଶ ହୋଇ ଫେରିଯାଇଥାନ୍ତି। ସେହିପରି ଫୁରଲିଝରଣ ରାସ୍ତାର ଅଟାଙ୍ଗଗୁଡା ଛକଠାରୁ ୧୬ କି.ମି. ଗଲେ ପଡେ ଯୁଗସାଇପାଟଣା। ଏଠାରେ ଥିବା ଜଗନ୍ନାଥ ମନ୍ଦିର ସୁଭଦ୍ରା କ୍ଷେତ୍ର ନାମରେ ପରିଚିତ। ନଦୀ ଜଙ୍ଗଲ ପରିବେଷ୍ଟିତ ଏହି ସ୍ଥାନଟି ଖୁବ ମନୋରମ। ପୁଣି ଫୁରଲିଝରଣରୁ ୫ କି.ମି. ଆଗକୁ ଗଲେ ପ୍ରାକୃତିକ ପରିବେଶରେ ଏକ ପୁରୁଣା କାଠ ବଙ୍ଗଳା, ଝରଣା ଓ ବିଭିନ୍ନ ଔଷଧୀୟ ବୃକ୍ଷରାଜିର ଉଦ୍ୟାନ ଥିବା ଜାକମ ରହିଛି। ଥୁଆମୂଳ ରାମପୁର ରାସ୍ତାର ତେତେଲପଦର ଛକରୁ ୩ କି.ମି. ଦୂରରେ ଝରଣା ସାଙ୍ଗକୁ ଅନେକ ଗୁମ୍ଫା ଦୃଶ୍ୟମାନ ହୁଏ। ଥୁଆମୂଳ ଗାଁରୁ ୪ କି.ମି. ଦୂରରେ ମର୍ଡିଗୁ ଇନ୍ଦ୍ରାବତୀ ନଦୀର ଉତ୍ପତ୍ତିସ୍ଥଳ ରହିଛି। ଏଠାରେ ଏକ ଆମ୍ବଗଛ ମୂଳରୁ ତିନିଧାର ହୋଇ ଇନ୍ଦ୍ରାବତୀ ନଦୀ ବାହାରିଛି। ସେହିପରି ଜୁନାଗଡ଼ଠାରୁ ପ୍ରାୟ ୨୦ କି.ମି. ଦୂରରେ ଗୋବରଗୋଲା ଜଳପ୍ରପାତ ଦେଖିବାକୁ ମିଳେ। ଜୁନାଗଡ଼ କଲମପୁର ରାସ୍ତାରେ ପୋଇଗୁଡା ଓ ଟିକରାପଡା ପାଖରେ ସାପଗଣ୍ଡା ଅବସ୍ଥିତ। ଏହା ଶିବ ଓ ଚଣ୍ଡୀ ମନ୍ଦିର ପାଇଁ ପ୍ରସିଦ୍ଧ। ନିକଟରେ ଥିବା ଝରଣାର ପଥର ଗାତରେ ପଶିବା ପାଇଁ ବହୁତ ଭିଡ଼ ହୁଏ। ଜିଲାର ଜୁନାଗଡ଼, ଧର୍ମଗଡ଼, କଲମପୁର, ରାମପୁର ଆଦି ଅଞ୍ଚଳରେ ଏଭଳି ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ସ୍ଥାନ ପର୍ଯ୍ୟଟକଙ୍କୁ ଆକର୍ଷିତ କରଥାଏ। ଛୋଟବଡ ମିଶାଇ ଜିଲାରେ ୩୦ରୁ ଊର୍ଦ୍ଧ୍ୱ ଜଳପ୍ରପାତ ରହିଛି। ଅଧିକାଂଶ ଐତିହ୍ୟସମ୍ପନ୍ନ, ଯାହା ଜିଲାର ଗୁରୁତ୍ୱକୁ ବୃଦ୍ଧି କରିଆସିଛି। ଏହିସବୁ ସ୍ଥାନର ଉନ୍ନତୀକରଣ କରାଗଲେ ଜିଲାରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବା ସହ ସ୍ଥାନୀୟ ଲୋକଙ୍କ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ନିର୍ବାଚନ ପ୍ରସ୍ତୁତି ବୈଠକରେ ଯୋଗଦେଲେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ




ନିର୍ବାଚନ ପ୍ରସ୍ତୁତି ଉପରେ ଆଲୋଚନା କରାଯାଉଛି।

ନୂଆପଡ଼ା,୨୧।୧୦ (ମକାରୁ ବେମାଲ)


ଆସନ୍ତା ନଭେମ୍ବର ୧୧ରେ ନୂଆପଡ଼ା ବିଧାନସଭା ଉପନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ପ୍ରକ୍ରିୟା ତଦାରଖ କରିବା ପାଇଁ ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ୩ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନୂଆପଡ଼ାରେ ପହଞ୍ଚିଛନ୍ତି। ସେମାନେ ହେଲେ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପ୍ରକାଶ ବିନ୍ଦୁ, ଖର୍ଚ୍ଚ ପର୍ଯ୍ୟବେକ୍ଷକ ହିସାବରେ ଅତୁଲ ପାଣ୍ଡେ ଓ ପୋଲିସ ପର୍ଯ୍ୟବେକ୍ଷକ ବି. ଶଙ୍କର ଜୟସ୍ୱାଲ। ଜିଲାପାଳ ମଧୁସୂଦନ ଦାଶ ଏମାନଙ୍କୁ ସ୍ୱାଗତକରି ଆବଶ୍ୟକ ସୂଚନା ପ୍ରଦାନ କରିଥିଲେ। ସାଧାରଣ ପର୍ଯ୍ୟବେକ୍ଷକ ବିନ୍ଦୁ ଉପଜିଲାପାଳ ତଥା ଆର୍‌ଓ କାର୍ଯ୍ୟାଳୟକୁ ଯାଇ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ତଦାରଖ କରିଥିଲେ। ଖର୍ଚ୍ଚ ପର୍ଯ୍ୟବେକ୍ଷକ ପାଣ୍ଡେ ଜିଲାପାଳଙ୍କ ସହ ବିଭିନ୍ନ କମିଟି କାର୍ଯ୍ୟ ତଦାରଖ କରିଥିଲେ। ସେହିପରି ପୋଲିସ ପର୍ଯ୍ୟବେକ୍ଷକ ଜୟସ୍ୱାଲ ଆଇନଶୃଙ୍ଖଳା ପରିସ୍ଥିତିର ତର୍ଜମା କରିଥିଲେ। ସନ୍ଧ୍ୟାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ୩ ପର୍ଯ୍ୟବେକ୍ଷକ ମିଳିତ ଭାବରେ ଏକ ସମୀକ୍ଷା ବୈଠକରେ ଯୋଗଦାନ କରିଥିଲେ। ଏଠାରେ ଜିଲାପାଳ ଦାଶ ନିର୍ବାଚନ ପ୍ରସ୍ତୁତି ଓ ଏସ୍‌ପି ଅମ୍ରିତ ପାଲ ସିଂ ଆଇନଶୃଙ୍ଖଳା ସ୍ଥିତି ଉପସ୍ଥାପନା କରିଥିଲେ। ପର୍ଯ୍ୟବେକ୍ଷକମାନେ ସମସ୍ତ ବିଷୟ ସମୀକ୍ଷାକରି ଅଧିକାରୀମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ଭାରତ ନିର୍ବାଚନ ଆୟୋଗ ପର୍ଯ୍ୟବେକ୍ଷକମାନଙ୍କୁ ସମସ୍ତ ପ୍ରକ୍ରିୟା ତଦାରଖକରି ସ୍ୱଚ୍ଛ, ନିରପେକ୍ଷ ଓ ପାରଦର୍ଶୀ ଭାବରେ ନିର୍ବାଚନ ପରିଚାଳନା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ଗଳିତ ମୃତଦେହ ଜବତ

**ଭବାନୀପାଟଣା,୨୧।୧୦(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲାରେ ସୋମବାର ଦୀପାବଳି ପାଇଁ ଚାରିଆଡ଼େ ଉତ୍ସବମୁଖର ଥିବାବେଳେ ଜିଲାର ମୁଖ୍ୟାଳୟ ଭବାନୀପାଟଣା ସହରରୁ ଏକ ଦୁଃଖଦ ଖବର ସାମ୍ନାକୁ ଆସିଥିଲା। ସହରର ଶମ୍ଭୁନଗରପଡ଼ାସ୍ଥିତ ଏକ ଜମିରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ ହୋଇଥିଲା। ମୃତକ ହେଲେ ଶବରପଡ଼ାର ମହେଶ୍ୱର ଶବର (୧୯)। ଖବର ପାଇ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବମତକରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ଅନ୍ୟପଟେ ପରିବାରବର୍ଗ ହତ୍ୟା ସନ୍ଦେହକରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି।

### ସସ୍ମିତାଙ୍କ ବଗିଚାରେ ଫୁଟିଲା ୯୦ ବ୍ରହ୍ମକମଳ



**ପଲମ,୨୧।୧୦ (ଭିକାରି ଗଉଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅନ୍ତର୍ଗତ ସର୍ଗିଗୁଡ଼ା ପଞ୍ଚାୟତ ବିନାୟକନଗରରେ ରହୁଥିବା ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସୁନାମୁଦିଙ୍କ ବଗିଚାରେ ଦିନକରେ ୯୦ ଗୋଟି ବ୍ରହ୍ମକମଳ ଫୁଟିଥିବା ଦେଖିବାକୁ ମିଳିଛି। ଏହି ଖବର ଜଣାପଡିବା ପରେ ଶିକ୍ଷୟିତ୍ରୀ ବଗିଚାରେ ଦେଖଣାହାରୀଙ୍କ ଭିଡ଼ ଜମିଥିଲା। ଶିକ୍ଷୟିତ୍ରୀ ସୁନାମୁଦି ଏହା ପ୍ରଭୁଙ୍କର ଆଶୀର୍ବାଦ କହି ଧୂପଦୀପ ଦେବା ସହ ଫୁଲଗୁଡ଼ିକୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର, ଶିବମନ୍ଦିର ଓ ଦୁର୍ଗାମନ୍ଦିରକୁ ପୂଜା ପାଇଁ ପଠାଇଥିବା ଜଣାପଡିଛି। ବ୍ରହ୍ମକମଳ ନର୍ଲା ଅଞ୍ଚଳରେ ଆଗରୁ ଅନେକ ଲୋକଙ୍କ ବାଡ଼ିରେ ଫୁଟିଥିଲେ ମଧ୍ୟ ଏକାଥରକେ ଜଣଙ୍କ ବଗିଚାରେ ଏତେଗୁଡାଏ ଫୁଟିବା ପ୍ରଥମ ଘଟଣା ବୋଲି ଲୋକେ ଆଲୋଚନା କରୁଛନ୍ତି।




ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ବିଜେତାମାନେ।

# କଳାହାଣ୍ଡିକୁ ୪ ସ୍ୱର୍ଣ୍ଣ, ୧ ରୌପ୍ୟ

**ଡିଏଭି ଜୋନ୍‌ସ୍ତରୀୟ କରାଟେ ପ୍ରତିଯୋଗିତା**

ଲାଞ୍ଜିଗଡ଼,୨୧।୧୦(ରମେଶ ଚନ୍ଦ୍ର ନାୟକ)

ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲଠାରେ ଗତ ୧୯ ତାରିଖରେ ଜୋନ୍‌ସ୍ତରୀୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ୮ ଜଣ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶଗ୍ରହଣକରି ୪ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ହାସଲ କରିଛନ୍ତି। ପଦକ ବିଜେତାମାନେ ଜାତୀୟ କରାଟେ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଲୋକେଶ ବିଶାଳ, ହିତେଶ ମହାଖୁଡ଼, କିରନ ବେମାଲ ଓ ଗଙ୍ଗାଧର ମଲ୍ଲିକ ସ୍ୱର୍ଣ୍ଣପଦକ ଏବଂ ଅପିତା ବାଡ଼ତିଆ ରୌପ୍ୟପଦକ ହାସଲ କରିଛନ୍ତି। ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ଅଧକ୍ଷା ଡ. ମାନବିନ କୌରଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଲାଞ୍ଜିଗଡ଼ ଉତ୍କଳ କରାଟେ ସ୍କୁଲ କୋଚ କ୍ଷମାନିଧି ମହାଖୁଡ ଏହି ଖେଳାଳିମାନଙ୍କୁ କରାଟେ ତାଲିମ ପ୍ରଦାନ କରୁଥିଲେ। ଖେଳାଳିମାନେ ଜିଲା ତଥା ବ୍ଲକ ଓ ନିଜ ସ୍କୁଲ ପାଣି ଗୌରବ ଆଣିଥିବାରୁ କରାଟେ କୋଚ ମହାଖୁଡ, କଳାହାଣ୍ଡି ଉତ୍କଳ କରାଟେ ସ୍କୁଲ ଚିଫ୍ ଟେକ୍‌ନିକାଲ ନିର୍ଦ୍ଦେଶକ ସୁରେଶ ଜାଲ ଯାଦବ, ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ସେମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

## ନୂତନ ସଂଯୋଗୀକରଣ ରାସ୍ତା ନିର୍ମାଣ ଦାବି

ଖଡ଼ିଆଲ,୨୧।୧୦ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ୍ ୱେ ସହ ଏନ୍‌ଏଚ୍ ୩୫୩କୁ ତିଖାଲି ପ୍ରକଳ୍ପର ମୁଖ୍ୟ ଫାଟକ ପର୍ଯ୍ୟନ୍ତ ଏକ ସଂଯୋଗୀକରଣ ରାସ୍ତା ନିର୍ମାଣ କରିବାକୁ ଦାବି ହେଉଛି। ଏହା ହେଲେ ଜିଲାର ୫ ଗୋଟି ବ୍ଲକ୍‌କୁ ଗମନାଗମନ କ୍ଷେତ୍ରରେ ଉନ୍ନତି ଘଟିବ ବୋଲି ମତପ୍ରକାଶ ପାଇଛି। ପୂର୍ବରୁ ତିଖାଲି ଗ୍ରାମ ଦେଇ ଅନେକ ସ୍ଥାନରେ କଂକ୍ରିଟ ସଡ଼କ ନିର୍ମାଣ ହୋଇଛି। ସଂଯୋଗୀକରଣ ରାସ୍ତା ହେଲେ ତାହା ଖଡ଼ିଆଳ ଡାହାଣ କେନାଲ ଦେଇ ହୁଡ଼ା ପାଖରେ ବିଜୁ ଏକ୍ସପ୍ରେସ୍‌କୁ ସଂଯୋଗ କରିବ। ଏହାଦ୍ୱାରା ଉପକାଗଙ୍ଗା, ଝରଣାମାଲ ଏବଂ ସୁନାବେଢ଼ା, ଖୋଲିଭିତର, ନାଗପଡ଼ା, ଭୁଇପାଣି, ଛୁଇଁପାଣି ଗ୍ରାମର ଲୋକେ ଉପକୃତ ହୋଇପାରିବେ। ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ବଜ୍ରପାତରେ ୨୨ ଛେଳି ମୃତ



ବଜ୍ରପାତରେ ମରିପଡ଼ିଥିବା ଛେଳି।

ମଦନପୁର/ଭବାନୀପାଟଣା,୨୧।୧୦
(ଜଗଦୀଶ ପ୍ରସାଦ ରଣା/ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ୍ ମଦନପୁର ଅଲାତରା ଗ୍ରାମରେ ସୋମବାର ବଜ୍ରପାତ ଘଟି ୨୨ ଛେଳିଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ଗ୍ରାମର ଜନକ ଭୋଇ ଓ ବିରଞ୍ଚି ମାଝୀ ୧୦ ଜଣ ଲୋକଙ୍କ ଛେଳି ଚରାଇବା ପାଇଁ ସୁନାମୁଖୀ ଜଙ୍ଗଲ ଅଞ୍ଚଳକୁ ନେଇଥିଲେ। ଏହି ସମୟରେ ଅଚାନକ ଘଡ଼ଘଡ଼ି ସହ ବଜ୍ରପାତହେବାରୁ ୨୨ ଛେଳିଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିବା ଛେଳି ଚରାଳିମାନେ କହିଛନ୍ତି। ଖବର ପାଇ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଜିତେନ୍ଦ୍ର ନାଗ ପହଞ୍ଚି ମୃତ ଛେଳିମାନଙ୍କ ବ୍ୟବଚ୍ଛେଦ କରିଥିବା ଦେଖିବାକୁ ମିଳିଛି। ବଜ୍ରପାତରେ ଗ୍ରାମର ବିରଞ୍ଚି ମାଝୀଙ୍କ ୫, ସୁରେନ୍ଦ୍ର ଭୋଇଙ୍କ ୪, କିଶୋର ପଟେଲଙ୍କର ୨, ମାଗସିର ନାଗଙ୍କ ୨, ଜଗନ୍ନାଥ ଭୋଇଙ୍କ ୪, ଜଗବନ୍ଧୁ ଭୋଇଙ୍କ ୧, ସାଧୁ ରଣାଙ୍କ ୧, ହରିଶ୍ଚନ୍ଦ୍ର ଭୋଇଙ୍କ ୨ ଓ ଚୈତନ୍ୟ ପଟେଲଙ୍କ ଗୋଟିଏ ଛେଳି ମରିଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ ଛେଳି ମାଲିକଙ୍କୁ ସହାୟତା ଯୋଗାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ଗ୍ରାମର ଜୁଗୁଲା ଡଙ୍ଗର ପରିସରରେ ଗିରିଗୋବର୍ଦ୍ଧନ ପୂଜା ଉପଲକ୍ଷେ ଗ୍ରାମ୍ୟ ବିକାଶ କମିଟି ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ କଳସଯାତ୍ରାରେ ସାମିଲ ହୋଇଥିବା ମହିଳା, ଯୁବତୀ। (ଫଟୋ: ତୁମେଶ୍ୱର ସାହୁ)

# ଉପନିର୍ବାଚନ ପାଇଁ ଧରପଗଡ଼: ୨ଲକ୍ଷ ଟଙ୍କା ସହ ୩ ବାଇକ୍ ଜବତ

ଖଡ଼ିଆଲ,୨୧।୧୦ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଉପନିର୍ବାଚନ ପାଖେଇ ଆସୁଥିବା ବେଳେ ନାକାବନ୍ଦି ଓ ଧରପଗଡ ଜୋର୍ ଧରିଛି। ଖଡିଆଳ ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାୟକଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ପୋଲିସ ଟିମ୍ ମୋହରା ଛକ ଆନ୍ତଃ ଜିଲା ଚେକ୍ ପୋଷ୍ଟରେ ଯାଞ୍ଚ କରୁଥିଲେ। ଏହି ସମୟରେ ଏକ ବୋଲେରୋ (ନଂ.ଓଆର୍ ୧୬ବି-୭୨୩୩)ରୁ ୨ ଲକ୍ଷ ଟଙ୍କା ନଗଦ ମିଳିଥିଲା। ଗାଡିରେ ଥିବା ଚାଳକ ଟଙ୍କା ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ତେଣୁ ଖଡିଆଳ ପୋଲିସ ଟଙ୍କା ଜବତ କରିଥିଲା। ସେହିପରି ଜିଲା ଅବକାରୀ ବିଭାଗ ଯାଞ୍ଚ କରି ୬୩ଲିଟର ବିଅର୍, ୩୨ଲିଟର ବିଦେଶୀମଦ, ୩୦୧୬ଲିଟର ହାତ ରନ୍ଧା ମଦ, ୫୧୯ ଲିଟର ଭାଟି ମଦ, ୪ କେଜି ଗଞ୍ଜେଇ ଓ ୬୭୫୫୦ କେଜି ମହୁଲ ପୋଚ ଜବତ କରିଛି। ଏସବୁର ଆନୁମାନିକ ମୂଲ୍ୟ ୪୩ ଲକ୍ଷ ୫୭ ହଜାର ଟଙ୍କା ହେବ। ଏହା ସହିତ ତିନୋଟି ବାଇକ୍ ମଧ୍ୟ ଅବକାରୀ ବିଭାଗ ଜବତ କରିଛି। ଆଗାମୀ ଦିନରେ ଯାଞ୍ଚ କଡାକଡି କରିବା ପାଇଁ ନୂଆପଡା ଜିଲାପାଳ ମଧୁସୂଦନ ଦାସ ଟିମ୍ ସଦସ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ବୃନ୍ଦାବାହାଲଠାରେ ଶହୀଦ ସ୍ମୃତି ଦିବସ ପାଳିତ

ଗୋଲାମୁଣ୍ଡା,୨୧।୧୦(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ୍ ବୃନ୍ଦାବାହାଲ ଶହୀଦ ବିଜେନ୍ଦ୍ରନାଥ ପାର୍କସ୍ଥିତ ସ୍ମୃତି ପୀଠରେ ଗୋଲାମୁଣ୍ଡା ପୋଲିସ ତରଫରୁ ୬୬ତମ ଶହୀଦ ସ୍ମୃତିଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶହୀଦ ବିଜେନ୍ଦ୍ରନାଥ ରାଉତଙ୍କ ସ୍ମୃତିଚାରଣକରି ସ୍ମୃତିପୀଠରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏଥିରେ ଗୋଲାମୁଣ୍ଡା ଥାନାଧିକାରୀ ଜ୍ୟୋତିପ୍ରକାଶ ତାଣ୍ଡି, ଏସ୍‌ଆଇ ବିଳାସିନୀ ଭୋଇ, ଏଏସ୍‌ଆଇ ପ୍ରେମରାଜ କଅଁର, ପୋଲିସ କର୍ମଚାରୀ ରଞ୍ଜନ କୁମାର ରାଉତ, ଖବରଦାତା ଆଶୁତୋଷ ରାଉତ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ୍ ଅଧକ୍ଷ ବିନ୍ଦୁ ମହାନନ୍ଦ, ଭାଜପା ବିଧାୟକ ପ୍ରାର୍ଥୀ ମନୋଜ କୁମାର ମେହେର, ବରିଷ୍ଠ ଭାଜପା ନେତା ଟଙ୍କଧର ନାଏକ, ଭାଜପା ମଣ୍ଡଳ ସଭାପତି ବୈଶାଖୁ କେତକୀ, ସଞ୍ଜୀବ ରାଉତ, ଶହୀଦଙ୍କ ଭଉଣୀ ମାଣିକ୍ୟ ରାଉତ, ବାପା ପତିତ ରାଉତ ପ୍ରମୁଖ ଯୋଗଦେଇ ଶହୀଦଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



ଶହୀଦଙ୍କ ସ୍ମୃତିଚାରଣ କରାଯାଉଛି।

# ଘର ଭାଙ୍ଗି ଧାନ, ଚାଉଳ ଖାଇଲେ

ଲାଞ୍ଜିଗଡ଼,୨୧।୧୦ (ରମେଶ ଚନ୍ଦ୍ର ନାୟକ)



ହାତୀ ଭାଙ୍ଗିଥିବା ଘର।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ବନାଞ୍ଚଳରେ ପୁଣି ହାତୀ ଉପଦ୍ରବ ଦେଖାଦେଇଛି। ସୋମବାର ବିଳମ୍ବିତ ରାତିରେ ଏକ ୧୫ ଟିକିଆ ହାତୀପଲ ମୂଷାନାଳ ବନ ବିଭାଗ ଅଧୀନରେ ଥିବା କାନକୃଟ୍ଟ ପଞ୍ଚାୟତ ପାଜୀଙ୍ଗଖମନ ଗାଁରେ ଘର ଭାଙ୍ଗି ଧାନ, ଚାଉଳ ଖାଇବା ସହ ଚାଷଜମିରେ ଫସଲ ନଷ୍ଟ କରିଛନ୍ତି। ସୂଚନାନୁସାରେ ପାଜିଖମନ ଗାଁର ନାର୍ଣ୍ଣ ମାଝୀଙ୍କ ଚାରିବର୍ଷ ପୂର୍ବେ ମୃତ୍ୟୁ ହୋଇଥିବାବେଳେ ଗତ ଜୁଲାଇରେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ଘରେ ବଡ ଝିଅ କ୍ରିଷ୍ଣା ମାଝୀ (୧୫), ସାନ ଝିଅ ରୋମା ମାଝୀ (୭) ଓ ସାନ ପୁଅ କିରନ ମାଝୀ (୫) ଏକୁଟିଆ ରହୁଛନ୍ତି। ମା'ଙ୍କ ମୃତ୍ୟୁ ପରେ ରାଶନ କାର୍ଡରେ ପିଲାମାନଙ୍କର ଆଧାର କାର୍ଡ ଲିଙ୍କ ହୋଇ ନ ଥିବାରୁ ଚାଉଳ ମଧ୍ୟ ବନ୍ଦ ହୋଇଯାଇଛି। ବଡଝିଅ କ୍ରିଷ୍ଣା ଦିନ ମଜୁରିଆ ଭାବେ କାମ କରି ପରିବାର ଚଳାଉଛନ୍ତି। ତିନି ଭଉଣୀଭାଇ ଘରେ ଶୋଇଥିବାବେଳେ ସୋମବାର ବିଳମ୍ବିତ ରାତିରେ ଏକ ୧୫ ଟିକିଆ ହାତୀପଲ ଘର ନିକଟକୁ ଆସି ଭୀଷଣ ଗର୍ଜନ କରି ଘର ଭାଙ୍ଗିଥିଲେ। ଶବ୍ଦ ଶୁଣି ଅନ୍ୟ ଦ୍ୱାରଦେଇ ପ୍ରାଣ ବିକଳରେ କ୍ରିଷ୍ଣା ଭାଇ ଭଉଣୀକୁ ଧରି ପଡୋଶୀ ଘରକୁ ପଳାଇଥିଲେ। ହେଲେ ସକାଳୁ ଆସି ସେମାନେ ଘର ଭାଙ୍ଗିଥିବା ଓ ଆସବାପତ୍ର ନଷ୍ଟ ହୋଇଥିବା ଦେଖିଥିଲେ। ରାଶନ ସାମଗ୍ରୀ ନଷ୍ଟ ହୋଇଥିବାବେଳେ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ତିନି ନାବାଳକ ଚିନ୍ତାରେ ଭାଙ୍ଗି ପଡିଛନ୍ତି। ମଙ୍ଗଳବାର ସକାଳେ ମୂଷାନାଳ ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳକୁ ଯିବା ସହିତ କ୍ଷୟକ୍ଷତିର ଆକଳନ କରିଥିବା ସୂଚନା ମିଳିଛି। ଏ ନେଇ ବିଶ୍ୱନାଥପୁର ଏସିଏଫ୍ ନରୋତ୍ତମ ମାଝୀଙ୍କୁ ପଚାରିବାରୁ ଖବରପାଇ ଏକ ଟିମ୍ ଘଟଣାସ୍ଥଳକୁ ପଠାଇଛି। ତଦନ୍ତ ପରେ ସରକାରଙ୍କ ପ୍ରକ୍ରିୟା ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

**ଲାଞ୍ଜିଗଡ଼ରେ ପୁଣି ହାତୀ ଉପଦ୍ରବ**

ସୂଚନାଯୋଗ୍ୟ ଗତ ମାସ ୭ ତାରିଖ ରାତିରେ ମୂଷାନାଳ ବନ ବିଭାଗ ଅଧୀନରେ ଥିବା ବେନଗାଁ ପଞ୍ଚାୟତର ଢୋଡ଼ୱାଲୀ ଗାଁରେ ୨୨ ଟିକିଆ ହାତୀପଲ ଦୁଗୀ ମାଝୀ ଓ ପୁରାଣା ମାଝୀଙ୍କ ଘର ଭାଙ୍ଗିବା ସହ ଘରେ ଥିବା ଖାଦ୍ୟଶସ୍ୟ ଖାଇ ନଷ୍ଟ କରିଥିଲେ। ସେହିପରି ଗତ ମାସ ୧୩ ତାରିଖ ରାତିରେ ଉକ୍ତ ହାତୀପଲ ବେନଗାଁ ପଞ୍ଚାୟତର ଘୋଡାପୋଖରୀ ଗାଁରେ ଧନୁର୍ଜୟ ହରିଜନଙ୍କ ଘର ଭାଙ୍ଗିବା ସହିତ ଘରେ ଥିବା ଧାନ, ଚାଉଳ ଖାଇ ଆସବାବପତ୍ର ନଷ୍ଟ କରିଥିଲେ।

## ବାଣ ଫୁଟି ନବମ ଶ୍ରେଣୀ ଛାତ୍ର ଆହତ

ବଘିଆପଡା(ଶ୍ରୀକାନ୍ତ ସାହୁ): ହରଭଙ୍ଗା ବ୍ଲକ ପନଖିମାଲ ଗ୍ରାମରେ ବାଣ ବିସ୍ଫୋରଣରେ ମଙ୍ଗଳବାର ଜଣେ ନବମ ଶ୍ରେଣୀ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଉକ୍ତ ଗାଁର ରବୀନ୍ଦ୍ରଙ୍କ ପୁଅ ବାଦଲ ବାରିକ। ବାଦଲ ପୂର୍ବାହ୍ନ ୧୦ଟାରେ ଟିଉଶନ କରି ଘରକୁ ଫେରିବା ପରେ ଗତ ସୋମବାରର ଦୀପାବଳୀରେ ବଳି ଯାଇଥିବା ବାଣ ନେଇ କେତେଜଣ ସାଙ୍ଗଙ୍କ ସହ ଫୁଟାଉ ଥିଲେ। ଏହି ସମୟରେ ଗୋଟିଏ ବାଣ ତାଙ୍କର ହାତରେ ଫୁଟି ଯାଇଥିଲା। ପରିବାର ଲୋକେ ବାଦଲଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତର ଖାନାରେ ଭର୍ତ୍ତି କରିଛନ୍ତି।


ବରଗଡ଼ର ମାଁ ଶ୍ୟାମାକାଳୀଙ୍କୁ ରାଜ ରାଜେଶ୍ୱରୀ ବେଶରେ ପୂଜା କରାଯାଉଛି।


ମାଁ ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା ଅବସରରେ ଜୀରାନଦୀରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ।


ମାଁ ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା ଅବସରରେ ଖଣ୍ଡାଧୁଆ ପୂଜା।

# ଜିଲା କାରାଗାରରେ ଜୀବନ ହାରିଲେ ବିଚାରାଧୀନ ବନ୍ଦୀ

- ପୋକ୍‌ସୋ ମାମଲାରେ ଗିରଫ
- ଆସନ୍ତା ୩୦ରେ ମାମଲାର ଶୁଣାଣି ଥିଲା
- ସେଲ୍ ନଂ- ୮, ପୂର୍ବରୁ ମଧ ଜଣଙ୍କ ମୃତ୍ୟୁ ଘଟିଥିଲା

ବରଗଡ଼,୨୧।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା କାରାଗାରରେ ସୋମବାର ବିଳମ୍ବିତ ରାତିରେ ଜଣେ ବିଚାରାଧୀନ ବନ୍ଦୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ, ଅତାବିରା ଥାନା ଜହ୍ନାପଡା ଗ୍ରାମର ଗିରିଧାରୀ ରୋହିଦାସ (୩୮)। ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ବିଳମ୍ବିତ ରାତିରେ ସେ ବିଦ୍ୟୁତ୍ ତାର ଧରି ଆତ୍ମହତ୍ୟା କରିଥିବା କାରାଗାର କର୍ତ୍ତୃପକ୍ଷ କହିଛନ୍ତି। ବରଗଡ଼ ଟାଉନ ଥାନା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଜିଲା ମୁଖ୍ୟ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ଗିରିଧାରୀ ଏକ ପୋକ୍‌ସୋ ମାମଲାରେ ଗିରଫ ହୋଇ ଗତ ଅଗଷ୍ଟ ମାସ ୨୦ତାରିଖରୁ ବରଗଡ଼ ଜିଲା କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ଆସନ୍ତା ୩୦ତାରିଖ ଏହି ମାମଲାର ଶୁଣାଣି ରହିଥିଲା। ତେବେ ଶୁଣାଣି ପୂର୍ବରୁ କାରାଗାର ମଧ୍ୟରେ ତାଙ୍କ ମୃତ୍ୟୁ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଗଲେ କାରଣ ସ୍ପଷ୍ଟ ହେବ ବୋଲି ମୃତକଙ୍କ ଓକିଲ ସୀତାରାମ ମେହେର କହିଛନ୍ତି। ତେବେ ଏ ନେଇ ଜିଲା କାରାଗାର ଅଧୀକ୍ଷକ ସଲମାନ କୁଜୁର କହିଛନ୍ତି, ମୃତକ ଜଣକ କାରାଗାରର ସେଲ୍ ନଂ- ୮ରେ ରହୁଥିଲେ। ସୋମବାର ବିଳମ୍ବିତ ରାତି ପ୍ରାୟ ୧୨ଟାରୁ ୧ଟା ମଧ୍ୟରେ ସେ ପଡ଼ିଯାଇଥିବା ନେଇ କାର୍ଯ୍ୟରତ କର୍ମଚାରୀଙ୍କଠାରୁ ସୂଚନା ପାଇଥିଲେ। ଏହାପରେ କାରାଗାର ଡାକ୍ତର ସେଠାକୁ ପହଞ୍ଚି ଥିଲେ ଏବଂ ଗିରିଧାରୀଙ୍କୁ ମୃତ ଘୋଷଣା କରିଥିଲେ। ସେହି ସେଲ୍‌ରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ମୃତକ ସେଠାକୁ ଯାଇଥିବା ଇନଭର୍ଟରର ବିଦ୍ୟୁତ୍ ତାରକୁ ଦାନ୍ତରେ ଛିଣ୍ଡାଇବା ସହିତ ହାତରେ ଝରକାରେ ଲାଗିଥିବା ଲୁହାରଡକୁ ଧରିବାରୁ ତାଙ୍କର ମୃତ୍ୟୁ ହୋଇଛି ଏବଂ ଏଥିରୁ ସେ ଆତ୍ମହତ୍ୟା କରିଥିବା ଜଣାପଡୁଛି ବୋଲି କାରାଗାର ଅଧୀକ୍ଷକ କୁଜୁର କହିଛନ୍ତି। ଅନ୍ୟପଟେ ମୃତକଙ୍କ ସ୍ତ୍ରୀ କହିଛନ୍ତି, ଗତ ଶୁକ୍ରବାର ସେ ତାଙ୍କ ସ୍ୱାମୀଙ୍କୁ କାରାଗାରରେ ଭେଟିଥିଲେ। ସେତେବେଳେ ସେ ଠିକ ଥିଲେ ଏବଂ ମଙ୍ଗଳବାର ତାଙ୍କ ପାଇଁ ଖାଇବା ଜିନିଷ, ପୋଷାକ ଧରି କାରାଗାରକୁ ପୁଣି ଆସିବା ପାଇଁ କହିଥିଲେ। ଫଳରେ ମଙ୍ଗଳବାର ସକାଳୁ ସ୍ୱାମୀଙ୍କୁ ଭେଟିବାକୁ କାରାଗାର ଯିବା ପାଇଁ ପ୍ରସ୍ତୁତ ହେଉଥିଲେ। ଏହି ସମୟରେ କାରାଗାର କର୍ମଚାରୀ ତାଙ୍କୁ ଫୋନ କରିଥିଲେ ଏବଂ ତାଙ୍କ ସ୍ୱାମୀ ଅସୁସ୍ଥ ହୋଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଥିବା ନେଇ ସୂଚନା ଦେଇଥିଲେ। ଏହାପରେ ସେ ଡାକ୍ତରଖାନା ପହଞ୍ଚି ଥିଲେ ଏବଂ ସ୍ୱାମୀଙ୍କ ମୃତଦେହ ଦେଖିବାକୁ ପାଇଥିଲେ ବୋଲି ସ୍ତ୍ରୀ କହିଛନ୍ତି। ଆସନ୍ତା ମାସରେ ସ୍ୱାମୀ କାରାଗାରରୁ ବାହାରିଥାନ୍ତେ। ହେଲେ କାରାଗାରରେ ତାଙ୍କ ମୃତ୍ୟୁ ହେଲା। ଏବେ ସେ ତାଙ୍କ ୩ସନ୍ତାନଙ୍କ ଭବିଷ୍ୟତ କିଭଳି ଗଢ଼ିବେ। ଏଥିପାଇଁ ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି। ପ୍ରକାଶଥାଉ କି, ଜିଲା କାରାଗାରର ଏହି ସେଲ୍‌ରେ ପୂର୍ବରୁ ମଧ ଜଣେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ହୋଇଥିଲା।

## ନଭେମ୍ବର ୧୮ରୁ ଭୈରବୀ ମହୋତ୍ସବ



ହରଭଙ୍ଗା,୨୧।୧୦(ନରେନ୍ଦ୍ର କୁମାର ସାହୁ): ପଞ୍ଚମ ରାଜ୍ୟସ୍ତରୀୟ ମାଁ ଭୈରବୀ ମହୋତ୍ସବ ଆସନ୍ତା ନଭେମ୍ବର ୧୮ରୁ ଆରମ୍ଭ ହେବ। ଏହି ମହୋତ୍ସବ ୨୩ ତାରିଖ ପର୍ଯ୍ୟନ୍ତ ୬ ଦିନ ଧରି ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ମହୋତ୍ସବ ପଡିଆରେ ମଙ୍ଗଳବାର ଶୁଭଖୁଣ୍ଟ ସ୍ଥାପନ କରାଯାଇଛି। ମାଁ ଭୈରବୀ ମହୋତ୍ସବ ପରିଷଦ ସଭାପତି ଅଶୋକ କୁମାର ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଯୋଗଦେଇ ଶୁଭଖୁଣ୍ଟ ସ୍ଥାପନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ଚଳିତ ବର୍ଷ ମହୋତ୍ସବକୁ ଧୁମ୍‌ଧାମ୍‌ରେ ପାଳନ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ବାହାର କଳାକାରଙ୍କୁ ସାମିଲ କରିବା ଏବଂ ପଲ୍ଲୀଶ୍ରୀ ମେଳା ଓ ବାଣିଜ୍ୟ ମେଳା କରିବାକୁ ଆଲୋଚନା ହେ ।ଇଥିଲା। କମିଟି ସଦସ୍ୟ ସୁକାନ୍ତ ପଟ୍ଟନାୟକ, ସତୀଶ ବେହେରା, ମନୋଜ ସାହୁ, କୈଳାସ ଅଗ୍ରୱାଲା, ପ୍ରଶାନ୍ତ ସେଠୀ, ବାଳକୃଷ୍ଣ ନାୟକ, ବିଜୟ କହଁର, ତୁଷାର ସାହୁ, ଶୁଭ୍ରଜିତ ପ୍ରଧାନ, ନାରାୟଣ ପ୍ରଧାନ, ସିପୁନ ମିଶ୍ର, ଦୀପକ ସେଠୀ, ଅକ୍ରୁର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ପାକ୍ସ ପୂର୍ବତନ ସହ ସମ୍ପାଦକ ଦମ୍ପତିଙ୍କ ଧରଣା

ଅତାବିରା,୨୧।୧୦ (ଯୁଧିଷ୍ଠିର ମହାପାତ୍ର): ଅତାବିରା ବ୍ଲକ ଲରମ୍ବା ପ୍ରାଥମିକ କୃଷି ସମବାୟ ସମିତି ଲିଃ (ପାକ୍ସ)ର ପୂର୍ବତନ ସହକାରୀ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା ତାଙ୍କ ଉପରେ ଅନ୍ୟାୟ ହୋଇଥିବା ଅଭିଯୋଗ କରିଛନ୍ତି। ଏହି କ୍ରମରେ ବୁଧବାରଠାରୁ ସନ୍ତୋଷ ଓ ତାଙ୍କ ସ୍ତ୍ରୀ ତରଙ୍ଗିଣୀ ଧାରଣାରେ ବସିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଏ ନେଇ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସମ୍ବଲପୁର ଡିଭିଜନ ପତ୍ର ସଂଖ୍ୟା ୧୧୬୮୯/୦୯/୧୦/୨୫ ଅନୁସାରେ ବରଗଡ଼ ଜିଲାପାଳଙ୍କୁ ଏହାର ବିଧିବଦ୍ଧ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## କୃଷକ ସଚେତନତା ସମାବେଶ ପ୍ରସ୍ତୁତି ବୈଠକ

ପଦ୍ମପୁର,୨୧।୧୦ (ପ୍ରଦୀପ୍ତ ଦାଶ) ଆସନ୍ତା ନଭେମ୍ବର ୮ରେ କୃଷକ ସଚେତନତା ସମାବେଶ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ପଦ୍ମପୁରଠାରେ ବାଞ୍ଛାନିଧି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଦିବଂଗତ ବରିଷ୍ଠ ଖବରଦାତା ରମେଶ ବାରିକଙ୍କ ଅମରଆତ୍ମାର ସଦ୍‌ଗତି କାମନା କରି ଗୋଟିଏ ମିନିଟ୍ ନୀରବ ପ୍ରାର୍ଥନା କରି ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ସରକାର ବଦଳିଛି ହେଲେ ବ୍ୟବସ୍ଥା ବଦଳି ନାହିଁ, ଯେଉଁ ବ୍ୟବସ୍ଥାରେ କୃଷକମାନଙ୍କ ଭାଗ୍ୟ ଆହୁରି ଜଟିଳରୁ ଜଟିଳତର ହେବାରେ ଲାଗିଛି ବୋଲି ସଙ୍ଗଠନ କର୍ମକର୍ତ୍ତାମାନେ ବୈଠକରେ ଆଲୋଚନା କରିଥିଲେ। ଚଳିତବର୍ଷ ସାର, ବିହନ, ମଝିରେ ବର୍ଷା, ରୋଗପୋକ, ବୀମା ଓ ଧାନ ପଞ୍ଜୀକରଣ ସମସ୍ୟାରେ ଚାଷୀ ବିଶେଷ ପ୍ରଭାବିତ ହୋଇଛନ୍ତି। ଏ ଦିଗରେ ସଚେତନ, ସଙ୍ଗଠିତ ହୋଇ ଲଢ଼େଇ କରିବାକୁ ସମାବେଶରେ ନିଷ୍ପତ୍ତି ନେବା ପାଇଁ ସ୍ଥିର ହୋଇଛି। ଏହି ସଭାରେ ସଙ୍ଗଠନର ଅଶୋକ ସାହୁ, କୈଳାସ ବାରିକ, ସୁବାସ ସାମନ୍ତରାୟ, ପଞ୍ଚାନନ ସାହୁ, ଦହିତ ସାହୁ, ମଳୟ ଭୋଇ, କୁଳମଣି ବାରିକ, ଲିଙ୍ଗରାଜ ପଧାନ, ନବୀନ ବେହେରା, ବିଜୟୀ ସାହୁ, ଦୁଷ୍ମନ୍ତ ପଟେଲ, ପ୍ରକାଶ ଦାସ, ଅରବିନ୍ଦ ପଣ୍ଡା, ସରୋଜ ସାହୁ ପ୍ରମୁଖ ଯୋଗଦେଇଥିଲେ।


ଚକଡା ରୋଗପୋକରେ ପ୍ରଭାବିତ ଭେଡେନ ବ୍ଲକ ଉଦେପୁର ଛକ ନିକଟ ଧାନ ଫସଲ ।

# ଧାନ ଫସଲରେ ଚକଡ଼ା ରୋଗପୋକଙ୍କ ପ୍ରାଦୁର୍ଭାବ

ଭେଡେନ,୨୧।୧୦ (ହୃଷିକେଶ ଖମାରୀ)

**କୀଟନାଶକ କାମକୁ ଆସୁନି**

ଖରିଫ ଋତୁ ଧାନ ଫସଲ ଅମଳ ହେବା ପାଇଁ ସମୟ ପାଖେଇ ଆସିଥିବା ବେଳେ ଧାନ ଫସଲରେ ବର୍ତ୍ତମାନ ଚକଡ଼ା ରୋଗପୋକ ପ୍ରାଦୁର୍ଭାବ ଦେଖାଗଲାଣି। ଏହାକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। କୀଟନାଶକ ଔଷଧ ପ୍ରୟୋଗ କଲେ ମଧ ଦମନ ହେଉ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ବରଗଡ଼ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ଉଦେପୁର ଛକ ନିକଟରେ ଜଣେ ଭାଗଚାଷୀଙ୍କ ଧାନଫସଲରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଗୋଡ଼ଭରା- ଡୁରୁମ ୫୪ ନମ୍ବର ରାଜପଥର ଉଭୟ ପାର୍ଶ୍ୱରେ କରାଯାଇଥିବା ଖରିଫ ଧାନଫସଲରେ ମଧ ଚକଡ଼ା ପୋକ ଲାଗିଥିବା ଦେଖିବାକୁ ମିଳିଛି। ଏଭଳି ସମୟରେ କୃଷି କର୍ମଚାରୀଙ୍କ ଦେଖା ମିଳୁ ନ ଥିବା ବେଳେ ଦେଶଭଟଲି ଓ ଡାଲବ ପଞ୍ଚାୟତ ଅଫିସ ପରିସରରେ ନିର୍ମାଣ କରାଯାଇଥିବା ଲକ୍ଷାଧିକ ଟଙ୍କା କୃଷି ପରାମର୍ଶ କେନ୍ଦ୍ର ଅଫିସରେ ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ତାଲା ପଡ଼ିଛି। ଚାଷୀମାନେ କୃଷି କର୍ମଚାରୀମାନଙ୍କ ସହିତ ଯୋଗାଯୋଗ କରିବାକୁ ଆସି ଫେରି ଯାଉଛନ୍ତି। ବିଭିନ୍ନ ସ୍ଥାନରେ ବିକ୍ରି କରାଯାଉଥିବା କୀଟନାଶକ କାମକୁ ଆସୁ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

## ଗିରିଗୋବର୍ଦ୍ଧନ ପୂଜା ପାଇଁ କଳସ ଶୋଭାଯାତ୍ରା

ଝାରବନ୍ଧ,୨୧।୧୦(ଦେବେନ୍ଦ୍ର ସାହୁ): ଝାରବନ୍ଧ ବ୍ଲକ ଯାଦବ ସମାଜ ତରଫରୁ ଚଳିତବର୍ଷ ଗିରିଗୋବର୍ଦ୍ଧନ ପୂଜା ଆରମ୍ଭ ହୋଇଛି। ଅଧିବାସ ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ଅଞ୍ଚଳର ମହିଳା ଓ ପୁରୁଷ ସ୍ଥାନୀୟ ପୂଜା ମଣ୍ଡପରୁ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିବା ପରେ ଶିବ ମନ୍ଦିର ପୋଖରୀରେ ପହଞ୍ଚି ଥିଲେ। ସେଠାରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିବା ପରେ ଜଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଚଳିତବର୍ଷ ପୂଜାକର୍ତ୍ତା ଭାବରେ ହୃଷୀକେଶ ପୋଢ଼ ଓ ତାଙ୍କର ସ୍ତ୍ରୀ ସୁଧାମୟୀ ପୋଢ଼ ଦାୟିତ୍ୱ ତୁଲାଇ ଥିବା ବେଳେ ପୂଜକ ଝସକେତନ ନନ୍ଦ ଓ ଡିଗ୍ରୀଧର ଦେବତା ରହିଛନ୍ତି। କମିଟିର ସଭାପତି ଗୁଣମଣୀ ବନଛୋର, ସମ୍ପାଦକ ଉମେଶ ବନଛୋର, ମହନ ବନଛୋର, ବ୍ଲକ ଯାଦବ ସମାଜ ସଭାପତି ଧ୍ରୁବଚରଣ ହାତୀ, ମୀନ ବାଗ, ଅମୃତଲାଲ ବନଛୋର, ମୋହନ ବନଛୋର ସହଯୋଗ କରୁଛନ୍ତି।


ବରଗଡ଼ ଜିଲା ପଦ୍ମପୁର ହନୁମାନ ମନ୍ଦିର ପରିସରରେ ମାଁ କାଳୀଙ୍କ ଶୋଭାଯାତ୍ରା।


ବରଗଡ଼ ଜିଲା ବରପାଲି ଜଗତଜନନୀ ମାଁ ଶ୍ୟାମାକାଳୀଙ୍କ ପୁଜନୋତ୍ସବ।

# ମାଁ ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା ମହୋତ୍ସବ ଆରମ୍ଭ

ବରଗଡ଼,୨୧।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ମାଁ ଶ୍ୟାମାକାଳୀ ମନ୍ଦିରର ୮୩ତମ ବାର୍ଷିକ ପୂଜା ମହୋତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ ସୋମବାର ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ କଳସ ଶୋଭାଯାତ୍ରା ହୋଇଥିଲା। ଶ୍ରଦ୍ଧାଳୁମାନେ ମନ୍ଦିରରୁ ବାହାରି ଜୀରାନଦୀକୁ ଯାଇଥିଲେ। ଦୁଲ୍‌ଦୁଲି ବାଜା, ନିଶାନ, ଢୋଲ, ଘଣ୍ଟବାଦ୍ୟ, ଶଙ୍ଖ, ପେଁକାଳୀ, ଘୁମୁରା ପ୍ରଭୃତି ନିର୍ଘାତ ପ୍ରହାର ମଧ୍ୟରେ ବରଗଡ଼ ସହର ପରିକ୍ରମା କରାଯାଇ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଜୀରା ନଦୀଘାଟରେ ଖଣ୍ଡାଧୁଆ ହୋଇ ଦୀପ ସ୍ଥାପନା ସହିତ କଳସ ପୂଜା ଅନୁଷ୍ଠିତ ହୋଇଥିଲା। ଏହା ସହିତ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଇଥିଲା। ଏହା ପରେ ଜଳପୂର୍ଣ୍ଣ କଳସ ଅଣାଯାଇ ମନ୍ଦିରରେ ସ୍ଥାପନା କରାଯାଇଥିଲା। କାଳୀପୂଜା ଅବସରରେ ପ୍ରତ୍ୟହ ବିହିତ ପୂଜା ସହିତ ସୂର୍ଯ୍ୟପୂଜା, ଘଟପୂଜା, ଅଷ୍ଟାଦଶ ମାତୃଗଣ ପୂଜା, ନବଗ୍ରହ ପୂଜା, ଦଶଦିଗପାଳ ପୂଜା, ବସୁଧାରା, ବର୍ଦ୍ଧନୀ ପୂଜା, ପାର୍ଶ୍ୱଦେବତା ପୂଜା, ବାବା ଶ୍ୟାମେଶ୍ୱରଙ୍କଠାରେ ରୁଦ୍ରାଭିଷେକ, ଜଗନ୍ନାଥଷ୍ଟାକମ, ହନୁମାନ ଚାଲିଶା ପଠନ କାର୍ଯ୍ୟକ୍ରମ ରହିଛି। ନିଶାର୍ଦ୍ଧରେ ମାଁ ଶ୍ୟାମାକାଳୀ ଦେବୀଙ୍କ ପୀଠରେ ମାଁ ଶ୍ୟାମାକାଳୀଙ୍କ ଗୁପ୍ତ ରୀତିନୀତି ଅନୁଷ୍ଠିତ ହୋଇ ମାଁଙ୍କ ମହାସ୍ନାନ ପରେ ଉଗ୍ରତାରା, ତ୍ରିପୁର ଭୈରବୀ, ତ୍ରିପୁର ସୁନ୍ଦରୀ, ମାଁ ଭୁବନେଶ୍ୱରୀ, ବଗଳାମୁଖୀ, ଛିନ୍ନମସ୍ତା, ଧୁମାବତୀ, ମହାଲକ୍ଷ୍ମୀ, ଯୋଗିନୀ, କ୍ଷେତ୍ରପାଳଙ୍କ ପୂଜା ଅର୍ଚ୍ଚନା ପରେ ଚଣ୍ଡିହବନ ଅନୁଷ୍ଠିତ ହୋଇ ଆରତି, ପୁଷ୍ପାଞ୍ଜଳି କରାଯାଇଥିଲା। ସକାଳୁ ମାଁ ଶ୍ୟାମାକାଳୀ ରାଜରାଜେଶ୍ୱରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପଣ୍ଡିତ ନରସିଂହ ଶତପଥୀ, ଚଣ୍ଡୀ ପାଠକ ପଣ୍ଡିତ ନରେଶ ମିଶ୍ର, ପଣ୍ଡିତ ସଞ୍ଜୟ ଦାଶ, ପଣ୍ଡିତ ବିପିନ ବିହାରୀ ଦାଶ ପୂଜାର୍ଚ୍ଚନା କରିଥିବାବେଳେ ସତ୍ୟ ପ୍ରକାଶ ରଥ ମୁଖ୍ୟକର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଆସନ୍ତା ୨୬ ତାରିଖ ପୂଜାର ପୂର୍ଣ୍ଣାହୁତି ହେବ।

# ଜାମସେଠରେ ରାବଣପୋଡ଼ି ସହ କାଳୀପୂଜା ସମ୍ପନ୍ନ

ପାଇକମାଳ,୨୧।୧୦(ବଡ ଶତପଥୀ)

ପାଇକମାଳ ବ୍ଲକ ଜାମସେଠ ଗାଁରେ ହେଉଥିବା ସାର୍ବଜନୀନ କାଳୀପୂଜା ମଙ୍ଗଳବାର ରାବଣପୋଡ଼ି ସହ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ରବିବାର କଳସ ଅଧିବାସ ହୋଇଥିଲା। କର୍ତ୍ତା ଭାବରେ ଚନ୍ଦ୍ରଭାନୁ ସାହୁ ଓ ଅନୀତା ସାହୁ ପୂଜା ଦାୟିତ୍ୱ ନେଇ ଥିବାବେଳେ ମୁଖ୍ୟ ପୂଜକ ଭାବରେ ପଣ୍ଡିତ ଗୋବର୍ଦ୍ଧନ ଦାଶ ତିନି ଦିନ ଧରି ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ମଙ୍ଗଳବାର ସନ୍ଧ୍ୟାରେ ନେତାଜୀ ଯୁବକ ସଂଘ ନାଟ୍ୟ କଳା ପରିଷଦ ତରଫରୁ ରାବଣପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାରମ୍ପରିକ ବଜାଗଜା ଘଣ୍ଟବାଦ୍ୟରେ ରାବଣ ଓ ତାଙ୍କ ଅସୁରଗଣ ଗାଁ ପରିକ୍ରମା କରିଥିବା ବେଳେ ରାମ ଓ ତାଙ୍କ ବାନରସେନା ମଧ୍ୟ ଗାଁ ପରିକ୍ରମା କରିଥିଲେ। ରାମ, ଲକ୍ଷ୍ମଣ ତାଙ୍କ ବାନରସେନା ମାଁଙ୍କ ଦର୍ଶନ କରିଥିଲେ। ପରେ ରାବଣ ଦରବାର ରାମଲୀଳା ହୋଇ ରାମ ରାବଣଙ୍କୁ ବଧ କରିଥିଲେ। ନରୋତ୍ତମ ମାଝୀ ରାମଲୀଳାରେ ନିର୍ଦ୍ଦେଶନା ଦେଇଥିଲେ। ରାବଣ ଭୂମିକାରେ ସୁରେନ୍ଦ୍ର ପାତ୍ର, ରାମ- ରୋହିତ ପଶାୟତ, ଲକ୍ଷ୍ମଣ- ରୋହିତ ରଣା, ସୀତା- ଡୁଡୁ ସାହାଣୀ, ବିଭୀଷଣ- ସୁରେଶ ରଣା, ଇନ୍ଦ୍ରଜିତ- ଜିତୁନ ପଟ୍ଟନାୟକ, ହନୁମାନ- ମଦନ ଭୋଇ, ଜଟାୟୁ- ଅନିଲ ରଣା, ମହିରାବଣ- ଦୁର୍ଯ୍ୟୋଧନ ହଂସ, ବ୍ରହ୍ମା- ଗଣ୍ଡାରାମ କଲାରି, ବିଷ୍ଣୁ- ରାଜୀବ ଭୋଇ ଓ ଅସୁର ଭୂମିକାରେ କୈଳାସ ହଂସ, ଗିରି ରଣା, ଚନ୍ଦ୍ର ରଣା ଅଭିନୟ କରିଥିଲେ। ଏଥିରେ ସଭାପତି କ୍ଷୀରୋଦ ମାଝୀ, ଉପସଭାପତି ପ୍ରମୋଦ ରାଏ, ସମ୍ପାଦକ ଶତ୍ରୁଘ୍ନ ସାହୁ, କୋଷାଧ୍ୟକ୍ଷ ସନ୍ତୋଷ ପୂଝାରୀ, ସହ କୋଷାଧ୍ୟକ୍ଷ କୁଶଳ ରଣା, ଉପଦେଷ୍ଟା ଆର୍ତ୍ତତ୍ରାଣ ସାହୁ, ସରୋଜ ପଟ୍ଟନାୟକ, ନରୋତ୍ତମ ମାଝୀ, ଅମିୟ ରଣା, ନାରାୟଣ ପ୍ରଧାନ, ନଟବର ପ୍ରଧାନଙ୍କ ସହ ନେତାଜୀ ଯୁବକ ସଂଘର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଖବରଦାତା ରମେଶଙ୍କ ବିୟୋଗରେ ଶୋକସଭା

ଝାରବନ୍ଧ,୨୧।୧୦(ଦେବେନ୍ଦ୍ର ସାହୁ): ଝାରବନ୍ଧ ବ୍ଲକର ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ବାରିକଙ୍କ ଉଦ୍ଦେଶ୍ୟରେ ଶୋକସଭା ସାମ୍ବାଦିକ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦାନ କରି ସ୍ୱର୍ଗତ ବାରିକଙ୍କ ସ୍ମୃତି ଚାରଣ କରିଥିଲେ। ସାମ୍ବାଦିକ ଜହନ କୁମ୍ଭାର ପରିଚାଳନା କରିଥିବା ବେଳେ ସାମ୍ବାଦିକ ଦେବେନ୍ଦ୍ର ସାହୁ, ଶିବ ପ୍ରସାଦ ପଟେଲ, କୌଶିକ ସାହୁ, ପ୍ରଦୀପ ପ୍ରଧାନ, ମୋତିଲାଲ ବାଗଙ୍କ ସହିତ ଡା. ମୋହନ ପ୍ରସାଦ ନାୟକ, ହରିହର ସାହୁ, ସାନନ୍ଦ କୁମାର ସାହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଖଇରପାଲି ଗ୍ରାମରେ ଗାଁ ଦିବସ



ଅତିଥିଙ୍କ ଗହଣରେ ଖଇରପାଲି ଗ୍ରାମରେ ଗାଁ ଦିବସପାଳନ କରାଯାଉଛି।

ଅତାବିରା,୨୧।୧୦(ଯୁଧିଷ୍ଠିର ମହାପାତ୍ର)

କଳା କ୍ଷେତ୍ର ଅତାବିରା ତରଫରୁ ମଙ୍ଗଳବାର ଅତାବିରା ବ୍ଲକ ଲରାସରା ପଞ୍ଚାୟତ ଖଇରପାଲି ଗ୍ରାମରେ ଗାଁ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ, ମୁଖ୍ୟ ବକ୍ତା ଭାବେ ଡ. ତପସ୍ୱିନୀ ଗୁରୁ, ଲରାସରା ପଞ୍ଚାୟତ କୀର୍ତ୍ତନ ସେଟ, ମଣ୍ଡଳ ସଭାପତି ପୁଷ୍ପକ ଗାଇଗରିଆ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମଟିକୁ ଅମୃତ କୁମାର ବାରିକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସୁଜାତା ବିଶ୍ୱାଳ, ଜାହ୍ନବୀ ମହାକୁର, ଅନୁପମା ମହାନନ୍ଦ, କୁନି କର୍ମୀ, ରାଜେଶ ମହାକୁର, ଅମିତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଫୁଲକୋବି କିଆରିକୁ ନଷ୍ଟ କଲେ ଦୁର୍ବୃତ୍ତ

ବରଗଡ଼,୨୧।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଗତ କିଛିଦିନ ହେଲା ଚାଷୀଙ୍କ ପରିବା କିଆରି ଉପରେ ଦୁର୍ବୃତ୍ତଙ୍କ ଲୋଲୁପଦୃଷ୍ଟି ପଡ଼ିଛି। ପ୍ରଥମେ ବରଗଡ଼ ଜିଲା ଜମୁର୍ଡା ଗ୍ରାମରେ ଚାଷୀଙ୍କ କୋବି ଫସଲରେ ଦୁର୍ବୃତ୍ତମାନେ ଲଟାମରା ଔଷଧ ସିଞ୍ଚନ କରିଥିଲେ। ଫଳରେ ସେହି ଫସଲ ଧୂଳିସାତ୍ ହୋଇଯାଇଥିଲା। ଏହାର କିଛିଦିନ ପରେ ବରପାଲି ବ୍ଲକ କୁମ୍ଭାରୀ ପଞ୍ଚାୟତର ଭୋଇଟିକ୍ରା ଗ୍ରାମରେ ଜଣେ ଚାଷୀଙ୍କ ଅଧା ଏକର କଲରା କିଆରିକୁ କେହି ଦୁର୍ବୃତ୍ତ ନଷ୍ଟ କରି ଦେଇଥିଲେ। ତେବେ ଉପରୋକ୍ତ ଘଟଣାକୁ ନେଇ ଚର୍ଚ୍ଚା ଥମି ନଥିବା ବେଳେ ରବିବାର ବିଳମ୍ବିତ ରାତିରେ ବରଗଡ଼ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଜମୁର୍ଡା ଗ୍ରାମରେ ପୁଣି ଜଣେ ଚାଷୀ ସ୍ଥାନୀୟ ଟାଙ୍ଗରପଡ଼ା ନିବାସୀ ଗଜିନ ମାଝିଙ୍କ ଫୁଲକୋବି କିଆରିକୁ ଦୁର୍ବୃତ୍ତମାନେ ନଷ୍ଟ କରି ଦେଇଛନ୍ତି। ଫୁଲକୋବିକୁ ଉପାଡି ଫିଙ୍ଗା ଫୋପଡ଼ା ସହିତ ଚୋରି ମଧ କରି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତ ଚାଷୀ ବରଗଡ଼ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି। ଏଭଳି ଦୁର୍ବୃତ୍ତମାନଙ୍କୁ ଧରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।


ଦୁର୍ବୃତ୍ତମାନେ ନଷ୍ଟ କରିଥିବା ଫୁଲକୋବି ଫସଲ।

## ସଂକ୍ଷେପରେ

### ସ୍କୁଟି ଚୋରି, ଅଭିଯୁକ୍ତ ଗିରଫ

ରାଉରକେଲା,୨୧।୧୦(ଦିନେଶ ମିଶ୍ର): ସ୍କୁଟି ଚୋରି ଅଭିଯୋଗରେ ସେକ୍ଟର-୧୯ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସେକ୍ଟର-୧୯ ରାମଗଡ ବସ୍ତିର ନାଟୁ ଗୋଚ୍ଛାୟତ(୩୧)। ପୋଲିସ ଏକ ମାମଲା ଏ ନେଇ ପୋଲିସ ଏକ ମାମଲା (ନଂ.୧୮୭/୨୫) ରୁଜୁ କରି ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ସେକ୍ଟର-୧୯ର ସିଦ୍ଧାର୍ଥ ଶଙ୍କର ସିଂ(୨୯) ଗତ ୧୯ ତାରିଖ ରାତିରେ ଘର ଦୁଆର ମୁହଁରେ ନିଜ ସ୍କୁଟି (ନଂ.ଓଡି୧୪ଜେଡ୍/୯୩୨୨)କୁ ପାର୍କିଂ କରିଥିଲେ। ଏହି ସମୟରେ ତାଙ୍କ ଘର ଦୁଆର ମୁହଁରୁ ଉକ୍ତ ସ୍କୁଟି ଚୋରି ହୋଇଥିଲା। ସୋମବାର ସକାଳେ ଗାଡ଼ି ନ ଥିବାକୁ ଦେଖି ସିଦ୍ଧାର୍ଥ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ମଙ୍ଗଳବାର ଅଭିଯୁକ୍ତ ନାଟୁଙ୍କୁ ରାମଗଡ ବସ୍ତିରୁ ଗିରଫ କରିବା ସହ ଚୋରି ହୋଇଥିବା ସ୍କୁଟିକୁ ଜବତ କରିଥିଲା। ଅଭିଯୁକ୍ତ ନାଟୁଙ୍କ ନାଁରେ ପୂର୍ବରୁ ସେକ୍ଟର-୧୯ ଥାନାରେ ଏକାଧିକ ମାମଲା ଥିବା ପୋଲିସ କହିଛି।

### ରାଉରକେଲା କଲେଜରେ ସମ୍ବର୍ଦ୍ଧନା ସମାରୋହ

ରାଉରକେଲା,୨୧।୧୦(ବିପ୍ଲବ ରଞ୍ଜନ ଦାଶ): ରାଉରକେଲା ସେକ୍ଟର-୪ ସ୍ଥିତ ରାଉରକେଲା ମହାବିଦ୍ୟାଳୟର ଅର୍ଥନୀତି ବିଜ୍ଞାନ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମ ରବିବାର ଆୟୋଜିତ ହୋଇଥିଲା। ଏଥିରେ କଲେଜ ଅଧ୍ୟକ୍ଷ ତଥା ବିଭାଗୀୟ ମୁଖ୍ୟ ଡକ୍ଟର ରବିନ୍ଦ୍ର କୁମାର ଜେନା ଯୋଗଦେଇ ଚରିତ୍ର ଗଠନ, ସମୟାନୁବର୍ତ୍ତିତା, ଶିକ୍ଷା ପ୍ରତି ପ୍ରତିବଦ୍ଧତା ଏବଂ କଲେଜର ବିକାଶ ପାଇଁ ଛାତ୍ରୀଛାତ୍ରମାନଙ୍କ ବଳିଷ୍ଠ ଯୋଗଦାନ ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ଅଧ୍ୟାପିକା ସାଲିଆ ଅଲ୍ଲୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ଶ୍ୱେତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ପରସ୍ପର ଭାବ ବିନିମୟ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ବିଭାଗୀୟ ଛାତ୍ରୀଛାତ୍ର ଅଙ୍କିତା, ପ୍ରିୟଙ୍କା, ଆର୍ଯ୍ୟନ, ଶୁଭମ ପ୍ରମୁଖ ସହଯୋଗ କରିଥିଲେ।

### ବାଇକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ବଡ଼ଗାଁ, ୨୧।୧୦(ଅଶୋକ ଷଡଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅଞ୍ଚଳରେ ସୋମବାର ରାତି ୮ଟା ୩୦ରେ ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ବଡ଼ଗାଁ ଅଞ୍ଚଳର ଏକ ଢାବାରେ କାମ କରୁଥିବା ବାଲିଶଙ୍କରା ବ୍ଲକ ଅନ୍ତର୍ଗତ କୁସୁମୁରା ଗ୍ରାମର ଲିଙ୍ଗରାଜ ଭୋଇ (୬୫) ବାଇବାଇ ଗାଁ ନିକଟ ରାସ୍ତାରେ ଚାଲିଚାଲି ଯାଉଥିବାବେଳେ ତାଙ୍କୁ ଏକ ବାଇକ୍ ଧକ୍କା ଦେଇଥିଲା। ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ବଡ଼ଗାଁ ପରେ ସୁନ୍ଦରଗଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସୁନ୍ଦରଗଡ଼ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଛି। ବଡ଼ଗାଁ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଦୁର୍ଘଟଣା ଘଟାଇଥିବା କୁସୁମଡେଗୀ ଗ୍ରାମର ବାଇକ୍ ଚାଳକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

# ସମାଧାନ ହେଉନି ମୌଳିକ ସମସ୍ୟା



ବିରଜାପାଲି ବସ୍ତିର ପରିତ୍ୟକ୍ତ ଡ୍ରେନ।



ଅଳିଆଗୁଡିକ ଗଦା ହୋଇ ରହିଛି।

## ୱାର୍ଡ ନଂ. ୨୭ ବିରଜାପାଲି ବସ୍ତି

ରାଉରକେଲା,୨୧।୧୦(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ. ୨୭ରେ ରହିଛି ବିରଜାପାଲି ବସ୍ତି। ଏଠାରେ ୧୯୦ ପରିବାରର ପ୍ରାୟ ୬ଶହ ଲୋକ ବସବାସ କରୁଛନ୍ତି। ଏହି ବସ୍ତିରେ ଆର୍‌ଏମ୍‌ସି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ମାତ୍ର ଏସବୁ ଲୋକମାନଙ୍କ କାମରେ ଆସୁନାହିଁ। ଲୋକଙ୍କ ଘରର ଆବର୍ଜନା ପାଣିକୁ ସହରର ମୁଖ୍ୟ ଡ୍ରେନକୁ ନିଷ୍କାସନ କରିବା ସକାଶେ ଛୋଟ ଛୋଟ ଡ୍ରେନ ନିର୍ମାଣ କରାଯାଇଛି। ମାତ୍ର ଡ୍ରେନ ଦେଇ ଆବର୍ଜନା ପାଣି ନିଷ୍କାସନ ହୋଇପାରୁନାହିଁ। ଏହି ବସ୍ତିକୁ ଠିକ୍ ଭାବେ ଅଳିଆଉଠା ଯାନ ଆସୁନାହିଁ କି ଅଳିଆ ମଧ୍ୟ ଉଠୁନାହିଁ। ଲୋକେ ଗୋଟିଏ ଜାଗାରେ ଅଳିଆ ଗଦା କରୁଥିବା ଯୋଗୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ସେହିପରି ବିରଜାପାଲିରେ ହାଇମାଷ୍ଟ ଲାଇଟ୍ ଲଗାଯାଇଥିଲେ ମଧ୍ୟ ବର୍ଷେ ହେଲା ଜଳୁନାହିଁ। ଏଠାରେ ଏକ ଅଙ୍ଗନୱାଡି କେନ୍ଦ୍ର ରହିଥିବାବେଳେ ଏଯାଏ ନିଜସ୍ୱ ଗୃହ ନିର୍ମାଣ ହୋଇନାହିଁ। ଫଳରେ ଏକ ଭଙ୍ଗାଦଦରା ଛପର ଘରେ ଦୀର୍ଘ ୧୪ବର୍ଷ ହେଲା ଅଙ୍ଗନୱାଡି କେନ୍ଦ୍ର ଚାଲିଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ସମସ୍ୟାର ସମାଧାନ ହେଉ ନ ଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ତୁରନ୍ତ ବସ୍ତି ସମସ୍ୟା ସମାଧାନ ନ ହେଲେ ଆର୍‌ଏମସି ଅଫିସ୍ ଆଗରେ ଆନ୍ଦୋଳନ କରାଯିବ ବୋଲି ମାରିୟାନ କୁଜୁର, ଆଶା ଗିରି, ସରିତା ନାଏକ, ନିଲି ନାଗ, ବିନିତା ଶର୍ମା, ପୁଷ୍ପଲତା ଲିଙ୍ଗମ, ରେଖା ଶର୍ମା, ରେଖା ସର୍ଗୁଜା, ଆରତୀ କୁଜୁର, ରୀନା ଖାଖା, ସୁଖମଣି ତାଣ୍ଡିଆ, ସୁଶୀଳା ଶର୍ମା ଏବଂ ରଶ୍ମୀ ଲୁଗୁନ ପ୍ରମୁଖ ମହିଳା ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଆର୍‌ଏମ୍‌ସି କମିଶନର ଦୀନା ଦସ୍ତଗୀରଙ୍କୁ ପଚାରିବାରୁ ସେ କହିଲେ, ବିରଜାପାଲିର ସମସ୍ୟା ବାବଦରେ ମୁଁ ଅବଗତ ନ ଥିଲି। ନିଶ୍ଚିତ ଭାବେ ଏସବୁ ସମସ୍ୟାର ସମାଧାନ ହେବା କଥା। ଖୁବ୍‌ଶୀଘ୍ର ଆର୍‌ଏମ୍‌ସିର ଏକ ଟିମ୍ ଯାଞ୍ଚ ପାଇଁ ବିରଜାପାଲି ଯିବେ। ପରେ କିଭଳି ସମସ୍ତ ସମସ୍ୟର ସମାଧାନ ହୋଇପାରିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ରାଉରକେଲା,୨୧।୧୦(ଦିନେଶ ମିଶ୍ର)

ରାଉରକେଲା ଛେଣ୍ଡ ସ୍ଥିତ ଚିନ୍ମୟ ଇଂରାଜୀ ବିଦ୍ୟାଳୟ ପରିସରରେ ଚିନ୍ମୟ ମିଶନ ପକ୍ଷରୁ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଚିନ୍ମୟ ବିଦ୍ୟାଳୟର ଅଧ୍ୟକ୍ଷା ଶର୍ମିଷ୍ଠା କବି ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାମୀ ଅରୁପାନନ୍ଦ ଜୀ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସ୍ୱାମୀ ଋଷିପ୍ରିୟା ନନ୍ଦ, ସ୍ୱାମୀ ତନିଷ୍ଠା ନନ୍ଦ, ବ୍ରହ୍ମଚାରିଣୀ ପ୍ରତିଭା ଚୈତନ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଗୀତା ଆବୃତ୍ତି ପ୍ରତିଯୋଗିତାରେ ରାଉରକେଲା, ଛେଣ୍ଡ, ଦେବଗଡ, ଲାଠିକଟା ଆଦି ଅଞ୍ଚଳରୁ ପ୍ରାୟ ୮୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍ୱାମୀ କେବଳାନନ୍ଦ ଜୀ ଅତିଥି ଭାବେ ଯୋଗଦେଇ ଆତ୍ମା ଓ ପରମାତ୍ମା ଉପରେ ଆଲୋଚନା କରିଥିଲେ। ପରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସୂଚନାଯୋଗ୍ୟ, ଆସନ୍ତା ନଭେମ୍ବର ୨୯ ଓ ୩୦ ତାରିଖରେ ପୁନେଠାରେ ହେବାକୁ ଥିବା ଜାତୀୟ ଗୀତା ଆବୃତ୍ତି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ। ଚିନ୍ମୟ ମିଶନ ସଦସ୍ୟ ଶ୍ୟାମକାନ୍ତ ସାହୁ, ବିଜୟ ମହାରଣା, ଅଶୋକ ସାହୁ, ତପନ ମହାପାତ୍ର, ନିର୍ମଳ ଦାସ, ସୁଶ୍ରିତା ପଟ୍ଟନାୟକ, ଗୋପାଳ ପଣ୍ଡା, କାହ୍ନୁ ଚରଣ ହେମ୍ବ୍ରମ, ସୁନିଲ ପଣ୍ଡା, ଉଦୟ ମାଝୀ, ସ୍ମିତା ଦାସ, ଗୁରୁପ୍ରିୟା ପଣ୍ଡା, ଚକ୍ରଧର ପ୍ରଧାନ, ଅର୍ଚ୍ଚନା ବିଶ୍ୱାଳଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଶିଶୁ ମହୋତ୍ସବ ସୁରଭିରେ ୨୮୦ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ



କୃତୀ ଛାତ୍ରୀଛାତ୍ର ପୁରସ୍କୃତ ହେଉଛନ୍ତି।

ରାଉରକେଲା,୨୧।୧୦(ବିପ୍ଲବ ରଞ୍ଜନ ଦାଶ)

ବିସ୍ରା ଶିକ୍ଷା ବ୍ଲକ ଅନ୍ତର୍ଗତ ଆର୍.ଇ.ସି କ୍ଲଷ୍ଟର ଅଧୀନ ୧୭ଟି ବିଦ୍ୟାଳୟର ୨୮୦ ଛାତ୍ରୀଛାତ୍ରମାନଙ୍କୁ ନେଇ ଶିଶୁ ମହୋତ୍ସବ ସୁରଭି-୨୦୨୫ ରବିବାର ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସତ୍ୟଭାମା ବେହେରା ମୁଖ୍ୟଅତିଥି, ସେକ୍ଟର-୨୦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାଧୁରୀ କେରକେଟା, ସୁଶୀଳାବତୀ ଯୁକ୍ତ ୨ ସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ନାୟକ, ଆଭା ଓ ଅନ୍ୱେଷା ସଭାପତି ଆର୍ତ୍ତତ୍ରାଣ ଜେନା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିସ୍ରା ବ୍ଲକ ଶିକ୍ଷାଧିକାରୀ ସୁପ୍ରଭାତ କୁମାର ବେହେରା ମୁଖ୍ୟଅତିଥି, ପ୍ରାକ୍ତନ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କୃପାସିନ୍ଧୁ ପତି, ଆରତୀ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜକିଶୋର ମିଶ୍ର ଓ ସରକାରୀ ଉଚ୍ଚ ବିଦ୍ୟାଳୟ ଆର.ଇ.ସି ପ୍ରଧାନ ଶିକ୍ଷୟିତ୍ରୀ ସୁଦୀପ୍ତା ବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଉଭୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ସିଆର୍‌ସିସି ସିପ୍ରା ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଶିକ୍ଷୟିତ୍ରୀ ଗୀତାଞ୍ଜଳି ମିଶ୍ର ଓ ନିରୁପମା ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ହୋଇଥିଲା। ବିଦ୍ୟୁତ୍‌ମୟୀ ମିଶ୍ର, ଉର୍ମିଳା ପ୍ରଧାନ, ବନ୍ଦନା ଦାସ, ଦୁଲାରୀ ପଟେଲ, ସବିତା ବସ୍ତିଆ, ସସ୍ମିତା ପରିଡା, ମେରୀ ସାହୁ, ଶୁଚିସ୍ମିତା ଶତପଥୀ, ବିନିତା ମହାନ୍ତି, ସତ୍ୟଭାମା ନାୟକ, ସସ୍ମିତା ଜେନା, ରିନୁ ପ୍ରଧାନ, ସବିତା ସାମଲ, ନମିତା ମହାନ୍ତି, ମୋହିନୀ ଜେନା ଓ ଶୁଭଶ୍ରୀ ସେଠୀ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ପ୍ରତିଯୋଗିତାର ମୂଲ୍ୟାୟନ କରିଥିଲେ। ପରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସହଯୋଗ କରିଥିଲେ। ରଞ୍ଜନ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।



ବାର୍ଷିକୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ତ୍ରିବେଣୀ କଳା ସଙ୍ଗମର ୨୫ତମ ବାର୍ଷିକୋତ୍ସବ

ରାଉରକେଲା,୨୧।୧୦(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୯ସ୍ଥିତ ସିଭିକ୍ ସେଣ୍ଟରରେ ନୃତ୍ୟାନୁଷ୍ଠାନ ତ୍ରିବେଣୀ କଳା ସଙ୍ଗମ ପକ୍ଷରୁ ୨୫ତମ ଦୁଇଦିନିଆ ବାର୍ଷିକୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବର ପ୍ରଥମ ଦିନରେ ଆର୍‌ଏସ୍‌ପି ମହାପ୍ରବନ୍ଧକ ବିଶ୍ୱଜିତ ମିଶ୍ର ମୁଖ୍ୟ ଅତିଥି, ରାଉରକେଲା ବାର୍ ଆସୋସିଏଶନ ସଭାପତି ସଦାନନ୍ଦ ସାହୁ ଓ ସମାଜସେବୀ ସନ୍ଧ୍ୟା ଲାକ୍ରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ନୃତ୍ୟ ପାଇଁ ବେଷ୍ଟ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଦିବସରେ ପ୍ରଫେସର ଡକ୍ଟର ସମର ମୁଦାଲି ମୁଖ୍ୟ ଅତିଥି, ସୁଶାନ୍ତ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଦୀର୍ଘ ୨୫ ବର୍ଷ ଧରି ଅନୁଷ୍ଠାନକୁ ବଞ୍ଚାଇ ରଖିବା ସହ କଳା କ୍ଷେତ୍ରରେ ବହୁ ଛାତ୍ରୀଛାତ୍ର ସୃଷ୍ଟି କରିବାରେ ଗୁରୁ ସୁନିତା ପଟ୍ଟନାୟକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ପ୍ରବୀର କୁମାର ଜେନା ମଞ୍ଚ ପରିଚାଳନା କରିଥିଲେ। ପରେ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ତ୍ରିବେଣୀ କଳା ପରିଷଦର ବରିଷ୍ଠ ସଦସ୍ୟ ମନୀନ୍ଦ୍ର ପଟ୍ଟନାୟକ, ସୁବ୍ରତ ପଟ୍ଟନାୟକ, ଦିପେନ ଦେହୁରୀ, ବନ୍ଦନା ମହାପାତ୍ର, ପ୍ରିୟା ରାଉତରାୟ, ଅଞ୍ଜଳି ଜେନା, ଏଲିନା ମହାନ୍ତି, ଶିଖା ରାୟ ପ୍ରମୁଖ ସହଯୋଗ କରିଥିଲେ।

## ଜୁଆ ଚଢ଼ାଉ, ୪ ଗିରଫ

ରାଉରକେଲା,୨୧।୧୦(ଦିନେଶ ମିଶ୍ର): ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଇନ୍ଦିରାନଗର ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ଏକ ଜୁଆ ଆଡ୍ଡାରେ ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋପବନ୍ଧୁପାଲି ଅଞ୍ଚଳର ରାଜ ଯାଦବ(୨୪), ଫାରୁକ୍ ଶେଖ୍(୨୨), ଇନ୍ଦିରାନଗରର ଏମ୍‌ଡି ଫରିଦ୍ ଓରଫ ରାଜା(୨୯) ଏବଂ କରନ କୁମାର(୨୦)। ସେମାନଙ୍କଠାରୁ ୨୨୦୦ ଟଙ୍କା ଓ ୫୨ଟି ତାସ୍‌ପତା ଜବତ କରିଛି। ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୮୪୧/୨୫) ରୁଜୁ କରିଛି। ସୂଚନାଯୋଗ୍ୟ, ରାଉରକେଲା ଦ୍ୱିତୀୟ ରେଲୱେ ଷ୍ଟେଶନ ପ୍ରବେଶ ପଥରେ ଥିବା ଗୋପବନ୍ଧୁପାଲୀ ଅଞ୍ଚଳର ଇନ୍ଦିରାନଗର ବସ୍ତିରେ କିଛି ଅସାମାଜିକ ଯୁବକ ସୋମବାର ବିଳମ୍ବିତ ରାତିରେ ଜୁଆ କାରବାର ଚଳାଇଥିଲେ। ପ୍ଲାଣ୍ଟସାଇଟ୍ ପୋଲିସ ଖବର ପାଇ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।



ଗିରଫ ଅଭିଯୁକ୍ତ ଏବଂ ଜବତ ଟଙ୍କା।

# ରୋଟାରି ରିଭରସାଇଡ୍ କ୍ଲବର ଦୀପାବଳି ଉତ୍ସବ

ରାଉରକେଲା,୨୧।୧୦(ଦିନେଶ ମିଶ୍ର): ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ରୋଟାରୀ କ୍ଲବ ରିଭରସାଇଡ୍ ପକ୍ଷରୁ ସଭାପତି ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଦୀପାବଳି ପାଳିତ ହୋଇଯାଇଛି। ଡିମ୍ପଲ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ସାଧନା ଡ୍ୟାନ୍ସ ଏକାଡେମୀ କଳାକାରମାନେ ଏକକ ଓ ଦଳଗତ ନୃତ୍ୟ କରିଥିଲେ। ଏହି ଅବସରରେ ରୋଟାରିଆନ ଡିମ୍ପଲ ସାହୁ, ପରମେଶ୍ୱର ପ୍ରଧାନ, ସନ୍ତୋଷ କୁମାର ମିଶ୍ର, ପ୍ରମିଳା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ନବଘନ ସାହୁ, ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଦୀପକ ଦାସ, ସିଦ୍ଧିନାଥ ଜ୍ୟୋତିଷ, ଘନଶ୍ୟାମ ଗିରି, ପ୍ରତିମା ମହାପାତ୍ର, ସୁଧାରାଣୀ ପ୍ରଧାନ, ମଞ୍ଜୁଳା ମହାପାତ୍ର, ସୁପ୍ରିୟା ମହାନ୍ତି, ଶରତ କୁମାର ପାଣିଗ୍ରାହୀ, ସୁଖବିନ୍ଦର ସିଂ, ବସନ୍ତ କୁମାର ପାଠୀ ପ୍ରମୁଖ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ଶରତ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।




କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଶହୀଦ ଦିବସରେ ରକ୍ତଦାନ ଶିବିର

ରାଉରକେଲା,୨୧।୧୦(ଦିନେଶ ମିଶ୍ର): ରାଉରକେଲା ରିଜର୍ଭ ପୋଲିସ ପଡିଆରେ ୬୬ତମ ପୋଲିସ ଶହୀଦ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶହୀଦ ପୋଲିସ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ପୋଲିସରେ କାର୍ଯ୍ୟରତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପରେ ରିଜର୍ଭ ପୋଲିସ କାର୍ଯ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ରାଉରକେଲା ଏସ୍‌ପି ୱାଧୱାନି ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ବିଭିନ୍ନ ଥାନାର ପୋଲିସ ଅଧିକାରୀ ଓ କର୍ମଚାରୀ ରକ୍ତଦାନ କରିଥିଲେ। ଶିବିରରେ ମୋଟ୍ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆର୍‌ଜିଏଚ୍ ବ୍ଲଡବ୍ୟାଙ୍କ ଡାକ୍ତର ଓ ଟେକ୍ନିସିଆନ ରକ୍ତ ସଂଗ୍ରହ କରିଥିଲେ।

# ଆର୍‌ଏସ୍‌ପି ଅଧିକାରୀ, କର୍ମଚାରୀ ପୁରସ୍କୃତ

ରାଉରକେଲା,୨୧।୧୦(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ସାମଗ୍ରୀ ପରିଚାଳନା ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର ପୁରସ୍କାର ସମାରୋହରେ ବିଭାଗର ଅଧିକାରୀମାନଙ୍କ ସମେତ ୧୯ଜଣ କର୍ମଚାରୀଙ୍କୁ କାର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେଲ୍ ସାବାସ ଯୋଜନାରେ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର ଅଧ୍ୟକ୍ଷତା କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସାମଗ୍ରୀ ପରିଚାଳନା (ପର୍ଚେଜ) ବିଭାଗର ଜିଏମ୍ ଇନ୍‌ଚାର୍ଜ ଆଶିଷ ରଞ୍ଜନ ଏବଂ ସାମଗ୍ରୀ ପରିଚାଳନା (ମାର୍କେଟିଂ) ବିଭାଗର ଜିଏମ୍ ଇନ୍‌ଚାର୍ଜ ଅଜୟ ଶୁକ୍ଲାଙ୍କ ସମେତ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସେଲ୍ ସାବାସ ପୁରସ୍କାର ଯୋଜନାର ବର୍ଗ-୧ ଅଧୀନରେ ୧୫ଜଣ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ବର୍ଗ ଅଧୀନରେ ଏମ୍‌ଏମ୍ (ପର୍ଚେଜ) ବିଭାଗର ଏଜିଏମ ଆଶୁତୋଷ, ଏମ୍‌ଏମ୍ (ଷ୍ଟୋର) ବିଭାଗର ଏଜିଏମ୍ ଏସ୍. କେ. ରଜକ, ଏମ୍‌ଏମ୍ (ପର୍ଚେଜ) ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ସୌଭାଗ୍ୟ ବିଶ୍ୱାଳ ଏବଂ ଏମ୍‌ଏମ୍ (ମାର୍କେଟିଂ) ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଏସ୍. କେ. ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଅନୀଲ କୁମାର ସମାବେଶକୁ ସମ୍ବୋଧିତ କରି ପୁରସ୍କାର ଲାଭାର୍ଥୀମାନଙ୍କୁ ସେମାନଙ୍କ ପ୍ରଶଂସନୀୟ କାର୍ଯ୍ୟଦକ୍ଷତା ଏବଂ ନିଷ୍ଠା ପାଇଁ ଅଭିନନ୍ଦନ ଜଣାଇଥିଲେ।




ଆର୍‌ଏସ୍‌ପି କର୍ମଚାରୀ ପୁରସ୍କୃତ ହେଉଛନ୍ତି।

# ଅଣ୍ଡର ୨୫ କ୍ରିକେଟ: ଆଶୁ ଇଲେଭେନ୍ ଚାମ୍ପିୟନ

ରାଉରକେଲା,୨୧।୧୦(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୩ ସ୍ଥିତ ଦୁର୍ଗାପୂଜା ପଡିଆରେ ଅଲ୍ ଇଣ୍ଡିଆ ଅଣ୍ଡର-୨୫ କ୍ରିକେଟ୍‌ର ଫାଇନାଲ ମ୍ୟାଚ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଜୟ ତାରିଣୀ କ୍ଲବ ପକ୍ଷରୁ ଆୟୋଜିତ ଉଦ୍‌ଯାପନୀ ମ୍ୟାଚ୍‌ରେ ରାଉରକେଲା ଜାଗରଣ ମଞ୍ଚ ସଭାପତି ରିଙ୍କୁ ସାମଲ ମୁଖ୍ୟ ଅତିଥି, ସମାଜସେବୀ ସତୀଶ ପଟ୍ଟନାୟକ, ସୁମନ ସିଙ୍ଘ, ସାମାଜିକ କର୍ମୀ ମହେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍ ରାଉରକେଲା ଆଶୁ ଇଲେଭେନ୍ ଓ ଜୟ ତାରିଣୀ କ୍ରିକେଟ୍ ଏକାଡେମୀ ସେକ୍ଟର- ୧୩ ମଧ୍ୟରେ ଖେଳାଯାଇଥିଲା। ଏଥିରେ ପ୍ରଥମେ ଆଶୁ ଇଲେଭେନ୍ କ୍ରିକେଟ୍ କ୍ଲବ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ଆଶୁ ଇଲେଭେନ୍ ଦଳ ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ଉଇକେଟ ହରାଇ ୨୪୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରବି ବିନୋଦ ସିଂ ମାତ୍ର ୩୫ଟି ବଲ୍ ଖେଳି ସର୍ବାଧିକ ୬୪ ରନ କରିଥିବାବେଳେ ରୋଶନ ଶର୍ମା ୩୭ଟି ବଲ ଖେଳି ୬୪ ରନ୍ କରି ଦଳକୁ ଏକ ବିଶାଳ ସ୍କୋରରେ ପହଞ୍ଚାଇଥିଲେ। ଜବାବରେ ଜୟ ତାରିଣୀ କ୍ରିକେଟ୍ ଏକାଡେମୀ ୨୯ ଓଭରରେ ସମସ୍ତ ଉଇକେଟ ହରାଇ ୧୫୩ ରନ୍ କରି ପରାଜିତ ହୋଇଥିଲା। ଜେଟିସିଏ ଦଳ ପକ୍ଷରୁ ହେମନ୍ତ କୁମାର ନାୟକ ମାତ୍ର ୩୭ ବଲ ଖେଳି ସର୍ବାଧିକ ୪୧ ରନ କରିଥିଲେ। ଏହି ମ୍ୟାଚ୍‌ରେ ରବି ବିନୋଦ ସିଂଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ବେଷ୍ଟ ବ୍ୟାଟର ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ବେଷ୍ଟ ବୋଲର ଭାବେ ଅମରନାଥ ବାନାର୍ଜୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଅତିଥିମାନେ ଆଶୁ ଇଲେଭେନ୍ ଚାମ୍ପିଅନ୍ ଦଳକୁ ୧୨ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟାର ହେମନ୍ତ ନାୟକ ଓ ପ୍ରଶାନ୍ତ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। କ୍ଲବର ସାଧାରଣ ସମ୍ପାଦକ ଆଲୋକ ପ୍ରଧାନ, କାହ୍ନୁ ଚରଣ ନାୟକ, ବିଭୁ ରଞ୍ଜନ ପଣ୍ଡା, ଅଜୟ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।




ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

ଦେବଗଡ଼,୨୧।୧୦(ଶଶାଙ୍କ ଶେଖର ଝାଙ୍କର)

ସାପ କାମୁଡ଼ାରେ ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦେବଗଡ଼ ପୌରାଞ୍ଚଳ ଅଧୀନ ପତ୍ରାପାଲି ସାହିର ସୁରେନ ମୁଣ୍ଡା। ସେ ଜାଳକାଠ ସଂଗ୍ରହ ପାଇଁ ନିକଟସ୍ଥ ଚଡ଼କମରା ଜଙ୍ଗଲକୁ ଯାଇଥିବାବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପରିବାର ଲୋକେ ଦେବଗଡ଼ ଆଦର୍ଶ ଥାନାରେ ଲିଖିତ ଏତଲା ଦେବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି ।

### ଦୁର୍ଘଟଣା: ଡାକ୍ତର ଗୁରୁତର

ବ୍ରଜରାଜନଗର,୨୧।୧୦(ବିଜୟ ବରାଡ଼)

ବ୍ରଜରାଜନଗର ଥାନା ଅଧୀନ ଗୋଲ ଛକ ନିକଟ ଚଣ୍ଡୀମନ୍ଦିର ରାସ୍ତାରେ ମଙ୍ଗଳବାର ପୂର୍ବାହ୍ନରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଗୋଟିଏ ବାଇକ୍‌ର ଚାଳକ ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରି ନ ଥିବାବେଳେ ସେ ଜଣେ ଡାକ୍ତର ବୋଲି ଜଣାପଡିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା ଲାଗି ତାଙ୍କୁ ଝାରସୁଗୁଡ଼ାସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଛି।

### ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାରେ ଚିନ୍ମୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ କୃତିତ୍ୱ

ଦେବଗଡ଼,୨୧।୧୦(ଶଶାଙ୍କ ଶେଖର ଝାଙ୍କର)

ଚିନ୍ମୟ ମିଶନ ଦ୍ୱାରା ରାଉରକେଲାଠାରେ ଆୟୋଜିତ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାରେ ଦେବଗଡ଼ ଚିନ୍ମୟ ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରି ଜିଲା ପାଇଁ ଗୌରବ ଆଣିଛନ୍ତି। 'କ' ବିଭାଗରେ ୟୁକେଜି ଛାତ୍ରୀ ପଲକ୍ସି ପ୍ରଧାନ ପ୍ରଥମ, ଏଲ୍‌କେଜିର ପ୍ରିୟଦର୍ଶିନୀ ନନ୍ଦ ତୃତୀୟ ସ୍ଥାନ, 'ଘ' ବିଭାଗରେ ପ୍ରତ୍ୟୁଷାରାଣୀ ମିଶ୍ର ଦ୍ୱିତୀୟ, ଙ ବିଭାଗରେ ସପ୍ତମ ଶ୍ରେଣୀ ଛାତ୍ର ପୀୟୁଷ ଦ୍ୱିବେଦୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିସହିତ ସାୟୋନି ଶ୍ରେୟଂସୀ, ଅମୃତ ପ୍ରସାଦ, କ୍ରୀଷ୍ଟା ପ୍ରିୟଦର୍ଶିନୀ ଏବଂ ମୟଙ୍କ ରାଜ ସାନ୍ତ୍ୱନାମୂଳକ ପୁରସ୍କାର ପାଇଛନ୍ତି। କୃତୀ ଛାତ୍ରୀଛାତ୍ରଙ୍କୁ ଦେବଗଡ଼ ଚିନ୍ମୟ ମିଶନ୍‌ର ଆଚାର୍ଯ୍ୟା ସ୍ୱାମିନି ତନ୍ନିଷ୍ଠାନନ୍ଦ, ସମ୍ପାଦକ ପ୍ରଭୁଦତ୍ତ ମିଶ୍ର, ଚେୟାରମ୍ୟାନ୍ ସ୍ୱାମୀ ନିଗମାନନ୍ଦ, ଅଧ୍ୟକ୍ଷ ଡ. ଅଭୟ କୁମାର ସାହୁ, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକ ଶୁଭେଚ୍ଛା ଜଣାଇଥିଲେ।

# ଝାରସୁଗୁଡ଼ା ଜିଲାରେ ବହୁ ଉଠାଜଳସେଚନ ପଏଣ୍ଟ ଅଚଳ

- ଡିଜେଲ ପମ୍ପରେ ଚାଷଜମିକୁ ଯାଉଛି ପାଣି
- ଆର୍ଥିକ ବୋଝ ସହୁଛନ୍ତି ଚାଷୀ
- ପୋର୍ଟାଲରେ ଆବେଦନ ସତ୍ତ୍ୱେ ମରାମତି ହେଉନି

ଝାରସୁଗୁଡ଼ା,୨୧।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ଅନେକ ନଦୀ, ନାଳ ଥିବାରୁ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ବହୁସଂଖ୍ୟକ ଚାଷୀ ଚାଷ କରିଥାନ୍ତି। ହେଲେ ଗତ ଜୁଲାଇ ଓ ଅଗଷ୍ଟରେ ବନ୍ୟା ଯୋଗୁ ବହୁ ଉଠାଜଳସେଚନ ପ୍ରକଳ୍ପର ମେଶିନରେ ପାଣି ପଶି ଅଚଳ ହୋଇପଡିଛି। ଫଳରେ ଚାଷୀମାନେ ଫସଲ ବଞ୍ଚାଇବା ପାଇଁ ବାଧହୋଇ ଡିଜେଲ ପମ୍ପରେ ଚାଷଜମିକୁ ପାଣି ମଡ଼ାଇ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିବା ସହ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଜିଲାରେ ଗତ ଜୁଲାଇ ଓ ଅଗଷ୍ଟରେ ପ୍ରବଳ ବର୍ଷା ଯୋଗୁ ନଦୀରେ ବନ୍ୟା ଆସିଥିଲା। ଫଳରେ ନଦୀକୂଳ ତଥା ହିଡ଼ରେ ବସାଯାଇଥିବା ଅନେକ ଉଠାଜଳସେଚନ ପ୍ରକଳ୍ପର ମେଶିନରେ ପାଣି ପଶିଯାଇଥିଲା। ଏପରି କି କେତେକ ସ୍ଥାନରେ ୩/୪ ଦିନ ପର୍ଯ୍ୟନ୍ତ ପାଣିରେ ମେଶିନ ବୁଡ଼ି ରହିଥିଲା। ଏଥିଯୋଗୁ ମେଶିନଗୁଡ଼ିକ ଅଚଳ ହୋଇପଡିଛି।



ସାଲେଟିକ୍ରାରେ ଅଚଳ ହୋଇପଡ଼ିଥିବା ଉଠା ଜଳସେଚନ ପ୍ରକଳ୍ପ।

ଯେଉଁ ମେଶିନ କମ୍ ଖର୍ଚ୍ଚରେ ମରାମତି ହୋଇପାରିବ ସେଗୁଡିକୁ ପାଣି ପଞ୍ଚାୟତ ପକ୍ଷରୁ ମରାମତି କରାଯାଇଛି। କିନ୍ତୁ ଯେଉଁ ମେଶିନ ମରାମତି ପାଇଁ ଅଧିକ ଖର୍ଚ୍ଚ ଆବଶ୍ୟକ, ସେଥିପାଇଁ ଉଠାଜଳସେଚନ ବିଭାଗର ଏକ ପୋର୍ଟାଲରେ ଆବେଦନ ପାଇଁ ବିଭାଗ ପକ୍ଷରୁ କୁହାଯାଇଥିଲା। ଉକ୍ତ ପୋର୍ଟାଲରେ ଆବେଦନ କରାଯିବାର ୨ ମାସ ବିତି ଯାଇଥିଲେ ମଧ୍ୟ ମରାମତି କାର୍ଯ୍ୟ ଆରମ୍ଭ ହୋଇନାହିଁ। ଫଳରେ ଚାଷୀମାନେ ନଦୀ, ନାଳରୁ ଡିଜେଲ ପମ୍ପ ଦ୍ୱାରା ଚାଷଜମିକୁ ପାଣି ମଡାଉଛନ୍ତି। ଏଥିପାଇଁ ସେମାନଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଝାରସୁଗୁଡ଼ା ଜିଲାର ବହୁ ସ୍ଥାନରେ ଏଭଳି ସମସ୍ୟା ଲାଗିରହିଛି। ବିଶେଷକରି ଲଇକେରା ବ୍ଲକ ଅଧୀନ ସାଲେଟିକ୍ରାର ୧ ଓ ୨ ନମ୍ବର ପଏଣ୍ଟ, ଗୌରୀବୁଡ଼ର ୧ ଓ ୨, ମୁଦ୍ରାଜୋରର ୩ ଓ ୪, ତିଳେଇମାଲ ପଞ୍ଚାୟତ କୁକେରମା ଗ୍ରାମର ୧ ଓ ୨ ନମ୍ବର ପଏଣ୍ଟ, ଜାମମାଲ ପଞ୍ଚାୟତର ରାଉତବାହାଲ ଗ୍ରାମ, ବାବୁଛିପିଡ଼ିହି ପଞ୍ଚାୟତର ଜୁଡୁକା ବାହାଲଠାରେ ଥିବା ପଏଣ୍ଟରେ ମେଶିନ ଅଚଳ ହୋଇପଡିଥିବା ଦେଖିବାକୁ ମିଳିଛି। ଏ ନେଇ ସାଲେଟିକ୍ରା ଅଞ୍ଚଳର ଚାଷୀ ପ୍ରଦୀପ କୁମାର ସାହୁ, ରୁଦ୍ର ପଟେଲ, ଅଜିତ୍ ନାଇକ କହିଛନ୍ତି, ଉଠାଜଳସେଚନ ବିଭାଗର ପୋର୍ଟାଲରେ ୨ ମାସ ହେବ ଆବେଦନ କରିଥିଲେ ମଧ୍ୟ ଅଚଳ ମେଶିନ ମରାମତି କରାଯାଉନାହିଁ। ଫଳରେ ବାଧହୋଇ ଡିଜେଲ ପମ୍ପରେ ଧାନ ଏବଂ ଅନ୍ୟ ଫସଲକୁ ପାଣି ମଡାଇ ବହୁ ଖର୍ଚ୍ଚାନ୍ତ ହେଉଛୁ। ଏନେଇ ଝାରସୁଗୁଡ଼ା ଜିଲା ଉଠାଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ସତ୍ୟନାରାୟଣ ନାହାକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# କାଳୀପୂଜା ମହୋତ୍ସବ



ମଣ୍ଡପରେ ପୂଜା ପାଉଥିବା ମା' କାଳୀ।

ଦେବଗଡ଼,୨୧।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାର ପ୍ରସିଦ୍ଧ ବାରକୋଟ କାଳୀପୂଜା ମହୋତ୍ସବ ଶୁଭାରମ୍ଭ ହୋଇଯାଇଛି। ଏହି ଉପଲକ୍ଷେ ବାରକୋଟ ସାର୍ବଜନୀନ କାଳୀପୂଜା କମିଟୀ ପକ୍ଷରୁ ସୋମବାର କଳସ ଶୋଭାଯାତ୍ରା ସହିତ ଅଧିବାସ ସମ୍ପନ୍ନ ହୋଇଥିଲା। କମିଟି ସଦସ୍ୟଙ୍କ ସହିତ ଶତାଧିକ ଜନସାଧାରଣ ଶୋଭାଯାତ୍ରାରେ ନିକଟସ୍ଥ ନଦୀରୁ ଜଳ ସଂଗ୍ରହ କରି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପରେ ମା' ଶ୍ୟାମାକାଳୀଙ୍କ ପୂଜା, ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। କାଳୀପୂଜା ମହୋତ୍ସବ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ୩୧ରେ ଘଟ ବିସର୍ଜନ କରାଯିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

ଝାରସୁଗୁଡ଼ା,୨୧।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ଅନ୍ତର୍ଗତ ପରମାନପୁର ଏବଂ ଝିର୍ଲାପାଲି ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଟଙ୍କଧର ତ୍ରିପାଠୀ ଏହାର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ। କୋଲାବିରା ବ୍ଲକ ଅଧୀନ ପରମାନପୁର ଗ୍ରାମରେ ନବନିର୍ମିତ ହୋମିଓପାଥି ଚିକିତ୍ସାଳୟକୁ ବିଧାୟକ ଉଦ୍‌ଘାଟନ କରି ଅଞ୍ଚଳବାସୀ ହୋମିଓପାଥି ଚିକିତ୍ସାର ଲାଭ ଉଠାଇବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡା. ଆର୍. ମହାନ୍ତି, ମଣ୍ଡଳ ସଭାପତି ରାଜେଶ ଦାସ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବିନୋଦ ବିହାରୀ ଛୁରିଆ, ସରପଞ୍ଚ ଜାହ୍ନବୀ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଝିର୍ଲାପାଲି ପଞ୍ଚାୟତ ଅନ୍ତର୍ଗତ ବାଦୀମାଲ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଦୈନିକ ଯତ୍ନ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଛି । ବିଧାୟକ ଏହାର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଝାରସୁଗୁଡ଼ା ସିଡିଏମ୍‌ଓ ମହେଶ ମୋହନ ପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବିନୋଦ ବିହାରୀ ଛୁରିଆ, କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଘନଶ୍ୟାମ ସୋରେନ, ସରପଞ୍ଚ ତିଲୋତ୍ତମା ଚଚ୍ଛନ ପ୍ରମୁଖ ଅତିଥି ଭାବେ ଯୋଗ ଦେଉଥିଲେ । ଉଭୟ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ଓ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା ସହଯୋଗ କରିଥିଲେ।

# ଜିଲାସ୍ତରୀୟ ଆସ ସ୍କୁଲ ଯିବା ଅଭିଯାନ



ମନମୋହନ ସ୍କୁଲରୁ ବାହାରିଥିବା ସଚେତନତା ପଦଯାତ୍ରା।

ଝାରସୁଗୁଡ଼ା,୨୧।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜିଲାସ୍ତରୀୟ ଆସ ସ୍କୁଲ ଯିବା ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ମନମୋହନ ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଅଧାରୁ ପାଠ ଛାଡିଥିବା ଛାତ୍ରୀଛାତ୍ରଙ୍କୁ ପୁଣିଥରେ ସ୍କୁଲ ମୁହାଁ କରିବା ଉଦ୍ଦେଶ୍ୟରେ ମନମୋହନ ସ୍କୁଲରୁ ପୁରୁଣାବସ୍ତି ପିଏମ୍ ସ୍କୁଲ ପର୍ଯ୍ୟନ୍ତ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ବିଧାୟକ ଟଙ୍କଧର ତ୍ରିପାଠୀ ଏହାର ଶୁଭାରମ୍ଭ କରିଥିଲେ। ଜିଲା ଶିକ୍ଷାଧିକାରୀ ଡ. ରାଧାକାନ୍ତ ଗଡ଼ତିଆଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତ୍ରିପାଠୀ କହିଛନ୍ତି, ପିଲାଙ୍କୁ ଶିକ୍ଷାରୁ ବଞ୍ଚିତ କରନ୍ତୁ ନାହିଁ। ଜିଲାରେ ୩୦୨ ଜଣ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡିଥିବାବେଳେ ଆଗାମୀ ଦିନରେ ସମସ୍ତଙ୍କୁ ସ୍କୁଲକୁ ଫେରାଇ ଅଣାଯିବ ବୋଲି ଜିଲା ଶିକ୍ଷାଧିକାରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡା, ବିମଳେନ୍ଦୁ ଭୋଳ, ପୁରୁଷୋତ୍ତମ ଥିରାଣୀ, ରାମହରି ପୂଜାରୀଙ୍କ ସମେତ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର, ସାମାଜିକ କର୍ମୀ ସାମିଲ ଥିଲେ।

## ଶିରିଡ଼ି ସାଇବାବାଙ୍କ ବାର୍ଷିକ ଉତ୍ସବ

ଝାରସୁଗୁଡ଼ା,୨୧।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବଢ଼େଇମୁଣ୍ଡାସ୍ଥିତ ଇଞ୍ଜିନିୟରିଂ ସ୍କୁଲ କଲୋନୀଠାରେ ଥିବା ଶିରିଡି ସାଇବାବାଙ୍କ ମନ୍ଦିର ପ୍ରତିଷ୍ଠା ତଥା ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତି, ସାମାଜିକ କର୍ମୀ ପୁରୁଷୋତ୍ତମ (ଦୁର୍ଗେଶ) ମହାନ୍ତି, ଅରୁଣ ଚଇନିଙ୍କ ସମେତ ଶତାଧିକ ଭକ୍ତ ଯୋଗଦେଇଥିଲେ।

## ବନ୍ଧୁମିଳନ କାର୍ଯ୍ୟକ୍ରମ

ବ୍ରଜରାଜନଗର,୨୧।୧୦(ବିଜୟ ବରାଡ଼)

ବ୍ରଜରାଜନଗର ପୌରାଞ୍ଚଳ ଅଧୀନ ଗୋଲଛକଠାରେ ମଙ୍ଗଳବାର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଦୀପାବଳି ପାଇଁ ଗୋଲଛକ ନିକଟରେ ୨୬ଟି ବାଣଦୋକାନ ଖୋଲାଯାଇଥିଲା। ଶାନ୍ତିଶୃଙ୍ଖଳାରେ ବ୍ୟବସାୟ ହୋଇଥିବାରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ଗୋପାଳ ସୀତାନି, ସମ୍ମାନିତ ଅତିଥି ଭାବେ ଭାଜପା ମଣ୍ଡଳ ସଭାପତି ତପନ ସ୍ୱାଇଁ, ଭାଜପା ମିଡିଆ ପ୍ରଭାରୀ ଜିତେନ୍ଦ୍ର ପଟ୍ଟନାୟକ ଯୋଗଦେଇଥିଲେ। ଆସନ୍ତା ବର୍ଷ ବ୍ୟବସାୟୀଙ୍କ ପାଇଁ ପୌର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବ। ପୋଲିସ ପ୍ରଶାସନ ସହିତ ଯୋଗାଯୋଗ କରାଯାଇ ବ୍ୟବସାୟୀଙ୍କ ପାଇଁ କିପରି ନିୟମ କୋହଳ ହୋଇପାରିବ ତାହାର ବ୍ୟବସ୍ଥା କରିବା ପାଇଁ ପୌରାଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଚଳିତବର୍ଷ ମିଲ କର୍ତ୍ତୃପକ୍ଷ ଦୋକାନ ପିଛା ୭୦୦ ଟଙ୍କା ରସିଦ୍ କାଟି ନେଇଛନ୍ତି। ତାହାକୁ ବନ୍ଦ କରାଯିବ।

# ସଚେତନ ହେଲେ ସାଇବର ଅପରାଧ ରୋକିହେବ

**ସାଇବର ଅପରାଧ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ**

ଦେବଗଡ଼,୨୧।୧୦(ଶଶାଙ୍କ ଶେଖର ଝାଙ୍କର)

ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ସମସ୍ତ ଜିଲାରେ ଇତିମଧ୍ୟରେ ସାଇବର ସୁରକ୍ଷା ଅଭିଯାନ ଶୁଭାରମ୍ଭ ହୋଇଯାଇଛି। ଏହି ଅଭିଯାନର ଅଂଶବିଶେଷ ଜିଲା ପୋଲିସ ପକ୍ଷରୁ ଦେବଗଡ଼ ଆଦର୍ଶ ଥାନାରେ ବରିଷ୍ଠ ନାଗରିକଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସବ୍ୟସାଚୀ ଶତପଥିଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର ଯୋଗଦେଇ କହିଛନ୍ତି, ସଚେତନ ହେଲେ ସାଇବର ଅପରାଧ ରୋକିହେବ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଚେତନତା ରଥ ଶୁଭାରମ୍ଭ କରିଛନ୍ତି। ଦେବଗଡ଼ ଜିଲାରେ ଏହି ରଥ ପହଞ୍ଚିବା ପରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଜନଗହଳିପୂର୍ଣ୍ଣ ସ୍ଥାନରେ ସଚେତନତା ସଭା ଆୟୋଜନ ହେବ ବୋଲି ଆରକ୍ଷୀ ଅଧୀକ୍ଷକ ମିଶ୍ର ସୂଚନା ଦେଇଛନ୍ତି। ଏଥିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧିରଜ ଚୋପଦାର ଯୋଗଦେଇ ସାଇବର ଅପରାଧର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ପ୍ରାନ୍ତରୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ।

# ଦିବ୍ୟାଙ୍ଗ ବିଦ୍ୟାଳୟରେ ଦୀପାବଳି ପାଳନ



ଦିବ୍ୟାଙ୍ଗ ବିଦ୍ୟାଳୟରେ ଯୁବନେତା ଓ ଅନ୍ୟମାନେ।

ଝାରସୁଗୁଡ଼ା, ୨୧।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ସରବାହାଲ ବୁଡାପଡ଼ାସ୍ଥିତ ଦିବ୍ୟାଙ୍ଗ ବିଦ୍ୟାଳୟରେ ମଙ୍ଗଳବାର ଦୀପାବଳି ପର୍ବ ପାଳିତ ହୋଇଯାଇଛି। ଏଥିରେ ଭାଜପା ଯୁବନେତା ସୁଧାଂଶୁ ଦୋରା ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ର, ସ୍କୁଲ ପରିଚାଳନା କମିଟି ସଦସ୍ୟ, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ମିଠା ବଣ୍ଟନ କରିବା ସହ ଉକ୍ତ ବିଦ୍ୟାଳୟର ସମସ୍ୟାଗୁଡିକ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ପାଖରେ ଉପସ୍ଥାପନ କରି ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଯୁବନେତା ଦୋରା ଝାରସୁଗୁଡ଼ା ଶ୍ରୀପୁରା ଗ୍ରାମରେ ଥିବା ଶତାୟୁ ମହିଳା ମୁଗ ଭୋଇଙ୍କୁ ଭେଟି କମ୍ବଳ, ବସ୍ତ୍ର, ମିଠା ପ୍ରଦାନ କରିଥିଲେ। ଏହି ଦୁଇ କାର୍ଯ୍ୟକ୍ରମରେ ଜିଲା ଯୁବମୋର୍ଚ୍ଚାର ଅନିଲ ସାହୁ, ପ୍ରବୀଣ ଶ୍ରୀବାସ୍ତବ, ଚୂଡ଼ାମଣି ଭଇଁସା, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସତ୍ୟେନ୍ଦ୍ର ପରମାରଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# 'ଦେଶ ପାଇଁ ପୋଲିସର ବଳିଦାନ ଅତୁଳନୀୟ'

**ପୋଲିସ ଶହୀଦ ଦିବସ ପାଳିତ**

ଝାରସୁଗୁଡ଼ା/ଦେବଗଡ଼,୨୧।୧୦ (ଆଶିଷ ରଞ୍ଜନ ଦାଶ/ ଶଶାଙ୍କ ଶେଖର ଝାଙ୍କର)

ଝାରସୁଗୁଡ଼ା ପୋଲିସ ଏବଂ ଓଏସ୍‌ଏପି–୨ର ମିଳିତ ଆନୁକୂଲ୍ୟରେ ଓଏମ୍‌ପିଠାରେ ଥିବା ଓଏସ୍‌ଏପି ଗ୍ରାଉଣ୍ଡରେ ମଙ୍ଗଳବାର ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଯୋଗଦେଇ କହିଛନ୍ତି, ଦେଶ ପାଇଁ ପୋଲିସର ବଳିଦାନ ଅତୁଳନୀୟ। ଚଳିତବର୍ଷ ଭାରତରେ ପୋଲିସ ବିଭାଗର ବିଭିନ୍ନ ଶାଖାରୁ ୧୯୧ ଜଣ ଶହୀଦ ହୋଇଥିଲେ। ସେମାନଙ୍କ ମଧ୍ୟରେ କଟକର କନ୍‌ଷ୍ଟେବଲ ଲକ୍ଷ୍ମଣ ମାଝୀ, ଓଏପିଏଫ୍‌ର ଲୋକନାଥ ଶବର ଅଛନ୍ତି। ଦେଶ ସେବା ପାଇଁ ଶହୀଦ ହୋଇଥିବା ପୋଲିସ କର୍ମଚାରୀଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ସେମାନଙ୍କ ପରିବାର ସଦସ୍ୟଙ୍କୁ ସମାଜରେ ଆଗକୁ ବଢିବା ନିମନ୍ତେ ଭଗବାନ ଶକ୍ତି ଦିଅନ୍ତୁ ବୋଲି ଏସ୍‌ପି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଏସ୍‌ଏପି–୨ ଏବଂ ଝାରସୁଗୁଡ଼ା ପୋଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଦେବଗଡ଼ ଜିଲା ପୋଲିସ ପକ୍ଷରୁ ସ୍ଥାନୀୟ ରିଜର୍ଭ ପୋଲିସ ପଡ଼ିଆରେ ପୋଲିସ ଶହୀଦ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଦେବଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର ଯୋଗଦେଇ ଅନୁଷ୍ଠିତ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଏଥିସହ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରି ଶହୀଦଙ୍କ ସ୍ମୃତିରେ ଉକ୍ତ ଦିନ ସମର୍ପିତ ବୋଲି କହିଥିଲେ। ଦେଶ ପାଇଁ ବଳିଦାନ ଦେଇଥିବା ସହୀଦ ଉଦ୍ଦେଶ୍ୟରେ ଅମର ଜବାନ ସ୍ମୃତି ସମ୍ଭରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଆରକ୍ଷୀ ଅଧୀକ୍ଷକ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚପର୍ଦାର, ଏସ୍‌ଡିପିଓ ରମେଶ ଚନ୍ଦ୍ର ମହାରଣା, ୪ ଆଇଆର୍‌ବି କମାଣ୍ଡାଣ୍ଟ କାହ୍ନୁ ଚରଣ ହାସଦା, ହମିରା ସୋରେନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସିଆର୍‌ପିଏଫ୍‌ରେ କାର୍ଯ୍ୟ କରିବାବେଳେ ସହୀଦ ହୋଇଥିବା ଦେବଗଡ଼ ଜିଲାର ୨ ଜଣ ଶହୀଦଙ୍କ ପରିବାର ଲୋକଙ୍କୁ ସମ୍ମାନିତ କରାଯାଇଥିଲା।



ଓଏସ୍‌ଏପି ଗ୍ରାଉଣ୍ଡରେ ଓଏସ୍‌ଏପି ଯବାନମାନେ ଶହୀଦଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରୁଛନ୍ତି।

# ସମାଧାନ ପାଇଁ ସରକାର ଉଦ୍ୟମ ଚଳାଇଛନ୍ତି:ଭାଜପା

**ପୁରୁଣା ଡାକ୍ତରଖାନାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରଦାନ ପ୍ରସଙ୍ଗ**

ଦେବଗଡ଼,୨୧।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୁରୁଣା ଡାକ୍ତରଖାନାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବିରେ ଜନ ଆନ୍ଦୋଳନ ଦିନକୁ ଦିନ ତୀବ୍ରତର ହେଉଛି। ଦେବଗଡ଼ ଜିଲା ଯୁବ ଏକତା ମଞ୍ଚର ଆହ୍ୱାନକ୍ରମେ ଆନ୍ଦୋଳନରେ ବିଭିନ୍ନ ସଙ୍ଗଠନ, ରାଜନୈତିକ ଦଳ ସମେତ ବିଜେଡିରୁ ପ୍ରତିନିଧିତ୍ୱ କରୁଥିବା ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଦୃଢ ସମର୍ଥନ ଜଣାଇ ଆସୁଛନ୍ତି। ତେବେ ଉକ୍ତ ପ୍ରସଙ୍ଗ ନେଇ ଜିଲା ଭାଜପା ପକ୍ଷରୁ ପୁରୁଣାଗଡ଼ ସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ମଙ୍ଗଳବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ସୁଧୀର କୁମାର କପରଦାର ଉପସ୍ଥିତ ରହିଥିଲେ। ସହର ଭିତରେ ପର୍ଯ୍ୟାପ୍ତ ସ୍ଥାନ ଥିବାବେଳେ ପୂର୍ବ ସରକାର ସମୟରେ ୬ କିମି ଦୂର ଏକ ପାହାଡିଆ ଅଞ୍ଚଳରେ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ କୋଠା ନିର୍ମାଣ କରାଗଲା। ନୂତନ କୋଠାକୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ହୋଇଥିବାବେଳେ ବର୍ତ୍ତମାନ ବିରୋଧୀ ଦଳର ବିଧାୟକ ଶସ୍ତା ଲୋକପ୍ରିୟତା ପାଇଁ ଲୋକଙ୍କୁ ଉସ୍‌କାଇ ହୀନ ରାଜନୀତି କରୁଛନ୍ତି ବୋଲି ଭାଜପା ଅଭିଯୋଗ କରିଛି।





ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ପୁରୁଣା ଡାକ୍ତରଖାନାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପ୍ରସଙ୍ଗ ରାଜ୍ୟ ସରକାରଙ୍କ ବିଚାରାଧିନ ରହିଛି। ପୁରୁଣା ଡାକ୍ତରଖାନାରେ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦେବଗଡ଼ବାସୀ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଗତ ସେପ୍ଟେମ୍ବର ୯ରେ ଚିଠି ସଂଖ୍ୟା ୨୬୩୨୬ ଯୋଗେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ପ୍ରଦାନ କରିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବା ପ୍ରସ୍ତାବକୁ ତଦନ୍ତ କରି ସରକାରଙ୍କ ନିକଟରେ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ସେହିପରି ପୁରୁଣା ଡାକ୍ତରଖାନା କୋଠାରେ ସାଟ୍‌ଲାଇଟ୍ ଡାକ୍ତରଖାନା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଶୁଳ୍କରେ ରୋଗୀ ପରିବହନ ପାଇଁ ଏକ ବ୍ୟାଟେରୀ ଗାଡ଼ି ଶୁଭାରମ୍ଭ କରାଯାଇଥିବାବେଳେ ରୋଗୀଙ୍କୁ ନେବା ଆଣିବା ପାଇଁ ପୁରୁଣା ଡାକ୍ତରଖାନାରେ ଏକ ଆମ୍ବୁଲାନ୍ସ ନିୟୋଜିତ କରାଯାଇଛି। ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରୁଥିବା ରାସ୍ତା ଏବଂ ଉକ୍ତ ଅଞ୍ଚଳରେ ଆଲୋକୀକରଣ ପାଇଁ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ରାସ୍ତାଘାଟର ଉନ୍ନତୀକରଣ ପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଡାକ୍ତର ପଦବୀ ପୂରଣ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ପୂର୍ବତନ ବିଧାୟକ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିବା ଭାଜପା ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ଜିଲା ଯୁବ ଏକତା ମଞ୍ଚର ଆନ୍ଦୋଳନକୁ ଭାଜପା ସମର୍ଥନ କରୁନାହିଁ ବୋଲି ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି। ପୁରୁଣା ଡାକ୍ତରଖାନାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପାଇଁ ଜିଲା ଭାଜପା ପକ୍ଷରୁ ପଦକ୍ଷେପ ନିଆଯାଉଥିବା କପରଦାର କହିଛନ୍ତି। ସେହିପରି ନୂତନ ଡାକ୍ତରଖାନା ନିର୍ମାଣ ପାଇଁ ପୂର୍ବ ସରକାର ଯଦି ଉପଯୁକ୍ତ ସ୍ଥାନ ଚିହ୍ନଟ କଲା ନାହିଁ ସେ ସମୟରେ ଭାଜପା କାହିଁକି ବିରୋଧ କରି ନ ଥିଲା ବୋଲି ଖବରଦାତାମାନେ ପ୍ରଶ୍ନ କରିଥିଲେ। ଏହାର ଉତ୍ତର ଦେଇ ପୂର୍ବତନ ବିଧାୟକ ପାଣିଗ୍ରାହୀ କହିଛନ୍ତି, ମୌଖିକ ଭାବରେ ବିଭିନ୍ନ ସମୟରେ ଅଭିଯୋଗ କରିଥିଲି। କିନ୍ତୁ ଏକ ଛତ୍ରବାଦ କରୁଥିବା ବିଜେଡି ସରକାର କର୍ଣ୍ଣପାତ କରି ନ ଥିଲା।

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୨/୨୦୨୫ Bhubaneswar, Wednesday, October 22/ 2025

# ବାଂଲାଦେଶ ଏଲିମିନେଟ୍

**ଦିନିକିଆ ମହିଳା କ୍ରିକେଟ୍ ବିଶ୍ୱକପ୍**

- ୧୨ ବଲ୍‌ରୁ ୧୨ ରନ୍ କରିପାରିଲାନି ବାଂଲାଦେଶ
- ଶ୍ରୀଲଙ୍କା ୭ ରନ୍‌ରେ ବିଜୟୀ

ନଭି ମୁମ୍ବାଇ, ୨୧।୧୦

ଚଳିତ ଆଇସିସି ଦିନିକିଆ ମହିଳା କ୍ରିକେଟ୍ ବିଶ୍ୱକପ୍‌ରୁ ପ୍ରଥମ ଦଳ ଭାବେ ବାଂଲାଦେଶ ଏଲିମିନେଟ୍ ହୋଇଛି। ଶେଷ ୨ ଓଭରରୁ ୧୨ ରନ୍ କରି ନ ପାରିବା ଏବଂ ଅନ୍ତିମ ଓଭରରେ ମାତ୍ର ୧ ରନ୍‌କରି ଗୋଟିଏ ରନ୍‌ଆଉଟ ସହ ୪ଟି ଉଇକେଟ ହରାଇବା ଦଳ ପାଇଁ ମହଙ୍ଗା ପଡ଼ିଛି। ନାଟକୀୟ ଭାବେ ଶେଷ ହୋଇଥିବା ଏହି ମ୍ୟାଚ୍‌ରେ ବାଂଲାଦେଶ ୭ ରନ୍‌ରେ ଶ୍ରୀଲଙ୍କାଠାରୁ ହାରିଯାଇଛି। ଫଳରେ ୬ ମ୍ୟାଚ୍‌ରୁ ଗୋଟିଏ ବିଜୟ ଓ ପରାଜୟ ସହିତ ଦଳ ମାତ୍ର ୨ ପଏଣ୍ଟ ପାଇଛି। ଆସନ୍ତା ୨୬ରେ ଏହି ଦଳ ଭାରତ ବିପକ୍ଷ ମ୍ୟାଚ୍ କେବଳ ଔପଚାରିକତା ଦୃଷ୍ଟିରୁ ଖେଳିବ।

ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ଦଳ ୪୮.୪ ଓଭରରେ ୨୦୨ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ହସିନି ପେରେରା ସର୍ବାଧିକ ୮୫ ଓ ଅଧିନାୟିକା ଚାମରି ଅଟାପାଟ୍ଟୁ ୪୬ ରନ୍ କରିଥିଲେ। ବାଂଲାଦେଶ ବୋଲରଙ୍କ ମଧ୍ୟରେ ଶୋର୍ନା ଅକ୍ତର ୩ଟି ଓ ରବେୟା ଖାଁ ୨ଟି ଉଇକେଟ ନେଇଥିଲେ। ୨୦୩ ରନ୍ ବିଜୟ ଲକ୍ଷ୍ୟରେ ବାଂଲାଦେଶ ୪୮ ଓଭର ବେଳକୁ ମାତ୍ର ୪ ଉଇକେଟ ହରାଇ ୧୯୧ ରନ୍‌କରି ବିଜୟଦ୍ୱାରରେ ପହଞ୍ଚିଯାଇଥିଲା। ଶେଷ ୧୨ ବଲ୍‌ରୁ ୧୨ ରନ୍ ସହଜ ମନେହେଉଥିବାବେଳେ ବାଂଲାଦେଶ ୪୯ତମ ଓଭରରେ ୧ ଉଇକେଟ ହରାଇ ୩ ରନ୍ ସଂଗ୍ରହ କରିଥିଲା। ଫଳରେ ଶେଷ ଓଭରରୁ ବିଜୟ ପାଇଁ ୯ ରନ୍ ଆବଶ୍ୟକ ହେଉଥିଲା। ମାତ୍ର ଅନ୍ତିମ ଓଭରରେ ବୋଲିଂଭାର ନିଜ ଉପରକୁ ନେଇଥିବା ଚାମରି ତାଙ୍କ ପ୍ରଥମ ବଲ୍‌ରେ ରବେୟା ଖାଁଙ୍କୁ ଆଉଟ୍ କରିଥିବାବେଳେ ଦ୍ୱିତୀୟ ବଲ୍‌ରେ ରନ୍ ନେବାକୁ ଯାଇ ନହିଦା ଅକ୍ତର ରନ୍‌ଆଉଟ ହୋଇଥିଲେ। ତୃତୀୟ ବଲ୍‌ରେ ନିଗାର ସୁଲତାନା ଏବଂ ୪ର୍ଥ ବଲ୍‌ରେ ମାରୁଫା ଅକ୍ତରଙ୍କୁ ଆଉଟ୍‌କରି ବାଂଲାଦେଶକୁ ପରାଜୟ ମୁହଁକୁ ଠେଲି ଦେଇଥିଲେ ଚାମରି। ୫ମ ବଲ୍‌ରୁ ୧ ରନ୍ ନେଇଥିବାବେଳେ ୬ଷ୍ଠ ବଲ୍‌ରୁ କୌଣସି ରନ୍ ନେଇପାରି ନ ଥିଲେ ଅକ୍ତର ନିଶି। ଫଳରେ ଆଶ୍ଚର୍ଯ୍ୟଜନକ ଭାବେ ଶ୍ରୀଲଙ୍କା ବିଜୟ ହାସଲ କରିଥିଲା। ବାଂଲାଦେଶ ବ୍ୟାଟରଙ୍କ ମଧ୍ୟରେ ନିଗାର ସୁଲତାନା ସର୍ବାଧିକ ୭୭ ଓ ଶର୍ମିନ ଅକ୍ତର ୬୪* ରନ୍ କରିଥିଲେ। ଶ୍ରୀଲଙ୍କାର ହସିନି ପେରେରା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଶ୍ରୀଲଙ୍କା ୬ ମ୍ୟାଚ୍‌ରୁ ୪ ପଏଣ୍ଟରେ ପହଞ୍ଚି ଯାଇଥିବାରୁ ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଛି।


ଶେଷ ଓଭରରେ ଉଇକେଟ ନେବାପରେ ଉଲ୍ଲସିତ ଚାମରି ଅଟାପାଟ୍ଟୁ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୪୮.୪ ଓଭରରେ ୨୦୨/ଅଲ୍‌ଆଉଟ (ହସିନି ପେରେରା–୮୫, ଚାମରି ଅଟାପାଟ୍ଟୁ–୪୬, ଶୋର୍ନା ଅକ୍ତର–୩/୨୭, ରବେୟା ଖାଁ–୨/୩୯, ମାରୁଫା ଅକ୍ତର–୧/୩୬, ନିଶି ଅକ୍ତର–୧/୩୫, ନାହିଦା ଅକ୍ତର–୧/୩୦)। ବାଂଲାଦେଶ ୫୦ ଓଭରରେ ୧୯୫/୯ (ନିଗାର ସୁଲତାନା–୭୭, ଶର୍ମିନ ଅକ୍ତର–୬୪*, ଚାମରି ଅଟାପାଟ୍ଟୁ–୪/୪୨, ସୁଗନ୍ଧିକା କୁମାରୀ–୨/୩୮, ଉଦେଶିକା ପ୍ରବୋଧିନୀ–୧/୨୯)।

## ପାକିସ୍ତାନ ଦଳରେ ୩୯ ବର୍ଷୀୟ ସ୍ପିନର ଅସିଫ୍

ରାୱଲପିଣ୍ଡି, ୨୧।୧୦(ପି.ଟି.): ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ମ୍ୟାଚ୍ ରାୱଲପିଣ୍ଡି କ୍ରିକେଟ୍ ଷ୍ଟାଡିୟମରେ ସୋମବାରଠାରୁ ଆରମ୍ଭ ହୋଇଥିବା ବେଳେ ଏଥିରେ ପାକିସ୍ତାନ ଦଳରୁ ଟେଷ୍ଟ ପଦାର୍ପଣ କରିଛନ୍ତି ୩୯ ବର୍ଷୀୟ ବାମହାତୀ ସ୍ପିନର ଅସିଫ୍ ଆଫ୍ରିଦି। ଏହି ଖେଳାଳି ଜଣକ ଇତିମଧ୍ୟରେ ସ୍ପଟ୍ ଫିକ୍ସିଂ ମାମଲାରେ ୬ ମାସ ବାସନ୍ଦ ଦଣ୍ଡ ଭୋଗିସାରି ଫେରିଛନ୍ତି। ଚୟନକର୍ତ୍ତାମାନେ ପୁରୁଖା ଖେଳାଳି ଆବ୍ରାର ଅହମଦଙ୍କ ସ୍ଥାନରେ ଆଫ୍ରିଦିଙ୍କୁ ପସନ୍ଦ କରିଛନ୍ତି। ବର୍ତ୍ତମାନ ସେ ନିୟମିତ ସ୍ପିନର ନୋମାନ ଅଲ୍ଲୀ ଓ ଅଫ୍ ସ୍ପିନର ସାଜିଦ୍ ଖାନ୍‌ଙ୍କ ସହିତ ବୋଲିଂ କରୁଛନ୍ତି। ଘରୋଇ କ୍ରିକେଟ୍‌ରେ ସ୍ପଟ୍ ଫିକ୍ସିଂ ପାଇଁ ଆଫ୍ରିଦିଙ୍କୁ ଏକ ବର୍ଷ ବାସନ୍ଦ କରାଯାଇଥିଲା। ମାତ୍ର ପାକିସ୍ତାନ କ୍ରିକେଟ୍ ବୋର୍ଡ(ପିସିବି) ଏହି ଦଣ୍ଡକୁ ୬ ମାସ କୋହଳକରି ଜାତୀୟ ଦଳ ତରଫରୁ ଖେଳିବା ପାଇଁ ମନୋନୀତ କରିଛି। ଦଣ୍ଡ ହ୍ରାସ ସମ୍ପର୍କରେ ପିସିବି ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ କାରଣ ଦର୍ଶାଯାଇନାହିଁ। ମ୍ୟାଚ୍‌ରେ ପାକିସ୍ତାନ ଏକମାତ୍ର ପେସ୍ ବୋଲର ଶାହିନ ଶାହ ଆଫ୍ରିଦିଙ୍କୁ ନେଇ ଖେଳାଉଛି।

# ଭର୍ଷ୍ଟାପେନ୍ ଜିତିଲେ ୟୁଏସ୍ ଗ୍ରାଁପ୍ରି


ଟ୍ରଫି ସହ ମାକ୍ସ ଭର୍ଷ୍ଟାପେନ।

ଅଷ୍ଟିନ(ୟୁଏସ୍), ୨୧।୧୦

ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ୟୁଏସ୍ ଫର୍ମୁଲା ୱାନ୍ ଗ୍ରାଁପ୍ରି ମୋଟର ରେସ୍ ଜିତିଛନ୍ତି। ଗତ ୪ଟି ରେସ୍‌ରେ ଏହା ହେଉଛି ତାଙ୍କର ତୃତୀୟ ବିଜୟ। ରବିବାରର ଫଳାଫଳ ପରେ ଚାମ୍ପିୟନଶିପ୍ ଟାଇଟଲ ଦୌଡ଼ରେ ମ୍ୟାକ୍‌ଲରେନ୍‌ର ଲାଣ୍ଡୋ ନୋରିସ୍ ଓ ତାଙ୍କ ଟିମ୍‌ମେଟ୍ ଓସ୍କାର ପିଆଷ୍ଟ୍ରିଙ୍କ ଉପରେ ଚାପ ସୃଷ୍ଟି କରିପାରିଛନ୍ତି ଭର୍ଷ୍ଟାପେନ୍। ଚଳିତ ସିଜନର ଆଉ ୫ଟି ଗ୍ରାଁପ୍ରି ଓ ଦୁଇଟି ସ୍ପ୍ରିଣ୍ଟ ରେସ୍ ବାକି ରହିଥିବା ବେଳେ ଫର୍ମୁଲା ୱାନ୍ ଷ୍ଟାଣ୍ଡିଂର ପ୍ରଥମ ସ୍ଥାନରେ ରହିଥିବା ପିଆଷ୍ଟ୍ରି ଓ ଦ୍ୱିତୀୟ ସ୍ଥାନରେ ଥିବା ନୋରିସ୍‌ଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ୧୪କୁ ହ୍ରାସ ପାଇଛି। ଏହି ତାଲିକାରେ ଭର୍ଷ୍ଟାପେନ୍ ୩ୟ ସ୍ଥାନରେ ରହିଛନ୍ତି। ପିଆଷ୍ଟ୍ରି ଓ ତାଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ୪୦ ରହିଛି। ରବିବାର ରେସ୍‌ରେ ନୋରିସ୍ ଓ ପିଆଷ୍ଟ୍ରି ଯଥାକ୍ରମେ ଦ୍ୱିତୀୟ ଓ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କ ମଧ୍ୟରେ ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିଲେ ଫେରାରିର ଚାର୍ଲ୍ସ ଲେକ୍‌ରେକ ଓ ଲୁଇସ୍ ହାମିଲଟନ। ରେସ୍‌ରେ ଯଥାକ୍ରମେ ୬ଷ୍ଠରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଜର୍ଜ ରସେଲ(ମର୍ସିଡିଜ୍), ୟୁକି ଟିସୁନୋଡା(ରେଡ୍‌ବୁଲ୍), ନିକୋ ହକେନ୍‌ବର୍ଗ(ସୌବେର), ଅଲିଭର ବିଅରମାନ (ହାସ୍) ଓ ଫର୍ନାଣ୍ଡୋ ଆଲୋଁସୋ(ଆଷ୍ଟନ ମାର୍ଟିନ)। ଚଳିତ ସିଜନର ପରବର୍ତ୍ତୀ ରେସ୍ ମେକ୍ସିକାନ୍ ଗ୍ରାଁପ୍ରି ଅକ୍ଟୋବର ୨୬ରେ ଅନୁଷ୍ଠିତ ହେବ।

## ୧୭ ବର୍ଷରୁ କମ୍ ମହିଳା ଦଳକୁ ୨୫,୦୦୦ ଡଲାର ପୁରସ୍କାର

ନୂଆଦିଲ୍ଲୀ, ୨୧।୧୦ (ପି.ଟି.): ନିକଟରେ ଏଏଫ୍‌ସି ୧୭ ବର୍ଷରୁ କମ୍ ଏସିଆ କପ୍ ପାଇଁ ପ୍ରଥମଥର ଯୋଗ୍ୟତା ଅର୍ଜନ କରିଥିବା ଭାରତୀୟ ମହିଳା ଦଳ ଲାଗି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ମଙ୍ଗଳବାର ୨୫,୦୦୦ ଆମେରିକୀୟ ଡଲାର ପୁରସ୍କାର ଘୋଷଣା କରିଛି। ଭାରତ ବିଶ୍‌କେକ୍‌ଠାରେ ଗତ ସପ୍ତାହରେ ଉଭୟ କିର୍‌ଗିଜ୍‌ସ୍ତାନ ଓ ଉଜ୍‌ବେକିସ୍ତାନକୁ ସମାନ ୨–୧ ଗୋଲ୍ ବ୍ୟବଧାନରେ ପରାସ୍ତକରି ଗ୍ରୁପ୍ 'ଜି'ର ଶୀର୍ଷ ସ୍ଥାନରେ ରହିଥିଲା। ଫଳରେ ଏହି ବୟସ ବର୍ଗରେ ଭାରତ ପ୍ରଥମଥର ମହାଦେଶୀୟ ଯୋଗ୍ୟତା ହାସଲ କରିପାରିଛି। ଭାରତର ୧୭ ବର୍ଷରୁ କମ୍ ଦଳ ୨୦୦୫ ଏସିଆ କପ୍‌ରେ ମଧ୍ୟ ଅଂଶଗ୍ରହଣ କରିଥିଲା। ସେତେବେଳେ ଯୋଗ୍ୟତା ପର୍ଯ୍ୟାୟ ବ୍ୟବସ୍ଥା ନ ଥିଲା।

## ଦାମୋଦର ମେମୋରିଆଲ କରାଟେ ଉଦ୍‌ଯାପିତ



ପ୍ରତିଯୋଗିତା ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

ଭୁବନେଶ୍ୱର,୨୧।୧୦ (ଅନାଦି କର)

ମଞ୍ଚେଶ୍ୱର ରେଲ୍‌ୱେ ଇନ୍‌ଡୋର ଷ୍ଟାଡିୟମରେ ତୃତୀୟ ବାର୍ଷିକ ସର୍ବଭାରତୀୟ ଦାମୋଦର ମେମୋରିଆଲ ଓପନ୍ କରାଟେ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୮ଟି ରାଜ୍ୟର ୨୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର କରାଟେକାମାନେ ଭାଗ ନେଇଥିଲେ। ଏଥିରେ ନାରାୟଣ ସ୍କୁଲ ଭୁବନେଶ୍ୱର ଦଳ ଚାମ୍ପିୟନ ହୋଇଥିବା ବେଳେ ପୁରୁଷ ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳାଳି ଭାବେ ଆସାମ ଦଳର ହିମାଂଶୁ ଡେକାଙ୍କୁ ବିବେଚିତ କରାଯାଇଥିଲା। ଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପ୍ରଶାନ୍ତ କୁମାର ନାୟକ, ବୈଦ୍ୟନାଥ ଦାସ, ଦାମୋଦର ସ୍ପୋର୍ଟ୍ସ ଏକାଡେମୀ ମେମୋରିଆଲ ପ୍ରତିଷ୍ଠାତା ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ପନ୍ତଙ୍କୁ ଭାରତ–ଏ' ଦଳର ନେତୃତ୍ୱ

ନୂଆଦିଲ୍ଲୀ,୨୧।୧୦(ପି.ଟି.)



ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ପାଦ ଫ୍ରାକ୍‌ଚରରୁ ରିକଭର କରିଥିବା ଭାରତୀୟ ଉଇକେଟ୍‌କିପର–ବ୍ୟାଟର ରିଷଭ ପନ୍ତଙ୍କୁ ମଙ୍ଗଳବାର ଦକ୍ଷିଣ ଆଫ୍ରିକା–ଏ' ବିପକ୍ଷ ରେଡ୍–ବଲ୍ ସିରିଜ୍ ଲାଗି ଭାରତ–ଏ' ଦଳର ଅଧିନାୟକ କରାଯାଇଛି। ଆସନ୍ତା ୩୦ ତାରିଖରୁ ଆରମ୍ଭ ହେଉଥିବା ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ବେଙ୍ଗାଲୁରୁରେ ଖେଳାଯିବ। ଯଦ୍ଦ୍ୱାରା ନଭେମ୍ବର ୧୪ରୁ କୋଲ୍‌କାତାରେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍ ଲାଗି ପନ୍ତଙ୍କୁ ଯଥେଷ୍ଟ ମ୍ୟାଚ୍ ପ୍ରାକ୍ଟିସ୍ ସୁଯୋଗ ମିଳିପାରିବ। ଏହି ଦଳରେ ଲୋକେଶ ରାହୁଲ, ସାଇ ସୁଦର୍ଶନ, ଦେବଦତ୍ତ ପାଡ଼ିକଲ, ଉଇକେଟ୍‌କିପର ଧ୍ରୁବ ଜୁରେଲ, ପେସର ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଭଳି ଭାରତୀୟ ଟେଷ୍ଟ ଦଳର ସଦସ୍ୟ ରହିଛନ୍ତି। ଏହି ସମସ୍ତ ଖେଳାଳି ନିକଟରେ ଶେଷ ହୋଇଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜ୍‌ରେ ଖେଳିଥିଲେ। ଅନ୍ୟପକ୍ଷରେ ମିଡଲ ଅର୍ଡର ବ୍ୟାଟର ସର୍ଫରାଜ ଖାନ୍ ବାଦ୍ ପଡ଼ିଛନ୍ତି। ଫିଟ୍‌ନେସ୍ କାରଣରୁ ପୂର୍ବରୁ ଖୁବ୍ ସମାଲୋଚିତ ହୋଇଥିବା ସର୍ଫରାଜ ନିଜ ଓଜନ କମାଇବା ସହ ଚଳିତ ରଣଜୀ ଟ୍ରଫି ସିଜନର ପ୍ରଥମ ମ୍ୟାଚ୍‌ରେ ୭୪ ରନ୍‌ର ଇନିଂସ ଖେଳିଥିଲେ।

**ସର୍ଫରାଜଙ୍କ ସ୍ଥାନ ନାହିଁ**

ପ୍ରଥମ ମ୍ୟାଚ୍ ପାଇଁ ଭାରତ–ଏ' ଦଳ: ରିଷଭ ପନ୍ତ(ଅଧିନାୟକ ଓ ଉଇକେଟ୍‌କିପର), ଆୟୁଷ ମହାତ୍ରେ, ଏନ୍. ଜଗଦୀଶନ(ଉଇକେଟ୍‌କିପର), ସାଇ ସୁଦର୍ଶନ (ଉପଅଧିନାୟକ), ଦେବଦତ୍ତ ପାଡ଼ିକଲ, ରଜତ ପଟିଦାର, ହର୍ଷ ଦୁବେ, ତନୁଶ୍ କୋଟିଆନ, ମାନବ ସୁଥର, ଅଂଶୁଲ କାମ୍ବୋଜ, ୟଶ୍ ଠାକୁର, ଆୟୁଷ ବଦୋନୀ, ସାରାଂଶ ଜୈନ।

ଦ୍ୱିତୀୟ ମ୍ୟାଚ୍ ପାଇଁ ଭାରତ–ଏ ଦଳ: ରିଷଭ ପନ୍ତ (ଅଧିନାୟକ ଓ ଉଇକେଟ୍‌କିପର), ଲୋକେଶ ରାହୁଲ, ଧ୍ରୁବ ଜୁରେଲ (ଉଇକେଟ୍‌କିପର), ସାଇ ସୁଦର୍ଶନ (ଉପଅଧିନାୟକ), ଦେବଦତ୍ତ ପାଡ଼ିକଲ, ଋତୁରାଜ ଗାଏକ୍‌ୱାଡ, ହର୍ଷ ଦୁବେ, ତନୁଶ୍ କୋଟିଆନ, ମାନବ ସୁଥର, ଖଲିଲ ଅହମ୍ମଦ, ଗୁରନୁର ବ୍ରାର, ଅଭିମନ୍ୟୁ ଈଶ୍ୱରନ, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ୍, ଆକାଶ ଦୀପ।

# ନକ୍‌ଭି ଜିଦ୍‌ରେ ଅଟଳ

**ଏସିଆ କପ୍ ଟ୍ରଫି ବିବାଦ**

- ଆଇସିସି ହସ୍ତକ୍ଷେପ ଲୋଡ଼ିବ ବିସିସିଆଇ

ନୂଆଦିଲ୍ଲୀ,୨୧।୧୦(ପି.ଟି.)


ମହସିନ ନକ୍‌ଭି

ଏସିଆ କପ୍ ଟ୍ରଫିକୁ ନେଇ ଲାଗିରହିଥିବା ବିବାଦ ଶେଷ ହେବାର ନାଁ ନେଉନାହିଁ। ଟୁର୍ନାମେଣ୍ଟ ଶେଷହେବାକୁ ୩ ସପ୍ତାହରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଟ୍ରଫି ଏପର୍ଯ୍ୟନ୍ତ ଚାମ୍ପିୟନ ଭାରତ ପାଖରେ ପହଞ୍ଚିନାହିଁ। ଶ୍ରୀଲଙ୍କା ଓ ଆଫଗାନିସ୍ତାନ ବୋର୍ଡର ସମର୍ଥନରେ ବିସିସିଆଇ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଏସିଆନ୍ କ୍ରିକେଟ କାଉନ୍‌ସିଲ (ଏସିସି) ମୁଖ୍ୟ ଥିବା ପାକିସ୍ତାନର ମନ୍ତ୍ରୀ ମହସିନ ନକ୍‌ଭି ପ୍ରତ୍ୟାଖ୍ୟାନ କରିଦେଇଛନ୍ତି।

ବିସିସିଆଇ ସମ୍ପାଦକ, ବିସିସିଆଇର ଏସିସି ପ୍ରତିନିଧି ରାଜୀବ ଶୁକ୍ଲା ଓ ଏସିସିର ଅନ୍ୟ ସଦସ୍ୟ ବୋର୍ଡ ଶ୍ରୀଲଙ୍କା ଓ ଆଫଗାନିସ୍ତାନ ଗତ ସପ୍ତାହରେ ଭାରତକୁ ଟ୍ରଫି ପ୍ରଦାନ ଲାଗି ଏସିସି ସଭାପତି ନକ୍‌ଭିଙ୍କୁ ମେଲ୍ କରିଥିଲେ। ଏହାର ଉତ୍ତରରେ ବିସିସିଆଇରୁ କେହି ଜଣେ ଦୁବାଇ ଆସି ତାଙ୍କଠାରୁ ଟ୍ରଫି ନେଇଯିବା ଉଚିତ୍ ବୋଲି ନକ୍‌ଭି ଲେଖିଥିଲେ। ଏଥିଯୋଗୁ ଏହି ବିଷୟ ଆଗକୁ ବଢ଼ିପାରୁନାହିଁ। ବିସିସିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଭାରତ ନକ୍‌ଭିଙ୍କଠାରୁ ଟ୍ରଫି ଗ୍ରହଣ କରିବ ନାହିଁ। ଏଣୁ ଏ ସମ୍ପର୍କରେ ନଭେମ୍ବରରେ ହେବାକୁଥିବା ଆଇସିସି ବୈଠକରେ ନିଷ୍ପତ୍ତି ନିଆଯିବାର ବିଶେଷ ସମ୍ଭାବନା ରହିଛି ବୋଲି ଏସିସି ସୂତ୍ରରୁ କୁହାଯାଇଛି।

# ଅୟଙ୍କ, ଲକ୍ଷ୍ମୀପ୍ରିୟା, ସମର, ଆରନିଙ୍କୁ ସଫଳତା

**ରାଜ୍ୟ ୧୧ ଓ ୧୩ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ**


କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୨୧।୧୦(ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ (ଓସ୍‌ବା) ଆନୁକୂଲ୍ୟରେ ୧୧ ଓ ୧୩ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ପୋଖରୀପୁଟସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁଥିବା ଏହି ପ୍ରତିଯୋଗିତାର ୧୩ ବର୍ଷରୁ କମ୍ ବୟସ ବାଳକ ବର୍ଗରେ ସମ୍ବଲପୁରର ଅୟଙ୍କ ସାହୁ ତ୍ରିମୁକୁଟ ଲାଭ କରିଛନ୍ତି। ଅୟଙ୍କ ସିଙ୍ଗଲ୍ସ ଫାଇନାଲରେ ଖୋର୍ଦ୍ଧାର ପଂସୁଲ ସେଠୀଙ୍କୁ ସିଧାସଳଖ ୨୧–୧୮, ୨୧–୯ରେ ପରାସ୍ତ କରିଛନ୍ତି। ଡବଲ୍ସରେ ସେ ବାଲେଶ୍ୱରର ଅର୍ନବ ଦାସଙ୍କୁ ସାଥିକରି ରାୟଗଡ଼ା–ଖୋର୍ଦ୍ଧା ଯୋଡ଼ି ଅନୁରୂପ ସାହୁ ଓ ପଂସୁଲ ସେଠୀଙ୍କୁ ୨୧–୧୬, ୨୧–୧୪ ପଏଣ୍ଟରେ ହରାଇଛନ୍ତି। ସେହିପରି ମିକ୍ସଡ ଡବଲ୍ସରେ ଅୟଙ୍କ–ଏଲିନା ରାଜ୍‌ଙ୍କ ଯୋଡ଼ି ସୁନ୍ଦରଗଡ଼ ଓ କଟକ ଯୋଡ଼ି ଋତୁରାଜ ପୁଟେଲ–ରିସିକା ଦାସଙ୍କୁ ସିଧାସଳଖ ୨୧–୧୮, ୨୧–୧୭ ରେ ହରାଇ ୩ଟି ଟାଇଟଲ ହାସଲ କରିଛି। ୧୩ ବର୍ଷରୁ କମ୍ ବାଳିକା ବର୍ଗରେ ଜଗତ୍‌ସିଂହପୁରର ଲକ୍ଷ୍ମୀପ୍ରିୟା ଗୋଚ୍ଛାୟତ ୨ଟି ଟାଇଟଲ ଜିତିଛନ୍ତି। ସିଙ୍ଗଲ୍ସରେ ସେ ଖୋର୍ଦ୍ଧାର ଆଦ୍ୟଶା ଲେଙ୍କାଙ୍କୁ ୨୧–୧୨, ୨୧–୧୧ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଛନ୍ତି। ଡବଲ୍ସରେ ଲକ୍ଷ୍ମୀପ୍ରିୟା ଓ ଖୋର୍ଦ୍ଧାର ସାନ୍‌ଭି ସାହୁ ଖୋର୍ଦ୍ଧା ଯୋଡ଼ି ଦର୍ଶ୍ୱିନା ଜଗଦ୍ଦେବ ଓ ସରୟା ପିନିଟିଙ୍କୁ ହରାଇ ଦେଇଛି।

ସେହିପରି ୧୧ ବର୍ଷରୁ କମ୍ ବୟସ ବାଳକ ବର୍ଗରେ ଖୋର୍ଦ୍ଧାର ସମର ମହାନ୍ତି ଦ୍ୱିମୁକୁଟ ଲାଭ କରିଛନ୍ତି। ସିଙ୍ଗଲ୍ସରେ ସମର ନିଜ ଜିଲାର ସାଇ ଆଶିଷଙ୍କୁ ୨୧–୧୪, ୨୧–୧୩ରେ ହରାଇଛନ୍ତି। ସେହିପରି ଡବଲ୍ସରେ ସେ ମାଷ୍ଟର ଇଭାନ୍‌ଙ୍କୁ ସାଥିକରି ଅନ୍ୟତମ ଖୋର୍ଦ୍ଧା ଯୋଡ଼ି ସାଇ ଆଶିଷ ଓ ବିହାନ ସାମନ୍ତରାୟଙ୍କୁ ୨୧–୧୭, ୨୧–୧୧ରେ ହରାଇ ଚାମ୍ପିୟନ ହୋଇଛନ୍ତି। ବାଳିକା ବିଭାଗ ସିଙ୍ଗଲ୍ସରେ ସମ୍ବଲପୁରର ଆରନି ବେହେରା ଖୋର୍ଦ୍ଧାର ସାଇପ୍ରିୟା ସୁବୁଦ୍ଧିଙ୍କୁ ୨୭–୨୫, ୨୨–୨୦ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଛନ୍ତି। ଡବଲ୍ସରେ ଖୋର୍ଦ୍ଧା–କଟକ ଯୋଡ଼ି ସାଇପ୍ରିୟା ଓ ବଂଶିକା ମଲିକ ଖୋର୍ଦ୍ଧା ଯୋଡ଼ି ଅନାୟା ସାମନ୍ତରାୟ ଓ ବୃନ୍ଦନା ସୋନମ୍ ଯୋଡ଼ିକୁ ପରାସ୍ତ କରିଛି। ଆୟୋଜକ କମିଟି ସମ୍ପାଦକ ଅଜିତ୍ ମହାନ୍ତି ଓ ଦୀପକ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଓସ୍‌ବା ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ ଓ ମୁଖ୍ୟ ରେଫରି ବିଜୟ ବାଗ୍ କୃତୀ ଖେଳାଳିଙ୍କୁ ମାନପତ୍ର, ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ